# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ମାର୍ଚ୍ଚ ୫/୨୦୧୯ (୧୬ ପୃଷ୍ଠା) Sambalpur, Tuesday, March 5 / 2019 ★★

୧୫୩ ଭାଗ ୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**କାହାଣୀକୁ ଦେଖି ଫିଲ୍ମ ବାଛନ୍ତି ଦିବ୍ୟା**

କାହାଣୀକୁ ଦେଖିବା ପରେ ଅଭିନୟ ପାଇଁ ଫିଲ୍ମକୁ ପସନ୍ଦ କରନ୍ତି ବୋଲି ବଲିଉଡ୍ ଅଭିନେତ୍ରୀ ଦିବ୍ୟା ଦତ୍ତ ପ୍ରକାଶ କରିଛନ୍ତି।

୦୭

୧୪

**ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ରବିକୁମାର**

୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱକରି ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶା ଭାରୋତ୍ତୋଳକ କାଟୁଲୁ ରବି କୁମାର।



**କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା ଅଭିଯୋଗ**

........୪........

**ଆଜିର ସମ୍ପାଦକୀୟ**

**ଧମକରେ ଦେଶ**

**ଆଜିର ମନ୍ତବ୍ୟ**

“ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଆବଶ୍ୟକ ହେଲେ ଭାରତ ଏହାର ସମସ୍ତ ଶକ୍ତିର ଉପଯୋଗ କରିବ।

–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ଦୁଇ ମାସରେ ଦେଶରୁ କଫି ରପ୍ତାନି ୧୩.୨୬% ବୃଦ୍ଧି ଘଟି ୪୮,୩୩୦ ଟନ୍ ରହିଛି। –କଫି ବୋର୍ଡ


NECC NATIONAL EGG CO-ORDINATION COMMITTEE 04.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers


# କମୁଛି ଦୁଗ୍ଧ ଉତ୍ପାଦନ



- ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦର ଉଦ୍‌ବେଗ
- ଓମ୍‌ଫେଡ୍‌ର ପରିଚାଳନାଗତ ତ୍ରୁଟି ମୁଖ୍ୟ କାରଣ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଆଶାନୁରୂପ ହେଉ ନାହିଁ। ଉନ୍ନତମାନର ଗାଈ ସୃଷ୍ଟି ନ କରିବା କିମ୍ବା ଉପଯୁକ୍ତ ବଜାର ସୁବିଧାର ଅଭାବରୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଧୀରେ ଧୀରେ ଭୁଶୁଡ଼ିବାରେ ଲାଗିଛି। ଏ ନେଇ ନ୍ୟାଶନାଲ ଡାଇରି ଡେଭେଲପମେଣ୍ଟ ବୋର୍ଡ(ଏନଡିଡିବି) ଉଦ୍‌ବେଗ ପ୍ରକାଶ କରିଛି।

ଦୁଗ୍ଧ ଉତ୍ପାଦନ କରୁଥିବା ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳୁ ନ ଥିବାବେଳେ ଉନ୍ନତମାନର ବାଛୁରି ସୃଷ୍ଟି କରିବାରେ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ଏକ ପ୍ରକାର ବିଫଳ ହୋଇଛି। ଏଥିଯୋଗୁ ଦୁଗ୍ଧ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ ଓଡ଼ିଶା ପଛୁଆ ରାଜ୍ୟ ହୋଇରହିଛି। ଜାତୀୟ ସ୍ତରରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ ହ୍ରାସ ପାଇବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ଜାତୀୟ ସ୍ତରରେ ୨୦୧୭-୧୮ ଦୁଗ୍ଧ ଉତ୍ପାଦନ ବୃଦ୍ଧି ୧୨.୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ମାତ୍ର ୩.୭ ପ୍ରତିଶତ ଅଭିବୃଦ୍ଧି ଘଟିଛି। ରାଜ୍ୟରେ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଦୁଗ୍ଧ ଚାଷୀ ଅଛନ୍ତି। ସେମାନଙ୍କ ପାଖରେ ରାଜ୍ୟର ୮୫ ପ୍ରତିଶତ ଗୋ ସମ୍ପଦ ରହିଛନ୍ତି। ଗୋପାଳନ ଏକ ଦୀର୍ଘସ୍ଥାୟୀ ରୋଜଗାର ପନ୍ଥା। ଚାଷୀମାନେ ଉତ୍ପାଦନ କରୁଥିବା କ୍ଷୀର କିଣିବା ପାଇଁ ଯଦି ବଜାର ସୁବିଧା କିମ୍ବା ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ଉତ୍ପାଦନ ବୃଦ୍ଧି ହୋଇପାରନ୍ତା। ରାଜ୍ୟରେ ଦୈନିକ ୧୮ ଲକ୍ଷ ଲିଟର କ୍ଷୀର ଆବଶ୍ୟକ ପଡ଼ୁଛି। ୨୦୧୭-୧୮ରେ ଓଡ଼ିଶା ରାଜ୍ୟ ଦୁଗ୍ଧ ମହାସଂଘ(ଓମ୍‌ଫେଡ) ଦ୍ୱାରା ଆବଶ୍ୟକତାର ମାତ୍ର ୨୪ ପ୍ରତିଶତ ଯୋଗାଇ ଦିଆଯାଇଛି। ଅନ୍ୟ ପକ୍ଷରେ ଚାଷୀଙ୍କଠାରୁ ଦୁଗ୍ଧ ସମବାୟ ସମିତିଗୁଡ଼ିକ ଉଚିତ ମୂଲ୍ୟ ☞ପୃଷ୍ଠା-୪

# ବେଆଇନ ବନ୍ଧୁକ କାରଖାନା ଠାବ

## ଆଇଟିଆଇ ଯୁବକଙ୍କ ସମେତ ୩ ଗିରଫ

**ବରଗଡ଼ ଅଫିସ୍, ୪।୩**

ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ ବହିଆପଦର ଗ୍ରାମରେ ଏକ ବେଆଇନ ବନ୍ଧୁକ କାରଖାନା ଠାବ ହୋଇଛି। ସୋମବାର ବରଗଡ଼ ସଦର ଥାନା ପୋଲିସ ଏହି କାରଖାନାରେ ଚଢ଼ାଉ କରି ୨ଟି ଦେଶୀ ବନ୍ଧୁକ, ଗୋଟିଏ ରିଭଲଭର, ଗୋଟିଏ ପିସ୍ତଲ, ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଏବଂ ଏକ ବାଇକ୍‌କୁ ଜବତ କରିଛି। ଏହି ଘଟଣାରେ ବରପାଲି ଥାନା ବହିଆପଦର ଗ୍ରାମର ଆଇଟିଆଇ ତାଲିମପ୍ରାପ୍ତ ଯୁବକ ଜିତୁ ବିଶ୍ୱାଳ(୨୩), ବରଗଡ଼ ସଦର ଥାନା ଅନ୍ତର୍ଗତ ଏକାମ୍ର ଛକର ମନବୋଧ ଭୁଏ (୨୨) ଏବଂ ଚାରପାଲି ଗ୍ରାମର ବାହାଦୂର ପ୍ରଧାନ(୪୫)ଙ୍କୁ ଗିରଫ କରାଯାଇଛି। ଏ ନେଇ ବରଗଡ଼ ସଦର ଥାନାରେ ଦଫା ୨୫(୧) (ଏ) ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୪୬/୧୯) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।



ଜବତ ହୋଇଥିବା ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ।

- ୟୁ ଟ୍ୟୁବ୍ ଦେଖି ଶିଖିଥିଲେ ବନ୍ଧୁକ ତିଆରି କୌଶଳ
- ରାଇସ ମିଲ୍‌ର ଅବ୍ୟବହୃତ ଯନ୍ତ୍ରାଂଶରୁ ତିଆରି ହେଉଥିଲା ବନ୍ଧୁକ

ବରଗଡ଼ ସଦର ଥାନା ପୋଲିସ ରବିବାର ରାତିରେ ବରଗଡ଼-ବଲାଙ୍ଗୀର ରାସ୍ତାରେ ଗାଡ଼ିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ଅଭିଯୁକ୍ତ ବାହାଦୁର ଓ ମନବୋଧ ଏକ ବାଇକ୍ (ନଂ.ଓଡ଼ି୧୭ଏଫ/୫୦୭୭) ଯୋଗେ ବରପାଲି ପଟୁ ଏକାମ୍ର ଛକ ଅଭିମୁଖେ ଆସୁଥିଲେ। ପୋଲିସ ସେମାନଙ୍କ ବାଇକ୍ ଯାଞ୍ଚ କରିବା ପରେ ବାଇକ୍ ଡିକିରୁ ଏକ ଦେଶୀ ପିସ୍ତଲ ଜବତ କରିଥିଲା। ଏହାପରେ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଧିକ ପଚରାଉଚୁରା କରିଥିଲା। ଜେରା ବେଳେ ସେମାନଙ୍କଠାରୁ ସୂଚନା ପାଇ ପୋଲିସ ବହିଆପଦର ଗ୍ରାମରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଜିତୁଙ୍କୁ ଗିରଫ କରିଥିଲା। ଜେରାବେଳେ ବନ୍ଧୁକ ନିର୍ମାଣ ନେଇ ମୁଖ୍ୟ ଅଭିଯୁକ୍ତ ଜିତୁ ପୋଲିସକୁ ଦେଇଥିବା ବୟାନ ଏଠାରେ ଆଲୋଡ଼ନ ଖେଳାଇ ଦେଇଛି। ଏ ନେଇ ବରଗଡ଼ ଏସଡିପିଓ କ୍ଷୀରସାଗର ନାଏକ କହିଛନ୍ତି, ଜିତୁ ଆଇଟିଆଇ ପଢ଼ିଛନ୍ତି। ସୋସିଆଲ ମିଡ଼ିଆରେ ୟୁ ଟ୍ୟୁବ୍ ଦେଖି ସେ ବନ୍ଧୁକ ପ୍ରସ୍ତୁତି ଉପରେ ଜ୍ଞାନ ଆହରଣ କରିଥିଲେ। ୟୁ ଟ୍ୟୁବ୍‌ରୁ ବନ୍ଧୁକ ତିଆରି ପାଇଁ ଯେଉଁସବୁ କଞ୍ଚାମାଲ ଦରକାର ପଡୁଥିଲା, ତାହା ସଂଗ୍ରହ କରିବା ତାଙ୍କ ପାଇଁ କଷ୍ଟକର ହୋଇ ନ ଥିଲା। ଜିତୁ ନିକଟସ୍ଥ ଏକ ରାଇସ୍ ମିଲରେ କାମ ☞ପୃଷ୍ଠା-୪









ରାଫାଲ ଯୁଦ୍ଧବିମାନ ଥିଲେ ପାକିସ୍ତାନ ବିରୋଧୀ କାର୍ଯ୍ୟାନୁଷ୍ଠାନର ଫଳ ଅଲଗା ହୋଇଥାନ୍ତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରୁଛନ୍ତି । ସରକାରରେ ୫ ବର୍ଷ ଥାଇ ଗୋଟିଏ ବି ରାଫାଲ ବାୟୁସେନାରେ ସାମିଲ କରିନାହାନ୍ତି ।
- ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା

# ବାଲାକୋଟ୍‌କୁ ନେଇ ବାକ୍‌ଯୁଦ୍ଧ

- ବାୟୁସେନା କାର୍ଯ୍ୟାନୁଷ୍ଠାନର ପ୍ରମାଣ ମାଗିଲା କଂଗ୍ରେସ
- ସେନାକୁ ଅସମ୍ମାନିତ କରନାହିଁ: ଭାଜପା

**ନୂଆଦିଲ୍ଲୀ,୪।୩(ପି.ଟି.)**



ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣର ୧୨ ଦିନ ପରେ ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ପଶି ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ଜିହାଦ ପ୍ରଶିକ୍ଷଣ ଶିବିର ଉପରେ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ୩୫୦ ଆତଙ୍କବାଦୀଙ୍କ ମୁଣ୍ଡ ଗଡିଥିଲା ବୋଲି ସେତେବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହି ସଂଖ୍ୟା କେତେଦୂର ସତ୍ୟ ତାହାକୁ ନେଇ ବିରୋଧୀ ଦଳଗୁଡିକ ପ୍ରଶ୍ନ ଉଠାଇଛନ୍ତି । ଫଳରେ ଶାସକ ଓ ବିରୋଧୀ ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି ।

**ଆତଙ୍କବାଦୀଙ୍କ ସଂଖ୍ୟାକୁ ନେଇ ସନ୍ଦେହ**

କେତେ ଆତଙ୍କବାଦୀ ମରିଛନ୍ତି ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସରକାରଙ୍କ କୌଣସି ମୁଖପାତ୍ର କହିନାହାନ୍ତି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଏସ୍.ଏସ୍. ଆହଲୁୱାଲିଆ ସୂଚନା ଦେବା ପରେ ଏହାକୁ ନେଇ ରାଜନୀତି ପୁଣି ଜୋର ଧରିଛି । କେତେ ସଂଖ୍ୟାରେ ଆତଙ୍କବାଦୀ ନିହତ ହୋଇଛନ୍ତି ତା'ର ପ୍ରମାଣ ପ୍ରଧାନମନ୍ତ୍ରୀ ଦିଅନ୍ତୁ ବୋଲି କଂଗ୍ରେସ ସୋମବାର ଦାବି କରିଛି । ଗଣମାଧ୍ୟମରେ ପ୍ରକାଶିତ ସଂଖ୍ୟା ଭୁଲ୍ ବୋଲି କେନ୍ଦ୍ରମନ୍ତ୍ରୀ କହିସାରିଛନ୍ତି । ତେଣୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପ୍ରକୃତ ସତ୍ୟ ଜଣାନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେଓ୍ୱାଲା ଟୁଇଟ୍ କରିଛନ୍ତି । ପ୍ରଧାନମନ୍ତ୍ରୀ ଆତଙ୍କବାଦର ରାଜନୀତିକରଣ କରୁଛନ୍ତି । ବାଲାକୋଟ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀଙ୍କର କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡିକ ପ୍ରକାଶ କରିଥିବାରୁ ଜେଇଏମ୍‌ର ସବୁଠୁ ବଡ଼ ଶିବିର ଧ୍ୱଂସ ହୋଇଥିବାର ପ୍ରମାଣ ସରକାର ଦିଅନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଏବଂ କପିଲ ସିବଲ ଦାବି କରିଛନ୍ତି ।

ଦେଶର ସୈନ୍ୟବାହିନୀକୁ ସମସ୍ତେ ବିଶ୍ୱାସ କରିବା ଓ ସେମାନଙ୍କୁ ନେଇ ଗର୍ବ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯିବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ ଓ'ବ୍ରିଏନ ଏହାକୁ ନେଇ ପ୍ରଧାନମନ୍ତ୍ରୀ ଓ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ଉପରେ ବର୍ଷିଛନ୍ତି । ଆମେ ସେନାକୁ ବିଶ୍ୱାସ କରୁଛୁ ଓ ସେମାନଙ୍କ ପାଇଁ ଗର୍ବ କରୁଛୁ । ତେବେ ଆମେ ଜୁମ୍‌ଲା ଯୋଡ଼ିଙ୍କୁ ବିଶ୍ୱାସ କରୁନାହୁଁ ବୋଲି ସେ କହିଛନ୍ତି । ବିନା ଯୋଜନାରେ ଯବାନଙ୍କୁ ମରିବା ପାଇଁ ପଠାଯାଇଥିଲା ନା କେବଳ ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ପଠାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ତିନିଦିନ ତଳେ ଟିଏମ୍‌ସି ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମ କହୁଥିବାବେଳେ କେଉଁଠି ବୋମା ପଡ଼ିଥିଲା ସରକାର ସ୍ପଷ୍ଟ କରନ୍ତୁ ବୋଲି ମମତା କହିଥିଲେ । ଆମେ ସରକାରଙ୍କୁ ବିଶ୍ୱାସ କରିବାକୁ ପ୍ରସ୍ତୁତ । କିନ୍ତୁ ବିଶ୍ୱ ସମୁଦାୟକୁ ବିଶ୍ୱାସ ଦେବା ଲାଗି କେନ୍ଦ୍ର ଉଦ୍ୟମ କରୁ ବୋଲି କଂଗ୍ରେସ ନେତା ପି. ଚିଦାମ୍ବରମ କହିଛନ୍ତି ।

ଅନ୍ୟ ପକ୍ଷରେ ବାଲାକୋଟ କାର୍ଯ୍ୟାନୁଷ୍ଠାନରେ ୨୫୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ରବିବାର ଅମିତ ଶାହ କହିଥିଲାବେଳେ ଏପର୍ଯ୍ୟନ୍ତ ସରକାରୀ ଭାବେ କିଛି କୁହାଯାଇ ନାହିଁ । ଏହାଦ୍ୱାରା ଶାହ ସେନାକୁ ମିଛୁଆ ବନାଇଛନ୍ତି । କୌଣସି ପରିସ୍ଥିତିରେ ଦେଶ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ କହିଛନ୍ତି ।

କାର୍ଯ୍ୟାନୁଷ୍ଠାନ ତଥ୍ୟ ପ୍ରକାଶ ପାଇଲେ ପଡୋଶୀ ଦେଶ ପାଇଁ ସହାୟକ ହେବା ଆଳ ଦେଖାଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏହା ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି । ମିଥ୍ୟା ଏବଂ ମନଗଢ଼ା କାହାଣୀ ମାଧ୍ୟମରେ ଦେଶବାସୀଙ୍କୁ ବିଭ୍ରାନ୍ତ ନ କରିବାକୁ ଭାଜପା କଂଗ୍ରେସକୁ କହିଛି । ବିରୋଧୀ ଦଳ ସେନାର ଅପମାନ ନ କରୁ ବୋଲି କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଆବାସ ନକ୍‌ଭି କହିଛନ୍ତି ।



ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ବାୟୁସେନା (ଆଇଏଏଫ)ର କାମ। କେତେଜଣ ଆତଙ୍କବାଦୀ ମଲେ ତାହା ଗଣିବା ଏହାର ଦାୟିତ୍ୱ ନୁହେଁ।
-ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ

## ୩୦୦ ମୋବାଇଲ ସକ୍ରିୟ ଥିଲା

**ନୂଆଦିଲ୍ଲୀ,୪।୩(ପି.ଟି.)–** ଗତ ୨୬ ତାରିଖରେ ବାଲାକୋଟ ଜେଇଏମ୍ ଶିବିର ଉପରେ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସେଠାରେ ୩୦୦ ମୋବାଇଲ ଫୋନ୍ ସକ୍ରିୟ ଥିବା ଜାତୀୟ ବୈଷୟିକ ଗବେଷଣା ସଂଗଠନ (ଏନ୍‌ଟିଆର୍‌ଓ) ଅନୁଧ୍ୟାନରୁ ଜାଣିପାରିଥିଲା । ଶିବିରରେ ୩୦୦ ଆତଙ୍କବାଦୀ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଏକ ସୂତ୍ର କହିଛି । ଏହା ପରେ କାର୍ଯ୍ୟାନୁଷ୍ଠାନ ଲାଗି ବାୟୁସେନାକୁ ଅନୁମତି ମିଳିଥିଲା । ୧୨ଟି ମିରାଜ ୨୦୦୦ ଯୁଦ୍ଧବିମାନ ପାକିସ୍ତାନ ବାୟୁସୀମା ଅତିକ୍ରମ କରି ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ୧୦୦୦ କିଲୋଗ୍ରାମ ବୋମା ପକାଇଥିଲା । କାର୍ଯ୍ୟାନୁଷ୍ଠାନର କିଛି ଘଣ୍ଟା ପରେ ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ମୁଁ ନୋବେଲ ଶାନ୍ତି ପୁରସ୍କାରର ଯୋଗ୍ୟ ନୁହେଁ: ଇମ୍ରାନ୍

**ଇସ୍‌ଲାମାବାଦ,୪।୩(ପି.ଟି.)**



ଯିଏ କଶ୍ମୀର ପ୍ରସଙ୍ଗର ସମାଧାନ କରିପାରିବେ ଏବଂ ଉକ୍ତ ଉପମହାଦେଶରେ ଶାନ୍ତି ଓ ମାନବ ସମ୍ବଳ ବିକାଶକୁ ଆଗେଇ ନେବେ, ସେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିଛନ୍ତି । ଭାରତ ସହ ଉତ୍ତେଜନା ହ୍ରାସ ଉଦ୍ୟମ ଲାଗି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଦାବିରେ ପାକିସ୍ତାନୀ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଥିଲା । ତେବେ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ଇମ୍ରାନ କହିଛନ୍ତି । ଏହି ମନ୍ତବ୍ୟକୁ ତାଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ହିନ୍ଦୀରେ ଟୁଇଟ୍ କରିଛି । ପୁଲ୍‌ଓ୍ୱାମା ଘଟଣା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ମୁକ୍ତ କରିଦେବା ଲାଗି ଇମ୍ରାନ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ଗତ ୨ ତାରିଖରେ ପାକ୍ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଥିଲା ।

# ବସ୍ ସେବା ବନ୍ଦ କଲା ପାକିସ୍ତାନ

**ପୁଞ୍ଛ,୪।୩**

ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନଙ୍କୁ ମୁକ୍ତ କରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି । ଆପୋସ ଆଲୋଚନା ଦ୍ୱାରା ଉଭୟ ଦେଶ ମଧ୍ୟରେ ରହିଥିବା ତିକ୍ତତା ଦୂର କରିବାକୁ ସେ ତତ୍ପରତା ଦେଖାଇଛନ୍ତି । ଶାନ୍ତି ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଖାନ୍ ତାଙ୍କ ଇଚ୍ଛାଶକ୍ତି ଜାହିର କରିଥିବାବେଳେ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ କଶ୍ମୀରର ପୁଞ୍ଛ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ରାଓ୍ୱଲକୋଟ ମଧ୍ୟରେ ସାପ୍ତାହିକ ବସ୍‌ସେବାକୁ ପାକିସ୍ତାନ ବନ୍ଦ କରିଦେଇଛି । ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଏହି ଦୁଇ ସହର ମଧ୍ୟରେ ସମ୍ପର୍କର ସେତୁ ହୋଇଥିବା ଯାତ୍ରୀବାହୀ ବସ ସୋମବାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ନିକଟରେ ପହଞ୍ଚିଥିବାବେଳେ ପାକିସ୍ତାନ ପଟୁ ଗେଟ୍ ବନ୍ଦ କରି ଦିଆଯାଇଥିଲା । ଦୀର୍ଘସମୟ ଧରି ଗେଟ୍ ନ ଖୋଲିବା ପରେ ଯାତ୍ରା ବାତିଲ୍ ହୋଇଥିଲା । ଉକ୍ତ ବସ୍‌ରେ ଯାତ୍ରା କରୁଥିବା ମୀରପୁରର ସୟିଦ୍ ବୁଖାରୀ ଏହା କହିଛନ୍ତି । ଫେବୃୟାରୀ ୧୪ରେ କଶ୍ମୀରର ପୁଲ୍‌ଓ୍ୱାମାଠାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତ୍ମଘାତୀ ଆକ୍ରମଣ ପରେ ବସ୍‌ସେବାକୁ ରଦ୍ଦ କରାଯାଇଥିଲା । ତେବେ ସୋମବାରରୁ ଦୁଇ ଦେଶ ମଧ୍ୟରେ ସମ୍‌ଝୌତା ଏକ୍ସପ୍ରେସ ସେବା ପୁନଃ ଚାଲୁ ହୋଇଥିବା ବେଳେ ପୁଞ୍ଛ-ରାଓ୍ୱଲାକୋଟ ବସଯାତ୍ରାରେ ପାକିସ୍ତାନ ରୋକ୍ ଲଗାଇଛି ।



## ସଂକ୍ଷେପରେ

### ପାକିସ୍ତାନୀ ଡ୍ରୋନ୍‌କୁ ଖସାଇଲା ବାୟୁସେନା



**ନୂଆଦିଲ୍ଲୀ,୪।୩(ଆଇଏଏନ୍‌ଏସ)**-ରାଜସ୍ଥାନ ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାର ବିକାନେର-ନାଲ୍ ସେକ୍ଟରରେ ସୋମବାର ସକାଳେ ପାକିସ୍ତାନର ଏକ ଡ୍ରୋନ ଉଡୁଥିବାବେଳେ ଭାରତୀୟ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନ ଏହାକୁ ଖସାଇଦେଇଛି । ଡ୍ରୋନ୍‌ଟି ଭାରତୀୟ ସୀମାରେ ଉଡୁଥିବା ରାଡାର ସିଷ୍ଟମ୍‌ରେ ଧରାପଡିବା ପରେ ଏହାକୁ ଖସାଇବା ପାଇଁ ସୁଖୋଇ ବିମାନକୁ ପଠାଯାଇଥିଲା । ସୀମାରେ ବାୟୁସେନା ସଜାଗ ରହିଛି ଏବଂ ଯେକୌଣି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ଏହାର ମୁଖ୍ୟ ବି.ଏସ୍. ଧନୋଆ କହିଛନ୍ତି । ଭାରତ ମଧ୍ୟକୁ ଗୁପ୍ତଚର ଡ୍ରୋନ୍ ପଠାଇବା ୬ ଦିନ ମଧ୍ୟରେ ପାକିସ୍ତାନର ଏହା ଦ୍ୱିତୀୟ ଉଦ୍ୟମ ଥିଲା ।

### ଜାତିସଂଘ ଆଗରେ ଭାରତୀୟ-ଆମେରିକୀୟଙ୍କ ବିକ୍ଷୋଭ




**ନ୍ୟୁୟର୍କ,୪।୩(ପି.ଟି.)**-ପୁଲ୍‌ଓ୍ୱାମା ଆକ୍ରମଣ ବିରୋଧରେ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପାକିସ୍ତାନ ମାଟିରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ ଇସ୍‌ଲାମାବାଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଗତମାସ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମାରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଭ୍ୟାନ୍‌କୁ ଏକ ବସ୍ ସହ ଧକ୍କା କରାଇବାରୁ ସେଥିରେ ଥିବା ୪୯ ସିଆରପିଏଫ ଯବାନ ଶହୀଦ ହୋଇଥିଲେ । ପାକିସ୍ତାନ ମାଟିରୁ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟ ବିରୋଧରେ ବିକ୍ଷୋଭକାରୀ ସ୍ଲୋଗାନ ଦେବା ସହ ଜେଇଏମ୍ ଓ ଏହାର ନେତା ମାସୁଦ ଆଜ୍ହାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

### ଗ୍ରୀନ ଟ୍ରିବ୍ୟୁନାଲର ପରାମର୍ଶ ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ ନିଷିଦ୍ଧ ହେଉ

**ନୂଆଦିଲ୍ଲୀ,୪।୩(ପି.ଟି.)**-ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନିଷିଦ୍ଧ କରିବା ଉପରେ ବିଚାର କରିବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ସୋମବାର ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରାମର୍ଶ ଦେଇଛନ୍ତି । ଏଥିପାଇଁ ସପ୍ତାହେ ମଧ୍ୟରେ ଏକ ବୈଠକ ଡାକିବା ଲାଗି ଟ୍ରିବ୍ୟୁନାଲ କହିଛନ୍ତି । ନିର୍ବାଚନ ପ୍ରଚାର ଲାଗି ପ୍ରସ୍ତୁତ ବ୍ୟାନର, ହୋର୍ଡିଂ ଇତ୍ୟାଦିରେ ପିଭିସି, ସିନ୍ଥେଟିକ ପ୍ଲାଷ୍ଟିକ ପଲିମର ଏବଂ କ୍ଲୋରିନେଟେଡ୍ ପ୍ଲାଷ୍ଟିକର ବ୍ୟବହାର କରାଯାଉଛି, ଯାହା ପରିବେଶର କ୍ଷତି କରୁଛି । ଏଗୁଡ଼ିକୁ ନିଷିଦ୍ଧ କରିବା ଲାଗି ଡବ୍ଲ୍ୟୁ. ଏଡୱିନ୍ ୱିଲସନ ଗ୍ରୀନ ଟ୍ରିବ୍ୟୁନାଲରେ ପିଟିଶନ ଦାଏର କରିଥିଲେ ।

### ଇତିହାସର ଆଇନାରେ
### ମାର୍ଚ୍ଚ ୫ର ପ୍ରମୁଖ ଘଟଣା

୧୯୩୧ ମାର୍ଚ୍ଚ ୫ରେ ବ୍ରିଟିଶ୍ ଶାସନ ଅମଳରେ ଗାନ୍ଧୀ-ଇରଓ୍ୱିନ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୧୮୫୮ରୁ ୧୯୪୭ ମଧ୍ୟରେ ବ୍ରିଟିଶ୍ ଶାସନାଧୀନ ଭାରତକୁ ବ୍ରିଟିଶ୍ ଇଣ୍ଡିଆ ବୋଲି କୁହାଯାଏ । ଏହି ଅଞ୍ଚଳ ପ୍ରତ୍ୟକ୍ଷ ଭାବରେ ବ୍ରିଟେନ୍ ଦ୍ୱାରା ଶାସିତ ହେଉଥିଲା । ଭାରତର ଆଉ କେତେକ ଅଞ୍ଚଳ ସ୍ୱଦେଶୀ ରାଜାଙ୍କ ଅଧୀନରେ ଥିଲା । ସେଗୁଡିକ ରାଜା ଶାସନାଧୀନ ରାଜ୍ୟ ବୋଲି କୁହାଯାଉଥିଲା ।

୨୦୧୨ ମାର୍ଚ୍ଚ ୫ରେ କ୍ରାନ୍ତୀୟ ଘୂର୍ଣ୍ଣିଝଡ଼ ଯୋଗୁ ମାଡାଗାସ୍କରରେ ୭୫ ଲୋକଙ୍କ ମୃତ୍ୟୁ ଘଟିଥିଲା । ମାଡାଗାସ୍କରକୁ ପୂର୍ବରୁ ମାଲାଗାସି ରିପବ୍ଲିକ୍ କୁହାଯାଉଥିଲା । ଭାରତ ମହାସାଗରର ଏହା ଏକ ଦ୍ୱୀପରାଷ୍ଟ୍ର । ପୂର୍ବ-ଆଫ୍ରିକୀୟ ଉପକୂଳଠାରୁ ଏହା ୨୫୦ ମାଇଲ୍ ଦୂରରେ ଅବସ୍ଥିତ । ମାଡାଗାସ୍କର ବିଶ୍ୱର ଚତୁର୍ଥ ବୃହତ୍ତମ ଦ୍ୱୀପ । ମାଡାଗାସ୍କର ଦ୍ୱୀପ ସମେତ କେତୋଟି ଛୋଟ ଛୋଟ ଦ୍ୱୀପକୁ ନେଇ ଏହି ଦେଶ ଗଠିତ ।

## ■ ପାକିସ୍ତାନକୁ ଇରାନର ଚେତାବନୀ
# ଆତଙ୍କବାଦୀଙ୍କୁ କାବୁ କର

**ତେହେରାନ,୪।୩**

**ଇରାନୀ ସେନା ଟାର୍ଗେଟ୍‌ରେ ଆତଙ୍କବାଦୀ କ୍ୟାମ୍ପ୍**



ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନ ବର୍ଥମାନ ମୁକ୍ତ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଟଳିଛି । ମାତ୍ର ସୀମାରେଖାରେ ଉତ୍ତେଜନା ଏବେ ବି ବଳବତ୍ତର ରହିଥିବା ବେଳେ ଆତଙ୍କବାଦୀଙ୍କ ଉପରେ ଲଗାମ ଲଗାଇବାକୁ ପଡ଼ୋଶୀ ଇରାନ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛି । ଫେବୃୟାରୀରେ ଇରାନିୟାନ୍ ଇସ୍‌ଲାମିକ୍ ରିଭୋଲ୍ୟୁଶନାରୀ ଗାର୍ଡ ଫୋର୍ସ ଗାଡ଼ି ଉପରେ ହୋଇଥିବା ଆକ୍ରମଣ ପଛରେ ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ଉଲ୍-ଆଦଲ୍‌ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତେହେରାନ ଏହାର ପ୍ରତିଶୋଧ ନିଆଯିବ ବୋଲି ଇସ୍‌ଲାମାବାଦ୍‌କୁ ଜଣାଇଛି । ଗାର୍ଡ ଫୋର୍ସ କମାଣ୍ଡର ମେଜର ଜେନେରାଲ୍ ମହମ୍ମଦ ଅଲି ଜାଫରୀ ସୁରକ୍ଷା ଯବାନଙ୍କୁ ଆକ୍ରମଣ ଘଟଣାରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭୂମିକାକୁ ଦାୟୀ କରିଛନ୍ତି । ପାକିସ୍ତାନରୁ ଜୈଶ୍-ଇ-ମହମ୍ମଦ କଶ୍ମୀରର ପୁଲ୍‌ଓ୍ୱାମାରେ ଭାରତୀୟ ସୁରକ୍ଷା ଯବାନଙ୍କ ଉପରେ ଆତ୍ମଘାତୀ ବିସ୍ଫୋରଣ ଷଡ଼ଯନ୍ତ୍ର ରଚିଥିବା ବେଳେ ଜୈଶ-ଇ-ଆଦଲ୍ ଇରାନ ସୁରକ୍ଷା ବଳଙ୍କୁ ଟାର୍ଗେଟ୍ କରିଥିବା ଜାଫରୀ କହିଛନ୍ତି । ଆକ୍ରମଣରେ ୨୭ ଯବାନ ପ୍ରାଣ ହରାଇଥିବାବେଳେ ୧୩ ଆହତ ହୋଇଛନ୍ତି । ଯବାନଙ୍କ ବଳିଦାନ ବରଦାସ୍ତ କରାଯିବନି । ଯଦି ପାକିସ୍ତାନ ସେନା ଓ ସୁରକ୍ଷା ବଳ ଆତଙ୍କବାଦୀ ଗୋଷ୍ଠୀଙ୍କ ଶକ୍ତି ବୃଦ୍ଧିକୁ ନ ରୋକେ, ଇରାନ ସେନା ଇସ୍‌ଲାମାବାଦ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ପାକିସ୍ତାନରେ ରହିଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବାକୁ ଯାଇ ଇରାନ ସେନା ଯୁଦ୍ଧ କରିବାକୁ ପଛାଇବ ନାହିଁ ବୋଲି ଜାଫରୀ କହିଛନ୍ତି । ଅନ୍ୟପଟେ, ପାକିସ୍ତାନ ସୀମାପଟୁ ଆତଙ୍କବାଦୀ ଗତିବିଧିକୁ ରୋକିବା ନେଇ ସୁଉଚ୍ଚ ପ୍ରାଚୀର ନିର୍ମାଣ କରାଯିବାକୁ ଇରାନ୍ ପାର୍ଲାମେଣ୍ଟର ବୈଦେଶିକ ନୀତି ଆୟୋଗ ଅଧ୍ୟକ୍ଷ ହେଶ୍‌ମାତୋଲ୍ଲା ଫାଲାହାତ୍‌ପିଶେହ ପ୍ରସ୍ତାବ ଦେଇଛନ୍ତି । ଆଫଗାନିସ୍ତାନ ଗୋଇନ୍ଦା ସଂସ୍ଥାର ପୂର୍ବତନ ମୁଖ୍ୟ ରାହାମାତୁଲ୍ଲା ନବିଲ ଜଣାଇଛନ୍ତି ଯେ, ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଆଇଏସ୍‌ଆଇ ୪୫ରୁ ୪୮ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛି । ଆତଙ୍କବାଦୀ ବିରୋଧରେ ଲଢ଼ାଇ ନେଇ ଭାରତ ଓ ଇରାନ ପରସ୍ପରକୁ ସହଯୋଗର ହାତ ବଢ଼ାଇଥିବା ବେଳେ ଖୁବ୍‌ଶୀଘ୍ର ଦୁଇ ଦେଶର ବୈଦେଶିକସ୍ତରୀୟ ବୈଠକ ହେବ । ସେଥିରେ ପାକିସ୍ତାନକୁ ଘେରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାଯାଇଛି ।

## ମୋଦି, ଇମ୍ରାନ୍‌ଙ୍କୁ ୫୯ ନୋବେଲ ବିଜେତାଙ୍କ ଅନୁରୋଧ
# ସୀମାରେ ଶାନ୍ତି ବଜାୟ ରଖ

**ଓ୍ୱାଶିଂଟନ୍,୪।୩**



ମଲାଲା ୟୁସୁଫଜାଇ | କୈଳାସ ସତ୍ୟାର୍ଥୀ

୫୯ ନୋବେଲ ବିଜେତା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ସମାଜସେବୀ କୈଳାସ ସତ୍ୟାର୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସଂସ୍ଥା ପକ୍ଷରୁ ନୋବେଲ୍ ବିଜେତାଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ଜାତିସଂଘରେ ଭାରତ ଓ ପାକିସ୍ତାନର ସ୍ଥାୟୀ ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଛି । ପିଲାଙ୍କ ସୁନ୍ଦର ଭବିଷ୍ୟତର ସୁରକ୍ଷା ପାଇଁ ଦୁଇ ନେତା ବିଜ୍ଞତାପୂର୍ଣ୍ଣ ନେତୃତ୍ୱ ପ୍ରଦର୍ଶନ କରିବା ସହିତ ଏଭଳି ସଂକଟଜନକ ପରିସ୍ଥିତିରେ ସଂଯମ ରକ୍ଷା କରନ୍ତୁ ବୋଲି ଶିଶୁ ଅଧିକାର କର୍ମୀ ଓ ନୋବେଲ ବିଜେତାମାନେ ନିବେଦନ କରିଛନ୍ତି । ଏକ ସଭ୍ୟ ଜଗତରେ ହିଂସା, ଚରମନୀତି ଏବଂ ଆତଙ୍କବାଦର ସ୍ଥାନ ନାହିଁ । ଦୃଢ଼ ଏବଂ ସମୟୋଚିତ ପଦକ୍ଷେପ ଦ୍ୱାରା ଏପରି ସଂକ୍ରାମକ ରୋଗର ମୂଳୋତ୍ପାଟନ କରାଯାଇ ପାରିବ । ଶିଶୁମାନେ ଆଦୌ ଯୁଦ୍ଧ ସୃଷ୍ଟି କରନ୍ତି ନାହିଁ । କିନ୍ତୁ ଏହାଦ୍ୱାରା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୁଅନ୍ତି । ତେଣୁ ଦୁଇ ପ୍ରଧାନମନ୍ତ୍ରୀ, ବିଶ୍ୱସନୀୟ ସଂସ୍ଥା, ଗଣମାଧ୍ୟମ, ଯୁବ ସମ୍ପ୍ରଦାୟ ଏବଂ ଉଭୟ ଦେଶର ନାଗରିକ ଦକ୍ଷିଣ ଏସିଆ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରାଯାଇଛି । ଶିଶୁ ଅଧିକାର କର୍ମୀ ତଥା ନୋବେଲ ବିଜେତା ମଲାଲା ୟୁସୁଫଜାଇ, ଲେଇମା ଜିବୋଇ, ଶିରିନ ଏବାଦି, ଟାଓ୍ୱାକଲ କର୍ମାନ, ମହମ୍ମଦ ୟୁନୁସ, ଜୋଶ୍ ରାମୋସ ହୋର୍ତ୍ତା, ଏଡଭାର୍ଡ ଇଙ୍ଗ୍‌ଜାଲ୍ଡ ମୋସେର ଏବଂ ମେ ବ୍ରିଟ୍ ମୋସ୍‌ଙ୍କ ସମେତ ଅନ୍ୟମାନେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ । ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି । ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା ।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୭ | ୨୦.୮ |
| ଚାନ୍ଦବାଲି | ୩୨.୯ | ୨୩.୦ |
| କଟକ | ୩୩.୨ | ୨୦.୮ |
| ପାରାଦ୍ୱୀପ | ୨୯.୪ | ୨୪.୬ |
| ଭୁବନେଶ୍ୱର | ୩୪.୨ | ୨୨.୫ |
| ଗୋପାଳପୁର | ୩୦.୨ | ୨୪.୧ |
| ପୁରୀ | ୩୧.୨ | ୨୪.୬ |
| ଅନୁଗୋଳ | ୩୪.୯ | ୧୮.୦ |
| ବାରିପଦା | ୨୮.୪ | ୨୦.୨ |
| ଝାରସୁଗୁଡ଼ା | ୩୨.୩ | ୧୯.୪ |
| କେନ୍ଦୁଝର | ୨୮.୦ | ୧୮.୫ |
| ସମ୍ବଲପୁର | ୩୩.୮ | ୨୦.୧ |
| ସୁନ୍ଦରଗଡ଼ | ୩୧.୦ | ୧୩.୦ |
| ହୀରାକୁଦ | ୩୨.୭ | ୨୦.୩ |
| ତାଳଚେର | ୩୩.୩ | --- |
| ଭବାନୀପାଟଣା | ୩୫.୮ | ୨୨.୫ |
| ବଲାଙ୍ଗୀର | ୩୪.୫ | ୧୮.୫ |
| କୋରାପୁଟ | ୩୨.୦ | ୧୮.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୭.୦ | ୧୯.୦ |
| ସୋନପୁର | ୩୩.୮ | ୧୯.୨ |
| ଦାରିଙ୍ଗିବାଡ଼ି | ୩୦.୫ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

# କାହାଣୀକୁ ଦେଖି ଫିଲ୍ମ ବାଛନ୍ତି ଦିବ୍ୟା



**ନୂଆଦିଲ୍ଲୀ:** କାହାଣୀକୁ ଦେଖିବା ପରେ ଅଭିନୟ ପାଇଁ ଫିଲ୍ମକୁ ପସନ୍ଦ କରନ୍ତି ଦିବ୍ୟା ଦତ୍ତ । ଏ କଥା ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । 'ଦିଲ୍ ମାଙ୍ଗେ ମୋର୍'ର ଅଭିନେତ୍ରୀ ଦିବ୍ୟା ଦତ୍ତ ଭାରି ଲୋଭୀ ଏବଂ ଖୁବ୍ ବଛାବଛି କରନ୍ତି ବୋଲି କହିଛନ୍ତି । ୨୦୧୮ ତାଙ୍କ ପାଇଁ ଥିଲା ଖୁବ୍ ଘଟଣାବହୁଳ । କାରଣ ସେ ସର୍ବଶ୍ରେଷ୍ଠ ସହାୟିକା ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ଜିଣି ପାରିଥିଲେ । ବର୍ତ୍ତମାନ ୨୦୧୯ ତାଙ୍କ ପାଇଁ ବି ଖୁବ୍ ଚର୍ଚ୍ଚାର ବର୍ଷ । କାରଣ ମଲାଲା ୟୁସୁଫଜାଇଙ୍କ ବାୟୋପିକ୍ 'ଗୁଲ୍ ମାକାଇ', ନେଟ୍‌ଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଚିଲ୍‌ଡ୍ରେନ୍‌ସ ଫିଲ୍ମ 'ଝଲ୍‌କି... ଏ ଡିଫରେଣ୍ଟ ଚାଇଲ୍ଡହୁଡ୍' ଭଳି କେତେକ ଫିଲ୍ମ ତାଙ୍କ ହାତରେ ଅଛି । ତେବେ ସେ କେତେକ ବଛା ବଛା ଫିଲ୍ମରେ ଅଭିନୟ କରିବେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି ।

ଦିବ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୪ରେ । 'ଇସ୍‌କ ମେଁ ଜୀନା ଇସ୍‌କ ମେଁ ମର୍‌ନା'ରେ ଅଭିନୟରୁ । 'ବୀର୍-ଜାରା', 'ଦିଲ୍ଲୀ-୬', 'ହିରୋଇନ୍', 'ଭାଗ୍ ମିଲ୍‌ଖା ଭାଗ୍', 'ଟ୍ରାଫିକ୍' ଏବଂ 'ଇରାଦା'ରେ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଦିବ୍ୟା ବେଶ୍ ପ୍ରଶଂସିତ । ଯେଉଁଥିପାଇଁ ସେ ଜାତୀୟ ପୁରସ୍କାର ଜିତି ପାରିଛନ୍ତି । ୟଶ ରାଜଙ୍କ ଫିଲ୍ମ ବ୍ୟାନରରେ ସେ ପ୍ରମୁଖ ଭୂମିକା ନେଉଛନ୍ତି କି ପ୍ରଶ୍ନରେ ସେ କହିଲେ, ବର୍ତ୍ତମାନ ସମୟ ପରିବର୍ତ୍ତନ ହୋଇଯାଇଛି । ପ୍ରତ୍ୟେକ ବ୍ୟକ୍ତି କାହାଣୀକୁ ପସନ୍ଦ କରୁଛନ୍ତି । ତଥାକଥିତ ଷ୍ଟାରମାନେ ସେଭଳି ଫିଲ୍ମରେ ଅଭିନୟ କରିବାକୁ ଚାହାନ୍ତି । ସେଥିରୁ ମୁଁ ବାଦ୍ ପଡିନାହିଁ । ଅବଶ୍ୟ ୟଶ ଚୋପ୍ରାଙ୍କ ଫିଲ୍ମରେ ଆମେ ଗଢ଼ିହୋଇଛୁ । ସୁଯୋଗ ମିଳିଲେ, ସେ ସିଫନ୍ ଶାଢ଼ି ପିନ୍ଧି ଆଲପ୍‌ସ ପର୍ବତ ଉପରେ ନିଶ୍ଚୟ ନାଚିପାରିବି ବୋଲି ହସି ହସି ପ୍ରକାଶ କରିଥିଲେ ।




■ ୧୦୮ ଉତ୍ତରଖାତା ଗାଏବ୍ ଘଟଣା

# ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୨ ନିଲମ୍ବିତ, ୫ ଗିରଫ

ମାଲକାନଗିରି/ପଡିଆ, ୪।୩ (ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆସ୍ଥିତ ଏସଏସଡି ଆଶ୍ରମ ବିଦ୍ୟାଳୟରେ ଶନିବାର ହୋଇଥିବା ଗଣିତ ପରୀକ୍ଷାର ୧୦୮ ଉତ୍ତରଖାତା ଗାଏବ୍ ଘଟଣାରେ ସୋମବାର ୨ ଜଣଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ବିଦ୍ୟୁତ୍ କୁମାର ପାତ୍ର ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶତ୍ରୁଘ୍ନ ସ୍ୱାଇଁ। ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ପଣ୍ଡା ଉଭୟଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ଏହି ଘଟଣାରେ ଉପରୋକ୍ତ ୨ ବ୍ୟକ୍ତିଙ୍କ ସମେତ ୫ଜଣଙ୍କୁ ସୋମବାର ଗିରଫ କରାଯାଇଛି। ଏନେଇ ଆଇପିସି ୩୭୯,୧୨୦ (ବି) ଦଫାରେ ଏକ ମାମଲା (୧୭/୧୯) ରୁଜୁ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ପ୍ରଧାନଶିକ୍ଷକ ପାତ୍ର, ଶତ୍ରୁଘ୍ନ ସ୍ୱାଇଁ, ସନ୍ଦୀପ କୁମାର ସାହୁ, ସୁପ୍ରିୟା ସେଠୀ ଏବଂ ଗଠନପାଲିସ୍ଥିତ ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା। ସମସ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ। ସୂଚନାଯୋଗ୍ୟ ଯେ, ଶନିବାର ଉକ୍ତ ବିଦ୍ୟାଳୟରେ ୧୨୦ ଛାତ୍ରୀଛାତ୍ର ଗଣିତ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ସନ୍ଧ୍ୟାରେ ଖାତାଗୁଡିକୁ ଥାନାରେ ଜିମା ଦେବାପାଇଁ ନିୟମ ଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରି ସେଦିନ ଖାତା ଥାନା ଜିମା ନ ଦେଇ ଟେବୁଲ ଡ୍ରରେ ରଖିଥିଲେ। ରବିବାର ଏଥିରୁ ୧୦୮ଟି ଉତ୍ତର ଖାତା ଗାଏବ୍ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଘଟଣାର ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ.ପି.ଉଦ୍ଧବ ଚରଣ ନାୟକ, ପଡ଼ିଆ ଥାନା ଭାରପ୍ରାପ୍ତ ନିରୀକ୍ଷକ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଏସପି ଜଗମୋହନ ମୀନା ମଧ୍ୟ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ।




■ମନୋଜ ସିହ୍ନାଙ୍କୁ ବିଜେଡିର ପ୍ରତିବାଦ ପ୍ରସଙ୍ଗ

# ପରାଜୟ ଭୟରେ ଅଗଣତାନ୍ତ୍ରିକ ହୋଇଛି ବିଜେଡି: ଭାଜପା

ଭୁବନେଶ୍ୱର,୪।୩ (ବ୍ୟୁରୋ)

କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କୁ ବିଜେଡି କର୍ମକର୍ତ୍ତାମାନେ ରବିବାର ପ୍ରତିବାଦ କରିଥିଲେ। ସୋମବାର ରେଳ ଭବନର ଅଡିଟୋରିୟମଠାରେ ଅନେକ ବିକାଶମୂଳକ ଉଦ୍‌ଘାଟନ ଉତ୍ସବ ଥିଲା। ଏଥିରେ ଦୁଇ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ। ମାତ୍ର ପୋଲିସ ଏବଂ ପ୍ରଶାସନକୁ ନାଲି ଆଖି ଦେଖାଇ ରେଳ ଭବନ ଆଗରେ ଯେଉଁଭଳି ଢଙ୍ଗରେ ବିଜେଡି ଧାରଣାରେ ବସିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ପୋଲିସ, ପ୍ରଶାସନ ଏବଂ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରାଜୟ ଭୟରେ ଏବେ ଶାସକ ଦଳ ଅଗଣତାନ୍ତ୍ରିକ ହୋଇପଡିଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ରବିବାର ଶହୀଦ ନଗର ଥାନାରେ ପଶି ବିଜେଡି ନେତାମାନେ ଜଣେ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଛନ୍ତି। ପୋଲିସ କର୍ମଚାରୀ ଜଣଙ୍କ ଗୁରୁତର ଆହତ ହୋଇପଡିଛନ୍ତି। ଏହି ସମୟରେ ଥାନାରେ ବ୍ୟାପକ ଭଙ୍ଗାରୁଜା ହୋଇଛି। ସାଧାରଣ ଲୋକଙ୍କୁ ଖୋଦ ସୁରକ୍ଷା ଯୋଗାଉଥିବା ପୋଲିସ ଉପରକୁ ମଧ୍ୟ ଏବେ ଆକ୍ରମଣ କରାଯାଉଛି। ତା'ହେଲେ ରାଜ୍ୟରେ ସାଧାରଣ ଜନତା କିଭଳି ସୁରକ୍ଷା ପାଇବେ ତାକୁ ନେଇ ପ୍ରଶ୍ନ ଉଠୁଛି। ଅଭିଯୁକ୍ତମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ସେମାନଙ୍କୁ ଗିରଫ କରାଯାଉ ବୋଲି ସମୀର କହିଛନ୍ତି। ରାଜ୍ୟ ସରକାର ଏବେ ନିର୍ବାଚନ ପୂର୍ବରୁ ଉଚ୍ଚସ୍ତରୀୟ ବିଭାଗୀୟ ସଚିବସ୍ତରରେ ଅଦଳବଦଳ କରିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ଶାସକ ଦଳକୁ ଅର୍ଥ ଯୋଗାଇ ଦେବା ପାଇଁ ଦୁଇଟି ପଦବୀ ଦିଆଯାଇଥିବା ସମୀର କହିଛନ୍ତି।

ଆଜି କ'ଣ କେଉଁଠି
ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭାଜପାରେ ଯୋଗଦେଲେ ବୈଜୟନ୍ତ



ଭାଜପାରେ ଯୋଗଦେବା ପରେ ବୈଜୟନ୍ତ ପଣ୍ଡା ଅମିତ୍ ଶାହଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର,୪।୩(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ତାରିଖ ଘୋଷଣାକୁ ଆଉ ଦିନ କେଇଟା ବାକିଥିବା ବେଳେ ବିଜୁ ଜନତା ଦଳର ପୂର୍ବତନ କେନ୍ଦ୍ରାପଡ଼ା ଏମପି ବୈଜୟନ୍ତ ପଣ୍ଡା ଭାଜପାରେ ଯୋଗ ଦେଇଛନ୍ତି। ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ଭାଜପା ପ୍ରଭାରୀ ଅରୁଣ ସିଂ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ବୈଜୟନ୍ତ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳ ପକ୍ଷରୁ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଛି। ଦଳରେ ଯୋଗଦେବା ପରେ ବୈଜୟନ୍ତ ଭାଜପା ସଭାପତି ଅମିତ ଶାହଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହଙ୍କ ନେତୃତ୍ୱରେ ଆକୃଷ୍ଟ ହୋଇ ଭାଜପାରେ ଯୋଗଦେଇଥିବା ବୈଜୟନ୍ତ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯେ, ଏଠାରେ ପହଞ୍ଚିବାକୁ ମୋତେ ୨୨ ବର୍ଷ ଲାଗିଲା। ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହଙ୍କ ନେତୃତ୍ୱର ଆବଶ୍ୟକତା ରହିଛି। ଦେଶକୁ ପ୍ରଧାନମନ୍ତ୍ରୀ ଯେଉଁ ଦିଗରେ ନେଉଛନ୍ତି ତାଙ୍କୁ ମୁଁ ପ୍ରଶଂସା କରିବା ନେଇ କିଛି ଅଛପା ନାହିଁ। ଓଡ଼ିଶାରେ ପ୍ରଶାସନିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ସହ ଅପରାଧ ବହୁ ମାତ୍ରରେ ବୃଦ୍ଧି ପାଇ ଚାଲିଛି। ଗତ କିଛିବର୍ଷ ହେବ ରାଜ୍ୟରେ ଶାସନ ବ୍ୟବସ୍ଥା ଆହୁରି ଖରାପ ସ୍ତରକୁ ଚାଲିଯାଇଛି। ଯେତେବେଳେ ବିଜେଡି ଭାଜପା ସହ ମିଶି ଶାସନ କରୁଥିଲା ସେତେବେଳେ କିଛି ନିୟମକୁ ଅନୁସରଣ କରାଯାଉଥିଲା। ଗତ କିଛିବର୍ଷ ହେବ ମହିଳା ଓ ଶିଶୁମାନଙ୍କ ଉପରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାବେଳେ ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଯଦିଓ ବିଜେଡି ରାଜ୍ୟରେ ୪ ଥର ଲାଗି ଶାସନ କଲେ ମଧ୍ୟ ପରିସ୍ଥିତି ଅତ୍ୟନ୍ତ ନିମ୍ନସ୍ତରକୁ ଚାଲି ଯାଇଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟାବସ୍ଥା ଭୁଶୁଡ଼ି ପଡ଼ିଛି। ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନାକୁ କାନ୍ଧରେ ବୋହିନେବାକୁ ପଡୁଛି। ଏହି ପରିସ୍ଥିତିର ପରିବର୍ତ୍ତନ ପାଇଁ ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ଦରକାର ବୋଲି ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ ବୈଜୟନ୍ତଙ୍କ ଯୋଗଦାନ ପରେ ରାଜ୍ୟରେ ଭାଜପା ଆହୁରି ଶକ୍ତିଶାଳୀ ହୋଇଛି। ତାଙ୍କର ଯୋଗଦାନକୁ ମୁଁ ସ୍ୱାଗତ କରୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବୈଜୟନ୍ତଙ୍କୁ ୨୦୧୮ ଜାନୁୟାରୀ ୨୪ରେ ବିଜେଡିରୁ ନିଲମ୍ବିତ କରାଯାଇଥିଲା। ଏହା ପରେ ସେ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ଭାଜପାରେ ବୈଜୟନ୍ତଙ୍କ ଯୋଗଦାନକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସମାଲୋଚନା କରି କହିଛନ୍ତି ଯେ, ସେ ନିଜର ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ଭାଜପାରେ ଯୋଗ ଦେଇଛନ୍ତି। ବହୁ ପୂର୍ବରୁ ଭାଜପା ସହ ତାଙ୍କର ସମ୍ପର୍କ ଥିବା ବିଜେଡି ପୂର୍ବରୁ କହି ଆସୁଥିଲା ବୋଲି ଜେନା କହିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ମନି ଲେଣ୍ଡରିଂ ମାମଲା ପ୍ରଘଟ ହେବାର ମାସକ ପରେ ବୈଜୟନ୍ତ ନିଜର ସୁରକ୍ଷା ପାଇଁ ଭାଜପାରେ ଯୋଗ ଦେଇଛନ୍ତି।





ଯେଉଁ ଲୋକ ପ୍ରକୃତ ବୁଦ୍ଧିମାନ, ସେମାନେ ଶତ୍ରୁଠାରୁ ମଧ୍ୟ ଶିକ୍ଷନ୍ତି।
- ସୂର୍ଯ୍ୟଦେବ




## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ଓମ୍
ପରିବାରବର୍ଗ



ସୋମ୍
ପରିବାରବର୍ଗ



ସାଇ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା ଅଭିଯୋଗ

**ବରଗଡ଼ ଅଫିସ୍/ଅତାବିରା,୪।୩**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ଗ୍ରାମରେ ଫସଲକ୍ଷତି ଓ ଋଣବୋଝ ଯୋଗୁ ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତଚାଷୀ ଜଣକ ହେଲେ ଉକ୍ତ ଗ୍ରାମର ଶୁଭ ରଣା (୬୫)। ଏ ନେଇ ଅତାବିରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି ।

ସୂଚନା ଅନୁସାରେ, ଶୁଭ ସମୁଦାୟ ୫ଏକର ଜମିରେ ଧାନଚାଷ କରି ଆସୁଥିଲେ । ସେଥିରୁ ତାଙ୍କ ନିଜର ୨ଏକର ଏବଂ ଅନ୍ୟମାନଙ୍କର ୩ ଏକର ଭାଗଚାଷ କରୁଥିଲେ । ସ୍ଥାନୀୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତିରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଚାଷକାର୍ଯ୍ୟରେ ବିନିଯୋଗ କରିଥିଲେ । କ୍ରମାଗତ ୨/୩ବର୍ଷ ହେବ ଫସଲକ୍ଷତି ହୋଇଆସୁଥିବାରୁ ସେ ଋଣ ପରିଶୋଧ କରି ନ ପାରି ଚିନ୍ତିତ ଥିଲେ ବୋଲି ମୃତ ଚାଷୀଙ୍କ ପୁଅ ଗଣେଶ କହିଛନ୍ତି । ଏଭଳି ସ୍ଥିତିରେ ଗତ ମାସ ୨୮ତାରିଖରୁ ଶୁଭ ଘରୁ ବାହାରକୁ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ କୌଣସି ସନ୍ଧାନ ନ ମିଳିବାରୁ ଅତାବିରା ଥାନାରେ ଲିଖିତ ଭାବେ ଜଣାଇଥିଲେ । ସୋମବାର ସକାଳେ ଗ୍ରାମ ନିକଟ ଆମଝର ଜଙ୍ଗଲରେ ଶୁଭଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ମୃତଦେହ ପାଖରେ ଏକ କୀଟନାଶକ ବୋତଲ ପଡ଼ିଥିବାରୁ ଫସଲହାନି ଓ ଋଣବୋଝ ଯୋଗୁ ତାଙ୍କ ବାପା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ଗଣେଶ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏ ନେଇ ଅଧିକ ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି ।

## ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

**ଡାବୁଗାଁ, ୪।୩ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଟାଙ୍ଗିଣୀ ଗ୍ରାମରେ ରବିବାର ରାତିରେ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ମୃତ ପ୍ରେମୀଯୁଗଳ ହେଲେ ଡାବୁଗାଁ ଥାନା ଅଧୀନ ଟାଙ୍ଗିଣୀ ଗ୍ରାମର କୁମାରୀ ଜାନୀଓ ସୁନାଧର ଜାନୀ। ରବିବାର ରାତିରେ କୁମାରୀ ଓ ସୁନାଧର ଗ୍ରାମ ପାଖ ଟାଙ୍ଗିଣୀ ପାହାଡର ଏକ ଗଛରେ ଉଭୟ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ପାହାଡକୁ ଯାଇଥିବା ଗ୍ରାମର କିଛି ଲୋକ ଗୋଟିଏ ଗଛରେ କୁମାରୀ ଓ ସୁନାଧରଙ୍କ ମୃତଦେହ ଝୁଲୁଥିବା ଦେଖି ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।


## classified



real estate

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Flat for sale 2BHK, Renuka Enclave besides Axis Bank, Grand Road, Puri. 7504455447. D-64050

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

Gharabadi plot available at Pahal under BMC for booking. Contact: 9776759077. D-11484

**AFFIDAVIT**

By virtue of an affidavit sworn before Executive Magistrate, Ranapur I have changed my surname from Sarbeswar Bahubalendra, S/o-Prafulla Bahubalendra for all purpose. D-11486

**1st Birthday Wish**



(Som)
**Ritesh**
Best Wishes from: Suryajyoti, Swain family & Friends. D-61507

**ନବମ ଜନ୍ମଦିନ ଶୁଭେଚ୍ଛା**



(ଓମ୍)
**ଆରିୟାନ୍ ପାଢ଼ୀ**
ବାହାରପାଳ (ପାଢ଼ୀସାହି), ଖେରଙ୍ଗ, ଭଦ୍ରକ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ଏବଂ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମାଆ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଲୁଲୁ କକା, ନେତ କକା, ବୁଲା କକା, ବାବୁ କକା, ସାଇ, ମାମନ, ବାପନ, ମାମାଲି, ତପି, ଶିବାନୀ, ସୋନାଲି, କାହ୍ନା, ଗୁଗୁଲୁ, ମନୀଷା, ଗେହ୍ଲି, ସେଲି, ସ୍ନେହା, ମାଟି, ଚନ୍ଦନ, ଝିଅ ନାନୀ, କୁନୁ, ମୁନୁ, ଲୁଲି ଓ ମିଲି ନାନୀ। ଧ-୧୧୪୮୫

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(ସୋମ୍)
**ରିତେଶ**
ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ତୋର ଚଲାପଥ କୁସୁମିତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଜେମା, ଠାକୁ ମା, ଅଜା, ଆଈ, ଲୁଲୁ ମାମୁ, ପିଉସା, ପିଉସୀ, ଗୁଗୁଲ ଦିଦି, ଶ୍ରେୟା ଦିଦି। ଧ-୧୧୪୮୭

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଜେଡି କର୍ମୀଙ୍କ ଘରେ ପଶି ଆକ୍ରମଣ: ୩ ଆହତ

**ତିହିଡ଼ି, ୪।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୌଲତପୁର ପଞ୍ଚାୟତ ଅର୍ଜୁନବିନ୍ଧା ଗ୍ରାମର ବିଜେଡି କର୍ମୀ ବିଷ୍ଣୁପ୍ରସାଦ ରାଉତଙ୍କ ଘରେ ପଶି ବିରୋଧୀ ଦଳର କେତେକ କର୍ମୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରବିବାର ରାତିରେ ରାଜନୈତିକ ଶତ୍ରୁତାକୁ ନେଇ ଏହି ଆକ୍ରମଣ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ବିଷ୍ଣୁପ୍ରସାଦଙ୍କ ସମେତ ବାଇବଳ ଗ୍ରାମର ସୋମନାଥ ଓଝା ଏବଂ ଚନ୍ଦ୍ରକାଟବିନ୍ଧା ଗ୍ରାମର ଅନ୍ୟ ଜଣେ ବିଜେଡି କର୍ମୀ ପ୍ରଶାନ୍ତ ଜେନା ଆହତ ହୋଇଛନ୍ତି। ତିହିଡ଼ି ଥାନା ପୋଲିସ ଏହି ଘଟଣାରେ ସନ୍ଥପୁରା ଗ୍ରାମର ବୁଦ୍ଧିରାମ ସେଠୀ, ବଇଁଶୀ ସେଠୀ, ବିନୋଦ ସେଠୀ, ଗଗନ ସେଠୀଙ୍କ ସମେତ ୨୫ଜଣଙ୍କ ନାମରେ ଏକ ମାମଲା

**୨୫ ଜଣଙ୍କ ନାଁରେ ମାମଲା**

(ନଂ.୯୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା ବେଳେ ବିଷ୍ଣୁପ୍ରସାଦଙ୍କ ଘରେ କେତେକ କର୍ମୀ ଦଳୀୟ ଆଲୋଚନା କରୁଥିଲେ। ଏହି ସମୟରେ ମଙ୍ଗଳପୁର ପଞ୍ଚାୟତ ସନ୍ଥପୁରା ଗ୍ରାମର ବିରୋଧୀ ଦଳର କେତେକ କର୍ମୀ ତାଙ୍କ ଘର ଭିତରେ ପଶି ଦୌଲତପୁର ସରପଞ୍ଚଙ୍କ ସ୍ୱାମୀ ପାର୍ଥ ନାୟକଙ୍କ ବେକକୁ ଚିପିଧରି ବିଭିନ୍ନ ଧମକ ଦେଇଥିଲେ। ବିଷ୍ଣୁପ୍ରସାଦ ଓ ପ୍ରଶାନ୍ତ ଏହାର ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିଥିଲେ। ଆହତ ବିଷ୍ଣୁପ୍ରସାଦ, ପ୍ରଶାନ୍ତ ଓ ସୋମନାଥଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଲୋକଙ୍କ ଆଶା, ଭରସାକୁ ନେଇ କାମ କରୁଛି ବିଜେଡି: ଅରୁଣ

**ଭୁବନେଶ୍ୱର,୪।୩ (ବ୍ୟୁରୋ)**

ରାଜ୍ୟବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରେ ବିଜେଡି ୨୦୦୦ମସିହାରୁ ଲୋକମାନଙ୍କ ସେବା କରିଆସୁଛି। ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ସହିତ ଓଡ଼ିଶାର ସ୍ୱାଭିମାନ ଓ ସମ୍ମାନକୁ ବିଜେଡି ଅଗ୍ରାଧିକାର ଦେଇଛି। ବର୍ତ୍ତମାନ ଲୋକମାନଙ୍କ ଭିତରେ ଏହାର ଗ୍ରହଣୀୟତା ବଢ଼ି ବଢ଼ି ଚାଲିଛି, ଯାହା ଆଞ୍ଚଳିକ ଦଳ ପାଇଁ ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଲୋକମାନଙ୍କ ଆଶା ଓ ଭରସାକୁ ନେଇ ବିଜେଡି କାର୍ଯ୍ୟକ୍ରମ କରୁଛି ବୋଲି ଲୋକମାନଙ୍କ ଭରସା ହେଉଛି। ଲୋକମତ ଆଧାରରେ ଦଳ ଜନକଲ୍ୟାଣ କାର୍ଯ୍ୟକ୍ରମ କରିଥାଏ। ଅନେକ ଦଳ ନିର୍ବାଚନ ପୂର୍ବରୁ ଇସ୍ତାହାର ପ୍ରକାଶ କରିଥାନ୍ତି। କେତେଗୁଡ଼ିଏ ଦଳ ପାଇଁ ନିର୍ବାଚନ ପରେ ଇସ୍ତାହାରର କୌଣସି ପ୍ରାସଙ୍ଗିକତା ପ୍ରାୟତଃ ନ ଥାଏ। ଏହା କେବଳ ପ୍ରତିଶ୍ରୁତି ପୁସ୍ତିକା ଭାବରେ ନିର୍ବାଚନରେ ବ୍ୟବହୃତ ହୋଇଥାଏ। କିନ୍ତୁ ବିଜେଡି କ୍ଷେତ୍ରରେ ଏହା ଅଲଗା ବୋଲି ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି।

ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁଣ କହିଛନ୍ତି ଯେ, ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତିବଦ୍ଧତାର ସହିତ କାର୍ଯ୍ୟକାରୀ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ୨୦୧୪ ନିର୍ବାଚନରେ ବିଜେଡ଼ି ତା'ର ଇସ୍ତାହାରରେ ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ନବନିର୍ବାଚିତ ସରକାର ଗଠନ ହେବାର ପ୍ରଥମ ମନ୍ତ୍ରୀ ପରିଷଦ ବୈଠକରେ ତାକୁ ସଂକଳ୍ପ ଭାବରେ ଗ୍ରହଣ କରି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିଲା। ଏହା ପରଠାରୁ ଇସ୍ତାହାରରେ ଦିଆଯାଇଥିବା ସବୁ ପ୍ରତିଶ୍ରୁତିକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଛି। ଏହାକୁ ବିରୋଧୀମାନେ ମଧ୍ୟ ଅସ୍ୱୀକାର କରିପାରିବେ ନାହିଁ। ସାଧାରଣ ଲୋକମାନେ ମର୍ମେ ମର୍ମେ ସରକାରଙ୍କ ପ୍ରଗତିର ସୁଫଳ ଅନୁଭବ କରୁଛନ୍ତି। ସମସ୍ତଙ୍କ ପାଇଁ ବିକାଶ ସହିତ ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ବିଜେଡି ସରକାର ରାଜ୍ୟର ପ୍ରଗତି କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। ସବୁ ଦଳର ଇସ୍ତାହାର ପ୍ରସ୍ତୁତି ଚାଲିଛି ବୋଲି ଅରୁଣ କହିଛନ୍ତି।



ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଥିବା ଖବରଦାତା ସମ୍ମିଳନୀ।

**■ ଆଜିଠୁ ବିଜେଡିର ନୂଆ ଅଭିଯାନ, ପ୍ରତି ଘରେ ପହଞ୍ଚିବେ ମହିଳା କାର୍ଯ୍ୟକର୍ତ୍ତା**

ଅରୁଣ ଆହୁରି କହିଛନ୍ତି ଯେ, ସବୁବେଳେ ଆମେ ଲୋକମାନଙ୍କ ସହ ରହିଆସିଛୁ। ଏହାକୁ ଆହୁରି ବ୍ୟାପକ କରିବା ପାଇଁ ଏଭଳି ପ୍ରୟାସ ଆରମ୍ଭ ହୋଇଛି। ବିଜେଡି ଇସ୍ତାହାରରେ ଲୋକମାନଙ୍କ ପ୍ରସ୍ତାବ ଓ ପରାମର୍ଶରେ ପ୍ରସ୍ତୁତ ଇସ୍ତାହାର ଲୋକମାନଙ୍କ ନିକଟତର ହେବ । ଏ ନେଇ ମଙ୍ଗଳବାରଠାରୁ ଏକ କାର୍ଯ୍ୟକ୍ରମ "ଘରେ ଘରେ ଶଙ୍ଖ: ମତାମତ ଦିଅନ୍ତି ଆପଣ, ପାଳନ କରନ୍ତି ନବୀନ" ଅଭିଯାନ ଆରମ୍ଭ ହେବ। ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀରୁ ମୁଖ୍ୟମନ୍ତ୍ରୀ ଏହି ଅଭିଯାନ ଶୁଭାରମ୍ଭ କରିବେ। ଏହି ଅଭିଯାନକୁ ବିଜେଡିର କାର୍ଯ୍ୟକର୍ତ୍ତାମାନଙ୍କ ସହ ମହିଳାମାନେ ମିଶି ରାଜ୍ୟର ସମସ୍ତ ୪୬ଲକ୍ଷ ପରିବାର ନିକଟରେ ପହଞ୍ଚିବେ। ଦଳର ମହିଳା କାର୍ଯ୍ୟକର୍ତ୍ତାମାନେ ସବୁ ଘରର ମହିଳାଙ୍କ ନିକଟରୁ ଲୋକଙ୍କ ବାସ୍ତବ ସମସ୍ୟା ସମ୍ପର୍କରେ ବୁଝାଯିବ। ଏହାକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦିଆଯିବ ବୋଲି ଅରୁଣ କହିଛନ୍ତି।

## ଉପକୂଳରେ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ପାଗ ମେଘୁଆ ରହୁଛି। କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଛି। ଫଳରେ ଦିନ ଓ ରାତ୍ରୀର ତାପମାତ୍ରା ହ୍ରାସ ପାଇଛି। ଏଭଳି ପାଗ ଆସନ୍ତା ୮ ତାରିଖ ଯାଏ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଓ ରାୟଗଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଜପତି ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ୨୫ରୁ ୩୫ କିଲୋମିଟର ବେଗରେ ବହିବ। ସେହିପରି ୬ରୁ ୮ ତାରିଖ ମଧ୍ୟରେ ଉପକୂଳ ସମେତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୮ ତାରିଖ ପରେ ତାତି ବଢ଼ିବ। ବର୍ଷା ଓ ମେଘୁଆ ପାଗ ଯୋଗୁ ଦିନର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି। ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## କମୁଛି...

ଦେଉ ନ ଥିବା ଓ ସମସ୍ତ କ୍ଷୀର ନେଉ ନ ଥିବାରୁ ଚାଷୀମାନେ ମଧ୍ୟ ଏ ଦିଗରୁ ମୁହଁ ଫେରାଇ ନେଲେଣି। ୨୦୧୭-୧୮ରେ ରାଜ୍ୟରେ ଦୈନିକ ୭ ଲକ୍ଷ ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ଉତ୍ପାଦନ ହେଉଥିବାବେଳେ ୩୯ ହଜାର ଦୁଗ୍ଧ ଉତ୍ପାଦନ ସମିତି ଜରିଆରେ ଚାଷୀଙ୍କଠାରୁ ମାତ୍ର ୫ ଲକ୍ଷ ୧୦ ହଜାର ଲିଟର ସଂଗ୍ରହ କରାଯାଇଥିଲା। ତେବେ ୨୦୧୮ ଡିସେମ୍ବର ସୁଦ୍ଧା ସଂଗ୍ରହ ୪.୧୯ ଲକ୍ଷ ଲିଟରକୁ ଖସି ଆସିଛି। ରାଜ୍ୟରେ ସହରାଞ୍ଚଳରେ କ୍ଷୀର ଚାହିଦା ପ୍ରବଳ ମାତ୍ରାରେ ବଢୁଥିବାବେଳେ ଦୁଗ୍ଧ ଉତ୍ପାଦନ ହ୍ରାସ ହେବା ଚିନ୍ତାର ବିଷୟ ପାଲଟିଛି।

ରାଜ୍ୟରେ ଦୁଗ୍ଧ ପ୍ରକ୍ରିୟାକରଣ ଓ ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ରହିଥିଲେ ମଧ୍ୟ ପରିଚାଳନାଗତ ତ୍ରୁଟି ଓ ଦୁର୍ନୀତି ଯୋଗୁ ଓମ୍‌ଫେଡ୍ ଏହାର ଫାଇଦା ନେଇ ପାରୁ ନାହିଁ। ଅନ୍ୟ ପକ୍ଷରେ ଯୋଗାଇ ଦିଆଯାଉଥିବା କ୍ଷୀରରେ ମଧ୍ୟ ଅନେକ ସମୟରେ ଅପମିଶ୍ରଣ ହେଉଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ନେଇ ଘରୋଇ କମ୍ପାନୀଗୁଡ଼ିକ ଓମ୍‌ଫେଡ ବଜାରକୁ ମାଡ଼ିବସିଲେଣି। କ୍ଷୀରର ଗୁଣବତ୍ତା ଠିକ୍ ରହୁ ନ ଥିବାରୁ ଓମ୍‌ଫେଡରୁ ଗ୍ରାହକମାନେ ମୁହଁ ଫେରାଇବା ଆରମ୍ଭ କଲେଣି। ଯଦିଓ ରାଜ୍ୟ ସରକାର ଦୁଗ୍ଧ ଚାଷୀ ଓ ଗୋ ପ୍ରଜନନ ବୃଦ୍ଧି ପାଇଁ କେତେକ ପଦକ୍ଷେପ ନେଇଛନ୍ତି ତେବେ ତାହା ଆଶାନୁରୂପ ହେଉ ନ ଥିବାରୁ ଦୁଗ୍ଧଚାଷ ପ୍ରତି ଆଗ୍ରହ ହ୍ରାସ ପାଇବାରେ ଲାଗିଛି।

ଏକ ସ୍ଥାୟୀ ବା ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଆଯାଉ ନ ଥିବାବେଳେ ପ୍ରଶାସନିକ ସ୍ଥାଣୁତା, ଦକ୍ଷ ମାନବ ସମ୍ବଳ ଏବଂ ପୂର୍ଣ୍ଣ ସ୍ୱାଧୀନତାର ଅଭାବ ଯୋଗୁ ଏହି ସଂସ୍ଥା ଦୁଗ୍ଧ କ୍ଷେତ୍ରର ବିକାଶ ପାଇଁ ନିଜସ୍ୱ ପଦକ୍ଷେପ ନେଇ ପାରୁ ନାହିଁ ବୋଲି ଓମ୍‌ଫେଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଓମ୍‌ଫେଡର ପରିଚାଳନାକୁ ନେଇ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ମଧ୍ୟ ପ୍ରଶ୍ନ ଉଠାଇଛି। ମହାସଂଘର ସଭାପତି ରବି ବେହେରା କହିଛନ୍ତି ଯେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇବାକୁ ରାଜ୍ୟରେ ୧୯୮୨ ରୁ ଓମଫେଡ କାର୍ଯ୍ୟ କରି ଆସୁଛି । ମାତ୍ର ଏହାର ପ୍ରଶାସନିକ ଓ ପରିଚାଳନାଗତ ତ୍ରୁଟି ଯୋଗୁ ଏହି ସଂସ୍ଥା ବେଳକୁ ବେଳ ତଳକୁ ଖସିବାରେ ଲାଗିଛି। ଦୁଗ୍ଧର ଗୁଣବତ୍ତା ହ୍ରାସ ପାଇବା ସହ ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳୁ ନାହିଁ। ଏହାର ଫାଇଦା ଘରୋଇ ସଂସ୍ଥା ଉଠାଉଛନ୍ତି। ଏପରି ହେଲେ ରାଜ୍ୟରେ ଦୁଗ୍ଧ ଚାଷ ପ୍ରତି ଆଗ୍ରହ କମିବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ନିୟମିତ ଓମ୍‌ଫେଡ୍ ଦୁଗ୍ଧ ନେଉଥିବା ଗ୍ରାହକ ଗୋବିନ୍ଦ ବିଶ୍ୱାଳ କହିଛନ୍ତି ଯେ ଓମ୍‌ଫେଡ କ୍ଷୀର ଉପରେ ଆମେ ଦୀର୍ଘ ବର୍ଷ ଧରି ନିର୍ଭର କରି ଆସୁଛୁ। ପିଲାମାନଙ୍କୁ ପିଇବାକୁ ଦେବାଠାରୁ ଆରମ୍ଭ କରି ଚାହା, ଦହି ଇତ୍ୟାଦି କରାଯାଉଥିଲା। ମାତ୍ର ଗତ କିଛିବର୍ଷ ହେବ ଏହି କ୍ଷୀରର ମାନ କମିଯାଇଛି। ବାଧହୋଇ ମୁଁ ଅନ୍ୟ କମ୍ପାନୀର କ୍ଷୀର ଆଣୁଛି।

## ବେଆଇନ...

କରୁଥିବାରୁ ସେହି ମିଲ୍‌ରେ ଅବ୍ୟବହୃତ ଭାବେ ପଡ଼ିଥିବା ଲୁହା ସାମଗ୍ରୀ ସଂଗ୍ରହ କରିଥିଲେ ଏବଂ ସେଥିରେ ବନ୍ଧୁକ ତିଆରି କରୁଥିଲେ। ଗତ ପ୍ରାୟ ବର୍ଷେ ହେବ ଜିତୁ ଏହି କାମ ଆରମ୍ଭ କରିଥିଲେ ବୋଲି ଏସଡିପିଓ ନାଏକ କହିଛନ୍ତି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ପୋଲିସ ଗୁରୁତ୍ୱର ସହିତ ନେଇ ଅଧିକ ତଦନ୍ତ ଚଳାଇଥିବା ଏସ୍‌ଡିପିଓ କହିଛନ୍ତି।

ସେହିପରି ଜିତୁ ପୋଲିସକୁ ଦେଇଥିବା ବୟାନ ଅନୁସାରେ, ସେ ବରଗଡ଼ ଘରୋଇ ବସଷ୍ଟାଣ୍ଡ ପଛପଟେ ଥିବା ଆଇଟିଆଇ ପ୍ରତିଷ୍ଠାନରେ ପଢ଼ିଛନ୍ତି। ଗତ ଦୁଇବର୍ଷ ହେଲା ତାଙ୍କ ପାଠପଢ଼ା ସରିଛି। ଚାକିରି ପାଇଁ ଅନେକଥର ଆବେଦନ କରିଥିଲେ। ମାତ୍ର ଚାକିରି ନ ମିଳିବା ଯୋଗୁ ସେ ଏକ ରାଇସ ମିଲରେ କାମ କରୁଥିଲେ ଏବଂ ମୋବାଇଲରେ ୟୁ ଟ୍ୟୁବ୍ ଖେଳୁ ଖେଳୁ ବନ୍ଧୁକ ତିଆରି ଉପରେ ଜ୍ଞାନ ଆହରଣ କରିଥିଲେ। ଗତ ଏକବର୍ଷ ଧରି ସେଠାରେ ଜିତୁ ବନ୍ଧୁକ ତିଆରି କାର୍ଯ୍ୟ ଚଳାଉଥିବା ବେଳେ ଏତେଦିନ ଧରି ରାସ୍ତାକଡରେ ଥିବା ବହିଆପଦର ଗ୍ରାମର ସେହି ବେଆଇନ ବନ୍ଧୁକ କାରଖାନାକୁ ପୋଲିସ କିଭଳି ଠାବ କରି ପାରି ନ ଥିଲା ତାହା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।


**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱ ଗୋକୁଳାନନ୍ଦ ନାୟକ**
ଜଗନ୍ନାଥ ରୋଡ଼, ମଧୁପାଟଣା, କଟକ
ଆବିର୍ଭାବ : ୨୩.୧୨.୧୯୪୯
ତିରୋଧାନ : ୨୨.୦୨.୨୦୧୯
ଆଜି ଆପଣଙ୍କର ଦ୍ୱାଦଶାହରେ ଆପଣଙ୍କ ଦ୍ୱାରା ଦର୍ଶିତ ମାର୍ଗରେ ଚାଲିବାର ସଂକଳ୍ପ ନେଉଛୁ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ :
ପୁତ୍ର ଓ ପୁତ୍ରବଧୂ: ରୁଦ୍ରାକ୍ଷୀଷ ଓ ପାୟଲ
ଭାଇ : କାହ୍ନୁଚରଣ, ଅନିରୁଦ୍ଧ, ପ୍ରସନ୍ନ
ଝିଅ-ଜ୍ୱାଇଁ, ପୁତୁରା-ପୁତୁରା ବୋହୂ
ନାତି-ନାତୁଣୀ ଏବଂ
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୧୪୮୮


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚାଂଶ ସ୍ଥିତ ରବିଙ୍କ ସହ ଚନ୍ଦ୍ର ନୀଚାଂଶ ମଧ୍ୟରେ ଥିବାରୁ ଚନ୍ଦ୍ର ପ୍ରଭାବଶୂନ୍ୟ ହୋଇ କୌଣସି ବ୍ୟତିକ୍ରମ ସୃଷ୍ଟି କରିପାରିବେନାହିଁ। ଫଳତଃ ଆଜିର ଆନୁଷ୍ଠାନିକ କାମ, ଆର୍ଥିକ ଅଭିବୃଦ୍ଧି ଓ ନୂତନ ସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରିବ। ଅବଶ୍ୟ ଶନିଙ୍କ ଦୃଷ୍ଟି ପଥାରୂଢ଼ ହେତୁ ଉପରିସ୍ଥଙ୍କ ତାଗିଦା କାରଣରୁ ଦାୟିତ୍ୱପୂର୍ଣ୍ଣ କାମଟିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ବୃଷ** ଗ୍ରହସ୍ଥିତି ଆପଣଙ୍କ ଦିନଚର୍ଯ୍ୟା ପାଇଁ ଅନୁକୂଳ ରହିବ। କିନ୍ତୁ ପାପଯୁକ୍ତ ଶୁକ୍ର ପ୍ରଭାବରେ ଶରୀରପୀଡା, ସମ୍ପର୍କରେ ଫାଟ, ଅଯଥା ବ୍ୟୟ ମାନସିକ ସନ୍ତୁଳନ ରକ୍ଷା କରି ନ ପାରେ। କେତେକ କ୍ଷେତ୍ରରେ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହେବାର ସୂଚନା ମିଳିବ।

**ମିଥୁନ** ଚତୁର୍ଥସ୍ଥାନକୁ ଆଧାତ୍ମିକ ଗ୍ରହ ଶନି ଓ ବନ୍ଧୁକାରକ ବୁଧ ଦେଖୁଥିବାରୁ ସତ୍‌ସଙ୍ଗ ମାଧ୍ୟମରେ ବନ୍ଧୁମିଳନ ଅବଶ୍ୟ ଘଟିବ। ପରିଜନଙ୍କ ସହ ନୂତନସ୍ଥାନ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ବ୍ୟବସାୟ, ପରିବହନରୁ ଯଥେଷ୍ଟ ଲାଭବାନ ହୋଇପାରନ୍ତି।

**କର୍କଟ** ଶନିକ୍ଷେତ୍ରରେ ଅଷ୍ଟମ ଚନ୍ଦ୍ର ମାନସିକ ଉଦାସୀନତା ସୃଷ୍ଟି କରିବ। ଫଳରେ କାମରେ, ଆଲୋଚନାରେ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇପାରେ। ସମାଲୋଚନା, ପରୋକ୍ଷ ଶତ୍ରୁତା ଶନି ଓ ରାହୁଙ୍କ ଦ୍ୱାରା ପ୍ରଭାବଶୂନ୍ୟ ହୋଇଯିବ। ସ୍ଥଳବିଶେଷରେ ସଂଯମତା ରକ୍ଷା ପୂର୍ବକ ଭାବ ପ୍ରବଣତା ପରିହାର କଲେ କେତେକାଂଶରେ ଉପକୃତ ହେବେ।

**ସିଂହ** ଆଜିର ଦିନଟିରେ ରବିଙ୍କ ପ୍ରଭାବ ବହୁ ବିଶିଷ୍ଟବ୍ୟକ୍ତିମାନଙ୍କ ସାନ୍ନିଧ ଲାଭ କରାଇବ। କିନ୍ତୁ ପ୍ରଭାବହୀନ ଚନ୍ଦ୍ରଙ୍କ ଦ୍ୱାରା ସାମୟିକ ଭାବରେ ମାନସିକ ସ୍ଥିରତା ରକ୍ଷା ନ କଲେ ଅପଦସ୍ଥ ହେବାକୁ ପଡିପାରେ। ସଭାସମିତିରେ କଳା, ସଙ୍ଗୀତ, ପ୍ରତିଯୋଗିତାଦିରେ ଯୋଗଦେଲେ ସଫଳତା ହାସଲ କରିବେ।

**କନ୍ୟା** ସ୍ୱସ୍ଥାନପାଳ ଶନି ଲୋକସମ୍ପର୍କ ସ୍ଥାନରେ ଅବସ୍ଥାନ କରି ଆଧାତ୍ମିକ ପରିବେଶରୁ ମଜ୍ଜିଯାଇପାରନ୍ତି। ବନ୍ଧୁମାନଙ୍କ ସହଯୋଗରେ କାମକୁ ପୂରାଦମରେ କରି ସଫଳତା ହାସଲ କରିବେ। ଆଜିର ମନୋଜ୍ଞ ପରିବେଶରେ ଅକସ୍ମାତ୍ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଶ୍ରଦ୍ଧା, ଆଦର ଓ ଗୌରବସହ ଅର୍ଥଲାଭ, ବସ୍ତ୍ରଭୂଷଣ ପ୍ରାପ୍ତିର ଯୋଗ ରହିଛି।

**ତୁଳା** ବାଗ୍ମିତାର ଗ୍ରହ ବୃହସ୍ପତି ମୁଖଭାବରେ ଆପଣଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା ଜ୍ଞାନୀ,ଗୁଣୀ ,ବୁଦ୍ଧିଜୀବୀମାନଙ୍କ ମନୋରଞ୍ଜନ କରିବ। କର୍ମସ୍ଥ ରାହୁ ପ୍ରାଥମିକ ସ୍ତରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଉତ୍ପନ୍ନ କଲେ ମଧ୍ୟ ପରକ୍ଷଣରେ ସଫଳତା ପ୍ରଦାନ କରିବ। ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟି ଜନିତ ଅନିଦ୍ରା, ଭ୍ରମଣ ଓ କ୍ଳାନ୍ତି ହେତୁ ଦୈହିକ ଓ ମାନସିକ ଶିଥିଳତା ଆସିପାରେ।

**ବିଛା** ପ୍ରଭାବଶାଳୀ କର୍ମାଧିପତିଙ୍କ ବାହୁଚ୍ଛାୟାତଳେ ଭାଗ୍ୟାଧିପତି ଚନ୍ଦ୍ର ଅବସ୍ଥାନ କରି କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ କରାଇବେ। ଧନାଧିପ ନିଜ ରାଶିରେ ବିଭିନ୍ନ ସୂତ୍ରରୁ ଅର୍ଥଲାଭ, କାର୍ଯ୍ୟସିଦ୍ଧି ଓ ଆଶାପୂରଣ ପାଇଁ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇପାରିବେ।

**ଧନୁ** ସପ୍ତମାଧିପ ଶୁକ୍ର ତୃତୀୟସ୍ଥ ଚତୁର୍ଥସ୍ଥ ବୁଧ ପ୍ରଭାବରେ ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଅସଜଡା ପାରିବାରିକ ସ୍ଥିତି ଆତ୍ମୀୟମାନଙ୍କ ସହାୟତାରେ ପୂର୍ବସ୍ଥିତିକୁ ଫେରାଇ ଆଣିବ। ଆନୁଷ୍ଠାନିକ କାମ, ରାଜନୀତି, ପ୍ରଶାସନ, ସଭାସମିତି ପାଇଁ ଦିନଟି ବହୁତ ଭଲ ରହିବ। ଆକସ୍ମିକ ଭାବରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର** ରାଶିରେ ଶୁକ୍ର ମୁଖ ଭାବରେ ଚନ୍ଦ୍ରମା ଦିନଟିକୁ ହସଖୁସୀ ଆନନ୍ଦ ମଧ୍ୟରେ ଅତିବାହିତ କରାଇବେ। ଯେମିତି ଯାହା ଚିନ୍ତା କରିଛନ୍ତି କାର୍ଯ୍ୟସିଦ୍ଧି ସଙ୍ଗକୁ ତାହା ଅକ୍ଳେଶରେ ପ୍ରାପ୍ତ ହୋଇପାରିବ। ବନ୍ଧୁ ମାନଙ୍କ ସାହାଯ୍ୟ ନେଇ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ପ୍ରକାଶନ, କ୍ରୀଡା, ଚଳଚ୍ଚିତ୍ର ଓ ପ୍ରଶାସନିକ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ବ୍ୟୟଭାବସ୍ଥ ଶୁକ୍ର ମନ୍ତ୍ରଣାଭାବରୁ ଅଷ୍ଟମସ୍ଥ ହେବା କାରଣରୁ ଆପଣଙ୍କ କଥା ଅନ୍ୟକୁ ବିଶେଷ ପ୍ରଭାବିତ କରିପାରିବ ନାହିଁ। ପାରିବାରିକ କ୍ଷେତ୍ରରେ ଅତୀତକୁ ସ୍ମରଣ କରି ଅନୁତାପ କରିବାକୁ ପଡିପାରେ। ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରି ପ୍ରଶଂସିତ ହୋଇପାରନ୍ତି।

**ମୀନ** ରାଶିରେ ବୁଧ ବନ୍ଧୁ ପରିଜନମାନଙ୍କ ଆଦରଣୀୟ କରାଇବ। ଦୁର୍ବଳ ଆର୍ଥିକ ସ୍ଥିତି ରହିଥିଲେ ମଧ୍ୟ ଆଜିର ଆବଶ୍ୟକତା ଯଥା ସମୟରେ ପୂରଣ କରିପାରିବେ। ମାନସିକ ସ୍ତରରେ ପ୍ରଫୁଲ୍ଲତା ପରିଲକ୍ଷିତ ହୋଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ାରେ ପ୍ରତିଯୋଗିତା ଆପଣଙ୍କୁ ସଫଳତା ପ୍ରଦାନ କରିପାରେ।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ମଙ୍ଗଳବାର, ମାର୍ଚ୍ଚ-୫ ତାରିଖ, ପଞ୍ଚାୟତିରାଜ ଦିବସ, ଭୂମିପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ମକର ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୯ ।୦୧ମି. ଗତେ, ଘ.୧୦ ।୨୮ମି. ମଧ୍ୟେ ଘ.୧୧ ।୫୫ମି. ଗତେ, ଘ.୧ ।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦ ।୨୮ମି. ଗତେ ଘ.୧୧ ।୫୫ମି. ମଧ୍ୟେ, ଘ.୩ ।୦୩ମି. ଗତେ ଘ.୪ ।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ.୨ ।୫୩ମି. ଗତେ ଘ.୪ ।୨୨ମି. ମଧ୍ୟେ ରାହୁକାଳ।

ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ
ଭାରତ ସରକାର

# ଯେଉଁମାନଙ୍କ ପରିଶ୍ରମ ଦେଶର ଆଧାର, ସେମାନଙ୍କ ପେନ୍‌ସନର ସ୍ୱପ୍ନ ସାକାର



# ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ (PM-SYM)

## ଅଣସଙ୍ଗଠିତ ଶ୍ରମଜୀବୀମାନଙ୍କ ପାଇଁ ପେନ୍‌ସନ ଯୋଜନା

ସର୍ବନିମ୍ନ ନିଶ୍ଚିତ ପେନ୍‌ସନ: ମାସିକ ₹୩୦୦୦ ୬୦ ବର୍ଷ ବୟସ ପରଠାରୁ ଆଜୀବନ

**ଯୋଗ୍ୟତା:**

- ଅଣସଙ୍ଗଠିତ ଶ୍ରମଜୀବୀ ଯେପରି କି ରିକ୍ସାଚାଳକ, ଫେରିବାଲା, ଶ୍ରମିକ, ଘରୋଇ ସେବକ, ଦର୍ଜି, ପାନବାଲା, ଛୋଟ ଦୋକାନୀ ବା ଏହିଭଳି ଅନ୍ୟାନ୍ୟ ଶ୍ରମଜୀବୀ
- ପ୍ରବେଶ ବୟସ: ୧୮-୪୦ ବର୍ଷ
- ମାସିକ ଆୟ ₹୧୫୦୦୦ କିମ୍ବା ତାହାଠାରୁ କମ୍

ଏହି ଯୋଜନାରେ ଯୋଗଦେବା ପାଇଁ ନିକଟତମ କମନ୍ ସର୍ଭିସ୍ ସେଣ୍ଟରରେ **ଆଧାର କାର୍ଡ ଏବଂ ସଞ୍ଚୟ/ଜନ-ଧନ ଖାତାର** ଦଲିଲ ସହିତ ପହଞ୍ଚନ୍ତୁ

### ବିସ୍ତୃତ ନାମାଙ୍କନ ପ୍ରକ୍ରିୟା

**୧ମ ସୋପାନ:** ଆଧାରକାର୍ଡ ଏବଂ ସଞ୍ଚୟ/ଜନ-ଧନ ଖାତାର ଦଲିଲଗୁଡ଼ିକ ନେଇ ନିକଟତମ କମନ୍ ସର୍ଭିସ୍ ସେଣ୍ଟରକୁ ଯାଆନ୍ତୁ

**୨ୟ ସୋପାନ:** ଅଙ୍ଗୁଳି ଦ୍ୱାରା ପରିଚୟ (ବାୟୋମେଟ୍ରିକ୍) ପରେ କମ୍ପ୍ୟୁଟର ଦ୍ୱାରା ମାସିକ ଯୋଗଦାନ ସ୍ଥିର ହେବ (ସର୍ବନିମ୍ନ ୫୫ ଟଙ୍କା, ସର୍ବାଧିକ ୨୦୦ ଟଙ୍କା)

**୩ୟ ସୋପାନ:** ଆବେଦନକାରୀ ପ୍ରଥମ ଯୋଗଦାନ ନଗଦ ଆକାରରେ କରିବେ

**୪ର୍ଥ ସୋପାନ:** ତତ୍କାଳ କମ୍ପ୍ୟୁଟରରୁ ସ୍ୱଚାଳିତ ଡେବିଟ୍ ଆଦେଶ ଉତ୍ପନ୍ନ ହେବ ଯାହା ଉପରେ ଆବେଦନକାରୀ ସ୍ୱାକ୍ଷର କରିବେ

**୫ମ ସୋପାନ:** ଆବେଦନକାରୀଙ୍କୁ କମ୍ପ୍ୟୁଟର ଜାତ ଶ୍ରମ ଯୋଗୀ ପେନ୍‌ସନ କାର୍ଡ ତୁରନ୍ତ ଦିଆଯିବ, ପରବର୍ତ୍ତୀ ମାସଠାରୁ ନିର୍ଦ୍ଧାରିତ ଯୋଗଦାନ ଆବେଦନକାରୀଙ୍କ ବ୍ୟାଙ୍କ ଖାତାରୁ ସ୍ୱଚାଳିତ ଭାବେ ଡେବିଟ୍ ହେବାକୁ ଲାଗିବ

ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ମାତ୍ର ୩ରୁ ୫ ମିନିଟ୍‌ର ସମୟ ଲାଗିବ



**ଏହି ଯୋଜନାରେ କେନ୍ଦ୍ର ସରକାର ପ୍ରତିମାସ ଆପଣଙ୍କ ପେନ୍‌ସନ ଖାତାରେ ସମାନ ପରିମାଣର ଯୋଗଦାନ ଜମା କରିବେ**

ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.labour.gov.in / www.licindia.in
ନିକଟତମ ସେବା କେନ୍ଦ୍ର ଠାବକରିବା ପାଇଁ ଦୟାକରି www.locator.csccloud.in ପରିଦର୍ଶନ କରନ୍ତୁ

CSC e-Governance Services India Limited

ଭାରତ ସରକାରଙ୍କ ଯୋଜନା
LIC भारतीय जीवन बीमा निगम LIFE INSURANCE CORPORATION OF INDIA
ଦ୍ୱାରା କାର୍ଯ୍ୟାନ୍ୱିତ

davp 23101/13/0024/1819

ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। –ଶ୍ରୀଅରବିନ୍ଦ

# ଧମକରେ ଦେଶ

କର୍ଣ୍ଣାଟକର ଏକ ଇଞ୍ଜିନିୟରିଂ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ସନ୍ଦୀପ ୱାଥର ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ ଯେ, ବାଲାକୋଟ୍ ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ନେଇ ଭାରତୀୟ ଜନତା ପାର୍ଟି (ଭାଜପା) ଓ ଏହାର ସମର୍ଥକମାନେ ଯେଭଳି ଉତ୍ସାହିତ ହେଉଛନ୍ତି ତାହା ଦ୍ୱାରା ଯୁଦ୍ଧ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରୁଛି। ଏଭଳି ସ୍ଥଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନେଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିବାରୁ ତାଙ୍କୁ କଲେଜ ପରିସରରେ ଆଣ୍ଠେଇବାକୁ ପଡ଼ିଲା। ଦେଶ ବିରୋଧୀ ଆଖ୍ୟା ଦେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କର୍ମୀ ଓ ଛାତ୍ରମାନେ ତାଙ୍କୁ ଅପମାନିତ କରିବାର ଭିଡିଓ ଏବେ ଚାରିଆଡ଼େ ଭାଇରାଲ ହୋଇଛି। ପରିସ୍ଥିତି ଉତ୍ତେଜନା ଆଡ଼କୁ ଗତି କରୁଥିବା ଦେଖି ସନ୍ଦୀପ କ୍ଷମା ମାଗିଥିବା ଦେଖିବାକୁ ମିଳିଛି। ଏତିକି ଦଣ୍ଡ ପର୍ଯ୍ୟାପ୍ତ ନୁହେଁ କହି ତାଙ୍କୁ କଲେଜରୁ ବାହାର କରିଦିଆଯିବା ନେଇ ଏବିଭିପି ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସତର୍କ କରାଇ ଦିଆଯାଇଛି।

କେବଳ ସନ୍ଦୀପ ନୁହନ୍ତି, ଏ ଦେଶରେ ବର୍ତ୍ତମାନ ବାତାବରଣ ଏମିତି ହୋଇଯାଇଛି ଯେ, ଯେଉଁମାନେ ସତ୍ୟକୁ ଖୋଜୁଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ଜଣେ କେଉଁ ପରିସ୍ଥିତିକୁ ନେଇ ମନ୍ତବ୍ୟ ଦେଇଛନ୍ତି, ତାହାକୁ ଶୁଣିବାକୁ କାହାରି ଧୈର୍ଯ୍ୟ ନ ଥିଲା ଭଳି ମନେହେଉଛି। ଏକ ଛଦ୍ମ ଦେଶପ୍ରେମ ଦେଖାଇ ସ୍ୱାର୍ଥ ସାଧନ ଲକ୍ଷ୍ୟରେ ଥିବା ବ୍ୟକ୍ତିମାନେ ଏକରକମ ମଣିଷର ବ୍ୟକ୍ତିଗତ ଅଭିବ୍ୟକ୍ତି ଉପରେ ରୋକେ। ଲଗାଇଦେଲେଣି। ଏପରି ଅସହିଷ୍ଣୁଭାବ ଯୋଗୁ ଅନେକ କ୍ଷେତ୍ରରେ ବୁଦ୍ଧିଜୀବୀ ସାଧାରଣରେ ମତ ରଖିବାକୁ ଡରିଲେଣି। ଏହା ଜଣାଶୁଣା ଯେ, ଥରେ ଯୁଦ୍ଧ ହେଲେ ଦୁଇ ପକ୍ଷ ମଧ୍ୟରେ ମାନବ ସମ୍ବଳଠାରୁ ଆରମ୍ଭ କରି ଅପର୍ଯ୍ୟାପ୍ତ ଆର୍ଥିକ କ୍ଷତି ଘଟିଥାଏ । କୌତୂହଳର ବିଷୟ ହେଉଛି, ୧୪ ଫେବୃୟାରୀ ପୁଲ୍‌ୱାମା ଆକ୍ରମଣ ଏବଂ ସେହି ଘଟଣାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଯୁଦ୍ଧର ଆଖ୍ୟା ଦେଇ ଏବେ ତଥାକଥିତ ଦେଶପ୍ରେମୀ ଓ ଦେଶଦ୍ରୋହୀଙ୍କ ମଧ୍ୟରେ ରେଖା ଟଣାଯାଉଛି। ବାସ୍ତବରେ କୌଣସି ଯୁଦ୍ଧ ଘଟି ନାହିଁ ବୋଲି ସ୍ପଷ୍ଟ ଜଣାପଡ଼େ। ଏହାବ୍ୟତୀତ ସେହି ତଥାକଥିତ କାର୍ଯ୍ୟାନୁଷ୍ଠାନ ବା 'ଯୁଦ୍ଧ' ପରେ ମଧ୍ୟ ଭାରତୀୟ ସୈନ୍ୟଙ୍କ ନିତିଦିନ ମୃତ୍ୟୁ ଘଟୁଛି। କେବଳ ରାଜନୈତିକ ଫାଇଦାକୁ ଆଖିରେ ରଖି ଯେଉଁ ଡ୍ରାମା କରାଯାଉଛି, ତାହାକୁ ସାଧାରଣ ନାଗରିକ ବୁଝିବାରେ ଅକ୍ଷମ। ଗୋଟିଏ ପଟେ ବାଲାକୋଟ୍ ଉପରେ ଭାରତୀୟ ବାୟୁସେନାର ଆକ୍ରମଣରୁ ଶାସକ ଦଳ ଫାଇଦା ଉଠାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବିରୋଧୀ ଏହା ଦ୍ୱାରା ଭାରତ କେଉଁ ଦୃଷ୍ଟିରୁ ଲାଭବାନ୍ ହୋଇଛି ବୋଲି ପ୍ରଶ୍ନ ଉଠାଇଲେଣି। ଉଦାହରଣ ସ୍ୱରୂପ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ବି.ଏସ୍. ୟେଦୁରପ୍ପା ବାଲାକୋଟ୍ ଆକ୍ରମଣ ପରେ ମନ୍ତବ୍ୟ ଦେଇଥିଲେ ଯେ, ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ତାଙ୍କ ଦଳକୁ ୨୮ରୁ ୨୨ ଲୋକ ସଭା ଆସନରେ ଜିତାଇବାରେ ସହାୟକ ହେବ। ସଶସ୍ତ୍ର ସେନାର କାର୍ଯ୍ୟଧାରାକୁ ରାଜନୀତି ଭିତରକୁ ଟାଣିଆଣି ଫାଇଦା ନେବାର ଏ ଯେଉଁ ଅପଚେଷ୍ଟା କରାଯାଇଛି ତାହା ଅତ୍ୟନ୍ତ ନିନ୍ଦନୀୟ। ଅନ୍ୟପକ୍ଷରେ ବାଲାକୋଟ୍‌ରେ ୩୫୦ ଆତଙ୍କବାଦୀଙ୍କୁ ମାରି ଦିଆଯାଇଥିବା ନେଇ ସରକାର କରୁଥିବା ଦାବିକୁ ବିରୋଧୀ ଗ୍ରହଣ କରିପାରିନାହାନ୍ତି। ସଂଖ୍ୟାକୁ ନେଇ ସନ୍ଦେହ ସୃଷ୍ଟି ହେବା ପରେ ଏହା ଉପରେ ଖୋଳତାଡ଼ ଆରମ୍ଭ ହୋଇଗଲାଣି। ମାର୍ଚ୍ଚ ୪ରେ ବାୟୁସେନା ମୁଖ୍ୟ ବି. ଏସ୍. ଧନୱା କହିଛନ୍ତି ଯେ, ତାଙ୍କ ବାହିନୀର ଲକ୍ଷ୍ୟ ହେଉଛି ଟାର୍ଗେଟ୍‌କୁ ମାଡ଼ କରିବା ଏବଂ ସଂଖ୍ୟା ଗଣି ସାଧାରଣରେ ଜଣାଇବା ସରକାରଙ୍କ ଦାୟିତ୍ୱ। ଏଥିରୁ ବୁଝିବାକୁ ହେବ ଯେ, ବାଲାକୋଟ୍ ଆକ୍ରମଣରେ ବ୍ୟବହୃତ ଯୁଦ୍ଧ ବିମାନ ଚାଳକଙ୍କ ମୃତ୍ୟୁସଂଖ୍ୟା ଗଣିବାର କୌଣସି ବ୍ୟବସ୍ଥା ନ ଥିଲା। ଏହା ବ୍ୟତୀତ ସେହି ଅଞ୍ଚଳର ଇନ୍‌ଫ୍ରାରେଡ୍ କ୍ୟାମେରା ମାଧ୍ୟମରେ ସାଟେଲାଇଟ୍‌ର ଫଟୋ ମଧ୍ୟ ଉଠାଇବାର ବ୍ୟବସ୍ଥା କରାଯାଇ ନ ଥିଲା। ଅପରପକ୍ଷରେ କ୍ରୋଧ ପ୍ରକାଶ କରାଯାଉଛି ଯେ, ସଶସ୍ତ୍ର ସେନାର କାର୍ଯ୍ୟକୁ ପ୍ରଶ୍ନ କରିବା କଥା ନୁହେଁ ଏବଂ ଯେଉଁ ବ୍ୟକ୍ତି ସେଭଳି କାର୍ଯ୍ୟ କରୁଛି ସିଏ ଦେଶ ବିରୋଧୀ। ଅନ୍ୟପଟେ ଶାସକ ଦଳ ଦ୍ୱାରା ପରିଚାଳିତ ସୋସିଆଲ ମିଡିଆରେ କୁହାଯାଇଥିଲା ଯେ, ବାଲାକୋଟ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କୌଣସି ସ୍ଥାନରେ ଏଭଳି ସଂଖ୍ୟା ସାଧାରଣରେ କହିନାହାନ୍ତି। ଅନ୍ୟ ଏକ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ଯୁଦ୍ଧ ସମ୍ପର୍କିତ ତଥ୍ୟ ଗଣମାଧ୍ୟମକୁ ବହିର୍ବ୍ୟାପାର ସଚିବ ବିଜୟ ଗୋଖଲେ ଦେବାକୁ ଆଗେଇ ଆସିଛନ୍ତି। କିନ୍ତୁ ପ୍ରତିରକ୍ଷା ସଚିବ ନୀରବ ରହୁଛନ୍ତି। ଏହି ୩୫୦ ମୃତ୍ୟୁସଂଖ୍ୟାକୁ ଏବେ ସରକାରୀ ସ୍ତରରେ କେହି ସ୍ୱୀକାର କରୁନାହାନ୍ତି। ବେସରକାରୀ ଭାବେ ଏହି ସଂଖ୍ୟା ଗଣମାଧ୍ୟମକୁ ଦିଆଯାଇଥିଲା। ତାହାକୁ ଦେଶର ବିଶେଷକରି ଓଡ଼ିଶାର କେତେକ ଆଗୁଆ ବୋଲାଉଥିବା ଟେଲିଭିଜନ ଚ୍ୟାନେଲ ଓ ଖବରକାଗଜ '୩୫୦ ନିପାତ' ଶୀର୍ଷକରେ ଖବର ଛାପିବାକୁ ହକହକ ହେଲେ। କେବଳ ଧରିତ୍ରୀ 'ସଂଖ୍ୟାକୁ ନେଇ ସନ୍ଦେହ' ଶୀର୍ଷକରେ ଖବର ୨୮ ଫେବୃୟାରୀରେ ପ୍ରକାଶ କରିଥିଲା।

ଆସିଷ୍ଟାଣ୍ଟ ପ୍ରଫେସର ସନ୍ଦୀପଙ୍କ ସୋସିଆଲ ମିଡିଆରେ ନିଜ ମନ୍ତବ୍ୟ ପୋଷ୍ଟ କରିବା ଓ ଏହା ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଦେଶରେ ଏକପ୍ରକାର ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଲାଗୁ ହେଲା ଭଳି ହୃଦ୍‌ବୋଧ ହେଉଛି ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ବାକ୍ ସ୍ୱାଧୀନତାର ଗୁରୁତ୍ୱ ରହିଆସିଛି। ଜଣେ ଦେଶଦ୍ରୋହ କାର୍ଯ୍ୟ କଲେ ତାଙ୍କୁ ଦଣ୍ଡିତ କରିବାରେ ଆପତ୍ତି ନାହିଁ। କିନ୍ତୁ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇଥିବାରୁ ତାଙ୍କ ପଦକ୍ଷେପକୁ ସମର୍ଥନ କରିବାରେ ଦ୍ୱିଧା ରହିବା କଥା ନୁହେଁ। ମାତ୍ର ସନ୍ଦୀପଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇ ତାଙ୍କ ଭଳି ଅନେକଙ୍କ ସ୍ୱରକୁ ଚାପି ଦିଆଗଲେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ। ତାଙ୍କୁ ବିରୋଧ କରୁଥିବା ବ୍ୟକ୍ତି ବୁଝିବା ଦରକାର ଯେ, ମତପ୍ରକାଶରେ ଯୁକ୍ତିଯୁକ୍ତ ଭିନ୍ନତା ରହିଲେ ସର୍ବସମ୍ମୁଖକୁ ସତ୍ୟ ଆସିପାରିବ। ସେଥିପାଇଁ ବିବିଧତା ମଧ୍ୟରେ ଏକତାକୁ ଭାରତର ସୌନ୍ଦର୍ଯ୍ୟ ବୋଲି କୁହାଯାଇଥାଏ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 1 | B | 2 | | | | | |
| | 1 | | 9 | 5 | | C | | | | | | | D | |
| D | | A | | | | | E | 9 | | | 8 | | 0 | 2 |
| 6 | 9 | 7 | | | | 4 | | | | | | 1 | | |
| E | 3 | 5 | | 7 | | | | 2 | | B | | | | |
| 3 | | | 0 | | | | | 7 | | | | B | E | |
| 2 | 4 | 0 | | D | | 1 | | | | | | A | | |
| 9 | | | | 3 | 2 | D | | | | 6 | | | 4 | 8 |
| | | 1 | C | | 4 | | | | B | | | | 5 | |
| | 6 | D | A | | | E | 2 | | | 4 | | | C | 0 |
| | | | 5 | 1 | | | 0 | | | C | | | | |
| | | | E | 2 | 9 | | | | | A | | | 8 | |
| | | | 8 | | | B | | | | 5 | 4 | | | A |
| | | C | | | | | | E | | 0 | | 5 | 2 | 6 |
| A | | | 4 | 6 | C | | | | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | E | C | 5 | 0 | 6 | 3 | D | 8 | 1 | 7 | A | 9 | 4 |
| A | 7 | 0 | 6 | 1 | 4 | 8 | B | E | 2 | 9 | C | D | 5 | 3 |
| 5 | D | 3 | A | 9 | 2 | 7 | 4 | C | 6 | E | B | 8 | 1 | 0 |
| C | 6 | 1 | 8 | B | 3 | 0 | 9 | 5 | D | A | 4 | E | 2 | 7 |
| 4 | 9 | 8 | E | 7 | D | A | 2 | 1 | 3 | 5 | 0 | 6 | B | C |
| 9 | E | B | 2 | 4 | 1 | 5 | 0 | 6 | 7 | C | 8 | 3 | A | D |
| 3 | 1 | D | 0 | A | 8 | 2 | C | 9 | 5 | B | 6 | 4 | 7 | E |
| 6 | 5 | 2 | B | D | 7 | 1 | E | A | 0 | 4 | 3 | 9 | C | 8 |
| 7 | 0 | C | 5 | E | 9 | 4 | 8 | 3 | 1 | D | A | B | 6 | 2 |
| 8 | 4 | A | 3 | 6 | C | D | 7 | B | E | 2 | 9 | 5 | 0 | 1 |
| D | A | 7 | 1 | 0 | 6 | E | 5 | 4 | 9 | 3 | 2 | C | 8 | B |
| E | 2 | 6 | D | C | A | B | 1 | 0 | 4 | 8 | 5 | 7 | 3 | 9 |
| 0 | 3 | 4 | 7 | 8 | B | 9 | A | 2 | C | 6 | E | 1 | D | 5 |
| 1 | C | 9 | 4 | 2 | 5 | 3 | 6 | 8 | B | 7 | D | 0 | E | A |
| B | 8 | 5 | 9 | 3 | E | C | D | 7 | A | 0 | 1 | 2 | 4 | 6 |

ଗତକାଲିର ଉତ୍ତର

# ଆଧୁନିକ ଓଡ଼ିଶାର ନିର୍ମାତା



ବୈକୁଣ୍ଠନାଥ ମିଶ୍ର

୧୯୮୩ ମସିହା ଜୁନ୍‌ରେ ଭାରତ ସରକାରଙ୍କ ସାଂସ୍କୃତିକ ଗବେଷଣା ଓ ତାଲିମ ପରିଷଦ (ସିସିଆରଟି) ଦ୍ୱାରା ଆୟୋଜିତ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶାରୁ ଆମେ ପ୍ରାୟ ଦଶଜଣ ଶିକ୍ଷକ ନୂଆଦିଲ୍ଲୀ ଯାଇଥିଲୁ। ଦିନେ ସନ୍ଧ୍ୟା ୬ଟା ସୁଦ୍ଧା ଆମେ କେତେଜଣ ଓଡ଼ିଆ ବନ୍ଧୁ କନଟ୍‌ପ୍ଲେସ ରୋଡରେ ଏକ ଷ୍ଟଲରୁ ଚା ପିଉଥାଉ ଓ ନିଜ ଭିତରେ ଖୁସିଗପରେ ମଜ୍ଜି ଯାଇଥାଉ। ଏହି ସମୟରେ ଏକ ମୋଟର କାର ଆମ ନିକଟରେ ଅଟକିଲା। କାର ଭିତରୁ କେହି ଜଣେ ଆମକୁ ଲକ୍ଷ୍ୟକରି କହିଲେ, ଶୁଣ ତୁମେମାନେ କିଏ, ଏଠାରେ କ'ଣ କରୁଛ ? ଆମେ ପ୍ରବଳ ଉତ୍ସୁକତାର ସହ କାର ନିକଟକୁ ଯାଇ ଦେଖିଲୁ ଆମ ପ୍ରିୟ ନେତା ବିଜୁବାବୁ କାର ପଛ ସିଟ୍‌ରେ ତାଙ୍କ ସ୍ୱଭାବସୁଲଭ ଠାଣିରେ ବସିଥାନ୍ତି। ଆମେ ଯେତେବେଳେ କହିଲୁ ଆମେ ଶିକ୍ଷକ, ସେ କୃତ୍ରିମ ବିରକ୍ତି ପ୍ରକାଶ କରି କହିଲେ, ଓଃ ଗଡ୍ ତୁମେ ମାଷ୍ଟର ! ତୁମ କଥାବାର୍ତ୍ତାରୁ ତ ତୁମେ ମାଷ୍ଟର ବୋଲି ଜଣାଯାଉ ନାହଁ। ମୁଁ ହଠାତ୍ କହି ପକାଇଲି, ସରି ସାର୍। ସେ ମୋ ମୁଣ୍ଡକୁ ଟିକେ ଆଉଁଶି ଦେଇ କହିଲେ, ଓକେ। ତୁମେ ଏଇଠି ଥାଅ। କୁଆଡେ ଯିବନି, ମୁଁ ଆସୁଛି। ସତକୁସତ ୧୫ ମିନିଟ୍ ପରେ ଗୋଟିଏ ଭ୍ୟାନ୍ ଆମ ପାଖରେ ଲାଗିଲା। ଚାଳକ ଆମକୁ ହିନ୍ଦୀରେ କହିଲେ– ସାର୍ କହିଛନ୍ତି, ଆପଣମାନେ ଗାଡିରେ ବସନ୍ତୁ। ଡ୍ରାଇଭର ଆମକୁ ଦିଲ୍ଲୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇ ରାତି ୯ଟା ସୁଦ୍ଧା ଏକ ଦାମୀ ହୋଟେଲରେ ଆମ ଖାଦ୍ୟ ବ୍ୟବସ୍ଥା କରି ରାଣୀ ଝାନ୍ସୀ ରୋଡ୍‌ରେ ଥିବା ଆମ ଗେଷ୍ଟହାଉସ୍‌ରେ ଛାଡି ଚାଲିଗଲା। ବିଜୁବାବୁଙ୍କ ସହ ଆଉ ଆମର ସାକ୍ଷାତ୍ ହୋଇନାହିଁ। ଏ ଥିଲା ଜଣେ ଓଡ଼ିଆପ୍ରେମୀ ଦରଦୀ ମଣିଷର କଥା, ଯାହା ମୋ ପରି ଅନେକଙ୍କ ପାଇଁ ଏକ ଅଭୁଲା ସ୍ମୃତି।

ବିଜୁ ପଟ୍ଟନାୟକ ଥିଲେ ଓଡ଼ିଆ ପ୍ରାଣସ୍ପନ୍ଦନର ସଞ୍ଚାଳକ। ଓଡ଼ିଆ ଜାତିକୁ ଭଲ ପାଇବା ଓ ଓଡ଼ିଶାର ଦାରିଦ୍ର୍ୟକୁ ପରାହତ କରି ବିକାଶର ଉନ୍ମେଷ କରିବା ଥିଲା ତାଙ୍କର ସ୍ୱପ୍ନ। ରାଉରକେଲା ଇସ୍ପାତ କାରଖାନା, ପାରାଦୀପ ବନ୍ଦର, ଚୌଦ୍ୱାର ଲୁଗା ଓ କାଗଜକଳ, ସୁନାବେଡା ମିଗ୍ ବିମାନ କାରଖାନା ତାଙ୍କ ଯାଦୁକରୀ ସ୍ପର୍ଶର ନମୁନା। ଓଡ଼ିଶାର ସାମୂହିକ ବିକାଶ ଥିଲା ତାଙ୍କର ସ୍ୱପ୍ନ। କେବଳ ଓଡ଼ିଶା ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ତାଙ୍କର ବଳିଷ୍ଠ ନେତୃତ୍ୱ ଓ ତ୍ୟାଗପୂତ ଅବଦାନ ତାଙ୍କୁ ଗୌରବବିଭୂଷିତ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜିମାନଙ୍କ କବଳରୁ ରୁଷିଆକୁ ରକ୍ଷା କରିବାକୁ ଯାଇ ରୁଷିଆକୁ ଗୁପ୍ତରେ ଯୁଦ୍ଧାସ୍ତ୍ର ଯୋଗାଇବା ଥିଲା ତାଙ୍କର ଏକ ବିରଳ କୃତିତ୍ୱ। ସେଥିପାଇଁ ରୁଷିଆ ଭଳି ଏକ ପ୍ରଭାବଶାଳୀ ରାଷ୍ଟ୍ରର ରାଷ୍ଟ୍ରୀୟ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ସେହିପରି ପଣ୍ଡିତ ନେହେରୁଙ୍କ ପରାମର୍ଶକ୍ରମେ ଏକ ଘଡିସନ୍ଧି ମୁହୂର୍ତ୍ତରେ ବିଜୁବାବୁ ନିଜେ ବିମାନ ଚଳାଇ ଇଣ୍ଡୋନେସିଆର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଡଚ୍‌ମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏହା ଥିଲା ଅତ୍ୟନ୍ତ ବିପଜ୍ଜନକ। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର'ରେ ସମ୍ମାନିତ କରାଯାଇଥିଲା। ଏହି



ବିଜୁବାବୁଙ୍କ ଜୟନ୍ତୀ ଉପଲକ୍ଷେ

ସମ୍ମାନରୁ ଉପଲବ୍ଧ କୋଟି କୋଟି ଟଙ୍କାର ସମ୍ପତ୍ତିକୁ ସେ ଇଣ୍ଡୋନେସିଆର ଜନତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଇଥିଲେ। କେବଳ ସେତିକି ନୁହେଁ, ୧୯୯୫ ଅଗଷ୍ଟ ୧୭ ତାରିଖ ଇଣ୍ଡୋନେସିଆ ସ୍ୱାଧୀନତା ପ୍ରାପ୍ତିର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବିଜୁବାବୁଙ୍କୁ ସେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ 'ବୀରତୁଙ୍ଗ ଯଶ ଉତ୍ତମ' ଉପାଧିରେ ଭୂଷିତ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ମାତ୍ର ଦୁଇଜଣ ଭାରତୀୟ ରାଷ୍ଟ୍ରନାୟକ ବିଦେଶ ମାଟିରେ ସମ୍ମାନିତ ହେବାର ଗୌରବ ଅର୍ଜନ କରିଛନ୍ତି। ସେମାନେ ହେଲେ ବିଜୁ ପଟ୍ଟନାୟକ ଓ ମୋରାରଜୀ ଦେଶାଇ। ବିଜୁ ପଟ୍ଟନାୟକ ରୁଷିଆ ଓ ଇଣ୍ଡୋନେସିଆ ଦ୍ୱାରା ଉଚ୍ଚ ସମ୍ମାନିତ ହୋଇଥିବା ବେଳେ ମୋରାରଜୀ ଦେଶାଇ ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ ନିଶାନ–ଇ–ପାକିସ୍ତାନ ଉପାଧିରେ ଭୂଷିତ ହୋଇଥିଲେ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ମୋରାରଜୀଙ୍କୁ ଭାରତରତ୍ନ ମିଳିସାରିଥିବା ବେଳେ କାହିଁକି କେଜାଣି ବିଜୁବାବୁ ଏଥିରୁ ବଞ୍ଚିତ ହୋଇଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ରର ଏହା ଅନ୍ୟତମ ଉଦାସୀନତା ନୁହେଁ ତ! ସେହିପରି ପାର୍ଲାମେଣ୍ଟ ଭବନରେ ବିଜୁବାବୁଙ୍କର ତୈଳଚିତ୍ରଟିଏ ସ୍ଥାନିତ ନ ହେବା କୋଟି କୋଟି ଓଡ଼ିଆଙ୍କୁ ମର୍ମାହତ କରିଛି।

ସ୍ୱାଧୀନତୋତ୍ତର ଭାରତବର୍ଷରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଜମ୍ମୁ–କଶ୍ମୀରରେ ତଥାପି ରାଜତନ୍ତ୍ର ଥିଲା ଓ ଏହାର ଶାସକ ଥିଲେ ମହାରାଜା ହରି ସିଂ। କଥା ଥିଲା ରାଜା ନିଜେ ଇଚ୍ଛା ନ କରିବା ପର୍ଯ୍ୟନ୍ତ ଜମ୍ମୁ–କଶ୍ମୀର ଭାରତ ସହ ମିଶିବ ନାହିଁ। ଯୁବକ ବିଜୁ ପଟ୍ଟନାୟକ ତତ୍କାଳୀନ ବୈଦେଶିକ ମନ୍ତ୍ରୀ କୃଷ୍ଣ ମେନନ୍‌ଙ୍କୁ ନେଇ ରାଜା ହରି ସିଂଙ୍କ ସହ ଆଲୋଚନା କଲେ। ବିଜୁବାବୁଙ୍କର ବ୍ୟକ୍ତିତ୍ୱ, ଶାଳୀନତା ଓ ବଚନଶୈଳୀ ଏତେ ଆକର୍ଷଣୀୟ ଥିଲା ଯେ ମହାରାଜା ହରି ସିଂ ଗଭୀର ପ୍ରଭାବିତ ହୋଇ ଜମ୍ମୁ–କଶ୍ମୀରର ଭାରତ ସହ ମିଶ୍ରଣକୁ ସବୁଜ ସଙ୍କେତ ଦେଲେ। ଏହା ସେତେବେଳେ ଅନେକଙ୍କୁ ବିସ୍ମିତ କରିଥିଲା। ଚାଇନା ଆକ୍ରମଣ ସମୟରେ ବିଜୁବାବୁ ଦୁର୍ଗମ ତଥା ସୀମାନ୍ତ ଲଦାଖ ଅଞ୍ଚଳରେ ଡାକୋଟା ବିମାନ ଚଳାଇ ସୈନ୍ୟମାନଙ୍କୁ ଗୁପ୍ତରେ ଖାଦ୍ୟପାନୀୟ ଯୋଗାଇ ସେମାନଙ୍କର ମନୋବଳ ବଢ଼ାଇଥିଲେ। ସେହିପରି ୧୯୬୫ ଭାରତ–ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଆୟୁବ ଖାଁ ସବୁ ମୁସଲମାନ ରାଷ୍ଟ୍ରର ସମର୍ଥନ ପାଇଥିଲେ ମଧ୍ୟ ଇଣ୍ଡୋନେସିଆରୁ ନିରାଶ ହେବାକୁ ପଡିଥିଲା। କାରଣ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଅନୁରୋଧକ୍ରମେ ବିଜୁବାବୁ ସସ୍ତ୍ରୀକ ଇଣ୍ଡୋନେସିଆ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ପାକିସ୍ତାନକୁ ସାହାଯ୍ୟ ନ କରିବାକୁ ପ୍ରବର୍ତ୍ତାଇଥିଲେ ଓ ସେଥିରେ ସଫଳ ହୋଇଥିଲେ। ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ବିଜୁବାବୁ ବ୍ରିଟିଶ ଉଡାଜାହାଜରେ ଅତି ଗୋପନୀୟ ଭାବେ ଅଚ୍ୟୁତ ପଟ୍ଟବର୍ଦ୍ଧନ, ପଟ୍ଟାଭି ସୀତାରାମାୟା, ଅରୁଣା ଆସଫ ଅଲ୍ଲୀ ଓ ଜୟପ୍ରକାଶ ନାରାୟଣଙ୍କୁ ନିରାପଦରେ ଗୋଟିଏ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ପହଞ୍ଚାଇ ଆନ୍ଦୋଳନକୁ ତୀବ୍ରତର କରିବାରେ ସହାୟକ ହୋଇଥିଲେ।

ବିଜୁବାବୁ ୧୯୬୧ ଜୁନ୍ ୨୩ରେ ପ୍ରଥମଥର ମୁଖ୍ୟମନ୍ତ୍ରୀ ହୋଇ ୧୯୬୩ ଅକ୍ଟୋବର ୧ରେ କାମରାଜ ଯୋଜନାକୁ ବିରୋଧ କରି ଇସ୍ତଫା ଦେଲେ। ପୁନର୍ବାର ଜନତା ସରକାରର ନେତୃତ୍ୱ ନେଇ ୧୯୯୦ ମାର୍ଚ୍ଚ ୫ ତାରିଖ ଅର୍ଥାତ୍ ତାଙ୍କ ଜନ୍ମ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ପୂରା ୫ ବର୍ଷ ଶାସନ କରିଥିଲେ। ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁବାବୁଙ୍କ ଅକ୍ଷୟ କୀର୍ତ୍ତି ଚିରଭାସ୍ୱର ରହିବ। ୧୯୫୧ରେ ୟୁନେସ୍କୋ ଜରିଆରେ କଳିଙ୍ଗ ପୁରସ୍କାର ପ୍ରଚଳନ କରାଇ ସେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୧୯୬୦ ଅକ୍ଟୋବର ୧ରେ କଳିଙ୍ଗ ଟ୍ରଷ୍ଟ ତରଫରୁ କଳିଙ୍ଗ ନାମକ ଏକ ଦୈନିକ ଖବରକାଗଜ ପ୍ରଚଳନ କରାଇଥିଲେ। ଓଡ଼ିଶାର ନାମମାନଙ୍କ ଭିତରୁ କଳିଙ୍ଗ ନାମଟି ତାଙ୍କର ଅତି ପ୍ରିୟ ଥିଲା। ବିଜୁବାବୁ ଥିଲେ ସମାନତାର ପ୍ରତୀକ। ଅବହେଳିତ ଶିକ୍ଷକ ସମାଜ ପ୍ରତି ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଅନୁଦାନପ୍ରାପ୍ତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ସେ ୧୯୯୪ ମସିହା ଜୁନ ୭ରେ ସରକାରୀ କରି ବିଭିନ୍ନ ବର୍ଗର ବିଦ୍ୟାଳୟ ଓ ଶିକ୍ଷକଙ୍କ ମଧ୍ୟରେ ସମାନତା ସ୍ଥାପନ କରିଥିଲେ। ଅମଲାତନ୍ତ୍ର ତଥା ନିଜ ମନ୍ତ୍ରିମଣ୍ଡଳର କେତେକ ସଭ୍ୟଙ୍କ ପ୍ରତିକୂଳ ମତାମତକୁ ସେ ଭ୍ରୂକ୍ଷେପ ନ କରି ଏହି ଐତିହାସିକ ନିଷ୍ପତ୍ତି ନେଇଥିଲେ। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଅନେକ ବିଭାଗର କାର୍ଯ୍ୟବନ୍ଦ ଆନ୍ଦୋଳନ ହୋଇଥିଲେ ମଧ୍ୟ ରାଜ୍ୟ ସଚିବାଳୟ କର୍ମଚାରୀସମୂହର କାର୍ଯ୍ୟବନ୍ଦ ଆନ୍ଦୋଳନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ ତାଙ୍କ ନିଷ୍ପତ୍ତିରେ ସର୍ବଦା ଅଟଳ ରହୁଥିଲେ। ତାଙ୍କର ଗୋଟିଏ କଥା ସମସ୍ତଙ୍କୁ ଅଭିଭୂତ କରିଥିଲା। ସେ ଥରେ କହିଲେ ଅଫିସର ହେଉ ଅବା ଶିକ୍ଷକ ଚାକିରି ଛାଡି ରାଜନୀତିରେ ଯୋଗ ଦେଇ ମୋ ସ୍ଥାନ ଦଖଲ କରିପାରେ। କିନ୍ତୁ ଲକ୍ଷେ ବିଜୁ ପଟ୍ଟନାୟକ ଇଚ୍ଛା କଲେ ମଧ୍ୟ ଶିକ୍ଷକଟିଏ ବା ସାଧାରଣ କର୍ମଚାରୀଟିଏ ହୋଇପାରିବ ନାହିଁ। ତାଙ୍କ ନିକଟରେ ନ ଥିଲା ଶତ୍ରୁମିତ୍ରର ଭେଦଭାବ। ବିରୋଧୀ ନେତାଙ୍କୁ ସମ୍ମାନ ଦେବା ଏବଂ ତାଙ୍କ କଥା ଶୁଣିବା ଥିଲା ବିଜୁଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ମତରେ ବିଜୁବାବୁ କେବଳ ରାଜନେତା ନ ଥିଲେ, ସେ ଥିଲେ ଜଣେ ଦୁଃସାହସିକ ଯୋଦ୍ଧା, ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ, ସଫଳ ଜନନାୟକ ଓ ଆଧୁନିକ ଓଡ଼ିଶାର ନିର୍ମାତା।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ପାପ ଓ ପୁଣ୍ୟ

ରମେଶ ଚନ୍ଦ୍ର ସାମଲ

ସମସ୍ତେ ବିଶ୍ୱାସ କରନ୍ତି ଅନ୍ୟର ମଙ୍ଗଳ କଲେ ନିଜର ମଙ୍ଗଳ ହୁଏ। ଇହଲୋକରେ ସୁଖ ଶାନ୍ତି, ଐଶ୍ୱର୍ଯ୍ୟ ପ୍ରାପ୍ତି ହେବା ସହିତ ପରଲୋକରେ ସ୍ୱର୍ଗପ୍ରାପ୍ତି ହୁଏ, ଯେଉଁଠି ଦୁଃଖ, ଯାତନା, ଅଭାବ, ଅନଟନର ଚିହ୍ନବର୍ଣ୍ଣ ନ ଥାଏ। ଅପରପକ୍ଷେ ପାପକାମ କଲେ, ପରକୁ ପୀଡ଼ା ଦେଲେ ନିଜକୁ ଅଶେଷ ଦୁଃଖ, ଦଣ୍ଡ ଜୀବିତାବସ୍ଥାରେ ମିଳିବା ସହିତ ମରିଗଲେ ଯମଦଣ୍ଡ ଭୋଗ କରିବାକୁ ପଡ଼େ, ଯାହାକୁ କୁହାଯାଏ ନର୍କଯନ୍ତ୍ରଣା। ସ୍ୱର୍ଗଲୋକ କିମ୍ବା ନର୍କଲୋକ ଆମେ କେହି ଦେଖିନୁ। କିନ୍ତୁ ବହୁକ୍ଷେତ୍ରରେ ଦେଖିଛୁ ପୁଣ୍ୟାତ୍ମା ଲୋକ କିପରି ଇହଲୋକରେ ସୁଖଶାନ୍ତି ଭୋଗକରି ଶେଷରେ ଦୁଃଖଯନ୍ତ୍ରଣାହୀନ ସ୍ୱାଭାବିକ ମୃତ୍ୟୁଲାଭ କରନ୍ତି। ପାପୀ ଲୋକ ସେମାନଙ୍କର ପାପ, ନୀଚ ଆଚରଣ ପାଇଁ ବିଭିନ୍ନ ରୋଗ ଯନ୍ତ୍ରଣା ପାଇବା ସହିତ ଦେଶର ନ୍ୟାୟିକ ବ୍ୟବସ୍ଥା ଅନୁଯାୟୀ ଦଣ୍ଡିତ ହୁଅନ୍ତି। କେହି କେହି ଆକସ୍ମିକ ଦୁର୍ଘଟଣାରେ ଅଥବା ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ, ପରିବାର ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ବାଟଘାଟରେ ପୋକମାଛି ଭଳି ମରନ୍ତି। କର୍ମ ନେଇ ଫଳ। ଗୀତା ଅନୁଯାୟୀ ଜୀବନରେ ଭଲ କାମ କଲେ ସଦ୍‌ଗତି ହୁଏ, ଅର୍ଥାତ୍ ମୃତ୍ୟୁ ପରେ ପରଜନ୍ମରେ ଉତ୍ତମ କୁଳରେ ଜନ୍ମଲାଭ କରନ୍ତି। ଜାତିସ୍ମରମାନଙ୍କର ପୂର୍ବଜନ୍ମର ବର୍ଣ୍ଣନାରୁ ଆମେ ପୂର୍ବ ଓ ପର ଜନ୍ମ ସମ୍ବନ୍ଧରେ ବହୁ ସୂଚନା ପାଉ। ସେମାନେ ତାଙ୍କ ପୂର୍ବଜନ୍ମ ବିଷୟରେ ଯାହାସବୁ କହନ୍ତି ଅନୁସନ୍ଧାନ ପରେ ଦେଖାଯାଇଛି ସେ ସବୁ ସତ। ଏହା ଅବଶ୍ୟ ବୈଜ୍ଞାନିକମାନଙ୍କ ଦ୍ୱାରା ସତ୍ୟସିଦ୍ଧ ଘୋଷଣା କରାଯାଇନି। ମୂଳରୁ ବିଶ୍ୱାସ କରୁ ନ ଥିବାରୁ ବୈଜ୍ଞାନିକମାନେ ଏ ବିଷୟରେ ଗବେଷଣା ଆରମ୍ଭ ହିଁ କରିନାହାନ୍ତି। କିନ୍ତୁ ଗବେଷଣା କରାଗଲେ ଏ ସମ୍ବନ୍ଧରେ ସତ୍ୟ ଉନ୍ମୋଚିତ ହୋଇପାରିବ।

ବେଳେ ବେଳେ ଆମେ ଅନୁଭବ କରୁ କେତେକ ଲୋକ ଭଲକାମ କରି ମନ୍ଦଫଳ ପାଆନ୍ତି ଏବଂ ଦୁଷ୍ଟ ଲୋକ ଯେତେ ଦୁଷ୍କର୍ମ କଲେ ମଧ ଧନସମ୍ମାନ ପାଆନ୍ତି। ଏସବୁ ପୂର୍ବଜନ୍ମର ଫଳ। ଏ ଜନ୍ମର ସତ୍ ବା ଅସତ୍ କର୍ମର ଫଳ ସେମାନଙ୍କୁ ଏ ଜନ୍ମରେ ପରବର୍ତ୍ତୀ ସମୟରେ ବା ପରଜନ୍ମରେ ଭୋଗ କରିବାକୁ ପଡ଼ିପାରେ। ଏଣୁ ସାମୟିକ ଭାବେ ପୁଣ୍ୟାତ୍ମାଙ୍କୁ କିଛି ଦୁଃଖକଷ୍ଟ ଓ ଖଳଲୋକଙ୍କୁ ସୁଖଶାନ୍ତି ମିଳିଥାଏ।

ଭାଗବତରେ ଭଗବାନ୍ କହିଛନ୍ତି, ''ମୋଠାରେ ଯିଏ କରେ ଆଶ, ମୁଁ କରେ ତା'ର ସର୍ବନାଶ। ତଥାପି ଯଦି କରେ ଆଶ, ଅବଶ୍ୟ ପୂରାଏ ମାନସ।'' ଏଣୁ ଭଲଲୋକ ଫଳ ପାଇବାରେ ବିଳମ୍ବ ହୁଏ। ମହାରାଜା ବଳୀର ସର୍ବସ୍ୱ ହରଣ, ଭକ୍ତ ପ୍ରହ୍ଲାଦଙ୍କୁ ପିତା ହିରଣ୍ୟକଶିପୁ ଦ୍ୱାରା କଷ୍ଟ–ନିର୍ଯାତନା ଓ ବାଳକ ଧ୍ରୁବର କଠୋର ତପସ୍ୟାର ପରୀକ୍ଷା ପରେ ସେ ଏମାନଙ୍କୁ ସର୍ବ ଐଶ୍ୱର୍ଯ୍ୟ ପ୍ରଦାନ କରିଛନ୍ତି। ଦୁଷ୍ଟ ଓ ଖଳ ଲୋକଙ୍କୁ ସୁଖ ଆନନ୍ଦ ଖୁବ୍‌ଶୀଘ୍ର ପ୍ରାପ୍ତ ହୋଇଥାଏ। ଦୁଷ୍ଟ ଖଳ ଲୋକଙ୍କର ଆମେ ଯେଉଁ ଧନଜନ, ମାନପ୍ରତିଷ୍ଠା ଦେଖୁ ତାହା ମଧ ଭଗବାନଙ୍କର ଆଉ ଗୋଟିଏ ପ୍ରକାର ବିଚାର। ସେ ପାପୀକୁ ବହୁ ସୁଯୋଗ ଦିଅନ୍ତି, ନିଜକୁ ସଜାଡିନେଇ ଧର୍ମପଥକୁ ଫେରି ଆସିବାକୁ। ପାପର ଭାର ଅଧିକ ହେଲେ ଦୋଷୀକୁ ଦଣ୍ଡ ଦେଇ ଅଧର୍ମର ବିନାଶ ଓ ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ସେ ଧରାପୃଷ୍ଠରେ ଅବତରଣ କରନ୍ତି।

ଏବେ ପ୍ରଶ୍ନ ଉଠୁଛି ସେଇ ଭଗବାନଙ୍କର ସତ୍ତା ଯଦି ସମସ୍ତଙ୍କ ଦେହରେ ବିଦ୍ୟମାନ, ତେବେ କେତେକେ କାହିଁକି ପାପ କରନ୍ତି ଅନ୍ୟ କେତେକ ପୁଣ୍ୟ। ଏହାର ଉତ୍ତରରେ ଏହା କୁହାଯାଇପାରେ ଯେ ଆକାଶରୁ ମେଘ ସୃଷ୍ଟି ହୋଇ ବର୍ଷା ହୁଏ। ଏହାର ଜଳବିନ୍ଦୁ ପରିଷ୍କାର ନଦୀ ହ୍ରଦ ପୁଷ୍କରିଣୀରେ ପଡି ପବିତ୍ର ରହେ। ଯେଉଁଠାରେ ଏହି ବୃଷ୍ଟିଜଳ ନାଳନର୍ଦ୍ଦମା, ଅପରିଷ୍କାର ସ୍ଥାନରେ ପଡ଼େ ତାହା ଅପବିତ୍ର ଓ ରୋଗ ସୃଷ୍ଟିକାରୀ ହୋଇ ଜୀବଜଗତର କ୍ଷତି କରେ। ଶୁଦ୍ଧଜଳ ସେ ପର୍ଯ୍ୟନ୍ତ ବିଶୁଦ୍ଧ ରହେ ଯେ ପର୍ଯ୍ୟନ୍ତ ଏହା ଦୂଷିତ ଜଳ କିମ୍ବା ଦୂଷିତ ପଦାର୍ଥ ସହ ମିଶି ନ ଥାଏ। ଅନୁରୂପ ଭାବେ ପ୍ରତ୍ୟେକ ମାନବଶିଶୁ ଜନ୍ମ ସମୟରେ ସରଳ, ନିଷ୍କପଟ ହୋଇ ଜନ୍ମଲାଭ କରିଥାନ୍ତି। ଯେଉଁ ପରିସ୍ଥିତି ଓ ପରିବେଶ ସଂସ୍ପର୍ଶରେ ସେମାନେ ଆସନ୍ତି ସେହିଭଳି ଆଚରଣ ପ୍ରଦର୍ଶନ କରନ୍ତି। ଏହାର ବହୁ ଉଦାହରଣ ସମାଜରେ ଦେଖିବାକୁ ମିଳେ। ଆମେ ଆମ ଅନୁଭୂତିରୁ ଜାଣୁ ଯେ କେତେକ କାମ କରିବାକୁ ଗଲାବେଳେ ମନରେ ଦ୍ୱିଧା ଆସେ। ଖରାପ କାମ କରିବାକୁ ବିବେକ ବାଧା ଦିଏ। ଖଳଲୋକ ଏସବୁ ବାଧାକୁ ଏଡେଇ ନିଜର ସ୍ୱାର୍ଥ ପାଇଁ ଅନ୍ୟର କ୍ଷତି ବିନା ଦ୍ୱିଧାରେ କରିଯାଏ। ଅପରପକ୍ଷରେ ସାଧୁ ନିଜ ସ୍ୱାର୍ଥକୁ ପରହିତ ପାଇଁ ଜଳାଞ୍ଜଳି ଦିଏ। କାମ, କ୍ରୋଧ ହିଁ ମଣିଷର ପରମ ଶତ୍ରୁ। ଏହା ପାପପ୍ରବୃତ୍ତିର ମୁଖ୍ୟ କାରଣ। ଏ ସଂକ୍ରାନ୍ତରେ ଗୀତାର ତୃତୀୟ ଅଧ୍ୟାୟରେ କୁହାଯାଇଛି– ''କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ, ମହାଶନୋ ମହାପାପ୍ମାନ୍ ବିଦ୍ଧ୍ୟେନମିହ ବୈରୀଣାମ୍'। ନିଜ ପ୍ରବୃତ୍ତିକୁ ଦମନ କରିବାକୁ ହେଲେ ଇନ୍ଦ୍ରିୟମାନଙ୍କୁ ପ୍ରଥମେ ଦମନ କରିବା ଦରକାର। ଏହା କରିବା କଷ୍ଟକର ହେଲେ ମଧ ଅସାଧ ନୁହେଁ। ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏହାକୁ ବଶୀଭୂତ କରାଯାଇପାରେ। ନିଜ ମନକୁ ଜୟ କରିପାରିଲେ ସାରା ବିଶ୍ୱକୁ ଜୟ କରିହେବ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ–୯୪୩୯୮୭୯୦୨୨

## ଏଇ ଭାରତରେ

ତାଜମହଲଠାରୁ ୨ କିମି ଦୂରରେ ଏଭଳି ଏକ ଗାଁ ଅଛି ଯେଉଁଠି ଏକତୃତୀୟାଂଶ ଲୋକଙ୍କ ପାଖରେ ରହିଛି ଗାଈ ଓ ମଇଁଷି। ଫତେହାବାଦ୍‌କୁ ଲାଗିଥିବା କୁଆଁଖେହା ଗାଁଟି ତାଜମହଲଠାରୁ ବି ପୁରାତନ। ଗାଁରେ ପାଖାପାଖି ୧୨ଶହ ଲୋକ ରୁହନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯଦୁବଂଶୀ। ଗାଁର ୬ଶହ ପରିବାର ମଧ୍ୟରୁ ୪ଶହଙ୍କ ପାଖରେ ଗାଈ ଓ ମଇଁଷି ଅଛି। ଏଠାରେ ୭ ପିଢ଼ି ହେବ କେହି କେବେ କ୍ଷୀର ବିକ୍ରି କରି ନ ଥିବା କୁହାଯାଏ। କାହିଁ କେଉଁ କାଳରୁ ଏହି ପ୍ରଥା ଚଳିଆସୁଛି। ଲୋକଙ୍କ କହିବାନୁଯାୟୀ, ଏହି ଗାଁକୁ ଅଭିଶାପ ମିଳିଛି। ଯିଏ କ୍ଷୀର ବିକିବ, ସେ ଅନେକ କଷ୍ଟ ସହିବ। ଲୋକେ କହନ୍ତି ଯଦି ଗାଁର କୌଣସି ବ୍ୟକ୍ତି ବାହାରେ କ୍ଷୀର ବିକନ୍ତି, ତେବେ ତାଙ୍କର ଆର୍ଥିକ ଓ ଶାରୀରିକ ଅବସ୍ଥା ଧୀରେ ଧୀରେ ଖରାପ ହେବାରେ ଲାଗେ। ଯିଏ ଏଠାରେ କ୍ଷୀର ବିକିବାକୁ ଚେଷ୍ଟା କରିଛି, ପରବର୍ତ୍ତୀ ସମୟରେ ତାଙ୍କ ପିଲାଙ୍କର ଏବଂ ଗୋରୁଙ୍କର ବି ମୃତ୍ୟୁ ଘଟିଛି। ଏହାକୁ କେତେକେ କୁସଂସ୍କାର କହୁଥିଲେ ମଧ୍ୟ ଏହାର ରହସ୍ୟ ଏ ପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରି ନାହିଁ।

### ଚିରନ୍ତନୀ

ଗଳଇ ରୁଧିରରାଶି ଯନ୍ତ୍ରଣାର କ୍ଷତ ଅବକାଶ
ନିତି ପ୍ରଦୋଷ ଉଷାରେ ସେ ବେଦନା ଲଭଇ ପ୍ରକାଶ
ପରାଚୀ ପ୍ରତୀଚୀ ଭାଲେ ରକତର ରାଗେ,
ବିରହର ଶତ କ୍ଷତ ଦାଗେ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

**୫ ମାର୍ଚ୍ଚ ୧୯୯୪**

- ବୋସନିଆ ମୁସଲିମ୍ ଓ କ୍ରୋଏସୀୟମାନଙ୍କ ମଧ୍ୟରେ ଏକ ରାଷ୍ଟ୍ରସଂଘ ଗଠନ ପାଇଁ ରାଜିନାମା ସ୍ୱାକ୍ଷରିତ।
- ଆର୍ମେନିଆସ୍ଥିତ ନାଗୋର୍ଣ୍ଣୋ–କାରାବାଖ ବିବାଦୀୟ ଅଞ୍ଚଳରେ ସରକାରୀ ସୈନ୍ୟମାନଙ୍କ ସହ ଆଜାରବୈଜାନ ଅଧିବାସୀଙ୍କ ମଧ୍ୟରେ ସଂଘର୍ଷରେ ୭୦ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ସମସ୍ତେ ଭୋଟ ଦିଅନ୍ତୁ

ମହାଶୟ,

ଯେଉଁ ଭୋଟରମାନେ ଅଭ୍ୟାସଗତ ଭାବେ ଭୋଟ ଦେବାକୁ ଯାଉନାହାନ୍ତି, ମୋ ମତରେ ସେମାନଙ୍କର ସମସ୍ତ ସରକାରୀ ସୁବିଧା ପ୍ରତ୍ୟାହାର କରାଯିବା ଉଚିତ। ଭୋଟ ଦେବାର ସମସ୍ତ ସୁବିଧା ଥିଲେ ମଧ୍ୟ, ଏପରି କି କୌଣସି ପ୍ରାର୍ଥୀ ପସନ୍ଦ ନ ହେଲେ କାହାକୁ ଭୋଟ ନ ଦେବା ବା ନୋଟାରେ ଭୋଟ ଦେବା ବ୍ୟବସ୍ଥା ଥିଲେ ବି କାହିଁକି ଏମାନେ ଭୋଟ ଦେବାକୁ ଯିବେ ନାହିଁ ? ଅଥଚ ସରକାରଙ୍କ ସମସ୍ତ ସୁବିଧା ଉପଭୋଗ କରିବେ। ମୋର ଅନୁରୋଧ ସମସ୍ତ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରନ୍ତୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଶୃଙ୍ଖଳା ଓ ସଂସ୍କାର କେବଳ ଆଲୋଚନାରେ

ଧରିତ୍ରୀ (୧୮।୨)ରେ ଗୋବର୍ଦ୍ଧନ ପୀଠରେ ଶଙ୍କରାଚାର୍ଯ୍ୟଙ୍କ ସଭାପତିତ୍ୱରେ ଶ୍ରୀମନ୍ଦିରରେ ସଂସ୍କାର ଓ ଶୃଙ୍ଖଳା ସମ୍ବନ୍ଧୀୟ ଆଲୋଚନା ଖବର ପ୍ରକାଶ ପାଇଛି। ମୁଖ୍ୟ ପ୍ରଶାସକଙ୍କ ନିକଟରେ ଶଙ୍କରାଚାର୍ଯ୍ୟ ୧୪ଟି ପ୍ରସ୍ତାବ ରଖିଛନ୍ତି ଏବଂ ପ୍ରତି ତିନିମାସରେ ବୈଠକ ବସିବା ନିମନ୍ତେ ସ୍ଥିର ହୋଇଛି। ବ୍ରହ୍ମ ବିଭ୍ରାଟଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଉପବାସ ରଖିବା ପରି କାର୍ଯ୍ୟ କୋଟି କୋଟି ହିନ୍ଦୁଙ୍କ ଭାବନାରେ କୁଠାରାଘାତ କରିଛି। ଏପରି ବିଶୃଙ୍ଖଳାକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସବୁ ବିଶୃଙ୍ଖଳାର ଶିକାର ହେଉଛନ୍ତି ମହାପ୍ରଭୁ। ସଂସ୍କାର, ଶୃଙ୍ଖଳା ଆଦି ଚର୍ଚ୍ଚାର ବିଷୟ ହୋଇଛି। କିନ୍ତୁ ଫଳ ଶୂନ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ରାଫାଲ ଯୁଦ୍ଧବିମାନ ଥିଲେ ପାକିସ୍ତାନ ବିରୋଧୀ କାର୍ଯ୍ୟାନୁଷ୍ଠାନର ଫଳ ଅଲଗା ହୋଇଥାନ୍ତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରୁଛନ୍ତି। ସରକାରରେ ୫ ବର୍ଷ ଥାଇ ଗୋଟିଏ ବି ରାଫାଲ ବାୟୁସେନାରେ ସାମିଲ କରିନାହାନ୍ତି।

- ମାୟାବତୀ, ବିଏସ୍‌ପି ଅଧକ୍ଷା

## ସଂକ୍ଷେପରେ

### ପାକିସ୍ତାନୀ ଡ୍ରୋନ୍‌କୁ ଖସାଇଲା ବାୟୁସେନା



**ନୂଆଦିଲ୍ଲୀ,୪।୩(ଆଇଏଏନ୍‌ଏସ)**-ରାଜସ୍ଥାନ ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାର ବିକାନେର-ନାଲ୍ ସେକ୍ଟରରେ ସୋମବାର ସକାଳେ ପାକିସ୍ତାନର ଏକ ଡ୍ରୋନ ଉଡୁଥିବାବେଳେ ଭାରତୀୟ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ ଯୁଦ୍ଧବିମାନ ଏହାକୁ ଖସାଇଦେଇଛି। ଡ୍ରୋନ୍‌ଟି ଭାରତୀୟ ସୀମାରେ ଉଡୁଥିବା ରାଡାର ସିଷ୍ଟମ୍‌ରେ ଧରାପଡିବା ପରେ ଏହାକୁ ଖସାଇବା ପାଇଁ ସୁଖୋଇ ବିମାନକୁ ପଠାଯାଇଥିଲା। ସୀମାରେ ବାୟୁସେନା ସଜାଗ ରହିଛି ଏବଂ ଯେକୌଣି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ଏହାର ମୁଖ୍ୟ ବି.ଏସ୍. ଧନୋଆ କହିଛନ୍ତି। ଭାରତ ମଧକୁ ଗୁପ୍ତଚର ଡ୍ରୋନ୍ ପଠାଇବା ୬ ଦିନ ମଧରେ ପାକିସ୍ତାନର ଏହା ଦ୍ୱିତୀୟ ଉଦ୍ୟମ ଥିଲା।

### ଜାତିସଂଘ ଆଗରେ ଭାରତୀୟ-ଆମେରିକୀୟଙ୍କ ବିକ୍ଷୋଭ




**ନ୍ୟୁୟର୍କ,୪।୩(ପି.ଟି.)**-ପୁଲୱାମା ଆକ୍ରମଣ ବିରୋଧରେ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ମାଟିରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ ଇସ୍‌ଲାମାବାଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଗତମାସ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲୱାମାରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଭ୍ୟାନକୁ ଏକ ବସ୍ ସହ ଧକ୍କା କରାଇବାରୁ ସେଥିରେ ଥିବା ୪୯ ସିଆରପିଏଫ ଯବାନ ଶହୀଦ ହୋଇଥିଲେ। ପାକିସ୍ତାନ ମାଟିରୁ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟ ବିରୋଧରେ ବିକ୍ଷୋଭକାରୀ ସ୍ଲୋଗାନ ଦେବା ସହ ଜେଇଏମ୍ ଓ ଏହାର ନେତା ମାସୁଦ ଆଝାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

### ଗ୍ରୀନ ଟ୍ରିବ୍ୟୁନାଲର ପରାମର୍ଶ
### ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ ନିଷିଦ୍ଧ ହେଉ

**ନୂଆଦିଲ୍ଲୀ,୪।୩(ପି.ଟି.)**-ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନିଷିଦ୍ଧ କରିବା ଉପରେ ବିଚାର କରିବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ ସୋମବାର ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସପ୍ତାହେ ମଧରେ ଏକ ବୈଠକ ଡାକିବା ଲାଗି ଟ୍ରିବ୍ୟୁନାଲ କହିଛନ୍ତି। ନିର୍ବାଚନ ପ୍ରଚାର ଲାଗି ପ୍ରସ୍ତୁତ ବ୍ୟାନର, ହୋର୍ଡିଂ ଇତ୍ୟାଦିରେ ପିଭିସି, ସିନ୍ଥେଟିକ ପ୍ଲାଷ୍ଟିକ ପଲିମର ଏବଂ କ୍ଲୋରିନେଟେଡ୍ ପ୍ଲାଷ୍ଟିକର ବ୍ୟବହାର କରାଯାଉଛି, ଯାହା ପରିବେଶର କ୍ଷତି କରୁଛି। ଏଗୁଡ଼ିକୁ ନିଷିଦ୍ଧ କରିବା ଲାଗି ଡବ୍ଲ୍ୟୁ. ଏଡୱିନ୍ ୱିଲସନ ଗ୍ରୀନ ଟ୍ରିବ୍ୟୁନାଲରେ ପିଟିଶନ ଦାଏର କରିଥିଲେ।

### ଇତିହାସର ଆଇନାରେ
### ମାର୍ଚ୍ଚ ୫ର ପ୍ରମୁଖ ଘଟଣା

୧୯୩୧ ମାର୍ଚ୍ଚ ୫ରେ ବ୍ରିଟିଶ୍ ଶାସନ ଅମଳରେ ଗାନ୍ଧୀ-ଇରଓ୍ୱିନ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୧୮୫୮ରୁ ୧୯୪୭ ମଧରେ ବ୍ରିଟିଶ୍ ଶାସନାଧୀନ ଭାରତକୁ ବ୍ରିଟିଶ୍ ଇଣ୍ଡିଆ ବୋଲି କୁହାଯାଏ। ଏହି ଅଞ୍ଚଳ ପ୍ରତ୍ୟକ୍ଷ ଭାବରେ ବ୍ରିଟେନ୍ ଦ୍ୱାରା ଶାସିତ ହେଉଥିଲା। ଭାରତର ଆଉ କେତେକ ଅଞ୍ଚଳ ସ୍ୱଦେଶୀ ରାଜାଙ୍କ ଅଧୀନରେ ଥିଲା। ସେଗୁଡିକ ରାଜା ଶାସନାଧୀନ ରାଜ୍ୟ ବୋଲି କୁହାଯାଉଥିଲା।

୨୦୧୨ ମାର୍ଚ୍ଚ ୫ରେ କ୍ରାନ୍ତୀୟ ଘୂର୍ଣ୍ଣିଝଡ଼ ଯୋଗୁ ମାଡାଗାସ୍କରରେ ୭୫ ଲୋକଙ୍କ ମୃତ୍ୟୁ ଘଟିଥିଲା। ମାଡାଗାସ୍କରକୁ ପୂର୍ବରୁ ମାଲାଗାସି ରିପବ୍ଲିକ୍ କୁହାଯାଉଥିଲା। ଭାରତ ମହାସାଗରର ଏହା ଏକ ଦ୍ୱୀପରାଷ୍ଟ୍ର। ପୂର୍ବ-ଆଫ୍ରିକୀୟ ଉପକୂଳଠାରୁ ଏହା ୨୫୦ ମାଇଲ୍ ଦୂରରେ ଅବସ୍ଥିତ। ମାଡାଗାସ୍କର ବିଶ୍ୱର ଚତୁର୍ଥ ବୃହତ୍ତମ ଦ୍ୱୀପ। ମାଡାଗାସ୍କର ଦ୍ୱୀପ ସମେତ କେତୋଟି ଛୋଟ ଛୋଟ ଦ୍ୱୀପକୁ ନେଇ ଏହି ଦେଶ ଗଠିତ।

# ବାଲାକୋଟ୍‌କୁ ନେଇ ବାକ୍‌ଯୁଦ୍ଧ

ନୂଆଦିଲ୍ଲୀ,୪।୩(ପି.ଟି.)



- ବାୟୁସେନା କାର୍ଯ୍ୟାନୁଷ୍ଠାନର ପ୍ରମାଣ ମାଗିଲା କଂଗ୍ରେସ
- ସେନାକୁ ଅସମ୍ମାନିତ କରନାହିଁ: ଭାଜପା

**ଆତଙ୍କବାଦୀଙ୍କ ସଂଖ୍ୟାକୁ ନେଇ ସନ୍ଦେହ**

ପୁଲୱାମା ଆତଙ୍କବାଦୀ ଆକ୍ରମଣର ୧୨ ଦିନ ପରେ ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ପଶି ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ଜିହାଦ ପ୍ରଶିକ୍ଷଣ ଶିବିର ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୩୫୦ ଆତଙ୍କବାଦୀଙ୍କ ମୁଣ୍ଡ ଗଡିଥିଲା ବୋଲି ସେତେବେଳେ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଏହି ସଂଖ୍ୟା କେତେଦୂର ସତ୍ୟ ତାହାକୁ ନେଇ ବିରୋଧୀ ଦଳଗୁଡିକ ପ୍ରଶ୍ନ ଉଠାଇଛନ୍ତି। ଫଳରେ ଶାସକ ଓ ବିରୋଧୀ ନେତାଙ୍କ ମଧରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି।

କେତେ ଆତଙ୍କବାଦୀ ମରିଛନ୍ତି ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସରକାରଙ୍କ କୌଣସି ମୁଖପାତ୍ର କହିନାହାନ୍ତି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଏସ୍.ଏସ୍. ଆହଲୁୱାଲିଆ ସୂଚନା ଦେବା ପରେ ଏହାକୁ ନେଇ ରାଜନୀତି ପୁଣି ଜୋର ଧରିଛି। କେତେ ସଂଖ୍ୟାରେ ଆତଙ୍କବାଦୀ ନିହତ ହୋଇଛନ୍ତି ତା'ର ପ୍ରମାଣ ପ୍ରଧାନମନ୍ତ୍ରୀ ଦିଅନ୍ତୁ ବୋଲି କଂଗ୍ରେସ ସୋମବାର ଦାବି କରିଛି। ଗଣମାଧମରେ ପ୍ରକାଶିତ ସଂଖ୍ୟା ଭୁଲ୍ ବୋଲି କେନ୍ଦ୍ରମନ୍ତ୍ରୀ କହିସାରିଛନ୍ତି।



"ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ବାୟୁସେନା (ଆଇଏଏଫ)ର କାମ। କେତେଜଣ ଆତଙ୍କବାଦୀ ମଲେ ତାହା ଗଣିବା ଏହାର ଦାୟିତ୍ୱ ନୁହେଁ।

-ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ

ତେଣୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପ୍ରକୃତ ସତ୍ୟ ଜଣାନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ଆତଙ୍କବାଦର ରାଜନୀତିକରଣ କରୁଛନ୍ତି। ବାଲାକୋଟ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀଙ୍କର କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧମଗୁଡିକ ପ୍ରକାଶ କରିଥିବାରୁ ଜେଇଏମ୍‌ର ସବୁଠୁ ବଡ଼ ଶିବିର ଧ୍ୱଂସ ହୋଇଥିବାର ପ୍ରମାଣ ସରକାର ଦିଅନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଏବଂ କପିଲ ସିବଲ ଦାବି କରିଛନ୍ତି।

ଦେଶର ସୈନ୍ୟବାହିନୀକୁ ସମସ୍ତେ ବିଶ୍ୱାସ କରିବା ଓ ସେମାନଙ୍କୁ ନେଇ ଗର୍ବ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯିବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ ଓ'ବ୍ରିଏନ ଏହାକୁ ନେଇ ପ୍ରଧାନମନ୍ତ୍ରୀ ଓ ଭାଜପା ଅଧକ୍ଷ ଅମିତ ଶାହଙ୍କ ଉପରେ ବର୍ଷିଛନ୍ତି। ଆମେ ସେନାକୁ ବିଶ୍ୱାସ କରୁଛୁ ଓ ସେମାନଙ୍କ ପାଇଁ ଗର୍ବ କରୁଛୁ। ତେବେ ଆମେ ଜୁମ୍‌ଲା ଯୋଡ଼ିଙ୍କୁ ବିଶ୍ୱାସ କରୁନାହୁଁ ବୋଲି ସେ କହିଛନ୍ତି।

ବିନା ଯୋଜନାରେ ଯବାନଙ୍କୁ ମରିବା ପାଇଁ ପଠାଯାଇଥିଲା ନା କେବଳ ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ପଠାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତିନିଦିନ ତଳେ ଟିଏମ୍‌ସି ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। କୌଣସି କ୍ଷତି ହୋଇ ନ ଥିବା ଅନ୍ତର୍ଜାତୀୟ ଗଣମାଧମ କହୁଥିବାବେଳେ କେଉଁଠି ବୋମା ପଡ଼ିଥିଲା ସରକାର ସ୍ପଷ୍ଟ କରନ୍ତୁ ବୋଲି ମମତା କହିଥିଲେ। ଆମେ ସରକାରଙ୍କୁ ବିଶ୍ୱାସ କରିବାକୁ ପ୍ରସ୍ତୁତ। କିନ୍ତୁ ବିଶ୍ୱ ସମୁଦାୟକୁ ବିଶ୍ୱାସ ଦେବା ଲାଗି କେନ୍ଦ୍ର ଉଦ୍ୟମ କରୁ ବୋଲି କଂଗ୍ରେସ ନେତା ପି. ଚିଦାମ୍ବରମ କହିଛନ୍ତି।

ଅନ୍ୟ ପକ୍ଷରେ ବାଲାକୋଟ କାର୍ଯ୍ୟାନୁଷ୍ଠାନରେ ୨୫୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ରବିବାର ଅମିତ ଶାହ କହିଥିଲାବେଳେ ଏପର୍ଯ୍ୟନ୍ତ ସରକାରୀ ଭାବେ କିଛି କୁହାଯାଇ ନାହିଁ। ଏହାଦ୍ୱାରା ଶାହ ସେନାକୁ ମିଛୁଆ ବନାଇଛନ୍ତି। କୌଣସି ପରିସ୍ଥିତିରେ ଦେଶ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।

କାର୍ଯ୍ୟାନୁଷ୍ଠାନ ତଥ୍ୟ ପ୍ରକାଶ ପାଇଲେ ପଡୋଶୀ ଦେଶ ପାଇଁ ସହାୟକ ହେବା ଆଳ ଦେଖାଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏହା ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି। ମିଥ୍ୟା ଏବଂ ମନଗଢ଼ା କାହାଣୀ ମାଧମରେ ଦେଶବାସୀଙ୍କୁ ବିଭ୍ରାନ୍ତ ନ କରିବାକୁ ଭାଜପା କଂଗ୍ରେସକୁ କହିଛି। ବିରୋଧୀ ଦଳ ସେନାର ଅପମାନ ନ କରୁ ବୋଲି କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଆବାସ ନକ୍‌ଭି କହିଛନ୍ତି।

## ୩୦୦ ମୋବାଇଲ ସକ୍ରିୟ ଥିଲା

**ନୂଆଦିଲ୍ଲୀ,୪।୩(ପି.ଟି.)**– ଗତ ୨୬ ତାରିଖରେ ବାଲାକୋଟ ଜେଇଏମ୍ ଶିବିର ଉପରେ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସେଠାରେ ୩୦୦ ମୋବାଇଲ ଫୋନ୍ ସକ୍ରିୟ ଥିବା ଜାତୀୟ ବୈଷୟିକ ଗବେଷଣା ସଂଗଠନ (ଏନ୍‌ଟିଆର୍‌ଓ) ଅନୁଧ୍ୟାନରୁ ଜାଣିପାରିଥିଲା। ଶିବିରରେ ୩୦୦ ଆତଙ୍କବାଦୀ ରହିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ଏକ ସୂତ୍ର କହିଛି। ଏହା ପରେ କାର୍ଯ୍ୟାନୁଷ୍ଠାନ ଲାଗି ବାୟୁସେନାକୁ ଅନୁମତି ମିଳିଥିଲା। ୧୨ଟି ମିରାଜ ୨୦୦୦ ଯୁଦ୍ଧବିମାନ ପାକିସ୍ତାନ ବାୟୁସୀମା ଅତିକ୍ରମ କରି ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ୧୦୦୦ କିଲୋଗ୍ରାମ ବୋମା ପକାଇଥିଲା। କାର୍ଯ୍ୟାନୁଷ୍ଠାନର କିଛି ଘଣ୍ଟା ପରେ ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଗଣମାଧମକୁ ସୂଚନା ଦେଇଥିଲେ।

# ମୁଁ ନୋବେଲ ଶାନ୍ତି ପୁରସ୍କାରର ଯୋଗ୍ୟ ନୁହେଁ: ଇମ୍ରାନ୍

ଇସ୍‌ଲାମାବାଦ,୪।୩(ପି.ଟି.)



ଯିଏ କଶ୍ମୀର ପ୍ରସଙ୍ଗର ସମାଧାନ କରିପାରିବେ ଏବଂ ଉକ୍ତ ଉପମହାଦେଶରେ ଶାନ୍ତି ଓ ମାନବ ସମ୍ବଳ ବିକାଶକୁ ଆଗେଇ ନେବେ, ସେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିଛନ୍ତି। ଭାରତ ସହ ଉତ୍ତେଜନା ହ୍ରାସ ଉଦ୍ୟମ ଲାଗି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଦାବିରେ ପାକିସ୍ତାନୀ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ଇମ୍ରାନ କହିଛନ୍ତି। ଏହି ମନ୍ତବ୍ୟକୁ ତାଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ହିନ୍ଦୀରେ ଟୁଇଟ୍ କରିଛି। ପୁଲୱାମା ଘଟଣା ପରେ ଦୁଇ ଦେଶ ମଧରେ ଉତ୍ତେଜନା ହ୍ରାସ ପାଇଁ ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ମୁକ୍ତ କରିଦେବା ଲାଗି ଇମ୍ରାନ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ଗତ ୨ ତାରିଖରେ ପାକ୍ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଥିଲା।

## ବସ୍ ସେବା ବନ୍ଦ କଲା ପାକିସ୍ତାନ

ପୁଞ୍ଛ,୪।୩

ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନଙ୍କୁ ମୁକ୍ତ କରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତକୁ ଶାନ୍ତିର ବାର୍ତ୍ତା ଦେଇଛନ୍ତି। ଆପୋସ ଆଲୋଚନା ଦ୍ୱାରା ଉଭୟ ଦେଶ ମଧରେ ରହିଥିବା ତିକ୍ତତା ଦୂର କରିବାକୁ ସେ ତତ୍ପରତା ଦେଖାଇଛନ୍ତି। ଶାନ୍ତି ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଖାନ୍ ତାଙ୍କ ଇଚ୍ଛାଶକ୍ତି ଜାହିର କରିଥିବାବେଳେ ଏହା କାର୍ଯ୍ୟକାରୀ ହେବା ପୂର୍ବରୁ କଶ୍ମୀରର ପୁଞ୍ଛ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ରାୱଲକୋଟ ମଧରେ ସାପ୍ତାହିକ ବସ୍‌ସେବାକୁ ପାକିସ୍ତାନ ବନ୍ଦ କରିଦେଇଛି। ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଏହି ଦୁଇ ସହର ମଧରେ ସମ୍ପର୍କର ସେତୁ ହୋଇଥିବା ଯାତ୍ରୀବାହୀ ବସ ସୋମବାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ନିକଟରେ ପହଞ୍ଚିଥିବାବେଳେ ପାକିସ୍ତାନ ପଟୁ ଗେଟ୍ ବନ୍ଦ କରି ଦିଆଯାଇଥିଲା। ଦୀର୍ଘସମୟ ଧରି ଗେଟ୍ ନ ଖୋଲିବା ପରେ ଯାତ୍ରା ବାତିଲ୍ ହୋଇଥିଲା। ଉକ୍ତ ବସ୍‌ରେ ଯାତ୍ରା କରୁଥିବା ମୀରପୁରର ସୟିଦ୍ ବୁଖାରୀ ଏହା କହିଛନ୍ତି। ଫେବୃୟାରୀ ୧୪ରେ କଶ୍ମୀରର ପୁଲୱାମାଠାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତ୍ମଘାତୀ ଆକ୍ରମଣ ପରେ ବସ୍‌ସେବାକୁ ରଦ୍ଦ କରାଯାଇଥିଲା। ତେବେ ସୋମବାରରୁ ଦୁଇ ଦେଶ ମଧରେ ସମ୍‌ଝୌତା ଏକ୍ସପ୍ରେସ ସେବା ପୁନଃ ଚାଲୁ ହୋଇଥିବା ବେଳେ ପୁଞ୍ଛ-ରାୱଲାକୋଟ ବସଯାତ୍ରାରେ ପାକିସ୍ତାନ ରୋକ୍ ଲଗାଇଛି।



## ■ ପାକିସ୍ତାନକୁ ଇରାନର ଚେତାବନୀ
# ଆତଙ୍କବାଦୀଙ୍କୁ କାବୁ କର

ତେହେରାନ,୪।୩

**ଇରାନୀ ସେନା ଟାର୍ଗେଟ୍‌ରେ ଆତଙ୍କବାଦୀ କ୍ୟାମ୍ପ୍**



ଭାରତୀୟ ବାୟୁସେନା ପାଇଲଟ୍ ଅଭିନନ୍ଦନ ବର୍ଥମାନ ମୁକ୍ତ ହେବା ପରେ ଭାରତ ଓ ପାକିସ୍ତାନ ମଧରେ ଯୁଦ୍ଧ ପରିସ୍ଥିତି ଟଳିଛି। ମାତ୍ର ସୀମାରେଖାରେ ଉତ୍ତେଜନା ଏବେ ବି ବଳବତ୍ତର ରହିଥିବା ବେଳେ ଆତଙ୍କବାଦୀଙ୍କ ଉପରେ ଲଗାମ ଲଗାଇବାକୁ ପଡ଼ୋଶୀ ଇରାନ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛି। ଫେବୃୟାରୀରେ ଇରାନିୟାନ୍ ଇସ୍‌ଲାମିକ୍ ରିଭୋଲ୍ୟୁଶନାରୀ ଗାର୍ଡ ଫୋର୍ସ ଗାଡ଼ି ଉପରେ ହୋଇଥିବା ଆକ୍ରମଣ ପଛରେ ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ଉଲ୍-ଆଦଲ୍‌ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତେହେରାନ ଏହାର ପ୍ରତିଶୋଧ ନିଆଯିବ ବୋଲି ଇସ୍‌ଲାମାବାଦ୍‌କୁ ଜଣାଇଛି। ଗାର୍ଡ ଫୋର୍ସ କମାଣ୍ଡର ମେଜର ଜେନେରାଲ୍ ମହମ୍ମଦ ଅଲ୍ଲି ଜାଫରୀ ସୁରକ୍ଷା ଯବାନଙ୍କୁ ଆକ୍ରମଣ ଘଟଣାରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭୂମିକାକୁ ଦାୟୀ କରିଛନ୍ତି। ପାକିସ୍ତାନରୁ ଜୈଶ୍-ଇ-ମହମ୍ମଦ କଶ୍ମୀରର ପୁଲ୍‌ୱାମାରେ ଭାରତୀୟ ସୁରକ୍ଷା ଯବାନଙ୍କ ଉପରେ ଆତ୍ମଘାତୀ ବିସ୍ଫୋରଣ ଷଡ଼ଯନ୍ତ୍ର ରଚିଥିବା ବେଳେ ଜୈଶ-ଇ-ଆଦଲ୍ ଇରାନ ସୁରକ୍ଷା ବଳଙ୍କୁ ଟାର୍ଗେଟ୍ କରିଥିବା ଜାଫରୀ କହିଛନ୍ତି। ଆକ୍ରମଣରେ ୨୭ ଯବାନ ପ୍ରାଣ ହରାଇଥିବାବେଳେ ୧୩ ଆହତ ହୋଇଛନ୍ତି। ଯବାନଙ୍କ ବଳିଦାନ ବରଦାସ୍ତ କରାଯିବନି। ଯଦି ପାକିସ୍ତାନ ସେନା ଓ ସୁରକ୍ଷା ବଳ ଆତଙ୍କବାଦୀ ଗୋଷ୍ଠୀଙ୍କ ଶକ୍ତି ବୃଦ୍ଧିକୁ ନ ରୋକେ, ଇରାନ ସେନା ଇସ୍‌ଲାମାବାଦ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପାକିସ୍ତାନରେ ରହିଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିବାକୁ ଯାଇ ଇରାନ ସେନା ଯୁଦ୍ଧ କରିବାକୁ ପଛାଇବ ନାହିଁ ବୋଲି ଜାଫରୀ କହିଛନ୍ତି। ଅନ୍ୟପଟେ, ପାକିସ୍ତାନ ସୀମାପଟୁ ଆତଙ୍କବାଦୀ ଗତିବିଧିକୁ ରୋକିବା ନେଇ ସୁଉଚ୍ଚ ପ୍ରାଚୀର ନିର୍ମାଣ କରାଯିବାକୁ ଇରାନ୍ ପାର୍ଲାମେଣ୍ଟର ବୈଦେଶିକ ନୀତି ଆୟୋଗ ଅଧକ୍ଷ ହେଶ୍‌ମାତୋଲ୍ଲା ଫାଲାହାତ୍‌ପିଶେହ ପ୍ରସ୍ତାବ ଦେଇଛନ୍ତି। ଆଫଗାନିସ୍ତାନ ଗୋଇନ୍ଦା ସଂସ୍ଥାର ପୂର୍ବତନ ମୁଖ୍ୟ ରାହାମାତୁଲ୍ଲା ନବିଲ ଜଣାଇଛନ୍ତି ଯେ, ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଆଇଏସ୍‌ଆଇ ୪୫ରୁ ୪୮ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛି। ଆତଙ୍କବାଦୀ ବିରୋଧରେ ଲଢ଼ାଇ ନେଇ ଭାରତ ଓ ଇରାନ ପରସ୍ପରକୁ ସହଯୋଗର ହାତ ବଢ଼ାଇଥିବା ବେଳେ ଖୁବ୍‌ଶୀଘ୍ର ଦୁଇ ଦେଶର ବୈଦେଶିକସ୍ତରୀୟ ବୈଠକ ହେବ। ସେଥିରେ ପାକିସ୍ତାନକୁ ଘେରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାଯାଇଛି।




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୭ | ୨୦.୮ |
| ଚାନ୍ଦବାଲି | ୩୨.୯ | ୨୩.୦ |
| କଟକ | ୩୩.୨ | ୨୦.୮ |
| ପାରାଦ୍ୱୀପ | ୨୯.୪ | ୨୪.୬ |
| ଭୁବନେଶ୍ୱର | ୩୪.୨ | ୨୨.୫ |
| ଗୋପାଳପୁର | ୩୦.୨ | ୨୪.୧ |
| ପୁରୀ | ୩୧.୨ | ୨୪.୬ |
| ଅନୁଗୋଳ | ୩୪.୯ | ୧୮.୦ |
| ବାରିପଦା | ୨୮.୪ | ୨୦.୨ |
| ଝାରସୁଗୁଡ଼ା | ୩୨.୩ | ୧୯.୪ |
| କେନ୍ଦୁଝର | ୨୮.୦ | ୧୮.୫ |
| ସମ୍ବଲପୁର | ୩୩.୮ | ୨୦.୧ |
| ସୁନ୍ଦରଗଡ଼ | ୩୧.୦ | ୧୩.୦ |
| ହୀରାକୁଦ | ୩୨.୭ | ୨୦.୩ |
| ତାଳଚେର | ୩୩.୩ | --- |
| ଭବାନୀପାଟଣା | ୩୫.୮ | ୨୨.୫ |
| ବଲାଙ୍ଗୀର | ୩୪.୫ | ୧୮.୫ |
| କୋରାପୁଟ | ୩୨.୦ | ୧୮.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୭.୦ | ୧୯.୦ |
| ସୋନପୁର | ୩୩.୮ | ୧୯.୨ |
| ଦାରିଙ୍ଗିବାଡ଼ି | ୩୦.୫ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍

## ମୋଦି, ଇମ୍ରାନ୍‌ଙ୍କୁ ୫୯ ନୋବେଲ ବିଜେତାଙ୍କ ଅନୁରୋଧ
# ସୀମାରେ ଶାନ୍ତି ବଜାୟ ରଖ

ୱାଶିଂଟନ୍,୪।୩



ମଲାଲା ୟୁସୁଫଜାଇ | କୈଳାସ ସତ୍ୟାର୍ଥୀ

୫୯ ନୋବେଲ ବିଜେତା ଦୁଇ ଦେଶ ମଧରେ ଉତ୍ତେଜନା ହ୍ରାସ ପାଇଁ ଭାରତ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ସମାଜସେବୀ କୈଳାସ ସତ୍ୟାର୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସଂସ୍ଥା ପକ୍ଷରୁ ନୋବେଲ୍ ବିଜେତାଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ଜାତିସଂଘରେ ଭାରତ ଓ ପାକିସ୍ତାନର ସ୍ଥାୟୀ ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଛି। ପିଲାଙ୍କ ସୁନ୍ଦର ଭବିଷ୍ୟତର ସୁରକ୍ଷା ପାଇଁ ଦୁଇ ନେତା ବିଜ୍ଞତାପୂର୍ଣ୍ଣ ନେତୃତ୍ୱ ପ୍ରଦର୍ଶନ କରିବା ସହିତ ଏଭଳି ସଂକଟଜନକ ପରିସ୍ଥିତିରେ ସଂଯମ ରକ୍ଷା କରନ୍ତୁ ବୋଲି ଶିଶୁ ଅଧିକାର କର୍ମୀ ଓ ନୋବେଲ ବିଜେତାମାନେ ନିବେଦନ କରିଛନ୍ତି। ଏକ ସଭ୍ୟ ଜଗତରେ ହିଂସା, ଚରମନୀତି ଏବଂ ଆତଙ୍କବାଦର ସ୍ଥାନ ନାହିଁ। ଦୃଢ଼ ଏବଂ ସମୟୋଚିତ ପଦକ୍ଷେପ ଦ୍ୱାରା ଏପରି ସଂକ୍ରାମକ ରୋଗର ମୂଳୋତ୍ପାଟନ କରାଯାଇ ପାରିବ। ଶିଶୁମାନେ ଆଦୌ ଯୁଦ୍ଧ ସୃଷ୍ଟି କରନ୍ତି ନାହିଁ। କିନ୍ତୁ ଏହାଦ୍ୱାରା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୁଅନ୍ତି। ତେଣୁ ଦୁଇ ପ୍ରଧାନମନ୍ତ୍ରୀ, ବିଶ୍ୱସନୀୟ ସଂସ୍ଥା, ଗଣମାଧମ, ଯୁବ ସମ୍ପ୍ରଦାୟ ଏବଂ ଉଭୟ ଦେଶର ନାଗରିକ ଦକ୍ଷିଣ ଏସିଆ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରାଯାଇଛି। ଶିଶୁ ଅଧିକାର କର୍ମୀ ତଥା ନୋବେଲ ବିଜେତା ମଲାଲା ୟୁସୁଫଜାଇ, ଲେଇମା ଜିବୋଇ, ଶିରିନ ଏବାଦି, ଟାୱାକଲ କର୍ମାନ, ମହମ୍ମଦ ୟୁନୁସ, ଜୋଶ୍ ରାମୋସ ହୋର୍ତ୍ତା, ଏଡଭାର୍ଡ ଇଙ୍ଗ୍‌ଜାଲ୍ଡ ମୋସେର ଏବଂ ମେ ବ୍ରିଟ୍ ମୋସ୍‌ଙ୍କ ସମେତ ଅନ୍ୟମାନେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି।

## କାହାଣୀକୁ ଦେଖି ଫିଲ୍ମ ବାଛନ୍ତି ଦିବ୍ୟା

**ନୂଆଦିଲ୍ଲୀ:** କାହାଣୀକୁ ଦେଖିବା ପରେ ଅଭିନୟ ପାଇଁ ଫିଲ୍ମକୁ ପସନ୍ଦ କରନ୍ତି ଦିବ୍ୟା ଦତ୍ତ। ଏ କଥା ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। 'ଦିଲ୍ ମାଙ୍ଗେ ମୋର୍'ର ଅଭିନେତ୍ରୀ ଦିବ୍ୟା ଦତ୍ତ ଭାରି ଲୋଭୀ ଏବଂ ଖୁବ୍ ବଛାବଛି କରନ୍ତି ବୋଲି କହିଛନ୍ତି। ୨୦୧୮ ତାଙ୍କ ପାଇଁ ଥିଲା ଖୁବ୍ ଘଟଣାବହୁଳ। କାରଣ ସେ ସର୍ବଶ୍ରେଷ୍ଠ ସହାୟିକା ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ଜିଣି ପାରିଥିଲେ। ବର୍ତ୍ତମାନ ୨୦୧୯ ତାଙ୍କ ପାଇଁ ବି ଖୁବ୍ ଚର୍ଚ୍ଚାର ବର୍ଷ। କାରଣ ମଲାଲା ୟୁସୁଫଜାଇଙ୍କ ବାୟୋପିକ୍ 'ଗୁଲ୍ ମାକାଇ', ନେଟ୍‌ଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଚିଲ୍‌ଡ୍ରେନ୍‌ସ ଫିଲ୍ମ 'ଝଲ୍‌କି... ଏ ଡିଫରେଣ୍ଟ ଚାଇଲ୍ଡହୁଡ୍' ଭଳି କେତେକ ଫିଲ୍ମ ତାଙ୍କ ହାତରେ ଅଛି। ତେବେ ସେ କେତେକ ବଛା ବଛା ଫିଲ୍ମରେ ଅଭିନୟ କରିବେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି।

ଦିବ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୪ରେ। 'ଇସ୍‌କ ମେଁ ଜୀନା ଇସ୍‌କ ମେଁ ମର୍‌ନା'ରେ ଅଭିନୟରୁ। 'ବୀର୍-ଜାରା', 'ଦିଲ୍ଲୀ-୬', 'ହିରୋଇନ୍', 'ଭାଗ୍ ମିଲ୍‌ଖା ଭାଗ୍', 'ଟ୍ରାଫିକ୍' ଏବଂ 'ଇରାଦା'ରେ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଦିବ୍ୟା ବେଶ୍ ପ୍ରଶଂସିତ। ଯେଉଁଥିପାଇଁ ସେ ଜାତୀୟ ପୁରସ୍କାର ଜିତି ପାରିଛନ୍ତି। ଯଶ ରାଜଙ୍କ ଫିଲ୍ମ ବ୍ୟାନରରେ ସେ ପ୍ରମୁଖ ଭୂମିକା ନେଉଛନ୍ତି କି ପ୍ରଶ୍ନରେ ସେ କହିଲେ, ବର୍ତ୍ତମାନ ସମୟ ପରିବର୍ତ୍ତନ ହୋଇଯାଇଛି। ପ୍ରତ୍ୟେକ ବ୍ୟକ୍ତି କାହାଣୀକୁ ପସନ୍ଦ କରୁଛନ୍ତି। ତଥାକଥିତ ଷ୍ଟାରମାନେ ସେଭଳି ଫିଲ୍ମରେ ଅଭିନୟ କରିବାକୁ ଚାହାନ୍ତି। ସେଥିରୁ ମୁଁ ବାଦ୍ ପଡିନାହିଁ। ଅବଶ୍ୟ ଯଶ ଚୋପ୍ରାଙ୍କ ଫିଲ୍ମରେ ଆମେ ଗଢ଼ିହୋଇଛୁ। ସୁଯୋଗ ମିଳିଲେ, ସେ ସିଫନ୍ ଶାଢ଼ି ପିନ୍ଧି ଆଲପ୍‌ସ ପର୍ବତ ଉପରେ ନିଶ୍ଚୟ ନାଚିପାରିବି ବୋଲି ହସି ହସି ପ୍ରକାଶ କରିଥିଲେ।





ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ,
ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
–ଆଇନଷ୍ଟାଇନ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ଦେବଗଡ଼,୪।୩ (ସ୍ୱ.ପ୍ର.)**- ରିଆମାଳ ଥାନା ଅଧୀନ ପାଇକମାଲ-ରେଙ୍ଗାଲବେଡ଼ା ରାସ୍ତା ମଝିରେ ଏକ ବାଇକ୍ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବାଇକ୍ ଚାଳକ ପାଇକନଗର ଗ୍ରାମର ଆଦିତ୍ୟ ପ୍ରସାଦ ଅମାନ୍ତ(୩୨)ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଆଦିତ୍ୟ ଏକ ବାଇକ୍ ଯୋଗେ ରେଙ୍ଗାଲବେଡ଼ା ଆସୁଥିଲେ। ହେଲେ ରାସ୍ତାମଝିରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦେବଗଡ଼ ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଆଦିତ୍ୟ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କୁ ହରାଇ ସ୍ତ୍ରୀ ଓ ୩ ବର୍ଷର ଶିଶୁ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି।

# ସୁରକ୍ଷା ପାଇଁ ଶପଥ ନେଲେ କର୍ମଚାରୀ, ଅଧିକାରୀ

**ସମ୍ବଲପୁର, ୪।୩ (ବ୍ୟୁରୋ)**

ହିଣ୍ଡାଲକୋ ହୀରାକୁଦ ସ୍ମେଲଟର୍ ଓ ପାୱାର ପକ୍ଷରୁ ୪୮ତମ ଜାତୀୟ ସୁରକ୍ଷା ସପ୍ତାହ ସୋମବାର ପାଳିତ ହୋଇଯାଇଛି। ଚଳିତ ମାସ ୧୧ ତାରିଖ ଏହା ଉଦ୍‌ଯାପିତ ହେବ । ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ଫାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ଅନୀଲ କୁମାର ନନ୍ଦ ଏବଂ ହିଣ୍ଡାଲକୋ କ୍ଲଷ୍ଟର ମୁଖ୍ୟ ରାଜେଶ କୁମାର ଗୁପ୍ତା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ମେଲଟର୍ ମୁଖ୍ୟ ଜେ.ପି. ନାୟକ, ପାୱାର ମୁଖ୍ୟ ଅରୁଣ ପୌଦାର, ୟୁନିୟନ ଉପସଭାପତି ସୁଶାନ୍ତ କୁମାର ପଣ୍ଡା, ଏଚଆର ମୁଖ୍ୟ କ୍ରିଷ୍ଣା ପାଢ଼ୀ, ହୀରାକୁଦ କମ୍ପ୍ଲେକ୍ସ ସୁରକ୍ଷା ମୁଖ୍ୟ ବିଶ୍ୱଜିତ ଜୋହରଦାର୍ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ହୀରାକୁଦ କଲୋନୀର ଛାତ୍ରୀଛାତ୍ର, ଗୃହିଣୀ, କାରଖାନା ଠିକା ଶ୍ରମିକ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ସଚେତନତା ଶୀର୍ଷକ ପ୍ରତିଯୋଗିତା ହୋଇଥିଲା।



ସୋମବାର ହିଣ୍ଡାଲକୋ ହୀରାକୁଦ ସ୍ମେଲଟର୍ ଓ ପାୱାର ଆୟୋଜିତ ଜାତୀୟ ସୁରକ୍ଷା ସପ୍ତାହରେ ଶପଥ ପାଠ କରାଯାଉଛି ।

**ରେଙ୍ଗାଲି, ୪।୩ (ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ଠେଲକଲୋଇସ୍ଥିତ ଭୂଷଣ କାରଖାନା ପରିସରରେ ୪୮ତମ ଜାତୀୟ ସୁରକ୍ଷା ଦିବସ ପାଳନ ହୋଇଯାଇଛି । ସୋମବାର କାରଖାନା ପରିସରରେ ଅନୁଷ୍ଠିତ ଏହି ସୁରକ୍ଷା ଦିବସରେ ଆଇଆରପି ମୁଖ୍ୟ ସୁରେନ୍ଦ୍ର ରାଣାଡେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସମସ୍ତ ଶ୍ରମିକ ଏବଂ କର୍ମଚାରୀ ନିଜର ସୁରକ୍ଷା କରିବାକୁ ସଂକଳ୍ପ କରିଥିଲେ । କାରଖାନାରେ ଜିରୋ ଦୁର୍ଘଟଣାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ । ଏହି ଅବସରରେ ଏକ ସୁରକ୍ଷା ରଥର ଉଦ୍‌ଘାଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କାରଖାନାର ନିର୍ଦ୍ଦେଶକ ଦିନେଶ କୁମାର ଯାଦବ, ଅଗ୍ନି ଏବଂ ସୁରକ୍ଷା ଜିଏମ ଏସ.ପି. ମାହାକୁଡ, ମ୍ୟାନେଜର ପ୍ରଫୁଲ୍ଲ କୁମାର ନାଏକ, ଗୋପାଳ ଶର୍ମା, ଡା. ବି.ବି. ମଙ୍ଗରାଜ, ବି.ଆର. ପ୍ରସନ୍ନ, ଆରଆର ଶର୍ମା, ଏ.ଏନ. ସିଂ ଏବଂ କାରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାମ୍ପୁରି ମୁଣ୍ଡି
ଓଲେଇ ତୁଣ୍ଡି
ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ଯିଏ ନିଜ ମୁଣ୍ଡର କେଶ ବିନ୍ୟାସ ପ୍ରତି ଯତ୍ନଶୀଳ ନୁହେଁ ତା'ପକ୍ଷେ ରୋଷେଇ ଘରର ପରିଷ୍କାର ପରିଚ୍ଛନ୍ନତା ତଥା ପବିତ୍ରତା ପ୍ରତି ଦୃଷ୍ଟିଦେବା ଅସମ୍ଭବ ମନେହୋଇଥାଏ। ଏମାନଙ୍କ କାର୍ଯ୍ୟକଳାପ କେବେ ବି ସନ୍ତୋଷଜନକ ହୋଇପାରି ନ ଥାଏ। ସେହିପରି ସବୁବେଳେ ଯିଏ ଲୁଚେଇ ଛପେଇ ଖାଦ୍ୟ ଖାଇଥାଏ ସେ କେବେ ଭରସାଯୋଗ୍ୟ ହୋଇପାରୁ ନ ଥିବା ସ୍ଥଳେ ତାଙ୍କ ହାତରେ ହାଣ୍ଡିଶାଳର ଦାୟିତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁପୁ ଝୁପୁ ପାଣି ପଥର କାଟେ
ଟୁପୁଟୁପୁ କଥା ଅନ୍ତର କାଟେ ।**

ଝୁପୁ ଝୁପୁ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରରେ କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥର କାଟେ। ସେହିପରି ଚୁପ୍‌ଚାପ୍ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବକ୍ର ମନ୍ଦିର ହୁମା ବିମଳେଶ୍ୱର ବାବା ପୀଠରେ ଭକ୍ତଙ୍କ ଭିଡ଼

**ଧମା, ୪।୩ (ଡି.ଏନ.ଏ)**

ଅଷ୍ଟଶମ୍ଭୁ ମଧ୍ୟରୁ ଅନ୍ୟତମ ତଥା ବିଶ୍ୱ ପ୍ରସିଦ୍ଧ ବକ୍ର ମନ୍ଦିର ମାନେଶ୍ୱର ବ୍ଲକ ହୁମାର ବିମଳେଶ୍ୱର ବାବା ପୀଠ। ଏଠାରେ ସୋମବାର ମହାଶିବରାତ୍ରି ଅବସରରେ ପାଳନ ହେଉଛି ଜାଗର। ଏହା ସାଙ୍ଗକୁ ହୁମା ଗ୍ରାମ ଦାଣ୍ଡରେ ବସିଛି ସପ୍ତାହ ବ୍ୟାପି ଶିବରାତ୍ରି ମେଳା । ଭୋର ୫ଟାରୁ ଭକ୍ତମାନଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାରା ଉନ୍ମୁକ୍ତ ରଖା ଯାଇଥିଲା । ଦିନସାରା ଦର୍ଶନ ପାଇଁ ସୋନପୁର, ବରଗଡ ଓ ସମ୍ବଲପୁର ତଥା ଅନ୍ୟାନ୍ୟ ଜିଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସନ୍ଧ୍ୟା ୭ଟାରେ ମନ୍ଦିର ଦ୍ୱାର ବନ୍ଦ କରାଯାଇ ଗମ୍ଭୀରା ଓ ପରିସର ସଫାସୁତୁରା କରାଯାଇଥିଲା। ରାତି ୮ଟାରେ ନୀତିପୂଜା, ଷୋହଳପୂଜା ଓ ରୁଦ୍ରାଭିଷେକ ସାଙ୍ଗକୁ ରାତି ୧୦ଟାରେ ହୋତାବରଣ କରାଯାଇଥିଲା। ଚଣ୍ଡିପାଠ ପରେ ଭୋର ମହାଦୀପ ଉଠିଥିଲା। ରାତିରେ ଜାଗର ଜାଳି ହଜାର ହଜାର ଭକ୍ତ ଉଜାଗର ରହିଥିଲେ। ମନ୍ଦିର ପରିସରରେ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ଗୋବିନ୍ଦପାଲି ଓ ବଡପିପଲିପାଲି ଗ୍ରାମର କୃଷ୍ଣ ଗୁରୁ ସହ ଧମା, ଦେଓଗାଁ, ସାହାସପୁର ଓ ବଟେମୁରା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ତରଫରୁ ନୃତ୍ୟଗୀତର ଆୟୋଜନ କରାଯାଇଥିବା ହୁମା ସରପଞ୍ଚ ସୁଜିତ ସାହୁ କହିଛନ୍ତି । ଯାତ୍ରା କମିଟି ସଭାପତି ହେମନ୍ତ ପଣ୍ଡାଙ୍କ ପରିଚାଳନାରେ ସମ୍ପାଦକ ଶିବଦତ୍ତ ମହାପାତ୍ର, କୋଷାଧ୍ୟକ୍ଷ ମାନଭଞ୍ଜନ ଛୁରିଆ ସାଂସ୍କୃତିକ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଉପସଭାପତି ଦାଶରଥି ଦରୁଆନ, ସହକୋଷାଧ୍ୟକ୍ଷ ସଞ୍ଜିବ ସେଠ ଭକ୍ତମାନଙ୍କ ଆନୁସଙ୍ଗିକ ବ୍ୟବସ୍ଥା ଦାୟିତ୍ୱ ନେଇଥିଲେ। ମଙ୍ଗଳବାରଠାରୁ ଏଠାରେ ହେବାକୁ ଥିବା ସପ୍ତାହ ବ୍ୟାପି ଶିବରାତ୍ର ମେଳାରେ ବିଭିନ୍ନ ପ୍ରକାର ଦୋକାନ ବଜାର ଆସିଛି। ଶାନ୍ତିଶୃଙ୍ଖଳା ପାଇଁ ଧମା ପୋଲିସ ପକ୍ଷରୁ ଜଣେ ଡିଏସପି, ୨ଜଣ ଆଡିସିନାଲ ଏସପି, ୮ଜଣ ଅଫିସର, ୨ ସେକ୍ସନ ଫୋର୍ସ, ୨୦ଜଣ ହୋମଗାର୍ଡ ଓ ୧୭ଜଣ କନେଷ୍ଟବଲଙ୍କୁ ନିଯୁକ୍ତି ଦିଆଯାଇଥିବା ଧମା ଥାନାଧିକାରୀ ରାଜେଶ୍ୱରୀ ଭୋଇ କହିଛନ୍ତି ।



ହୁମାର ବିମଳେଶ୍ୱର ବାବା ପୀଠ। ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି ।

### ଟ୍ରକ୍-ପୋଲିସ ଭ୍ୟାନ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୩ ଛୁଇଁଲା

# ଘୋଷଣା, ନିର୍ଦ୍ଦେଶ ମିଳେଇଗଲା

**ସମ୍ବଲପୁର,୪।୩ (ବ୍ୟୁରୋ)**

ଝାରସୁଗୁଡା ଜିଲା ବେଲପାହାଡ ଶନିମନ୍ଦିର ନିକଟରେ ପୋଲିସ ଭ୍ୟାନ-ଟ୍ରକ୍ ମୁହାଁମୁହିଁ ଧକ୍କାରେ ମୃତ୍ୟୁ ସଂଖ୍ୟା ୩କୁ ଛୁଇଁଛି। ଘଟଣା ଦିନ ହାବିଲଦାର ଶଙ୍କର ପ୍ରାସଦ ପଣ୍ଡ ଓ ପ୍ରଶାନ୍ତ ବେହରାଙ୍କ ମୃତ୍ୟୁ ଘଟିଥିଲା। ସୋମବାର ବୁର୍ଲା ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ଥିବା ଆଉ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଢେଙ୍କାନାଳ ସଦର ଥାନା ଅଧୀନ ଶଙ୍କରପୁର ଗ୍ରାମର ବିପ୍ରବର ସାହୁ । ସେ ଗୁରୁତର ଆହତ ହୋଇ କୋମାରେ ରହିଥିଲେ । ବୁର୍ଲା ଓଏସଏପି ପଡିଆରେ ତାଙ୍କୁ ଶେଷ ସମ୍ମାନ ଦିଆଯାଇଥିଲା । ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା ଏବଂ ଓଏସ୍‌ଏପି ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜିଲା ପୋଲିସ ପକ୍ଷରୁ ତାଙ୍କ ମୃତଦେହକୁ ପୋଲିସ ସୁରକ୍ଷାରେ ଗ୍ରାମକୁ ପଠାଇ ଦିଆଯାଇଥିଲା ।

୧ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିମ୍‌ସାର ଆସି ଆହତମାନଙ୍କୁ ଦେଖା କରିଥିଲେ । ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବା ସହ ଚିକିତ୍ସାଧୀନ ପୋଲିସ କର୍ମଚାରୀଙ୍କୁ ମାଗଣାରେ ଚିକିତ୍ସା କରିବା ସହ ଉନ୍ନତ ଚିକିତ୍ସା ପାଇଁ ଯାହା ଦରକାର କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ବିପ୍ରବରଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ନିଆଯାଇ ନ ଥିଲା । ବୁର୍ଲା ମେଡିକାଲରେ ସମସ୍ତ ସୁବିଧା ନାହିଁ। ତେଣୁ ବିପ୍ରବରଙ୍କୁ ଭୁବନେଶ୍ୱର କିମ୍ବା ରାଜ୍ୟ ବାହାରର କୌଣସି ମେଡିକାଲରେ ଚିକିତ୍ସା କରିଥିଲେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥାନ୍ତା। ଆହତ ଯବାନମାନଙ୍କ ପାଇଁ ଏୟାର ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦିଆଗଲା ନାହିଁ। କେବଳ ରାଜନୀତି କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ବୋଲି ଅଭିଯୋଗ ହେଉଛି । ଜୟନାରାୟଣ ମିଶ୍ର ଅଭିଯୋଗ କରିଛନ୍ତି ଯେ, ଯବାନମାନଙ୍କୁ ଅସମ୍ମାନ କରାଯାଉଛି । ମୁଖ୍ୟମନ୍ତ୍ରୀ ରାଜନୈତିକ ଉଦ୍ଦେଶ୍ୟରେ ବୁର୍ଲା ମେଡିକାଲ ଆସି ପ୍ରତିଶ୍ରୁତି ଦେଇଥିଲେ । ଅନେକ ପ୍ରତିଶ୍ରୁତି ପାଳନ ହୋଇ ନ ଥାଏ । ଏହା ମଧ୍ୟ ପାଳନ ହେଲା ନାହିଁ। ଅବହେଳା ଯୋଗୁ ଯବାନଙ୍କ ଜୀବନ ଚାଲିଗଲା । ଏଥିପାଇଁ ସରକାର ଦାୟୀ। ଯବାନଙ୍କୁ ମାରି ଦେଲେ। ସେହିଭଳି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ଆହତ ଯବାନମାନଙ୍କୁ ମୁଖ୍ୟମନ୍ତ୍ରୀ ଭିମ୍‌ସାର ଆସି ଦେଖି ଯାଇଥିଲେ । ବଡ ବଡ ଘୋଷଣା କଲେ, ହେଲେ ପାଳନ କଲେ ନାହିଁ । ଉତ୍ତମ ଓ ମାଗଣା ଚିକିତ୍ସା ଯୋଗାଇ ଦେଇ ପାରିଲେ ନାହିଁ । ବୁର୍ଲାରେ ଚିକିତ୍ସା ପାଇଁ ଭଲ ସୁବିଧା ନାହିଁ । ତଥାପି ଯବାନଙ୍କୁ ୩ ଦିନ ହେଲା ଗୁରୁତର ଅବସ୍ଥାରେ ଏଠାରେ ରଖାଯାଇଥିଲା। ଆଜି ଅବହେଳାରୁ ତାଙ୍କ ଜୀବନ ଚାଲିଗଲା। କିଏ ମୂଲ୍ୟ ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଯବାନଙ୍କ ଅବସ୍ଥା ଗୁରୁତର ରହିଥିଲା । ତେଣୁ ତାଙ୍କୁ ସ୍ଥାନାନ୍ତର କରାଯାଇ ପାରି ନ ଥିଲା । ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯାଇଥିଲା। ହେଲେ ଦୁର୍ଭାଗ୍ୟ। ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ।

# ଦେବଗଡ଼ରେ ଜାଗରଯାତ୍ରା: ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଦେବଗଡ,୪।୩(ସ୍ୱ.ପ୍ର.)**

ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ଦେବଦେବ ମହାଦେବଙ୍କ ଜାଗର ଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସୋମବାର ଜିଲାର ବିଭିନ୍ନ ଶୈବ ପୀଠରେ ଶାନ୍ତିଶୃଙ୍ଖଳାର ସହ ପାଳନ ହୋଇଯାଇଛି। ଏହି ଅବସରରେ ଦେବଗଡ଼ ସହରର ପ୍ରସିଦ୍ଧ ଝାଡେଶ୍ୱର ମନ୍ଦିର, ଶାସନସାହିର ଗୋକର୍ଣ୍ଣେଶ୍ୱର ମନ୍ଦିର, ମଠସାହିର ଗୋପାଳଜୀଉ ମନ୍ଦିର, ପୁରୁଣାଗଡ଼ ପ୍ରାଥମିକ ସ୍କୁଲ ନିକଟ ଶିବ ମନ୍ଦିର, ପ୍ରଧାନପାଟସ୍ଥିତ ଚମ୍ପକେଶ୍ୱର ମନ୍ଦିରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ସେହିପରି ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଜାଗର ଜାଳି ପୂଜାର୍ଚ୍ଚନା କରିଥିଲେ। ଏପରି କି ଏହି ପୂଜାର୍ଚ୍ଚନା ମହାଦେବଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଚାଲିଥିଲା। ସେହିପରି ସମସ୍ତ ମନ୍ଦିରଗୁଡିକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରିବା ସହ ବ୍ୟାପକ ସାଜସଜ୍ଜା କରାଯାଇଥିଲା। ସେହିପରି ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ମନ୍ଦିର ଚତୁପାର୍ଶ୍ୱରେ ଟେଣ୍ଟ ଛାଉଣି ଦିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଶୈବପୀଠଗୁଡିକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ରିଆମାଳ ବ୍ଲକ ଅଧୀନ କଟାସର ମନ୍ଦିର ପରିସରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ, ସଂକୀର୍ତ୍ତନ ସହ ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଜିଲାର ବାରକୋଟ, ତିଲେଇବଣି, କୈଳାସ, ବାସୁଦେବପୁର, ନାଉଲିପଡା, ପଳସମା, ଟିଙ୍କବୀର, କଂସର, ଖିଲେଇ, କଲା, ରେଙ୍ଗାଲବେଡାର ବିଭିନ୍ନ ଶିବାଳୟରେ ଜାଗରଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ପ୍ରାୟ ସମସ୍ତ ମନ୍ଦିରରେ ଜାଗରଯାତ୍ରା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ଭଜନ, କୀର୍ତ୍ତନ କରାଯାଇଥିଲା।

# ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ, ଭିତ୍ତିପ୍ରସ୍ତର ସ୍ଥାପନ

**ଦେବଗଡ,୪।୩ (ସ୍ୱ.ପ୍ର)**

ସ୍ଥାନୀୟ ବଡ଼ବଗିଚାରେ ଆୟୋଜିତ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ସୋମବାର ଦେବଗଡ଼ର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦେବଗଡ଼ ପୁରୁଣାଗଡ଼ ଓଲଟବର ଛକଠାରେ ଏକ ପବ୍ଲିକ ପାର୍କ, ଭାରତ ପେଟ୍ରୋଲିୟମ ପକ୍ଷରୁ ପାଇପ ଯୋଗେ ଇନ୍ଧନ ଗ୍ୟାସ ଯୋଗାଣର ଭିତିପ୍ରସ୍ତର ସ୍ଥାପନ, ବଣିଆଁସାହି ପ୍ରାଥମିକ ସ୍କୁଲର ବିକାଶମୂଳକ କାର୍ଯ୍ୟ, ରିଆମାଳ ଆଡସ ପଞ୍ଚାୟତ ହାଇସ୍କୁଲର ବିକାଶମୂଳକ କାର୍ଯ୍ୟ, ବାଳକ ପ୍ରାଥମିକ ସ୍କୁଲର ବିକାଶମୂଳକ କାର୍ଯ୍ୟ, ଦେବଗଡ଼ ସହରରେ କମ୍ୟୁନିଟି ସେଣ୍ଟର ସହିତ ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁରେଶ ପୂଝାରୀ, ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ସୁରେଶ୍ୱର ଶତପଥୀ, ଜିଲା ଭାଜପା ସଭାପତି ଅରୁଣ ସାହୁ, ଉପ ସଭାପତି ଜୟକୃଷ୍ଣ ପ୍ରଧାନ, ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଏସ୍‌ଇଆର୍‌ପିଏଲ୍‌ର ଇଡି ପି.ସି. ଚୌବେ, ସୁନିଲ କପରଦାରଙ୍କ ସମେତ ଭାଜପାର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ଭାରତ ପେଟ୍ରୋଲିୟମର ଅନ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଆସିଲେନି କେନ୍ଦ୍ରମନ୍ତ୍ରୀ, କର୍ମୀ ମହଲରେ ଅସନ୍ତୋଷ

**ଦେବଗଡ, ୪।୩ (ସ୍ୱ.ପ୍ର.)**

ଦେବଗଡ଼ର ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ସ୍ଥାନୀୟ ବଡବଗିଚାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୌଣସି କାରଣରୁ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ନ ପାରି ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଦେବଗଡ଼ରେ ଅନୁପସ୍ଥିତିକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କର୍ମୀଙ୍କ କହିବା ମୁତାବକ, ମାର୍ଚ୍ଚ ୩ତାରିଖରେ ମନ୍ତ୍ରୀ ପ୍ରଧାନଙ୍କ ଦେବଗଡ଼ ଗସ୍ତ କାର୍ଯ୍ୟକ୍ରମ ଥିଲା। ହେଲେ ସେ ନ ଆସିବାରୁ ତାହାକୁ ବାତିଲ କରାଯାଇଥିଲା। ପୁଣି ୪ତାରିଖକୁ ପୁନଃ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ସେ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଶେଷରେ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା। ଅନ୍ୟପକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କିଛି ଯୁବନେତା ନିଜ ସମର୍ଥକଙ୍କୁ ଧରି ଭାଜପାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ମାତ୍ର ତାହା ହୋଇ ପାରି ନ ଥିଲା। ସଭାସ୍ଥଳରେ ଚେୟାର ସବୁ ଖାଲି ପଡିଥିବା ଦେଖିବାକୁ ମିଳିଥିଲା। କେବଳ ସଭାରେ ହାତଗଣତି କେତେକ କର୍ମୀଙ୍କୁ ଦେଖିବାକୁ ମିଳିଥିଲା। ଏନେଇ ଦେବଗଡ଼ ଜିଲା ଭଜପା ସଭାପତି ଅରୁଣ କୁମାର ସାହୁଙ୍କୁ ପଚାରିବାରୁ ମନ୍ତ୍ରୀ ପ୍ରଧାନ ଏକ ଜରୁରୀ କାମରେ ଦିଲ୍ଲୀରେ ଥିଲେ। ଫଳରେ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ କୌଣସି କର୍ମୀ ଅସନ୍ତୋଷ ହେବାକଥା ନୁହେଁ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯିଏ କେବଳ ବଂଶ ମର୍ଯ୍ୟାଦା ଦେଖାଏ,
ସେ ଅନ୍ୟର ପ୍ରଶଂସା ହିଁ କରୁଥାଏ।
- ସେନେକା



# ଶିବାଳୟରେ ଶ୍ରଦ୍ଧାଳୁଙ୍କ ସମାଗମ



ସୋମବାର ସମ୍ବଲପୁର ବୁଢ଼ାରଜା ମହାଦେବ ପୂଜା ପାଉଛନ୍ତି ।



ସମ୍ବଲପୁର ଦୁର୍ଗାପାଲି ଗୁଡେଶ୍ୱର ପୀଠରେ ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି ।



ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ଭବାନୀଶଙ୍କର ମନ୍ଦିରରେ ଭକ୍ତମାନେ ଦୀପ ଦାନ କରୁଛନ୍ତି ।



ସମ୍ବଲପୁର ବୁଢ଼ାରଜା ପାହାଡରେ ଭକ୍ତମାନେ ଧୂପ, ଦୀପ ଦେଉଛନ୍ତି ।



ସୋମବାର ବାଲିବନ୍ଧା ମନ୍ଦିରରେ ଭକ୍ତମାନେ ଧାଡିରେ ଯାଉଛନ୍ତି।



ସମ୍ବଲପୁର ବୁଢ଼ାରଜା ମହାଦେବ ମନ୍ଦିରରେ ଭକ୍ତଙ୍କ ଭିଡ ।



ସୋମବାର ରାତିରେ ସମ୍ବଲପୁର ବାଲିବନ୍ଧା ସୋମନାଥ ମନ୍ଦିରରେ ଭକ୍ତମାନେ ଜାଗର ଜାଳି ଉଜାଗର ରହିଛନ୍ତି ।



ସୋମବାର ରାତିରେ ସମ୍ବଲପୁର ଶିରିଡି ସାଇ ମନ୍ଦିରରେ ଭକ୍ତଙ୍କ ଦୀପ ଦାନ ।

**ସମ୍ବଲପୁର, ୪।୩ (ବ୍ୟୁରୋ)**

ସୋମବାର ସମ୍ବଲପୁରର ବିଭିନ୍ନ ଶୈବପୀଠ ଗୁଡିକରେ ମହାଶିବ ରାତ୍ରି ମହୋତ୍ସବ ପାଳିତ ହୋଇଛି । ଭକ୍ତଙ୍କ ସମାଗମରେ ଶିବାଳୟ ଚଳଚଞ୍ଚଳ ହୋଇ ଉଠିଛି । ଭକ୍ତଙ୍କ ଓଁ ନମଃ ଶିବାୟ ଧ୍ୱନୀରେ ମୁଖରିତ ହୋଇଛି ମନ୍ଦିର ପରିସର । ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାଶିବରାତ୍ରି ମହୋତ୍ସବ ପାଳନ କରାଯାଇଛି । ଏହି କ୍ରମରେ ସକାଳ ୮ଟାରେ ଦାନୀବନ୍ଧ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା । ପଶ୍ଚିମ ଓଡିଶା ବ୍ରହ୍ମକୁମାରୀ କେନ୍ଦ୍ରମୁଖ୍ୟ ବ୍ରହ୍ମକୁମାରୀ ପାର୍ବତୀ ଶିବ ଦର୍ଶନ ଭବନଠାରେ ପତାକା ଉତ୍ତୋଳନ କରିଥିଲେ । ସେ କହିଥିଲେ ଯେ, ଶିବଙ୍କ ସଙ୍ଗେ ରାତ୍ରୀ ଶବ୍ଦ ଏକ ଆଧାତ୍ମିକ ରହସ୍ୟର ସଙ୍କେତ ଦିଏ । ସାଧାରଣତଃ କୌଣସି ଶିଶୁ ରାତ୍ରୀ ସମୟରେ ଜନ୍ମ ହେଲେ ମଧ୍ୟ ଆମେ ଜନ୍ମଦିନ ପାଳନ କରିଥାଉ । ଯଦି କୌଣସି ମହାପୁରୁଷଙ୍କ ଜନ୍ମ ହୁଏ ତେବେ ଆମେ କହୁ ଆଜି ତାଙ୍କର ଜୟନ୍ତୀ ଅଛି । ସେହିପରି କୌଣସି ଦେବୀ ଦେବତାଙ୍କ କ୍ଷେତ୍ରରେ ଆମେ ଅଷ୍ଟମୀ, ନବମୀ ଆଦି କହିଥାଉ । ପରନ୍ତୁ ଶିବଙ୍କ ସାଥିରେ ରାତ୍ରୀର ପର୍ବ ସେହି ସମୟରୁ ହିଁ ପ୍ରଚଳିତ ହୋଇ ଆସୁଛି, ଯେଉଁ ସମୟରେ ଏଇ ସୃଷ୍ଟି ବିକାରର ବଶିଭୂତ ହୋଇ, ଅଜ୍ଞାନ ଅନ୍ଧକାରରେ ମନୁଷ୍ୟ ସମାଜ ପତିତ ଏବଂ ଦୁଃଖି ହୋଇ ଅଜ୍ଞାନ ନିଦ୍ରାରେ ସୁପ୍ତ ଥାଆନ୍ତି । ସ୍ୱୟଂ ପତିତପାବନ ପରମ ପିତା ଶିବ ଏ ସୃଷ୍ଟିରେ ଦିବ୍ୟ ଅବତରଣ ହୁଅନ୍ତି। ଜ୍ଞାନ ସୂର୍ଯ୍ୟ ପରମ ପିତା ଶିବ ସ୍ୱୟଂ ଅବତରିତ ହୋଇ ଏଭଳି ଜ୍ଞାନର ପ୍ରକାଶ ଦିଅନ୍ତି । ଯାହା କିଛି ସମୟ ମଧ୍ୟରେ ହିଁ ସାରା ବିଶ୍ୱରେ ପ୍ରସାରିତ ହୁଏ । ଅଜ୍ଞାନ ଅନ୍ଧକାର ତଥା ବିକାର ରସ ମୂଳ ବିନାଶ ହୋଇ କଳିଯୁଗ ତଥା ତମୋ ଗୁଣ ସ୍ଥାନରେ ସତୋ ଗୁଣ ଜନ୍ମ ନିଏ । ଏହାକୁ ହିଁ ପରମ ପିତା ଶିବଙ୍କ ଦ୍ୱିତୀୟ ଅବତରଣ ଦିବସ ଶିବ ଜୟନ୍ତୀ କିମ୍ବା ମହାଶିବରାତ୍ରି ବୋଲି କୁହାଯାଇଥାଏ ବୋଲି ସେ କହିଥିଲେ। ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର



ସମ୍ବଲପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଅତିଥିମାନେ ଶିବରାତ୍ରି ମହୋତ୍ସବକୁ ଶୁଭାରମ୍ଭ କରୁଛନ୍ତି ।



ସମ୍ବଲପୁର ବାଲିବନ୍ଧା ସୋମନାଥ ମନ୍ଦିରରେ ଭକ୍ତମାନେ ଦୀପ ଦାନ କରୁଛନ୍ତି ।

## ମହାଦୀପ ଉଠିବା ପର୍ଯ୍ୟନ୍ତ ଜାଗର ଜାଳି ଭକ୍ତ ଉଜାଗର ରହିଲେ

ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି, ଚିଫ୍ କଞ୍ଜର୍ଭେଟର୍ ଅଫ୍ ଫରେଷ୍ଟ (ସିସିଏଫ) ରମେଶ ସେଠୀ, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭ୍ୟସଚିବ ରଘୁନାଥ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମକୁମାରୀ ଆରତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ବ୍ରହ୍ମକୁମାରୀ ଦୀପା ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଅର୍ପିତା ବେହେରା ନୃତ୍ୟ ପରିବେଷଣ କରିଥିଲେ । ଏତତ୍‌ବ୍ୟତିତ ବୁଢ଼ାରଜା ମନ୍ଦିର, ଦୁର୍ଗାପାଲି ଗୁଡେଶ୍ୱର ମନ୍ଦିର, ଭତରା ଶଙ୍କର ମଠ ଓ କୁଲୁଥକାନୀ ଶିବ ମନ୍ଦିରରେ ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା । ଅପରପକ୍ଷେ ସମ୍ବଲପୁର ଜିଲାର ବିଭିନ୍ନ ଶିବ ମନ୍ଦିରରେ ବାବାଙ୍କ ଦର୍ଶନ ନିମନ୍ତେ ସକାଳ ୪ଟାରୁ ଭକ୍ତମାନେ ବାବାଙ୍କ ଦର୍ଶନ ନିମନ୍ତେ ଧାଡିରେ ଛିଡା ହୋଇଥିଲେ । ସମ୍ବଲପୁରର ବାଲିବନ୍ଧା ସୋମନାଥ, ବୁଢ଼ାରଜାର କୋଶଳେଶ୍ୱର (ମହାଦେବ), ଝୁଝୁମୁରାର କନ୍ଲେଶ୍ୱର, ବଡ଼ରମାର ମୁକ୍ତେଶ୍ୱର, ବୁର୍ଲାର ଈଶାନେଶ୍ୱର, ମନ୍ଦଲିଆର ଗୁଡ଼େଶ୍ୱର, ମୁଦିପଡ଼ାର ଜାଗେଶ୍ୱର, ଫାଟକର ମହାକାଳେଶ୍ୱର, ଭତ୍ରାର ସ୍ୱପ୍ନେଶ୍ୱର, ଧନକଉଡ଼ାର ଚନ୍ଦ୍ରଶେଖର, ପଡ଼ିଆବାହାଲର ନୀଳକଣ୍ଠେଶ୍ୱର, ଝାଡୁଆପଡ଼ାର ଲୋକନାଥ, ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର, ଗେଇଟୀରୋଡ଼ ଗୁଡ଼ିଆଲି ବନ୍ଧର ଭୁବନେଶ୍ୱର, ବଡ଼ବଜାରର ଶୀତଳେଶ୍ୱର, ମ୍ୟୁନିସିପାଲଟୀ ଛକର ଗୁପ୍ତେଶ୍ୱର, ଜିଲ୍ଲାସ୍କୁଲ ଛକର ବିଶ୍ୱନାଥ, ପୋଲିସ ଲାଇନର ବିଶ୍ୱେଶ୍ୱର, ଠାକୁରପଡାର ଗୁପ୍ତେଶ୍ୱର, ହୁମାର ବିମଳେଶ୍ୱର ବାବା, ବରେଇପାଲି ଶିଳ୍ପାଞ୍ଚଳ ସ୍ଥିତ ଭବାନୀଶଙ୍କରଙ୍କ ପୀଠ, ଶାନ୍ତିନଗର ସିରିଡି ସାଇ ମନ୍ଦିରରେ ଶିବରାତ୍ରି ପାଳିତ ହୋଇଛି । ଭକ୍ତମାନେ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଛନ୍ତି । ଅପରପକ୍ଷେ ବୁଢ଼ାରଜାଠାରେ ଶିବରାତ୍ରି ମେଳା ଜାକଜମକରେ ହୋଇଛି । ଫାଟକରୁ ସହଯୋଗନଗର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ମନୋହରି ଦୋକାନ, ଖାଦ୍ୟ, ଫଳ, ଫୁଲ ପ୍ରଭୃତି ଅସ୍ଥାୟୀ ଦୋକାନ ଖୋଲା ଯାଇଛି । ବୁଢ଼ାରଜା ଶିବରାତ୍ରି କମିଟି ପକ୍ଷରୁ ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ମୁକ୍ତି ଯୁବକ ସଂଘ କର୍ମକର୍ତ୍ତା ଦିନତମାମ ଭକ୍ତମାନଙ୍କୁ ଖିଚିଡି ଭୋଗ ଓ ସତ୍ୟସାଇ ସେବା ସଂସ୍ଥା ସ୍ୱେଚ୍ଛାସେବୀମାନେ ପିଇବା ପାଣି ବଣ୍ଟନ କରିଥିଲେ ।

## ସଂକ୍ଷେପରେ

### ରେଳ ଧାରଣାରେ ପଡିଛି ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

ବାମରା, ୪।୩ (ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରାସ୍ଥିତ ହରିପଡା ରେଳ ଫାଟକ ନିକଟରେ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡି ରହିଛି। ଯୁବତୀଙ୍କ ଅନୁମାନିକ ବୟସ ୧୭ରୁ ୧୮ ବର୍ଷ ଭିତରେ ହେବ। ସେ ଏକ ସାଗୁଆ ରଙ୍ଗର ଡ୍ରେସ ପିନ୍ଧିଛନ୍ତି। ମଙ୍ଗଳବାର ଜିଆରପି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିବ ବୋଲି ଜିଆରପି ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ଅହିର କହିଛନ୍ତି ।

### ଟ୍ରେନ ସମ୍ପ୍ରସାରଣକୁ ବିଧାୟିକାଙ୍କ ସ୍ୱାଗତ

ସମ୍ବଲପୁର,୪।୩(ବ୍ୟୁରୋ)
ରାୟଗଡ-ହଜରତ ନିଜାମୁଦ୍ଦିନ ଟ୍ରେନକୁ ସମ୍ବଲପୁର ଷ୍ଟେଶନ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଥିବା ରେଳ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଏହାକୁ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସ୍ୱାଗତ କରି ଏକ ପ୍ରେସ ବିବୃତି ଦେଇଛନ୍ତି । ଏହି ଟ୍ରେନ ସହ ସମ୍ବଲପୁରକୁ ଅନେକ ଟ୍ରେନ ଚଳାଚଳ ଓ ସଂପ୍ରସାରଣ ପାଇଁ ପୂର୍ବରୁ ଦାବି ହୋଇଥିଲା । ବିଳମ୍ବରେ ହେଲେ ମଧ ରେଳ ବିଭାଗ ଲୋକଙ୍କ ଦାବି ପୂରଣ କରିଛି। ଏହି ଟ୍ରେନ ଚଳାଚଳ ହେଲେ ସପ୍ତାହକୁ ୫ ଦିନ ଧରି ଲୋକେ ଯାତାୟତ ସୁବିଧା ପାଇବେ । ଏହା ସହ ସମ୍ବଲପୁରରେ ନୂଆ ଜୋନ ପ୍ରସ୍ତାବକୁ ସେ ସ୍ୱାଗତ କରିଛନ୍ତି । ହେଲେ ପୂର୍ବତଟ ରେଳ ଡିଭିଜନକୁ ଅନ୍ୟ ଜୋନରେ ମିଶା ଯିବା ପ୍ରସ୍ତାବକୁ ବିରୋଧ କରିଛନ୍ତି।

### ଶାଶୁଘରୁ ଉଦ୍ଧାର ହେଲେ ନାବାଳିକା

କୁଚିଣ୍ଡା, ୪।୩ (ଡି.ଏନ.ଏ.)
କୁଚିଣ୍ଡା ଥାନା ଅନ୍ତର୍ଗତ କୁଟୁରାଚୁଆଁ ଗ୍ରାମର ଜଣେ ନାବାଳିକାଙ୍କୁ ତାଙ୍କ ଶାଶୁ ଘର ଝାରସୁଗୁଡା ଜିଲା ରେଙ୍ଗାଲପାଲି ଗ୍ରାମରୁ କୁଚିଣ୍ଡା ପ୍ରଶାସନ ଏବଂ ଚାଇଲ୍ଡ ଲାଇନ କର୍ମକର୍ତ୍ତା ଉଦ୍ଧାର କରଛନ୍ତି। ଚାଇଲ୍ଡ ଲାଇନର ଟିମ୍ ଲିଡର ଶ୍ୱେତାଙ୍ଗିନୀ ବାରିକ ନାବାଳିକାଙ୍କ ବାପ ଘରକୁ ଯାଇ ତାଙ୍କ ସାର୍ଟିଫିକେଟ ଯାଞ୍ଚ କରି ବୟସ ୧୫ ବର୍ଷ ହୋଇଥିବା ଜାଣି ପାରିଥିଲେ । ସିଡିପିଓ ସାବିତ୍ରୀ କୁମୁରା, ପୋଲିସ ଏଏସଆଇ କୁମୁଦ ବିଶ୍ୱାଳଙ୍କ ସହ ରେଙ୍ଗାଲପାଲି ଗାଁକୁ ଯାଇ ସେଠାରେ ଦୁଇ ପକ୍ଷ ଲୋକଙ୍କୁ ବୁଝାଇ ଝିଅକୁ ଉଦ୍ଧାର କରିଥିଲେ । ୧୮ ବର୍ଷ ପରେ ବିବାହ କରିବାକୁ ପରାମର୍ଶ ଦେଇଥିଲେ । ଏବେ ଝିଅଟିକୁ ବାପ ଘର ଜିମା ଦିଆଯାଇଛି।

### ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ

ବାମରା, ୪।୩ (ସ୍ୱ.ପ୍ର.)
ବାମରା ସ୍ଥିତ ସତ୍‌ସଙ୍ଗ କେନ୍ଦ୍ରଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ପରିପେକ୍ଷୀରେ କଲେଜ ରୋଡ ସ୍ଥିତ ସତସଙ୍ଗ କେନ୍ଦ୍ରଠାରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏଥିରେ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ । ଏହାପରେ ସତସଙ୍ଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଖୋର୍ଦ୍ଧାରୁ ଯୋଗଦେଇଥିବା ପଣ୍ଡିତମାନେ ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ ସହ ତାଙ୍କ ଦ୍ୱାରା ପ୍ରଦର୍ଶିତ ପଥରେ ଭକ୍ତଙ୍କୁ ଚଲିବା ପାଇଁ ପରାମର୍ଶ ଦେଇଥିଲେ । ପରେ ମାତୃ ସମ୍ମିଳନୀ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୪।୩(ଡି.ଏନ.ଏ.)
ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ପ୍ରଧାନଙ୍କୁ ସ୍କୁଲ ପରିସରରେ ସହକର୍ମୀ ଏବଂ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ସହକାରୀ ଶିକ୍ଷକ ଦେବାର୍ଚ୍ଚନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିଦାୟ କାଳୀନ ସଭାରେ ଶିକ୍ଷକ ସମୀର ସେଠୀ, ଇନ୍ଦ୍ରମଣି ପ୍ରଧାନ, ପ୍ରଦୀପ୍ତ ପଟେଲ, ସିଆରସିସି ରଂଜିତ କୁମାର ସାହୁ, ଶିକ୍ଷୟିତ୍ରୀ ପାର୍ବତୀ ପ୍ରଧାନ ଏବଂ ସଂଯୁକ୍ତା ପାଇକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଧାନଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ସୂଚନାଯୋଗ୍ୟ ପ୍ରଧାନ ଏହି ସ୍କୁଲ୍‌ରେ ୨୦୧୪ ଏପ୍ରିଲ୍ ୨୧ ରେ ପ୍ରଧାନଶିକ୍ଷକ ରୂପେ ଯୋଗଦେଇ ସମସ୍ତଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲେ।

## ପଧାନପାଲି ଓଁ ଶାନ୍ତି ଆଶ୍ରମରେ ଶିବରାତ୍ରି

**ପଡିଆବାହାଲ, ୪।୩ (ଡି.ଏନ.ଏ.)**

ପବିତ୍ର ଶିବରାତ୍ରୀ ଅବସରରେ ସ୍ଥାନୀୟ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ଶିବରାତ୍ରିର ଗୁରୁତ୍ୱ ଓ ମହିମା ଉପରେ ବ୍ରହ୍ମକୁମାରୀଙ୍କ ତରଫରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ରହ୍ମକୁମାରୀ ମାନସୀ ଭଉଣୀଙ୍କ ଅଧ୍ୟକ୍ଷତାରେ ବାହାମ ସରପଞ୍ଚ ମିତ୍ରଭାନୁ ପଧାନ ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟବକ୍ତା, ଶିକ୍ଷକ ତଥା ନାଟ୍ୟକାର ଅଶ୍ୱିନୀ ମିଶ୍ର, ବ୍ରହ୍ମକୁମାର ଦୁଷ୍ମନ୍ତ ବେହେରା ସମ୍ମାନୀତ ଅତିଥି ରୂପେ ଯୋଗଦେଇ ନିଜ ନିଜ ଦୃଷ୍ଟି କୋଣରେ ଶିବରାତ୍ରର ମହିମା ବର୍ଣ୍ଣନା କରିଥିଲେ।

## ନାକଟିଦେଉଳ ଅଞ୍ଚଳରେ ଶୈବପୀଠ ଚଳଚଞ୍ଚଳ

**ନାକଟିଦେଉଳ,୪।୩(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକର ବିଭିନ୍ନ ଅଞ୍ଚଳରେ ମହାଶିବରାତ୍ରୀ ତଥା ଜାଗର ଯାତ୍ରା ପାଳିତ ହୋଇଯାଇଛି । ଶିବମନ୍ଦିର ଗୁଡ଼ିକ ଶ୍ରଦ୍ଧାଳୁଙ୍କ ଗହଣରେ ଚଳଚଞ୍ଚଳ ହୋଇ ଉଠିଛି । କୁଞ୍ଜାମୁରାସ୍ଥିତ ବିନ୍ଧେଶ୍ୱର ବାବା ଶିବ ମନ୍ଦିରରେ ଜାଗର ଯାତ୍ରା ଆୟୋଜିତ ହୋଇଥିଲା। ସହିପରି ନାକଟିଦେଉଳସ୍ଥିତ ବାବା କନକେଶ୍ୱର ଏବଂ ବିମଳେଶ୍ୱର ମନ୍ଦିରରେ ମଧ ମହାଶିବ ରାତ୍ରୀ ପାଳିତ ହୋଇଯାଇଛି । ହରିହର ଭେଟ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା । ଭକ୍ତମାନେ ଉପବାସ ରହି ମନ୍ଦିର ବେଢାରେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ରାତ୍ରୀ ଉଜାଗର ରହି ମହାଦେବଙ୍କୁ ଆରାଧନା କରିଥିଲେ । ଖୋଲଗଡ଼, ଡଙ୍ଗଚା, ଶିମିଳିପାଳ, ଘୋଷରାମାଳ, ସାହେବୀ, ଜାମୁଯୋରୀ, ଆମ୍ବଝରୀ, ସରାପାଲି, କତରାପାଲି, ବଳମ, କଞ୍ଚନପୁର, ଗିରିଶ୍ଚନ୍ଦ୍ରପୁର, ପଣ୍ଡୁଆଖୋଳ, ପିଠଉଗୁଡ଼ା ଆଦି ଗ୍ରାମରେ ଥିବା ଶୈବପୀଠ ଗୁଡ଼ିକରେ ମଧ ଜାଗରଯାତ୍ରା ପାଳିତ ହୋଇଯାଇଛି।

## ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ


ସଞ୍ଜୀବ ମଲିକ


ନଳିନୀ ମହାନ୍ତି


ପ୍ରଦୀପ ନାୟକ

**ମୋଟ ଭୋଟର ସଂଖ୍ୟା**
୨, ୪୭. ୪୮୮

| ପୁରୁଷ | ମହିଳା |
|---|---|
| ୧,୦୮,୨୪୨ | ୧,୧୯,୨୧୪ |

# ଦମ୍ ଦେଖାଇବାକୁ ଆଶାୟୀଙ୍କ କସରତ

**ବିଭୁପ୍ରସାଦ ବେହେରା**
**ଭଦ୍ରକ ଅଫିସ, ୪।୩**

ଓଡ଼ିଶା ରାଜନୀତିରେ ଭଦ୍ରକ ବିଧାନସଭା କ୍ଷେତ୍ରର ରହିଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏହା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ। ଭଦ୍ରକ ସଦର ବ୍ଲକ ଓ ଭଦ୍ରକ ପୌରପାଳିକାକୁ ନେଇ ଏହି ବିଧାନସଭା କ୍ଷେତ୍ର (ନଂ ୪୪) ଗଠିତ। ୨୦୧୯ ଜାନୁୟାରୀ ୨୧ତାରିଖ ସୁଦ୍ଧା ଏଠାରେ ମତଦାତାଙ୍କ ସଂଖ୍ୟା ୨ଲକ୍ଷ ୪୭ ହଜାର ୪୮୮ ରହିଥିବା ଜଣାପଡିଛି। ଏଠାରେ ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ମୁଖ୍ୟତଃ କଂଗ୍ରେସ ଓ ଜନତା ଦଳ ମଧ୍ୟରେ ଲଢେଇ ହେଉଥିବା ବେଳେ ୨୦୧୪ ଠାରୁ ବିଜେଡି ବନାମ କଂଗ୍ରେସ ମଧ୍ୟରେ କଡା ମୁକାବିଲା ହୋଇଆସୁଛି। ତଥାପି ୨୦୧୪ରେ ଭାଜପା ନିର୍ବାଚନୀ ଦୌଡରେ ଯୋଗ ଦେଲା। କିନ୍ତୁ ୨୦୦୯ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଠାରୁ ଢେର ଅଧିକା ଭୋଟରେ ବିଜୟୀ ହେଉଥିବା ରେକର୍ଡ ରହିଛି। ୨୦୧୪ ନିର୍ବାଚନରେ ବିଜେଡି ବିଧାୟକ ଯୁଗଳ କିଶୋର ପଟ୍ଟନାୟକ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ନରେନ ପଲେଇଙ୍କଠାରୁ ୨୩,୫୮୭ ଭୋଟରେ ବିଜୟ ହୋଇଥିଲେ। ସେତେବେଳେ ଭାଜପା ପ୍ରତିଦ୍ୱନ୍ଦ୍ୱୀ ୧୯, ୩୮୪ ଭୋଟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବା ଆଲୋଚନା ହେଉଛି। ତେବେ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ପରେ ଦୁଇଥର ବିଧାୟକ ହୋଇସାରିଲେଣି। ବିଧାୟକ ଯୁଗଳ ବାର୍ଦ୍ଧକ୍ୟ କାରଣରୁ ଚଳିତ ନିର୍ବାଚନ ଠାରୁ ଦୂରେଇ ରହିବେ ବୋଲି କହିବା ପରେ ଦଳରୁ ଟିକେଟ ହାତେଇବା ପାଇଁ ୬ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ଆଶାୟୀ ରହିଛନ୍ତି। ଦଳୀୟ ସଭାପତି କାହାକୁ ପ୍ରାର୍ଥୀ କରିବେ ଯଦିଓ ଚୂଡାନ୍ତ ହୋଇନାହିଁ କିନ୍ତୁ ମୁଁ କୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଜୋର ଧରିଛି। ସର୍ବାଗ୍ରେ ବିଧାୟକଙ୍କ ପୁଅ ତଥା ଦଳର ଜିଲା ଉପସଭାପତି ଅସିତ ପଟ୍ଟନାୟକ ଆଶାୟୀ ଥିବା ବେଳେ ଭୋଟର ତାଙ୍କୁ କେତେଦୂର ଗ୍ରହଣ କରୁଛନ୍ତି ତାହା ସମୟ କହିବ। ଦଳରେ ଏକ ପ୍ରକାର ଗୋଷ୍ଠୀ କନ୍ଦଳ ଯୁଗଳଙ୍କ ପୁଅଙ୍କ ପାଇଁ ଅଡୁଆ କରିଛି। ଅପରପକ୍ଷରେ ଭଣ୍ଡାରିପୋଖରୀ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ନିଜ ଅଞ୍ଚଳ ଛାଡି ଭଦ୍ରକରେ ପ୍ରାର୍ଥୀ ହେବା ପାଇଁ ଲବି ଚଳାଇଛନ୍ତି। ଅନ୍ୟ ଦାବିଦାର କୁହାଯାଉଥିବା ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲିକଙ୍କ ପୁଅ ଓ ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲିକଙ୍କ ସାନଭାଇ ଯୁବନେତା ସଞ୍ଜୀବ ମଲିକଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିଭଳି ଅନ୍ୟ ଜଣେ ଦାବିଦାର ପୂର୍ବତନ ଜିଲା ପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନାମ ମଧ୍ୟ ଆଲୋଚନା ହେଉଛି। ଅନ୍ୟ ଜଣେ ସାମାଜିକ କର୍ମୀ ସିତାଂଶୁ ମହାପାତ୍ର ନିଜ ଲୋକପ୍ରିୟତା ବଢାଇବା ପାଇଁ ଜୋରସୋରରେ ଲାଗିପଡିଛନ୍ତି। ସେହିଭଳି ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ରତ୍ନାକର ମହାନ୍ତିଙ୍କ ପୁଅ ଅଶୋକ ମହାନ୍ତି, ବିଜୁ ସ୍ମୃତି କମିଟି ଆବାହକ ତଥା ମହିଳା ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ମଧ୍ୟ ଦାବିଦାର ତାଲିକାରେ। ଏଣୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡ଼ି ତରଫରୁ ସମ୍ଭାବ୍ୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ୬ ରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

ଭାଜପାରୁ ମଧ୍ୟ ଏକାଧିକ ଆଶାୟୀ ରହିଛନ୍ତି। ବରିଷ୍ଠ ନେତା କୁହାଯାଉଥିବା ଡ. ପ୍ରଦୀପ ନାୟକ ୨୦୧୪ରେ ବିଧାୟକ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇ ୧୯୩୮୪ ଭୋଟ ହାତେଇଥିଲେ। ଏଣୁ ଚଳିତ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ଓ ଯୋଜନାକୁ ନେଇ ଅଧିକ ସଫଳତା ହାସଲ କରିବେ ବୋଲି ଆଶା ରଖିଛନ୍ତି। ସେହିଭଳି ଭାଜପା ଜିଲା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ତୁଷାରକାନ୍ତି ଜେନା ଟିକେଟ ଦୌଡରେ ରହିଛନ୍ତି।

କଂଗ୍ରେସ କଥା ଦେଖିଲେ ପୂର୍ବତନ ବିଧାୟକ ନରେନ ପଲେଇ, ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ପିସିସି ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ର ଓ ଦେବରୂପ ମହାନ୍ତି ମଧ୍ୟ ଆଶାୟୀଙ୍କ ତାଲିକାରେ ରହିଛନ୍ତି।

ଦଳୀୟ ହାଇକମାଣ୍ଡ କାହା ମୁଣ୍ଡରେ ସୁନା କଳସ ଢାଳିବେ, ତାହା ଯଦିଓ ସ୍ଥିର ହୋଇନାହିଁ ତଥାପି ୩ ପ୍ରମୁଖ ଦଳ ମଧ୍ୟରୁ ଦଳୀୟ ପ୍ରାର୍ଥିତ୍ୱକୁ ନେଇ ଭୁବନେଶ୍ୱର ଓ ଦିଲ୍ଲୀରେ ଡେରା ପକାଇଲେଣି କିଛି ଆଶାୟୀ। ସୋସିଆଲ ମିଡିଆରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ଭଦ୍ରକ ପୌରାଞ୍ଚଳ ତଥା ଭଦ୍ରକ ବ୍ଲକର ବିଭିନ୍ନ ଛକ ଓ ଗାଁ ଦାଣ୍ଡ ଆଶାୟୀ ପ୍ରାର୍ଥୀଙ୍କ ହାତଯୋଡା ଫଟୋ ସାଙ୍ଗକୁ ଶୁଭେଚ୍ଛା ହୋର୍ଡିଂ ଛାଇ ଗଲାଣି। ଅପରପକ୍ଷରେ ଆଶାୟୀ ପ୍ରାର୍ଥୀମାନେ ନିଜ ଦଳରୁ ଟିକେଟ ନ ପାଇଲେ ଅନ୍ୟ ଦଳକୁ ମାଙ୍କଡ ଡିଆଁ ମାରିବେ ବୋଲି ମଧ୍ୟ ଏକ ପ୍ରକାର ସ୍ଥିର କଲେଣି। ଭୋଟର ନୂଆ ନେତାଙ୍କୁ ବିଧାୟକ ଆସନରେ ବସାଇବାକୁ ଏକପ୍ରକାର ସ୍ଥିର କରିଥିବା ଅନୁମାନ କରାଯାଉଥିବାରୁ କ'ଣ ରହିବ ରାଜନୈତିକ ଦୃଶ୍ୟପଟ ତାହାକୁ ନେଇ କଳ୍ପନାଜଳ୍ପନା ଚାଲିଛି।

ବିଜେଡି ଜିଲା ଉପସଭାପତି ଅସିତ ପଟ୍ଟନାୟକ କୁହନ୍ତି, ବାପା ତଥା ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ଲୋକପ୍ରିୟତା ନିରାଶ କରିବନି। ୧୯୭୪, ୧୯୮୦, ୧୯୮୫, ୨୦୦୯, ୨୦୧୪ ନିର୍ବାଚନରେ ବିଧାୟକଙ୍କୁ ଅକୁଣ୍ଠିତ ସମର୍ଥନ ମିଳିଛି। ଏଣୁ ଲୋକେ ନିଶ୍ଚୟ ମୋତେ ସମର୍ଥନ କରିବେ ବୋଲି ଅସିତ୍ କହିଛନ୍ତି। ସେହିଭଳି ସଞ୍ଜୀବ ମଲିକ କୁହନ୍ତି, ଲୋକଙ୍କ ସାମାଜିକ ସମସ୍ୟା, ଯୁବ ଗୋଷ୍ଠୀଙ୍କ ଆବେଗତା ଓ ଅଞ୍ଚଳର ଗ୍ରାଉଣ୍ଡ ଜିରୋ ସମସ୍ୟା କ'ଣ ରହିଛି, ତାହାକୁ ସେ ଜାଣିଛନ୍ତି। ଏଣୁ ତାଙ୍କୁ ଲୋକେ ନିଶ୍ଚୟ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସେହିଭଳି ଭାଜପାର ଡ. ପ୍ରଦୀପ ନାୟକ ଏକ ନର୍ସିଂ ହୋମ୍ କରି ଅଞ୍ଚଳରେ ବେଶ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଏଣୁ ଲୋକେ ନିଶ୍ଚୟ ଖୁସି ସାଉଣ୍ଟିବା ସମୟରେ ତାଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି। ସେହିଭଳି କଂଗ୍ରେସର ଆଶାୟୀ ତଥା ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି କୁହନ୍ତି, ସେ ୧୯୯୬ରୁ ଛାତ୍ର ରାଜନୀତି ସହ ଜଡିତ ରହିବା ସହ ଦଳର ଅନେକ ପଦପଦବୀରେ ରହିଛନ୍ତି। ୨୦୧୪ରେ ବିଧାୟକ ପାଇଁ ମୁଖ୍ୟ ଦାବିଦାର ରହିଥିଲେ। ଏଣୁ ଚଳିତ ବର୍ଷ ସେ ଲୋକଙ୍କ ସ୍ନେହ ନିଶ୍ଚୟ ହାସଲ କରିବେ ବୋଲି ଆଶାବାଦୀ। ଅନୁରୂପ ଭାବେ ଶୁଭେନ୍ଦୁ ରାୟ ମହାପାତ୍ର ପିସିସିର ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହାବ୍ୟତୀତ ଟାଉନ କଂଗ୍ରେସ ସଭାପତି ସହ ବହୁ କ୍ରୀଡ଼ା ଓ ସାମାଜିକ ସଂଗଠନ ସହିତ ଜଡିତ ରହିଥିବାରୁ ଲୋକଙ୍କ ଭୋଟ ଅକ୍ଳେଶରେ ହାତେଇ ପାରିବେ ବୋଲି ସେ କହିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଯୁଗଳ କିଶୋର ପଟ୍ଟନାୟକ | ୮୦,୫୮୨ |
| କଂଗ୍ରେସ | ନରେନ ପଲେଇ | ୫୬,୯୯୫ |
| ଭାଜପା | ପ୍ରଦୀପ ନାୟକ | ୧୯,୩୮୪ |



## କଟକ ଲୋକ ସଭା ନିର୍ବାଚନମଣ୍ଡଳୀ



**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଭର୍ତ୍ତୃହରି ମହତାବ | ୫,୨୬,୦୮୫ |
| କଂଗ୍ରେସ | ଅପରାଜିତା ମହାନ୍ତି | ୨,୧୯,୩୨୩ |
| ଭାଜପା | ସମୀର ଦେ | ୧,୪୬,୦୯୩ |
| ଆମ ଓଡ଼ିଶା ପାର୍ଟି | ଖାରବେଳ ସ୍ୱାଇଁ | ୫୮,୨୪୬ |

# ନବାଗତ-ବରିଷ୍ଠଙ୍କ ମଧ୍ୟରେ ହୋଇପାରେ ଲଢ଼େଇ

**ନିର୍ମଳ ପଣ୍ଡା**
**କଟକ ଅଫିସ,୪।୩**

ସାଧାରଣ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜ୍ୟରେ ନିର୍ବାଚନ ବାତାବରଣ ସରଗରମ ହେବାରେ ଲାଗିଛି। ଟିକେଟ୍ ପାଇଁ ଆଶା ଆଶଙ୍କାରେ ରହିଛନ୍ତି ଆଶାୟୀ। ଏଭଳି ସ୍ଥିତିରେ କଟକ ଲୋକ ସଭା ନିର୍ବାଚନମଣ୍ଡଳୀର ରାଜନୈତିକ ବାତାବରଣ କ୍ରମଶଃ ଉଷ୍ମ ହେବାରେ ଲାଗିଛି। କଟକ-ବାରବାଟୀ, କଟକ-ଚୌଦ୍ୱାର, କଟକ ସଦର, ଆଠଗଡ଼, ବାଙ୍କୀ, ବଡ଼ମ୍ବା ଓ ନୟାଗଡ଼ ଜିଲାର ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରକୁ ନେଇ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ଗଠିତ। ଏଠାରୁ ୧୯୯୮ରୁ ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଲଗାତର ବିଜୟଲାଭ କରିଆସୁଛନ୍ତି। ୧୯୯୫ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅନାଦି ସାହୁ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପାଇଁ ଚାଲିଥିବା ରାଜନୈତିକ ଆଲୋଚନା, ପର୍ଯ୍ୟାଲୋଚନାକୁ ଦେଖିଲେ କଟକ ଆସନରେ ଏଥର ପୁରୁଖା ଏବଂ ନବାଗତଙ୍କ ମଧ୍ୟରେ ଲଢ଼େଇ ହେବା ଆକଳନ କରାଯାଉଛି। ପୁରୁଖା କହିଲେ ବିଜେଡିରୁ ଭର୍ତ୍ତୃହରି ମହତାବ ଏଠାରୁ କ୍ରମାଗତ ୫ ଥର ବିଜୟଲାଭ କରିବା ସହିତ ଜଣେ ଭଲ ପାର୍ଲାମେଣ୍ଟାରିଆନ ଭାବେ ମଧ୍ୟ ନାଁ କମାଇଛନ୍ତି। ଏହା ସତ୍ତ୍ୱେ ଦଳ ୨୦୧୯ ପାଇଁ ଏଠାରେ ମାପିଚୁପି ପ୍ରାର୍ଥୀ ଦେଇପାରେ ବୋଲି ଆଲୋଚନା ହେଉଛି। ଏହି ଆଲୋଚନାରେ ଯେଉଁମାନଙ୍କ ନାମ ଆଗକୁ ଆସୁଛି ସେମାନଙ୍କ ମଧ୍ୟରେ ଅଛନ୍ତି କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ଓ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର। ଆବଶ୍ୟକସ୍ଥଳେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଧ୍ୟ ଦଳ ଏଠାରେ ଏମ୍‌ପି ପ୍ରାର୍ଥୀ କରିପାରେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ ମତ ଦେଉଛନ୍ତି। କିନ୍ତୁ ବିଜେଡିର ଏମ୍‌ପି ଦୌଡ଼ରେ ଥିବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ସମସ୍ତ ନେତା ଏକ ସ୍ୱରରେ ମତ ଦେଇ କହିଛନ୍ତି ଯେ, ଟିକେଟ କାହାକୁ ମିଳିବ କାହାକୁ ନ ମିଳିବ ସେ ସମ୍ପର୍କରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ସ୍ଥିର କରିବେ। ଏମ୍‌ପି ଭର୍ତ୍ତୃହରି ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି।

କଂଗ୍ରେସରୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ପ୍ରାର୍ଥୀ ହେବା ନେଇ ଆଭାସ ମିଳିଛି। କଂଗ୍ରେସର ଜଣେ ବରିଷ୍ଠ ନେତା ମଧ୍ୟ ନିଜ ନାମ ଗୋପନ ରଖି ପଞ୍ଚାନନଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଭିତିରି ସୂଚନା ଦେଇଛନ୍ତି। କିନ୍ତୁ ପଞ୍ଚାନନଙ୍କ ବାଦ୍ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ, କଂଗ୍ରେସ ମୁଖପାତ୍ର ଅଶୋକ ସାମଲ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ବଡ଼ମ୍ବାର ପୂର୍ବତନ ବିଧାୟକ ସମୀର ରାଉତରାୟ ପ୍ରମୁଖ ଏମ୍‌ପି ଟିକେଟ ଦୌଡ଼ରେ ରହିଛନ୍ତି। ଏ ସମ୍ପର୍କରେ ପଞ୍ଚାନନଙ୍କୁ ପଚାରିବାରୁ ମୁଁ ପ୍ରାର୍ଥୀ ହେବି କି ନ ହେବି ତାହା କଂଗ୍ରେସ ସ୍ଥିର କରିବ। କିନ୍ତୁ କଟକ ସହିତ ମୋର ଓ ମୋ ପରିବାରର ବହୁ ପୁରୁଣା ସମ୍ପର୍କ। ମୋ ବଡ଼ଭାଇ ଏଠାରେ ପୂର୍ବରୁ ନଗରପାଳ ଥିବାବେଳେ ସଦର ଆସନରୁ ବିଧାୟକ ଭାବେ ମଧ୍ୟ ନିର୍ବାଚନ ଲଢିଛନ୍ତି। ତେଣୁ ଯିଏ ବି କଂଗ୍ରେସରୁ ପ୍ରାର୍ଥୀ ହେବେ ମୋର ତାଙ୍କ ପ୍ରାର୍ଥିତ୍ୱ ପ୍ରତି ଶତ ପ୍ରତିଶତ ସମର୍ଥନ ରହିଛି। ତେବେ ବିଗତ ଦିନର ଇତିହାସ କହୁଛି ଏଠାରେ କଂଗ୍ରେସ ହିଁ ବିଜେଡିକୁ ଟକ୍କର ଦେଇଆସିଛି। ଅନେକବାର ଦଳ ଏଠାରେ ବିଜୟଲାଭ କରିଛି। ତେଣୁ ଲଢେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ହେବ ବୋଲି ପଞ୍ଚାନନ କହିଛନ୍ତି। କଂଗ୍ରେସରୁ ଅନ୍ୟତମ ଆଶାୟୀ ବିଶ୍ୱଜିତ ଦାସ୍ କୁହନ୍ତି, ମୁଁ ଦଳର ଜଣେ ଶୃଙ୍ଖଳିତ କର୍ମୀ। ତେଣୁ ଦଳର ନିଷ୍ପତ୍ତିକୁ ସବୁବେଳେ ମାନିଆସିଛି। ଆଗକୁ ମଧ୍ୟ ମାନିବି। ଆଶାୟୀ ଅଶୋକ ସାମଲଙ୍କ ପ୍ରତିକ୍ରିୟା ମଧ୍ୟ ସମାନ ଧରଣର ରହିଛି।

ଅନ୍ୟପକ୍ଷରେ ଭାଜପାରୁ ନୂଆ ନାମ ଚର୍ଚ୍ଚାର ପରିସରକୁ ଆସୁଛି। ସେ ହେଉଛନ୍ତି ଦଳର ମୁଖ୍ୟ ମୁଖପାତ୍ର ତଥା ରାଜ୍ୟର ଜଣାଶୁଣା ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। ତେଣୁ ଯଦି ବିଜେଡିରୁ ଭର୍ତ୍ତୃହରି, କଂଗ୍ରେସରୁ ପଞ୍ଚାନନ ଓ ଭାଜପାରୁ ପୀତାମ୍ବର ପ୍ରାର୍ଥୀ ହୁଅନ୍ତି ତେବେ କଟକରେ ପୁରୁଖା-ନବାଗତଙ୍କ ମଧ୍ୟରେ ଲଢେଇ ନିଶ୍ଚିତ ହୋଇଯିବ। ଆଚାର୍ଯ୍ୟ କହିଛନ୍ତି ଯେ, ୧୯୯୮ରୁ ଭର୍ତ୍ତୃହରିବାବୁ ଏଠାରୁ ଜିତି ଆସୁଛନ୍ତି। ଲଗାତର ୫ ଥର ଜିତିଥିଲେ ମଧ୍ୟ କଟକ ଲୋକ ସଭା ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ୭୦୦ ଲୋକ ତାଙ୍କୁ ଆମ ଏମ୍‌ପି ବୋଲି ଚିହ୍ନି ନ ଥିବେ। ତେଣୁ ଏଥର ଭର୍ତ୍ତୃହରି ବାବୁଙ୍କ ପାଖରେ ଲୋକଙ୍କୁ ଉତ୍ତର ଦେବା ଭଳି କିଛି ନ ଥିବା ଆଚାର୍ଯ୍ୟ କହିଛନ୍ତି। ତେବେ ପ୍ରତିଦ୍ୱନ୍ଦ୍ୱିତା କାହା ସହିତ ହେବ ତାହା ସମୟ କହିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ପୁନର୍ବାର ଏମ୍‌ପି ପ୍ରାର୍ଥୀ ହେଉଥିବା ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ଭାଜପା ଏକ ଜାତୀୟ ଦଳ। ଟିକେଟ ବଣ୍ଟନ ଉପରସ୍ତରରେ ହୋଇଥାଏ। ଦଳ ଯେଉଁଠି ଚାହିଁବ ସେ ସେଠୁ ଲଢିବେ। ଦଳ ହେଉଛି ତାଙ୍କ ପାଇଁ ସବୁଠୁ ବଡ଼ ବୋଲି ସେ କହିଛନ୍ତି।

ସୂଚନାଥାଉକି, ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ୩ ଲକ୍ଷ ୬ହଜାର ୭୬୨ ଖଣ୍ଡ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଭାଜପାରୁ ଦଳର ପୁରୁଖା ନେତା ସମୀର ଦେ ପ୍ରାର୍ଥୀ ହୋଇଥିଲାବେଳେ ବାଲେଶ୍ୱରର ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଆମ ଓଡ଼ିଶା ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଇତିମଧ୍ୟରେ ଅପରାଜିତା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବାବେଳେ ଖାରବେଳ ନିଜେ ଗଢ଼ିଥିବା ଦଳ ଉତ୍କଳ ଭାରତ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚାର ଅଭିଯାନ ଚଳାଇଛନ୍ତି। ଖାରବେଳ କଟକରୁ ନ ଲଢି ବାଲେଶ୍ୱରରୁ ନିଜ ଦଳରୁ ଲଢିବେ ବୋଲି କହିଛନ୍ତି।


ଭର୍ତ୍ତୃହରି ମହତାବ


ପୀତାମ୍ବର ଆଚାର୍ଯ୍ୟ


ପଞ୍ଚାନନ କାନୁନ୍‌ଗୋ

# ବିଷ୍ଣୁଙ୍କ ଉପରେ ନଜର

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ



**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ,୪।୩**

ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ରାଜନୈତିକ ସ୍ଥିତି ଭିନ୍ନ। କାରଣ ଜିଲାର ଏହି ଏକମାତ୍ର ଆସନ କଂଗ୍ରେସ ଦଖଲରେ ଅଛି। ଏଠାରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ବର୍ତ୍ତମାନ ବିଧାୟକ ଥିବାବେଳେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମଧ୍ୟ ଅଛନ୍ତି। ଆସନ୍ତା ନିର୍ବାଚନରେ ମଧ୍ୟ ସେ ପ୍ରାର୍ଥୀ ହେବେ ବୋଲି ସୂଚନା ମିଳୁଛି। କାରଣ ଦଳ ପକ୍ଷରୁ ସେ ଏଠାରେ ଏକମାତ୍ର ଆଶାୟୀ ଥିବାବେଳେ କଂଗ୍ରେସ ସ୍କ୍ରିନିଂ କମିଟିରେ ତାଙ୍କ ନାମ ଚୂଡ଼ାନ୍ତ ହୋଇଛି। ସେହିପରି ଭାଜପାର ମଧ୍ୟ ଜଣେ ମାତ୍ର ଆଶାୟୀ ଅଛନ୍ତି। ସେ ହେଲେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର। ମହାପାତ୍ର ପୂର୍ବରୁ ଦୀର୍ଘବର୍ଷ ଧରି କଂଗ୍ରେସ ଜିଲା ସଭାପତି ଥିଲେ। ୨୦୧୪ ନିର୍ବାଚନରେ ସେ କଂଗ୍ରେସରୁ ପ୍ରାର୍ଥୀ ହେବାରେ ବିଫଳ ହେବାରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିଲେ। ପରେ ଭାଜପାରେ ଯୋଗଦେଇ ଜିଲା ସଭାପତି ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟ ମଧ୍ୟ କ୍ରିୟାଶୀଳ ହୋଇଛି। ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇ ହାରିଥିବା ପ୍ରତାପ ମିଶ୍ର ଏଥର ଆଶାୟୀ ନ ଥିବା କହିଛନ୍ତି। ତେଣୁ ପ୍ରାର୍ଥୀତ୍ୱକୁ ନେଇ କଂଗ୍ରେସ ଓ ଭାଜପାରେ ବିଶେଷ ଦ୍ୱନ୍ଦ୍ୱ ନାହିଁ। ମାତ୍ର ବିଜେଡିରୁ କିଏ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇପାରୁନି। କାରଣ ଏଠାରେ ଜିଲା ବିଜେଡି ସଭାପତି ବିଷ୍ଣୁ ଚରଣ ଦାସ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାଶ, ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ଯୁବ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତି ଓ ଇଂ. ସତ୍ୟବାଦୀ ମିଶ୍ରଙ୍କ ନାମ ଚର୍ଚ୍ଚାକୁ ଆସୁଛି।

ବିଜେଡିରୁ ଏକାଧିକ ଆଶାୟୀ ଥିଲେ ସୁଦ୍ଧା ବିଷ୍ଣୁଙ୍କ ସ୍ଥାନ ସ୍ୱତନ୍ତ୍ର। ସେ ଦୀର୍ଘବର୍ଷ ଧରି ବିଜେଡି ଜିଲା ସଭାପତି ଅଛନ୍ତି। ୧୯୯୦ରୁ କ୍ରମାଗତ ଭାବେ ୫ ଥର ଏହି ଆସନରୁ ବିଧାୟକ ହୋଇଛନ୍ତି। କେବଳ ଏତିକି ନୁହେଁ, ଥରେ ମନ୍ତ୍ରୀ ହୋଇଥିଲେ ଓ ରାଜ୍ୟ ସଭା ସଦସ୍ୟ ଥିଲେ। ଏଥିସହ ବିଜେଡି ଅନୁସୂଚିତ ସେଲ ରାଜ୍ୟ ଆବାହକ, ଭାରତ ସ୍କାଉଟ୍ ଓ ଗାଇଡ୍‌ର ରାଜ୍ୟ ସଭାପତି ଏବଂ ଏବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। କିନ୍ତୁ ଏଠାରୁ ପ୍ରାର୍ଥୀ ହେବା ସମ୍ପର୍କରେ ସେ ଅଦ୍ୟାବଧି ମୁହଁ ଖୋଲୁନାହାନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ବିଜେଡି ଏକ ଶୃଙ୍ଖଳିତ ଦଳ। ରାଜ୍ୟ ସଭାପତି ଯାହା ନିଷ୍ପତ୍ତି ନେବେ ତାହାକୁ ସେ ମାନିବେ। ଅନ୍ୟତମ ଆଶାୟୀ ପ୍ରାର୍ଥୀ ଯୁବ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ କିଛି ମାସ ହେଲା ସାଂଗଠନିକ କାର୍ଯ୍ୟରେ ଅଧିକ ସମୟ ଦେଉଛନ୍ତି। ସେ ୨୦୦୬ରୁ ୨୦୧୨ ପର୍ଯ୍ୟନ୍ତ ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ଓ ୨୦୧୨ରୁ ଏ ପର୍ଯ୍ୟନ୍ତ ଜିଲା ଯୁବ ସଭାପତି ଅଛନ୍ତି। ଦଳ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିବାରୁ ତାଙ୍କର ଦକ୍ଷତା ଓ ଲୋକପ୍ରିୟତା ଉପରେ ଦଳ ଆସ୍ଥା ପ୍ରକଟ କରିବ ବୋଲି ସେ ବିଶ୍ୱାସ ରଖିଛନ୍ତି। ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ ୧୯୭୭, ୧୯୯୦ରେ ଜନତା ଦଳ, ୨୦୦୦ ଓ ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ତାଙ୍କ ସମୟରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ପରେ ସେ ବିଜେଡିରେ ଯୋଗ ଦେଇଥିଲେ। ତାଙ୍କ ଘର ବାଲିକୁଦା ବ୍ଲକ ଅଞ୍ଚଳରେ ହୋଇଥିଲେ ସୁଦ୍ଧା ସେ ଜଗତ୍‌ସିଂହପୁରକୁ ପସନ୍ଦ କରୁଥିବା କହିଛନ୍ତି। ତେବେ ଦଳ ଯାହା ନିଷ୍ପତ୍ତି ନେବ ସେଥିରେ ତାଙ୍କର ଆପତ୍ତି ନ ଥିବା ପ୍ରକାଶ କରିଛନ୍ତି। ଇଂ.ସତ୍ୟବାଦୀ ମିଶ୍ରଙ୍କ କହିବା କଥା ହେଲା ସେ କଂଗ୍ରେସ ନେତା ବିଶ୍ୱାଳଙ୍କ ସହ ଟକ୍କର ଦେଇପାରିବେ। ପୂର୍ବରୁ ଇଞ୍ଜିନିୟର ଥିଲେ ସୁଦ୍ଧା ରାଜନୀତିରେ ଆଗକୁ ବଢିବାକୁ ଚେଷ୍ଟା କରିଛନ୍ତି। ପରିବେଶ ଉପରେ ଭଲ କାମ କରି ଦେଶର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଅନ୍ୟତମ ଆଶାୟୀ ଦେବୀଦତ୍ତ ମହାନ୍ତି ୨୦୧୩ ଜିଲାପରିଷଦ ନିର୍ବାଚନରେ ଜଗତ୍‌ସିଂହପୁର ଜୋନ ନଂ.୩ରୁ ପ୍ରାର୍ଥୀ ହୋଇ ଜିତିବା ସହ ଜିଲା ପରିଷଦ ସଭାପତି ହୋଇଥିଲେ। ତେବେ ଦଳରୁ ଟିକେଟ ନ ମିଳିଲେ ସେ ଦଳୀୟ ପ୍ରାର୍ଥୀଙ୍କ ସହ ରହିବେ ବୋଲି କହିଛନ୍ତି।

ବିଧାୟକ ବିଶ୍ୱାଳ କହିଛନ୍ତି ଯେ, ସେ ଜଗତ୍‌ସିଂହପୁର ଆସନରୁ ଲଢିବେ। ଭୋଟର ଜାଣନ୍ତି କେଉଁ ନେତା ତାଙ୍କ ସାଥିରେ ଅଛନ୍ତି ଆଉ କିଏ ନାହାନ୍ତି। ଗତ ୫ ବର୍ଷ ଭିତରେ ସେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ଯାହା ପ୍ରତିଶ୍ରୁତି ଦେଇଥିଲେ ପାଖାପାଖି ୯୦% ପୂରଣ କରିଛନ୍ତି। ତେଣୁ ଲୋକେ ତାଙ୍କ ଉପରେ ଆସ୍ଥାପ୍ରକଟ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୨୦୦୪ରେ ସେ ତିର୍ତ୍ତୋଲରୁ ବିଧାୟକ ହୋଇଥିଲେ। ପରେ ଉକ୍ତ ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ହୋଇଯିବାରୁ ବିଶ୍ୱାଳ ବାଧ୍ୟହୋଇ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୋଇଥିଲେ। ୨୦୦୯ ନିର୍ବାଚନରେ ସେ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୋଇ ବିଷ୍ଣୁଙ୍କଠାରୁ ହାରିଥିଲେ। ପରେ ୨୦୧୪ ନିର୍ବାଚନରେ ବିଷ୍ଣୁଙ୍କୁ ପରାଜିତ କରି ବିଧାୟକ ହୋଇଥିଲେ। ବିଧାୟକ ହେବା ପରେ ସେ ବିରୋଧୀ ଦଳ ଉପନେତା ହୋଇଥିଲେ।

ଭାଜପା ଜିଲା ସଭାପତି ମହାପାତ୍ର କହିଛନ୍ତି ଯେ, ଏଥର ଭାଜପା ଟିକେଟ୍‌ରେ ସେ ଏଠାରୁ ପ୍ରାର୍ଥୀ ହେବେ ବୋଲି ସବୁଜ ସଙ୍କେତ ପାଇସାରିଛନ୍ତି। ତାଙ୍କ ପାଖରେ ୩୪ ବର୍ଷର ରାଜନୈତିକ ଅଭିଜ୍ଞତା ଅଛି। ୧୯୮୪ରେ ପ୍ରଥମେ ରାଜନୀତିରେ ପ୍ରବେଶ କରିଥିଲେ। ୧୯୯୦ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଏନ୍‌ଏସିରୁ ସ୍ୱାଧୀନ କାଉନସିଲର ହୋଇପାରିଥିଲେ। ୧୯୯୭ରୁ ୨୦୦୨ ମଧ୍ୟରେ ସେ ଜଗତ୍‌ସିଂହପୁରର ପ୍ରଥମ ପୌର ପରିଷଦ ଅଧ୍ୟକ୍ଷ ହେବାର ଗୌରବ ହାସଲ କରିଥିଲେ। ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ସେ କଂଗ୍ରେସ ଜିଲା ସଭାପତି ଥିଲେ। ଏବେ ଭାଜପା ଜିଲା ସଭାପତି ଭାବେ ସେ ଦଳୀୟ କାର୍ଯ୍ୟକ୍ରମକୁ ବେଶ୍ ସକ୍ରିୟ କରିପାରିଛନ୍ତି। ତେଣୁ ତାଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ସେ ନିଶ୍ଚିତ ଥିବା କହିଛନ୍ତି।


ଚିରଞ୍ଜୀବ ବିଶ୍ୱାଳ


ବିଷ୍ଣୁ ଚରଣ ଦାସ


ସତ୍ୟବ୍ରତ ମହାପାତ୍ର

**ନିର୍ବାଚନମଣ୍ଡଳୀ ରୂପରେଖ**

- ଜଗତ୍‌ସିଂହପୁର ପୌର ପରିଷଦର ୨୧ ୱାର୍ଡ, ଜଗତ୍‌ସିଂହପୁର ବ୍ଲକର ୩୦ ଓ ନାଉଗାଁ ବ୍ଲକର ୧୬ ପଞ୍ଚାୟତକୁ ନେଇ ଏହି ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ।
- ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା: ୨,୬୧,୯୧୪
- ୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା: ୨,୧୧,୨୧୦

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଂଗ୍ରେସ | ଚିରଞ୍ଜୀବ ବିଶ୍ୱାଳ | ୬୭,୦୬୭ |
| ବିଜେଡି | ବିଷ୍ଣୁ ଚରଣ ଦାସ | ୬୪,୧୭୯ |
| ସ୍ୱାଧୀନ | ସତ୍ୟବ୍ରତ ମହାପାତ୍ର | ୮,୮୪୪ |
| ଭାଜପା | ପ୍ରତାପ କୁମାର ମିଶ୍ର | ୭,୦୫୮ |



“ ଟ୍ରାନ୍ସଜେଣ୍ଡର ଆଥଲେଟ୍‌ଙ୍କୁ ମହିଳାଙ୍କ ସହିତ ଭାଗ ନେବାକୁ ସୁଯୋଗ ଦେବା ଧୋକା ଓ ଅନୁଚିତ ବୋଲି କହିଥିବାରୁ ମୁଁ କ୍ଷମା ମାଗୁଛି ।

–ମାର୍ଟିନା ନାଭ୍ରାତିଲୋଭା, ପୂର୍ବତନ ଟେନିସ ଖେଳାଳି

“ ମାର୍ଚ୍ଚ ୧୦ରୁ ଆରମ୍ଭ ହେବାକୁଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମୁଁ କେଣ୍ଟୋ ମୋମୋତାଙ୍କ ସହିତ ମୁକାବିଲା କରିବାକୁ ଚାହେଁ ।

–ସମୀର ବର୍ମା, ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଡବଲ କ୍ୟାରମ ଟୁର୍ନାମେଣ୍ଟ: କିଙ୍ଗ କ୍ଲବ ଚାମ୍ପିୟନ

**କଟକ ଅଫିସ, ୪।୩:** ନୂଆପାଟଣାସ୍ଥିତ ପପୁଲାର କ୍ଲବ ଆନୁକୂଲ୍ୟରେ ବୈଦନାଥ ମେମୋରିଆଲ ଡବଲ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮୪ଟି କ୍ଲବ ଅଂଶଗ୍ରହଣ କରିଥିଲେ । ଟୁର୍ନାମେଣ୍ଟରେ କିଙ୍ଗ କ୍ଲବ ଚାମ୍ପିୟନ ହୋଇ ୫ହଜାର ଟଙ୍କା ପୁରସ୍କାର ସହିତ ଟ୍ରଫି ଜିତିଥିବା ବେଳେ ତ୍ରିରଙ୍ଗା କ୍ଲବ ରନର୍ସଅପ ହୋଇ ୩ହଜାର ଟଙ୍କା ସହିତ ଟ୍ରଫି ହାସଲ କରିଛି । ତୃତୀୟ ଓ ଚତୁର୍ଥ ସ୍ଥାନ ଯଥାକ୍ରମେ ସ୍ୱର୍ଣ୍ଣ ଦେବୀ ଓ ଓରିଏଣ୍ଟ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କ୍ଲବର ଆଜୀବନ ସଭାପତି ବିନୋଦ ଚନ୍ଦ୍ର ଦାସ, ସଭାପତି ପ୍ରଶାନ୍ତ କୁମାର ପୃଷ୍ଟି, ସମ୍ପାଦକ ବିକାଶ କୁମାର ବେହେରା, ଭାରତ ଭୂଷଣ ସ୍ୱାଇଁ, ସମଶେର ମହମ୍ମଦ, ମନୋରଞ୍ଜନ ସାହୁ, ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବିଶ୍ୱକପ୍ ପରେ ଦିନିକିଆରୁ ତାହିରଙ୍କ ଅବସର



**ଜୋହାନ୍ସବର୍ଗ, ୪।୩:** ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅଭିଜ୍ଞ ଲେଗ୍-ସ୍ପିନର ଇମ୍ରାନ ତାହିର ଆସନ୍ତା ଆଇସିସି ବିଶ୍ୱକପ୍ ପରେ ଦିନିକିଆ କ୍ରିକେଟରୁ ଅବସର ନେବେ। ଦକ୍ଷିଣ ଆଫ୍ରିକା କ୍ରିକେଟ ପକ୍ଷରୁ ଏହାର ଅଫିସିଆଲ ଟୁଇଟର୍ ପୃଷ୍ଠାରେ ସୋମବାର ଏହା ଉଲ୍ଲେଖ କରାଯାଇଛି। ଯୁବ କ୍ରିକେଟରଙ୍କୁ ଅଧିକ ସୁଯୋଗ ଦେବା ଲକ୍ଷ୍ୟରେ ତାହିର ଏହିଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ସେ ଦେଶ ପକ୍ଷରୁ ଟି୨୦ କ୍ରିକେଟରେ ଖେଳ ଜାରି ରଖିବେ ବୋଲି ଜଣାପଡ଼ିଛି। ୩୯ ବର୍ଷୀୟ ତାହିର ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ। ଏହାମଧ୍ୟରେ ସେ ୯୫ ଦିନିକିଆରୁ ୧୫୬ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ଜାତୀୟ ଦଳ ପକ୍ଷରୁ ସେ ୨୦ ଟେଷ୍ଟ ଓ ୩୭ଟି ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୭ ଓ ୬୨ ଉଇକେଟ୍ ନେଇଛନ୍ତି।

### ଡାଇମଣ୍ଡକୁ ହରାଇଲା ପିସିସି

**ଭୁବନେଶ୍ୱର, ୪।୩(ସ୍ପୋର୍ଟ୍ସ ବ୍ୟୁରୋ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବଡ଼ଘୁମୁରି ପଞ୍ଚାୟତ ଭୁବନପୁର ଗ୍ରାମର ମିଳନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩୦ତମ ବାବା ପ୍ରହ୍ଲାଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମ୍ୟାଚରେ ଚକ ବଡ଼ଘୁମୁରିର ଡାଇମଣ୍ଡ ଫ୍ରେସ୍ କ୍ରିକେଟ କ୍ଲବକୁ ଛତିଆର ପିସିସି ୮ ରନରେ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପିସିସି ୩୦ ଓଭରରେ ୧୨୬ ରନ କରିଥିଲା। ଜବାବରେ ଡାଇମଣ୍ଡ କ୍ଲବ ୨୦ ଓଭରରେ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ୧୭ ରନ ଦେଇ ୪ଟି ଉଇକେଟ ନେଇଥିବା ବିଜୟୀ ଦଳର ପପୁରାୟ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନୀଳମଣି ମହାରଣା ଓ ଲକ୍ଷ୍ମୀଧର ଖୁଣ୍ଟିଆ ମ୍ୟାଚ ପରିଚାଳନା କରିଥିଲେ। ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ସୀତାନାଥ ରାଉତରାୟ ଅତିଥିଭାବେ ଯୋଗ ଦେଇଥିଲେ।

### ଗୋଆ, ୟୁପି ଚାମ୍ପିୟନ

**ଭୁବନେଶ୍ୱର, ୪।୩(କ୍ରୀଡ଼ା ପ୍ରତିନିଧି):** ଜାତୀୟ ଜୁନିୟର ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ୨୬ତମ ସଂସ୍କରଣ ସୋମବାର ତାମିଲନାଡୁରେ ଉଦ୍‌ଯାପିତ ହୋଇଛି। ଏହାର ବାଳିକା ବିଭାଗରେ ଗୋଆ ଓ ବାଳକରେ ଉତ୍ତର ପ୍ରଦେଶ (ୟୁପି) ଚାମ୍ପିୟନ ହୋଇଛି। ବାଳିକାରେ ଉତ୍ତର ପ୍ରଦେଶ ରନର୍ସଅପ୍ ଏବଂ ଛତିଶ୍‌ଗଡ଼ ଓ ପଣ୍ଡିଚେରୀ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗରେ ଗୋଆ ରନର୍ସଅପ୍ ଏବଂ ଛତିଶଗଡ଼ ଓ ପଣ୍ଡିଚେରୀ ଯୁଗ୍ମ ତୃତୀୟ ହୋଇଛନ୍ତି ବୋଲି ଓଡ଼ିଶା ଟେନିସ ବଲ୍ କ୍ରିକେଟ କୋଚ୍ ଚକ୍ରଧର ମାଝିଙ୍କ ସୂତ୍ରରୁ ପ୍ରକାଶ।

## ଦ୍ୱିତୀୟ ଦିନିକିଆ ଆଜି

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ

**ନାଗପୁର, ୪।୩(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ବିଶ୍ୱକପ ପୂର୍ବରୁ ଦଳର ଲାଇନ୍‌ଅପ୍‌କୁ ଚୂଡ଼ାନ୍ତ ରୂପ ଦେବା ସହିତ ବିଜୟ ଧାରା ବଜାୟ ରଖିବା ଭାରତର ମୁଖ୍ୟ ଲକ୍ଷ୍ୟ। ଗତ ଶନିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୬ ଉଇକେଟରେ ବିଜୟୀ ହୋଇଥିଲା। ଦଳର ବୋଲିଂ ଓ ବ୍ୟାଟିଂ ବିଭାଗ ଏଥିରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଫଳରେ ଟି୨୦ ସିରିଜରେ ୦-୨ରେ ପରାଜୟ ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ପାରିଥିଲା।

ବିଶ୍ୱକପ ପୂର୍ବରୁ ଭାରତ ଆଉ ମାତ୍ର ୪ଟି ଦିନିକିଆ ଖେଳିବାକୁ ବାକି ରହିଛି। ତେଣୁ ଆଗାମୀ ମେଗା ଟୁର୍ନାମେଣ୍ଟ ପୂର୍ବରୁ ଦଳକୁ ସଜାଡ଼ି ନେବାପାଇଁ ଏହାକୁ ଶେଷ ସୁଯୋଗ ବୋଲି କୁହାଯାଇ ପାରିବ। ଓପନର ଶିଖର ଧାୱନ ହାଇଦ୍ରାବାଦରେ ସଫଳ ହୋଇପାରି ନ ଥିଲେ। ତେବେ ତାଙ୍କୁ ଆଗାମୀ ମ୍ୟାଚରେ ସ୍ଥାନ ମିଳିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଲୋକେଶ ରାହୁଲ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଉପଅଧିନାୟକ ରୋହିତ ଶର୍ମା କ୍ରିଜରେ ରହିଲେ ଅଷ୍ଟ୍ରେଲିଆର ଯେ କୌଣସି ବୋଲିଂ ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ। ତେଣୁ ପ୍ରଥମ ମ୍ୟାଚରେ ୪୪ ରନ କରିଥିବା ଅଧିନାୟକ ବିରାଟ କୋହଲି ଓ ରୋହିତଙ୍କୁ ନେଇ ଅଷ୍ଟ୍ରେଲିଆ ଚିନ୍ତିତ ଥିବ ନିଶ୍ଚିତ। ଉଭୟ ଖେଳାଳି ରନ ପାଇଁ ସବୁବେଳେ ଭୋକିଲା ଥାଆନ୍ତି। ତେଣୁ ଯଦି ବିଦର୍ଭ କ୍ରିକେଟ ଆସୋସିଏଶନ (ଭିସିଏ) ଷ୍ଟାଡିୟମରେ ୨ ଜଣଙ୍କ ବ୍ୟାଟ୍ ଚାଲିଲା ତେବେ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ ବହୁତ କଷ୍ଟକର ହୋଇ ପଡ଼ିବ। ଅମ୍ବାତି ରାୟୁଡୁ ପୂର୍ବ ମ୍ୟାଚରେ ଫେଲ୍ ମାରିଥିଲେ ହେଁ ତାଙ୍କ ବ୍ୟାଟିଂ ଦକ୍ଷତା ଉପରେ ଟିମ୍ ମ୍ୟାନେଜମେଣ୍ଟ ସନ୍ତୁଷ୍ଟ। ତେଣୁ ତାଙ୍କ ସ୍ଥାନ ବିପଦରେ ନାହିଁ। ୮୧ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କେଦାର ଯାଦବ ବ୍ୟାଟିଂ ଅର୍ଡରର ୬ ନମ୍ବର ସ୍ଥାନକୁ ଏକପ୍ରକାର ପକ୍କା କରି ନେଇଛନ୍ତି। ତାଙ୍କ ଡାହାଣହାତୀ ଅଫ୍ ବ୍ରେକ୍ ବୋଲିଂ ମଧ୍ୟ ଦଳ ପାଇଁ ବେଶ୍ ଉପାଦେୟ ହେଉଛି। ୩୭ ବର୍ଷୀୟ ମହେନ୍ଦ୍ର ସିଂ ଧୋନୀଙ୍କ ଫର୍ମ ଦଳ ପାଇଁ ଶୁଭ ଦାୟକ ହୋଇଛି। ପ୍ରଥମ ଦିନିକିଆରେ ଟପ୍ ଅର୍ଡର ବିଫଳତା ସତ୍ତ୍ୱେ ସେ ୫୯ ରନରେ ଅପରାଜିତ ରହି ମ୍ୟାଚକୁ ଯେପରି ଫିନିଶ୍ କଲେ ତାହା କୋଚ୍ ରବି ଶାସ୍ତ୍ରୀଙ୍କୁ ବେଶ୍ ପ୍ରଭାବିତ କରିଛି। ତେବେ ବିଜୟ ଶଙ୍କର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବାରୁ ତାଙ୍କ ସ୍ଥାନରେ ଯୁବ ଖେଳାଳି ରିଷଭ ପନ୍ତଙ୍କୁ ସୁଯୋଗ ମିଳିପାରେ।

ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ୍ ବୁମ୍‌ରା ଭାରତୀୟ ବୋଲିଂ ଆକ୍ରମଣର କର୍ଣ୍ଣଧାର ବୋଲି ପ୍ରଥମ ଦିନିକିଆରେ ପ୍ରମାଣ କରି ଦେଇଛନ୍ତି। ଏହି ଗୁଜରାଟ ପେସରଙ୍କ ସହ ମହମ୍ମଦ ସାମି କୋହଲିଙ୍କ ଅସ୍ତ୍ରାଗାରର ମାରାତ୍ମକ ହତିଆର ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ଚାଇନାମ୍ୟାନ ବୋଲର କୁଳଦୀପ ଯାଦବ ଭାରତୀୟ ସ୍ପିନ୍ ଆକ୍ରମଣର ନେତୃତ୍ୱ ନେବେ। ମିଡଲ ଓଭରରେ ସେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତେବେ ତାଙ୍କ ସହିତ ରବୀନ୍ଦ୍ର ଜାଡେଜା ରହୁଛନ୍ତି କିମ୍ବା ଯୁଜବେନ୍ଦ୍ର ଚହଲ ଦଳକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିଜୟ ସହ ସିରିଜକୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କଲେ ପରିସ୍ଥିତି ଅଧିକ କଷ୍ଟକର ହୋଇପଡ଼ିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ଜାଣିଛି। କୋଚ୍ ଜଷ୍ଟିନ୍ ଲାଙ୍ଗରଙ୍କ ପାଇଁ ଫର୍ମରେ ନ ଥିବା ଆରୋନ ଫିଞ୍ଚ ଚିନ୍ତାର କାରଣ ହୋଇଛନ୍ତି। ୨ଟି ଟି୨୦ରେ ଯଥାକ୍ରମେ ୦ ଓ ୮ ରନରେ ଆଉଟ ହୋଇଥିବା ଫିଞ୍ଚ୍ ପ୍ରଥମ ଦିନିକିଆରେ ମଧ୍ୟ ଫେଲ୍ ମାରିଛନ୍ତି। ତେବେ ଭାଗ୍ୟ ପରିବର୍ତ୍ତନ ସହ ମଙ୍ଗଳବାର ମ୍ୟାଚରେ ସେ ଫର୍ମକୁ ଫେରିବେ ବୋଲି ଆଶା ରଖିଛନ୍ତି। ପ୍ରଥମ ଦିନିକିଆରେ ଭଲ ଆରମ୍ଭ ପରେ ଦାୟିତ୍ୱହୀନଭାବେ ଉଇକେଟ ଫୋପାଡ଼ି ଦେଇଥିବା ଉସମାନ ଖ୍ୱାଜା, ଗ୍ଲେନ ମ୍ୟାକ୍ସୱେଲ, ଅଲରାଉଣ୍ଡର ମାର୍କୁସ ଷ୍ଟୋଇନ୍ସଙ୍କୁ ଆଗାମୀ ମ୍ୟାଚରେ ବଡ଼ ଇନିଂସ ଖେଳିବାକୁ ହେବ। ଯୁବ ଖେଳାଳି ପିଟର ହ୍ୟାଣ୍ଡସ୍କମ୍ବ ଓ ଉଇକେଟ କିପର ଆଲେକ୍ସ କୋରେଙ୍କୁ ମଧ୍ୟ ନିଜ ଭୂମିକା ବୁଝିବାକୁ ପଡ଼ିବ। ଲେଗ୍ ସ୍ପିନର ଆଡାମ ଜାମ୍ପା ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇବାରେ ସକ୍ଷମ ହୋଇଥିବାରୁ ଅଷ୍ଟ୍ରେଲିଆ ବୋଲିଂ ଆକ୍ରମଣର ନେତୃତ୍ୱ ନେବେ। ତେବେ ତାଙ୍କୁ ଫ୍ରଣ୍ଟଲାଇନ ବୋଲର ପ୍ୟାଟ୍ କୁମିନ୍ସ ଓ ନାଥାନ କୁଲ୍ଟର ନିଲଙ୍କଠାରୁ ଉପଯୁକ୍ତ ସମର୍ଥନ ମିଳିବା ଆବଶ୍ୟକ। ନିୟମିତ ଆଇପିଏଲ ଖେଳୁଥିବା ଆଣ୍ଡ୍ର୍ୟୁ ଟାଇଙ୍କୁ ଅଷ୍ଟ୍ରେଲିଆ ଜାସନ ବେହରେନଡର୍ଫଙ୍କ ସ୍ଥାନରେ ଖେଳାଇପାରେ।



ଅଭ୍ୟାସ ସେସନ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

**ଭାରତୀୟ ଦଳ**

ବିରାଟ କୋହଲି(ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ବିଜୟ ଶଙ୍କର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ୍, ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା।

**ଅଷ୍ଟ୍ରେଲିଆ ଦଳ**

ଆରୋନ ଫିଞ୍ଚ(ଅଧିନାୟକ), ଡାର୍ସି ଶର୍ଟ, ଶନ ମାର୍ଶ, ମାର୍କୁସ ଷ୍ଟୋଇନ୍ସ, ଉସମାନ ଖ୍ୱାଜା, ଆଲେକ୍ସ କୋରେ, ପିଟର ହ୍ୟାଣ୍ଡସ୍କମ୍ବ, ଆଷ୍ଟନ ଟର୍ନର, ଆଡାମ ଜାମ୍ପା, ଜାସନ ବେହରେନଡର୍ଫ, ଝି ରିଚାର୍ଡସନ, ପ୍ୟାଟ୍ କୁମିନ୍ସ, ଆଣ୍ଡ୍ର୍ୟୁ ଟାଇ, ନାଥାନ କୁଲ୍ଟର ନିଲ, ନାଥାନ ଲିୟନ।

**ମ୍ୟାଚ ଆରମ୍ଭ:** ଅପରାହ୍ନ ୧ଟା ୩୦ / **ପ୍ରସାରଣ:** ଷ୍ଟାର ନେଟୱର୍କ

# ଜାମାଥ୍‌ରେ ଭାରତ ଅପରାଜେୟ

**ନାଗପୁର, ୪।୩(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଜାମାଥ୍‌ରେ ଅବସ୍ଥିତ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯିବ। ଅଷ୍ଟ୍ରେଲିଆ ବିପକ୍ଷରେ ଏହି ଗ୍ରାଉଣ୍ଡରେ ଭାରତର ଶତପ୍ରତିଶତ ବିଜୟ ରେକର୍ଡ ରହିଛି। ଘରୋଇ ଭାରତୀୟ ଦଳ ଏଠାରେ ୩ଟି ଦିନିକିଆ ମ୍ୟାଚ୍ ଖେଳିଥିବାବେଳେ ସବୁଥିରେ କଙ୍ଗାରୁ ଦଳକୁ ମାତ୍ ଦେଇଛି।

ଉଭୟ ଭାରତ ଓ ଅଷ୍ଟ୍ରେଲିଆ ୨୦୦୯ ଅକ୍ଟୋବର ୨୮ରେ ପ୍ରଥମଥର ଲାଗି ଏହି ଗ୍ରାଉଣ୍ଡରେ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତ ୯୯ ରନରେ ବିଜୟୀ ଲାଭ କରିଥିଲା। ଅଧିନାୟକ ଧୋନୀଙ୍କ ୧୨୪ ରନର ଶତକୀୟ ଇନିଂସ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ଉଇକେଟ୍‌ରେ ୩୫୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୫୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହାର ୪ ବର୍ଷପରେ ୨୦୧୩ ଅକ୍ଟୋବର ୩୦ରେ ପୁଣିଥରେ ଦୁଇ ଦଳ ପରସ୍ପର ବିପକ୍ଷରେ ଏଠାରେ ଖେଳିଥିଲେ। ଅଧିନାୟକ ଜର୍ଜ ବେଲୀ (୧୫୬) ଓ ଶେନ୍ ୱାଟସନ (୧୦୨)ଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍‌ରେ ୩୫୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଭାରତ ଶିଖର ଧାୱନ (୧୦୦), ବିରାଟ କୋହଲି (୧୧୫*)ଙ୍କ ଶତକ ସହାୟତାରେ ୩ଟି ବଲ ପୂର୍ବରୁ ୪ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବର୍ତ୍ତମାନର ଅଧିନାୟକ କୋହଲି ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

ଶେଷଥର ପାଇଁ ଦୁଇ ଦଳ ୨୦୧୭ ଅକ୍ଟୋବର ୧ରେ ଏଠାରେ ଖେଳିଥିଲେ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୪୩ ରନର ଲକ୍ଷ୍ୟକୁ ଭାରତ ୪୨.୫ ଓଭରରେ ୩ ଉଇକେଟ୍‌ରେ ହାସଲ କରିନେଇଥିଲା। ରୋହିତ୍ ଶର୍ମା ୧୨୫ ରନ ବିସ୍ଫୋରକ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ୨୦୧୧ ବିଶ୍ୱକପ୍ ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ଉଇକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

# ପ୍ରଥମ ଟି୨୦ରେ ଇଂଲଣ୍ଡ ବିଜୟୀ

**ମହିଳା କ୍ରିକେଟ**

**ଗୁଆହାଟୀ,୪।୩**

ଏଠାରେ ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ୪୧ ରନ୍‌ରେ ଭାରତ ମହିଳା ଦଳକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଇଂଲଣ୍ଡ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ତେବେ କ୍ରିକେଟର ଛୋଟିଆ ଫର୍ମାଟରେ ଏହାଭାରତୀୟ ମହିଳା କ୍ରମାଗତ ୫ମ ପରାଜୟ। ପୂର୍ବରୁ ଭାରତୀୟ ଦଳ ନ୍ୟୁଜିଲାଣ୍ଡଠାରୁ ସମସ୍ତ ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଭାରତୀୟ କାମଚଳା ଅଧିନାୟିକା ସ୍ମୃତି ମନ୍ଧାନା ଟସ୍ ଜିତି ଭ୍ରମଣକାରୀ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଟମି ବିମଣ୍ଟଙ୍କ ୬୨ ଓ ଅଧିନାୟିକା ହେଥର ନାଇଟଙ୍କ (୪୦) ରନ୍ ଯୋଗୁ ଇଂଲଣ୍ଡ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଭାରତ ପାଇଁ ବୋଲିଂରେ ରାଧା ଯାଦବ ୨ଟି ଉଇକେଟ ନେଇଥିବାବେଳେ ଦୀପ୍ତି ଶର୍ମା ଓ ଶିକ୍ଷା ପାଣ୍ଡେ ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଜବାବରେ ଭାରତୀୟ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୭୬ ରନ୍ ମଧ୍ୟରେ ଉପରକ୍ରମର ୬ ବ୍ୟାଟ୍ସଓମ୍ୟାନଙ୍କ ଉଇକେଟ ହରାଇ ଲକ୍ଷ୍ୟ ହରା ହୋଇଯାଇଥିଲା। ଏହାପରେ ଦୀପ୍ତି (୨୨) ଓ ଶିକ୍ଷା (୨୩) ୭ମ ଉଇକେଟ ପାଇଁ ୪୩ ରନ୍ ଯୋଡ଼ିଥିଲେ। ଏଥିଯୋଗୁ ଦଳ ଶେଷ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୧୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପାଇଁ କାଥେରିନ ବ୍ରୁଣ୍ଟ ଓ ଲିନ୍‌ସେ ସ୍ମିଥ ୨ ଉଇକେଟ ଲେଖାଏ ଅକ୍ତିଆର କରିଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୭ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

## ଶୀର୍ଷରେ ଝୁଲଣ



**ଦୁବାଇ,୪।୩:** ଭେଟେରାନ ଭାରତୀୟ ପେସର ଝୁଲଣ ଗୋସ୍ୱାମୀ ସୋମବାର ଆଇସିସି ମହିଳା ଦିନିକିଆ ବୋଲରଙ୍କ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ ଯୋଗୁ ଝୁଲଣଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଘଟିଛି। ୩୬ ବର୍ଷୀୟ ବୋଲର ଦୁଇ ବର୍ଷ ପରେ ପୁଣି ଶୀର୍ଷ ସ୍ଥାନ ହାତେଇଛନ୍ତି। ଏଥିପୂର୍ବରୁ ସେ ୨୦୧୭ ଫେବୃୟାରରେ ଅନ୍ତିମ ଥର ଶୀର୍ଷରେ ଥିଲେ। ମହିଳା ଦିନିକିଆ ଇତିହାସରେ ସବୁଠୁ ସଫଳତମ ବୋଲର ଗୋସ୍ୱାମୀ କ୍ୟାରିୟରରେ ମୋଟ ୨୧୮ ଉଇକେଟ ନେଇସାରିଛନ୍ତି। ସେ ଏପର୍ଯ୍ୟନ୍ତ ୧୮୭୩ ଦିନ ଧରି ଶୀର୍ଷରେ ରହିସାରିଛନ୍ତି। ତାଙ୍କୁ ଅଷ୍ଟ୍ରେଲିଆର ଅବସରପ୍ରାପ୍ତ ବୋଲର କାଥ୍ରିନ ଫିଜପାଟ୍ରିକଙ୍କ ରେକର୍ଡ ଭାଙ୍ଗିବା ପାଇଁ ଦିନିକିଆ ମହିଳା ବୋଲରଙ୍କ ଶୀର୍ଷ ସ୍ଥାନରେ ଆହୁରି ୧୪୦ ଦିନ ରହିବାକୁ ପଡ଼ିବ। ଫିଜପାଟ୍ରିକ ୨୧୧୩ ଦିନ ଧରି ଶୀର୍ଷରେ ରହିଥିଲେ। ଗୋସ୍ୱାମୀଙ୍କ ପାର୍ଟନର ଶିକ୍ଷା ପାଣ୍ଡେ ୧୨ ସ୍ଥାନ ଉପରକୁ ଉଠି ୫ମ ସ୍ଥାନ ଅଧିକାର କରିଛନ୍ତି। ଏଭଳି ଘଟଣା ଦୀର୍ଘ ୯ ବର୍ଷ ପରେ ପ୍ରଥମ ଥର ଦେଖିବାକୁ ମିଳିଛି। ଏଥିପୂର୍ବରୁ ଗୋସ୍ୱାମୀ ଓ ରୁମେଲି ଧର ୨୦୧୦ରେ ବୋଲର ଟପ୍ ୫ରେ ସ୍ଥାନ ପାଇଥିଲେ। ଷ୍ଟାଇଲିସ ବ୍ୟାଟ୍ସମ୍ୟାନ ସ୍ମୃତି ମନ୍ଧାନା ବ୍ୟାଟଓମ୍ୟାନଙ୍କ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି। ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଉଭୟ ବ୍ୟାଟିଂ ଓ ବୋଲିଂରେ ଦୁଇ ଭାରତୀୟ ଶୀର୍ଷରେ ରହିଛନ୍ତି। ଅନ୍ତିମ ଥର ୨୦୧୨ରେ ମିଥାଲି ରାଜ ଓ ଗୋସ୍ୱାମୀ ନିଜ ନିଜ ବିଭାଗରେ ଶୀର୍ଷରେ ଥିଲେ।

# ଅରବିନ୍ଦ ସ୍ମାରକୀ କ୍ରିକେଟ: ଏମସିସି କ୍ୱାର୍ଟରରେ

**ଭୁବନେଶ୍ୱର, ୪।୩(କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଦ୍ୱିତୀୟ ଦଳଭାବେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମସିସି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଏମସିସି ୭ ଉଇକେଟରେ କଟକର ବିଶ୍ୱଭାରତୀକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱଭାରତୀ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ ହରାଇ ୧୬୯ ରନ କରିଥିଲା। ଦଳ ପକ୍ଷରୁ ବଲଜିନ୍ଦର ସିଂ ୫୧, କିରନ୍ କୁମାର ୩୪ ଓ ମହମ୍ମଦ ଜିନ ୩୨ ରନ କରିଥିଲେ। ଏମସିସି ପକ୍ଷରୁ ଶ୍ରୀରାଜ ପଟ୍ଟନାୟକ ୧୮ ରନ ଦେଇ ୩ଟି ଉଇକେଟ ନେଇଥିଲେ। ୧୭୦ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଏମସିସି ୩୨.୧ ଓଭରରେ ୩ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରି ନେଇଥିଲା। ସୁବାଶିଷ ମଲିକ ୪୬ ରନରେ ଅପରାଜିତ ରହିଥିବାବେଳେ କରନ ମହାପାତ୍ର ୪୧ ଓ ବିଭାଂଶୁ ଶେଖର ରୟ ୩୭ ରନ କରି ଦଳକୁ ବିଜୟୀ କରାଇଥିଲେ। ପରାଜିତ ଦଳର ମହମ୍ମଦ ଜିସନ, ସମ୍ବିତ ବେଜ୍ ଓ ସାର୍ଥକ ପଣ୍ଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସୁବାଶିଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ବିଭାଂଶୁଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଥିଲା। ଗୁରଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସଭାପତି ପ୍ରତାପ ଜେନା ଓ ସମ୍ପାଦକ ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କଠାରୁ ସୁବାଶିଷ ମଲିକ ପୁରସ୍କାର ଗ୍ରହଣ କରୁଛନ୍ତି।

# ବିପଦରେ କୋହଲିଙ୍କ ନଂ ୧ ଟେଷ୍ଟ ବ୍ୟାଟ୍ସମ୍ୟାନ ମାନ୍ୟତା

**ଦୁବାଇ,୪।୩:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଦୀର୍ଘ ଦିନ ହେଲା ଟେଷ୍ଟ ବ୍ୟାଟ୍ସମ୍ୟାନଙ୍କ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ହାତେଇ ରଖିଛନ୍ତି। ହେଲେ ତାଙ୍କ ନଂ ୧ ଟେଷ୍ଟ ବ୍ୟାଟ୍ସମ୍ୟାନ ମାନ୍ୟତା ଏବେ ବିପଦରେ ଅଛି। ଏହାର କାରଣ ହେଉଛନ୍ତି ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ। ଗତ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଅପରାଜିତ ଦ୍ୱିଶତକ ହାସଲ କରିଥିବା ୱିଲିୟମସନ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଏହା ଆଇସିସି ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ନୂଆ ର୍‍ୟାଙ୍କିଙ୍ଗ୍ ଦର୍ଶାଉଛି। ଦ୍ୱିଶତକ ଇନିଂସ ଯୋଗୁ କିୱି ଅଧିନାୟକଙ୍କ ରେଟିଂ ପଏଣ୍ଟ ୮୯୭ରୁ ବୃଦ୍ଧି ପାଇ ୯୧୫ରେ ପହଞ୍ଚିଛି। ଯାହା ଟେଷ୍ଟ ବ୍ୟାଟ୍ସମ୍ୟାନ ତାଲିକାର ଶୀର୍ଷରେ ଥିବା କୋହଲିଙ୍କ ରେଟିଂ ପଏଣ୍ଟଠାରୁ ମାତ୍ର ୭ ପଏଣ୍ଟ କମ୍। ଭାରତୀୟ ଅଧିନାୟକଙ୍କ ନିକଟରେ ଏବେ ୯୨୨ ପଏଣ୍ଟ ରହିଛି। ଏହି ସଂଖ୍ୟାକୁ ଅତିକ୍ରମ କରିବା ଲାଗି ୱିଲିୟମସନଙ୍କ ପାଖରେ ସୁଯୋଗ ରହିଛି। ବାଂଲାଦେଶ ବିପକ୍ଷରେ ଆହୁରି ୨ଟି ଟେଷ୍ଟ ଖେଳାଯିବାର ଅଛି। ଏଣୁ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ୍ ଶେଷ ହେବା ପରେ ନୂଆ ନଂ ୧ ଟେଷ୍ଟ ବ୍ୟାଟ୍ସମ୍ୟାନ ଦେଖିବାକୁ ମିଳିପାରେ। ୱିଲିୟମସନ କଦାପି କୌଣସି ଫର୍ମାଟର ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିନାହାନ୍ତି। ର୍‍ୟାଙ୍କିଙ୍ଗରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା (୮୮୧) ୩ୟ ସ୍ଥାନରେ ରହିଛନ୍ତି।

# ସାରସ୍ୱତ ସାଧିକା ମଞ୍ଜୁ

ପାରିପାର୍ଶ୍ୱିକ ପରିସ୍ଥିତି, ସାମାଜିକ ଚାଲିଚଳଣି, ମାନବିକ ଚରିତ୍ର, ବିଭିନ୍ନ ଘଟଣାବଳୀ ବିଷୟରେ ଜାଣିବାକୁ ପିଲାଟି ବେଳୁ ସେ ଆଗ୍ରହ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଏହା ତାଙ୍କୁ ସାହିତ୍ୟ ସାଧନା ପାଇଁ ପ୍ରେରଣା ଯୋଗାଇଥିଲା। ଏହି ଅନନ୍ୟ ମହିଳା ଜଣକ ହେଉଛନ୍ତି ଡ. ମଞ୍ଜୁ ଶର୍ମା ମହାପାତ୍ର। ୨୫ ଜୁନ୍ ୧୯୬୩ରେ ହରିୟାଣାର ଆମ୍ବାଲା ଜିଲା ଅନ୍ତର୍ଗତ ଲାହା ଗ୍ରାମରେ ଜନ୍ମ ତାଙ୍କର। ବି.ଏସ୍‌ସି(ପ୍ରଥମ ଶ୍ରେଣୀ) ବିଏଡ୍ ଓ ଏମ୍‌ଏ ହିନ୍ଦୀ(ପ୍ରଥମ ଶ୍ରେଣୀ) ପି.ଏଚ୍‌ଡି ଡିଗ୍ରୀ ହାସଲ କରିବା ପରେ ବର୍ତ୍ତମାନ ରାଉରକେଲା ଜଳଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଅଧ୍ୟାପିକା ଭାବରେ କାର୍ଯ୍ୟରତ। ତାଙ୍କର ହିନ୍ଦୀ ରଚନାବଳୀ ଭିତରେ ରହିଛି ତୁମ୍ ଲୌଟ ଆଓ ନା, ମୁକ୍ତି ମଠ, ଏକ ସୁଖ (ଉପନ୍ୟାସ), ସୁନୋ ଆକାଶ(କବିତା), ଗୁଣ୍ଡା(କାହାଣୀ) ଅନ୍ୟତମ । ତାଙ୍କର ଅନେକ ହିନ୍ଦୀ ରଚନା ଓଡ଼ିଆ ଭାଷାରେ ଅନୁବାଦିତ ହୋଇ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶିତ ହେବା ସହ ପାଠକୀୟ ଆଦୃତି ଲାଭ କରିପାରିଛି। ଏପରି ସାରସ୍ୱତ ସାଧନା ତାଙ୍କୁ ଆଣି ଦେଇଛି ଅନେକ ପ୍ରଶଂସା ଏବଂ ପୁରସ୍କାର। ନିଜର ସଫଳତା ପଛରେ ସ୍ୱାମୀ ଡା. ରାହାସବିହାରୀ ମହାପାତ୍ରଙ୍କ ପ୍ରେରଣାକୁ ସ୍ମରଣ କରନ୍ତି ଏହି ସାହିତ୍ୟିକା। ଜଣେ ଗାୟତ୍ରୀ ଉପାସିକା ଭାବେ କେବଳ ସୁନ୍ଦରଗଡ଼ ଜିଲା ନୁହେଁ, ସମଗ୍ର ରାଜ୍ୟରେ ପରିଚିତ। ଇତିମଧ୍ୟରେ ସେ ପାଖାପାଖି ୧୪ଟି ଜିଲା ବୁଲି ମହିଳା ସମ୍ମିଳନୀ ଆୟୋଜନ କରିବା ସହ ଆଧ୍ୟାତ୍ମିକ ପ୍ରବଚନ ଦେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଥୈଲା କ୍ରାନ୍ତି(ପଲିଥିନ ନିଷିଦ୍ଧ) ନାମକ ଏକ ସ୍ୱତନ୍ତ୍ର ଅଭିଯାନର ସେ ହେଉଛନ୍ତି ମୁଖ୍ୟ ପୁରୋଧା। କପଡ଼ା ଓ କାଗଜ ବ୍ୟାଗ୍ ତିଆରିକରି ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ସେ ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ଏଥିସହ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ସହ ସିଲେଇ ଶିକ୍ଷା ପ୍ରଦାନ କରୁଛନ୍ତି। ତାଙ୍କ



ବାପା ଭାରତୀୟ ସୈନ୍ୟବାହିନୀରେ ଅଧିକାରୀ ହୋଇଥିବା ବେଳେ ସେ ହିଁ ତାଙ୍କର ପ୍ରେରଣା ବୋଲି କୁହନ୍ତି ମଞ୍ଜୁ। ମହିଳାଙ୍କ ସାମଗ୍ରିକ ବିକାଶ, ଆର୍ଥିକ ସ୍ୱାବଲମ୍ବନ ଓ ଆଇନଗତ ଅଧିକାର ପ୍ରଦାନ ନେଇ ସେ ତାଙ୍କର ସଂଗ୍ରାମ ଅବ୍ୟାହତ ରଖିବେ ବୋଲି କୁହନ୍ତି ମଞ୍ଜୁ।

–ବସନ୍ତ ଧଳ

## ଅନ୍ତର୍ଜାତୀୟ ମହିଳା ଦିବସ

**ପ୍ରତିବର୍ଷ ମାର୍ଚ୍ଚ ୮ରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ମହିଳା ଦିବସ'। ସେ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଉପସ୍ଥାପନା...**

ପ୍ରତିବର୍ଷ ମାର୍ଚ୍ଚ ୮କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବରେ ପାଳନ କରାଯାଇଥାଏ। ଦିନ ଥିଲା ନାରୀ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିଲା। କିନ୍ତୁ ଏବେ ସେମାନେ ପୁରୁଷମାନଙ୍କ ସହ ପାଦ ମିଳାଇ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ୧୯୦୯ ଫେବୃୟାରୀ ୨୮ରେ ଆମେରିକା ପ୍ରଥମ ଥର ପାଇଁ ଜାତୀୟ ମହିଳା ଦିବସ ପାଳନ କରିଥିଲା। ୧୯୧୧ରେ କୋପେନହେଗେନ ଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା ୧୯୭୫ରେ ମାର୍ଚ୍ଚ ୮କୁ ଅର୍ନ୍ତଜାତୀୟ ମହିଳା ଦିବସ ଭାବରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘ ପକ୍ଷରୁ ପାଳନ କରାଯାଇଥିଲା। ଏହି ଅବସରରେ ମିଳିତ ଜାତିସଂଘ ପକ୍ଷରୁ ଘୋଷିତ ସ୍ଲୋଗାନଟି ହେଲା 'ବାଲାନ୍‌ସ ଫର ବେଟର୍'।

# ବିବିଧବର୍ଣ୍ଣା ପ୍ରଣୀତା



ମନରେ ଅଦମ୍ୟ ସାହସ। ପ୍ରବଳ ଇଚ୍ଛାଶକ୍ତିକୁ ପାଥେୟକରି ସେ ଆଗେଇ ଚାଲନ୍ତି ନିଜ ଲକ୍ଷ୍ୟ ପଥରେ। ଶେଷରେ ହାତୀ ମୁଣ୍ଡରେ ସୁନାକଳସ ଢାଳିବା ଭଳି ସେ ପାଦ ରଖିଥିବା ପ୍ରତିଟି କ୍ଷେତ୍ରରେ ସାଉଟି ଆଣନ୍ତି ସଫଳତା। ପେସା ସିନା ଅଧ୍ୟାପନା, ହେଲେ ଗବେଷଣାର ନିଶାରୁ ସେ ନିଜକୁ ମୁକୁଳାଇ ପାରିନାହାନ୍ତି। ସେ ଏକାଧାରରେ ଓଡ଼ିଶୀ ନୃତ୍ୟାଙ୍ଗନା, ଏନ୍‌ସିସି ଅଫିସର, ରେକି ଚିକିତ୍ସକ ଏବଂ ଜଣେ ଭଜନ କଣ୍ଠଶିଳ୍ପୀ । ଏଭଳି ବିବିଧବର୍ଣ୍ଣା ମହିଳା ଜଣକ ହେଲେ ଓଡ଼ିଶାର ପ୍ରଣୀତା ପ୍ରଜ୍ଞାଦୀପ୍ତା ଷଡ଼ଙ୍ଗୀ। ୨୦୧୪ରୁ ଏ ପର୍ଯ୍ୟନ୍ତ ଯେ ଉତ୍ତରାଖଣ୍ଡର ରୁର୍‌କିସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ବାୟୋଟେକ୍ନୋଲୋଜି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟ କରିବା ସହ ସେଠାରେ ଗବେଷଣାରେ ନିଜକୁ ନିମଗ୍ନ ରଖିଛନ୍ତି। ଭୁବନେଶ୍ୱରରେ ଜନ୍ମିତା (ମା' ପ୍ରତିମାରାଣୀ ଷଡ଼ଙ୍ଗୀ ,ବାପା ନିଶାମଣି ଷଡ଼ଙ୍ଗୀ)ସ୍ଥାନୀୟ ସୈନିକ ସ୍କୁଲରୁ ଶିକ୍ଷା ଶେଷ କରିବା ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଓଡ଼ିଶା ଭେଟେରିନାରି କଲେଜରୁ ଭିଏସ୍ ଆଣ୍ଡ ଏଏଚ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ଟେନ୍‌ସିରୁ ପି.ଏଚ୍‌ଡି. ସମ୍ମାନ ହାସଲ କରିଥିଲେ। ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ତାଙ୍କୁ ୨୦୧୭ରେ ମିଳିଥିବା 'ହରଗୋବିନ୍ଦ ଖୁରାନା ଇନୋଭେଟିଭ ୟଙ୍ଗ୍ ବାୟୋଟେକ୍ନୋଲୋଜିଷ୍ଟ ପୁରସ୍କାର'କୁ ଏବେ ମଧ୍ୟ ମନେପକାନ୍ତି ସେ। ସେ ବର୍ତ୍ତମାନ ଆଇଆଇଟି ରୁର୍‌କିର ଇନ୍‌ଷ୍ଟିଚ୍ୟୁଟ୍ ହାଉସ ଫ୍ୟାସିଲିଟିରେ ସାଇଣ୍ଟିଷ୍ଟ-ଇନ୍-ଚାର୍ଜ ସହ ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍‌ର ଫ୍ୟାକଲଟି ଆଡଭାଇଜର ଭାବେ କାର୍ଯ୍ୟରତ। ଅପରପକ୍ଷରେ ଘୋଡ଼ାଚଢ଼ା (ହର୍ଷ ରାଇଡିଂ)ରେ ସେ ସିଦ୍ଧହସ୍ତା। ମୁମ୍ବାଇସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ଓଡ଼ିଶୀ କ୍ଲାସିକାଲ ନୃତ୍ୟରେ ବିଶାରଦ, ପ୍ରାଚୀନ କଳାକେନ୍ଦ୍ର, ଚଣ୍ଡିଗଡ଼ରୁ ସଙ୍ଗୀତ ଭୂଷଣ (ପାର୍ଟ-୩), ରେକି ହିଲିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ନିଜର ସଫଳତା ପଛରେ ସ୍ୱାମୀ ଡ. ଶ୍ରୀନିବାସ କିରନ୍ ଅମ୍ବାତିପୁଡ଼ିଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରନ୍ତି ପ୍ରଣତୀ।

# ନାରୀ ଯାହା କରିପାରେ

**ରଶ୍ମିରେଖା ମିଶ୍ର**



ନାରୀ ସୃଷ୍ଟିର ଏକ ଅନବଦ୍ୟ ସୃଷ୍ଟି। ସମୟ ଥିଲା, ନାରୀକୁ ଅବଳା ଦୁର୍ବଳା ବୋଲି ଆକ୍ଷେପ କରାଯାଉଥିଲା କିନ୍ତୁ ବର୍ତ୍ତମାନ ସେ ସମୟ ବଦଳିଛି। ଆଜିକାଲିର ନାରୀ କୌଣସି କ୍ଷେତ୍ରରେ ଆଉ ସମାଜରେ ପଛୁଆ ହୋଇ ରହିନାହିଁ। ଭଗବାନ୍ ଯେ କେବଳ ନାରୀକୁ ଗଢ଼ିଲାବେଳେ ସୁନ୍ଦର ଓ ମନୋରମ ରୂପ ଦେଇଛନ୍ତି ତା ନୁହେଁ, ତତ୍‌ସହିତ ଅଦ୍ୟମ ଶକ୍ତି, ସାହସ, ଧୈର୍ଯ୍ୟ, ସହନଶୀଳତା ଆଦି ଗୁଣରେ ବିମଣ୍ଡିତ କରିଛନ୍ତି। ଏଥିପାଇଁ କୁହାଯାଇଛି – 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦ୍‌ପୀ ଗରିୟସୀ' ଅର୍ଥାତ୍ ସ୍ୱର୍ଗଠାରୁ ବି ଜଣେ ଜନନୀ ମହାନ୍। ଜନ୍ମଠାରୁ ଛୁଆର ଲାଳନପାଳନ, ଶରୀରର ରୋଗ ବୈରାଗ, ପାଠଶାଠ, ବ୍ୟବହାର ଜ୍ଞାନ ସବୁ ତା' ଉପରେ ନିର୍ଭର କରେ।

ନାରୀ ଘରର ମେରୁଦଣ୍ଡ ସଦୃଶ। ଆଜିକାଲି ଘର ସମ୍ଭାଳିବା ସହ ବାହାରେ ଚାକିରି କାର୍ଯ୍ୟ ମଧ୍ୟ ବେଶ୍ ନିଖୁଣ ଭାବରେ ସେ ତୁଲାଇ ପାରୁଅଛି। ପ୍ରଯୁକ୍ତି ବିଜ୍ଞାନ, ଡାକ୍ତରୀ ବିଦ୍ୟା, ଅର୍ଥନୈତିକ, ରାଜନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି। ଉଡ଼ାଜାହାଜ ଉଡ଼େଇବାଠାରୁ ଏଭରେଷ୍ଟ ଚଢ଼ିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛି ଆଜିର ନାରୀ । ଏଠାରେ କହିବା ସମୀଚୀନ ଯେ, ନାରୀ ଯେତେ ଉଚ୍ଚଶିକ୍ଷିତା, ଯୋଗ୍ୟସମ୍ପନ୍ନା ହେଲେ ମଧ୍ୟ ସେ ସଂଯମତା ସବୁକ୍ଷେତ୍ରରେ ରକ୍ଷା କରିବା ଉଚିତ । ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକା ବେଶ୍ ପରିସ୍ଫୁଟ ହୁଏ । ଇତିହାସ କହେ, ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈଙ୍କ କଥା । ନିଜ ରାଜ୍ୟକୁ ଶତ୍ରୁ କବଳରୁ ରକ୍ଷାକରିବା ପାଇଁ ସେ ଯୁଦ୍ଧ କରିବାକୁ ପଛାଇ ନ ଥିଲେ।

**ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକାରୁ ଏହା ବେଶ୍ ପରିସ୍ଫୁଟ ହୁଏ ...**



ନୋବେଲ ବିଜେତା ମଦର ଟେରେସା ସେବାକ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଭାରତର ବୁଲ୍‌ବୁଲ୍ ସରୋଜିନୀ ନାଇଡୁ ମଧ୍ୟ ଦେଶ ସ୍ୱାଧୀନତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ୍ୟ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । କ୍ରୀଡ଼ାକ୍ଷେତ୍ରରେ ମଲ୍ଲଯୋଦ୍ଧାରେ ନଭଜୋତ୍ କୌର, ବ୍ୟାଡ୍‌ମିଣ୍ଟନରେ ସୁନାମଧନ୍ୟା ସାଇନା ନେହ୍ୱାଲ, ଦୌଡ଼ରାଣୀ ପି.ଟି. ଉଷାଙ୍କ ସମେତ ଆମ ଓଡ଼ିଶାର ଦୂତୀ ଚାନ୍ଦ ଆମ ଦେଶର ମାନ ରଖି ଜଣେ ଜଣେ ଉଦାହରଣ ହୋଇଛନ୍ତି। ଆମ ଦେଶର ନାରୀମାନେ କଳାକ୍ଷେତ୍ରରେ ମଧ୍ୟ କିଛି କମ୍ ନୁହନ୍ତି। ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସହ ସଙ୍ଗୀତରେ ମଧ୍ୟ ବେଶ୍ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି । ଭାରତର କୋକିଳକଣ୍ଠୀ ଲତା ମଙ୍ଗେସ୍‌କରଙ୍କୁ ସାରା ବିଶ୍ୱରେ ନ ଚିହ୍ନେ ବା କିଏ ? ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି । କଳ୍ପନା ଚାୱଲା ଆକାଶ ପରିକ୍ରମା କରି ସାହସୀ ମହିଳାମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଆଇଏଏସ୍ ହୋଇ ଦେଶକୁ ସବୁ କ୍ଷେତ୍ରରେ କିପରି ଅଗ୍ରଗତି କରିହେବ ସେଥିରୁ ମଧ୍ୟ ଏମାନେ ବାଦ୍ ପଡୁନାହାନ୍ତି।

ଉପରୋକ୍ତ ସମସ୍ତ ବିବରଣୀରୁ ଏହା ସ୍ପଷ୍ଟ ହୁଏ ଯେ, ଆଜି ନାରୀ କୌଣସି କ୍ଷେତ୍ରରେ ପୁରୁଷଠାରୁ ପଛୁଆ ହୋଇ ରହିନାହିଁ । ନାରୀ ହେଲା ସୃଷ୍ଟିକାରିଣୀ। ସୃଷ୍ଟିରେ ସ୍ରଷ୍ଟାଙ୍କ ସ୍ଥାନ ଯଦି ଯଥୋଚିତ ଥାଏ, ତା'ହେଲେ ସଂସାର ରଥ ବହୁ ଭଲରେ ଗତି କରିବ ଏବଂ ସ୍ୱୟଂ ଭଗବାନ୍ ସେ ଗୃହରେ ବାସ କରିବେ । ନାରୀ ଆଉ ଅବହେଳିତ, ନିକ୍ଷେପିତ ହୋଇ ରହିବ ନାହିଁ।

– ଓଲ୍ଡ ଟାଉନ୍, ଭୁବନେଶ୍ୱର



# ମହିଳାଙ୍କ ପାଇଁ...



**ମୀରା ବେଉରା**

ନାରୀ ହିଁ ଶକ୍ତି। ତା' ବିନା ସୃଷ୍ଟି ଅସମ୍ଭବ। ସେ ବିଦ୍ୟା, ଧନ ଏବଂ ଶକ୍ତିଦାତ୍ରୀ ଭାବେ ମା' ସତସତୀ, ମା' ଲକ୍ଷ୍ମୀ ଏବଂ ମା' ଦୁର୍ଗା ରୂପରେ ଯୁଗେ ଯୁଗେ ଅଗ୍ରପୂଜ୍ୟ। ସତରେ ନାରୀ କେତେ ଶକ୍ତିଶାଳୀ। ପରିସଂଖ୍ୟାନ କହେ, ୨୦୦୧ ଜନଗଣନାରେ ରାଜ୍ୟର ପ୍ରତି ୧୦୦୦ ଶିଶୁପୁତ୍ରରେ ୯୫୩ ଶିଶୁ କନ୍ୟା ରହିଥିବା ବେଳେ ୨୦୧୧ ଜନଗଣନାରେ ତାହା ୯୪୩କୁ ହ୍ରାସ ପାଇଛି। ଗ୍ରାମାଞ୍ଚଳ ତୁଳନାରେ ସହରର ଶିଶୁକନ୍ୟା ସଂଖ୍ୟା ହ୍ରାସ ଘଟିଛି। କେବଳ ଏତିକି ନୁହେଁ, ଦିନକୁ ଦିନ ମହିଳାଟିଏ ନିଜକୁ ଅସୁରକ୍ଷିତ ମଣୁଛି। ଜାତିର ପିତା ଗାନ୍ଧିଜୀ ସିନା କହୁଥିଲେ ଯେ ରାତି ୧୨ଟାରେ ଯେଉଁଦିନ ନାରୀଟିଏ ସମ୍ମାନର ସହିତ ଯାଇପାରିବ ସେହିଦିନ ଦେଶର ପୂର୍ଣ୍ଣ ସ୍ୱାଧୀନତା ଆସିଛି ବୋଲି ଜଣାଯିବ। ମହିଳାଟିଏ ଯେ ଘରେ କେତେ କାର୍ଯ୍ୟକରେ ତା'ର ହିସାବ ଆମେ କେବେ ରଖି ନ ଥାଉ। ଆଜି ମଧ୍ୟ ଦେଶର ଅନେକ ମହିଳା ଲେଖାପଢ଼ା ଜାଣିନାହାନ୍ତି।

ମହିଳାମାନେ ଯେ ଦକ୍ଷ ସେମାନେ ତାହା ପ୍ରମାଣ କରିଛନ୍ତି। ଅଧିକ ଦକ୍ଷତା ଥାଇ ମଧ ସେମାନଙ୍କୁ ନିଯୁକ୍ତିରେ ଉପେକ୍ଷା କରାଯାଏ। ଆଜି କୁସଂସ୍କାର, ଧର୍ମାନ୍ଧତା, ପର୍ଦ୍ଦାପ୍ରଥା, ନିରକ୍ଷରତା ସାଙ୍ଗକୁ ସମାଜର ଦୌରାତ୍ମ୍ୟ ନାରୀକୁ ଆଖି, କାନ, ପାଟି ଗୋଡ଼ ଥାଇ ମଧ୍ୟ ପଙ୍ଗୁ କରିଦେଉଛି। ଏହିସବୁ ଘଟଣାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ନଭେମ୍ବର ୨୫ ତାରିଖକୁ ଜାତିସଂଘ ମହିଳା ହିଂସା ନିରୋଧ ଦିବସ ରୂପେ ପାଳନ କରିଥାଏ। ୧୯୯୦ ମସିହାରେ ଜାତୀୟ ମହିଳା ଆୟୋଗ ଆଇନ ବଳରେ ୧୯୯୨ ଜାନୁୟାରୀ ୩୧ ତାରିଖରେ ଜାତୀୟ ମହିଳା ଆୟୋଗ ପ୍ରତିଷ୍ଠା ହେଲା। ରାଜ୍ୟର ପ୍ରତ୍ୟେକ ମହିଳା ଆଜି ସ୍ୱାବଲମ୍ବୀ ହେଉଛି। ସହର ଏବଂ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ା ହୋଇଛି। ଘରୋଇ ହିଂସା ଆଇନ ୨୦୦୫ ମହିଳାମାନଙ୍କ ପାଇଁ ପ୍ରଚଳିତ ହୋଇଛି। ଏହାଛଡ଼ା ନାରୀମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇ ସେମାନଙ୍କୁ ସୁରକ୍ଷାଦେଇ ଦେଶର ପ୍ରଗତିପଥେ ଆଗେଇନେବା ହେଉଛି ଏସବୁ ଯୋଜନାର ଲକ୍ଷ୍ୟ। ଭାବିଲେ ବିସ୍ମୟ ଲାଗେ ଯେ ଯେଉଁ ଅତ୍ୟାଚାର, ଶୋଷଣ, ସାମାଜିକ କୁସଂସ୍କାର ଏବଂ ବିଦେଶୀମାନଙ୍କ ଆକ୍ରମଣରେ ନିକ୍ଷେପିତ ହୋଇ ମଧ ନାରୀର ଯେଉଁ ଆତ୍ମବଳ ଥିଲା ତାହା ଆଜି କେତେକ କ୍ଷେତ୍ରରେ ବିପନ୍ନ ହୋଇଛି। ଏହାକୁ ସୁଧାରିବାକୁ ଲୋଡ଼ା ମାନବିକ ଚେତନାର ଅଭ୍ୟୁଦୟ ଏବଂ ସାମାଜିକ ଆନ୍ଦୋଳନ। ନାରୀମାନେ ଅତ୍ୟଧିକ ଭୋଗବାଦୀ ସଂସ୍କୃତିର ମାୟାରେ ପଡ଼ି ନିଜକୁ ଶସ୍ତା ପଣ୍ୟଦ୍ରବ୍ୟ କରି ନିଜ ଜୀବନର ସତ୍ୟକୁ ଭୁଲିଯିବା ଉଚିତ ନୁହେଁ। ନିଜ ଜୀବନର ଅଭିପ୍ରାୟକୁ ଖୋଜିବା ଦରକାର। ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତାକୁ ବରଣ କରିବା ମଧ ଉଚିତ ନୁହେଁ। ନାରୀର କାର୍ଯ୍ୟ ଏପରି ହେଉ ଯାହା ସମାଜ, ସଭ୍ୟତା, ରାଷ୍ଟ୍ର ପାଇଁ ଶୁଭଙ୍କର ଏବଂ କଲ୍ୟାଣକର ଓ ମଙ୍ଗଳମୟ ହେବ। ପ୍ରତ୍ୟେକ ମହିଳା ନିଜ ଭିତରେ ଥିବା ଅର୍ନ୍ତନିହିତ ଶକ୍ତିକୁ ଚିହ୍ନି ସଚେତନ ହୋଇ ତାହାକୁ ସୁବିନିଯୋଗକରି ସମାଜରୁ ଭ୍ରଷ୍ଟାଚାର, ଦୁର୍ନୀତି, ଶୋଷଣକୁ ଦୂରେଇଦେଇ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆଗେଇ ଆସିବା ଦରକାର। କେବଳ ଆଜିର ଦିବସ ନୁହେଁ, ବର୍ଷର ପ୍ରତ୍ୟେକ ଦିବସ ମହିଳାମାନଙ୍କ ପାଇଁ ଶ୍ରଦ୍ଧା, ସମ୍ମାନ, ଶୁଭେଚ୍ଛା ଓ ସହଯୋଗର ଦିବସ ହେଉ। ମହିଳାଟିଏ ମଧ୍ୟ ସମାଜରୁ ଅନ୍ଧକାର, ଅଶିକ୍ଷା, ଭ୍ରଷ୍ଟାଚାର, କୁସଂସ୍କାରକୁ ଦୂରେଇଦେଇ ନିଜର ଅସୀମ ନାରୀ ଶକ୍ତିକୁ ସମାଜର କଲ୍ୟାଣରେ ବିନିଯୋଗକରୁ। ଏହାହିଁ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉ।

**ନାରୀର କାର୍ଯ୍ୟ ଏପରି ହେଉ ଯାହା ସମାଜ, ସଭ୍ୟତା, ରାଷ୍ଟ୍ର ପାଇଁ ଶୁଭଙ୍କର ଏବଂ କଲ୍ୟାଣକର ଓ ମଙ୍ଗଳମୟ ହେବା ପ୍ରତ୍ୟେକ ମହିଳା ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ସଚେତନ ହୋଇ ତାହାକୁ ସୁବିନିଯୋଗକରି ସମାଜରୁ ଭ୍ରଷ୍ଟାଚାର, ଦୁର୍ନୀତି, ଶୋଷଣକୁ ଦୂରେଇଦେଇ ଏକ ସୁସ୍ଥ, ଶୃଙ୍ଖଳିତ ସମାଜ ଗଠନ କରିବାକୁ ଆଗେଇ ଆସିବା ଦରକାର...**



–ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, ତୁଳସୀପୁର, କଟକ
ମୋ : ୯୮୫୩୩୫୦୩୮୪



“୨୦୨୫ ବେଳକୁ ୩ ପ୍ରମୁଖ ବଜାର ଅଂଶୀଦାର ମଧ୍ୟରେ ସ୍ଥାନିତ ହେବାକୁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି।

–ପ୍ରଦୀପ ବକ୍ସି, ଏମ୍‌ଡି, ଭୋଲ୍ଟାସ

“ଏଲ୍‌ପିଜି କନଭର୍ସନ କିଟ୍ ଉପରେ ଜିଏସ୍‌ଟି ୫%କୁ ହ୍ରାସ ହେବାର ଆବଶ୍ୟକତା ରହିଛି।

–ସୁୟାଶ ଗୁପ୍ତା, ମହାନିର୍ଦ୍ଦେଶକ, ଆଇଏଏଲ୍‌ସି



## ସଂକ୍ଷେପରେ

■ଭିଡିଓକନ ଋଣ ମାମଲା

### ଚନ୍ଦା କୋଚରଙ୍କୁ ତୃତୀୟ ଦିନ ଜେରା

ମୁମ୍ବାଇ,୪-୩: ଭିଡିଓକନ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅଧିକାରୀମାନେ କ୍ରମାଗତ ତୃତୀୟ ଦିନ ଜେରା କରିଛନ୍ତି। ମନିଲଣ୍ଡରିଂ ମାମଲାରେ ତାଙ୍କୁ ଶନିବାର ଓ ରବିବାର ଜେରା କରାଯାଇଥିଲା। ମିଡିଆ ରିପୋର୍ଟ ଅନୁଯାୟୀ, ରବିବାର ଚନ୍ଦାଙ୍କୁ ପ୍ରାୟ ୧୦ ଘଣ୍ଟା ଜେରା କରାଯାଇଥିଲା। ସୋମବାର ଜେରା ଲାଗି ପୁନର୍ବାର ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଭିଡିଓକନ ଋଣ ମାମଲାରେ ଇଡି ରବିବାର ମାଟିକ୍ସ ଗ୍ରୁପ୍ ମାଲିକ ନିଶାନ୍ତ କାନୋଡିଆଙ୍କୁ ଜେରା କରିଥିଲା। ଏଥିପୂର୍ବରୁ ଇଡି ଅଧିକାରୀମାନେ ଚନ୍ଦାଙ୍କ ସମେତ ତାଙ୍କ ସ୍ୱାମୀ ଦୀପକ କୋଚର ଓ ଭିଡିଓକନ ଗ୍ରୁପ୍ ମାଲିକ ତଥା ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍‌ଙ୍କୁ ଜେରା କରିଥିଲା। ମନିଲଣ୍ଡରିଂ ଅଭିଯୋଗ ଆଣି ଇଡି ପୂର୍ବରୁ ସେମାନଙ୍କ ବିରୋଧରେ ମାମଲା ଦାଏର କରିଛି।

### ମାନୁଫାକ୍‌ଚରିଂ ସହାୟକ ଜମି, ଶ୍ରମ ସଂସ୍କାର ଜରୁରୀ:ସିଇଏ

ନୂଆଦିଲ୍ଲୀ,୪-୩: ମାନୁଫାକଚରିଂ କ୍ଷେତ୍ରରେ ଉନ୍ନତି ଆଣି ଦେଶର ଅର୍ଥନୀତି ଅଭିବୃଦ୍ଧି କରିବାକୁ ହେଲେ ପରବର୍ତ୍ତୀ ସରକାରଙ୍କୁ ଜମି, ଶ୍ରମ ଓ ଆର୍ଥିକ କ୍ଷେତ୍ରରେ ସଂସ୍କାର ଆଣିବାକୁ ପଡ଼ିବ ବୋଲି ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଏ) କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ କହିଛନ୍ତି। ଘରୋଇ କମ୍ପାନୀଙ୍କ ପାଇଁ କାରଖାନା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣରେ ବିଳମ୍ବ, ବହୁ ଦଶନ୍ଧି ଧରି କଟକଣାପୂର୍ଣ୍ଣ ଶ୍ରମ ଆଇନ ଓ ଉଚ୍ଚ ସୁଧ ହାରଯୁକ୍ତ ଋଣ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ ହେବ ବୋଲି ସେ କହିଛନ୍ତି। ଏହି କାରଣରୁ ନିବେଶକମାନେ ଭାରତକୁ ଛାଡ଼ି ଏବେ ଭିଏତ୍‌ନାମ, ଥାଇଲାଣ୍ଡ ଏବଂ ବାଂଲାଦେଶରେ ନିବେଶ କରୁଛନ୍ତି। ସେ କହିଛନ୍ତି ଯେ, ଦେଶର ଅର୍ଥନୀତିରେ ମାନୁଫାକ୍‌ଚରିଂ ସେକ୍ଟରର ଯୋଗଦାନ ଏକ ସମୟରେ ୧.୫% ଥିଲା ବେଳେ ଏହା ଗତ ୩ ବର୍ଷରେ ୧୮%ରେ ପହଞ୍ଚିଯାଇଛି। ବର୍ତ୍ତମାନ ସରକାରଙ୍କ ଆର୍ଥିକ ସଂସ୍କାର ଯୋଗୁ ଦେଶର ଅର୍ଥନୀତି ହାରାହାରି ୭.୩% ହାରରେ ବଢ଼ୁଛି।

■ଡିଜିଟାଲ ସରଚାର୍ଜ ନିର୍ଦ୍ଦେଶକୁ ମାନୁନାହାନ୍ତି ବ୍ୟାଙ୍କ

# ଆଦାୟ କଲେଣି ୨୦୦କୋଟି

ନୂଆଦିଲ୍ଲୀ,୪-୩

■ଆର୍‌ବିଆଇ, ସରକାରଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଅମାନ୍ୟ

■୨୦୧୭ ଡିସେମ୍ବର ୨୭ରେ ବିଜ୍ଞପ୍ତି ଜାରି କରିଥିଲା ଆର୍‌ବିଆଇ

■ସରଚାର୍ଜ, ସର୍ଭିସ ଚାର୍ଜ ଓ କନଭେନିୟାନ୍ସ ଫି ଭିନ୍ନ



ଏନ୍‌ଡିଏ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଡିଜିଟାଲ ଟ୍ରାଞ୍ଜାକଶନକୁ ପ୍ରୋତ୍ସାହିତ କରିବାକୁ ଯାଇ ଡିଜିଟାଲ ପେମେଣ୍ଟ ଉପରେ ଗ୍ରାହକଙ୍କଠାରୁ କୌଣସି ସରଚାର୍ଜ ନ ନେବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ସେମାନେ ଖୋଲାଖୋଲି ଅମାନ୍ୟ କରୁଥିବା ଦେଖାଯାଇଛି। କେତେକ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଅବୈଧ ଭାବେ ସରଚାର୍ଜକୁ ଗ୍ରାହକଙ୍କ ଉପରେ ଲଦୁଛନ୍ତି ତ କେତେକ କ୍ଷେତ୍ରରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଚାର୍ଜ ଆଦାୟ କରୁଛନ୍ତି। ଡିଜିଟାଲ ପେମେଣ୍ଟ୍‌ସ ଉପରେ ସରଚାର୍ଜ ନେଇ ଅନୁଧ୍ୟାନ କରିଥିବା ଆଇଆଇଟି ବମ୍ବେର ଗଣିତ ବିଭାଗର ପ୍ରଫେସର ଆଶିଷ ଦାସ କହିଛନ୍ତି ଯେ, ଗତ ବର୍ଷ କେବଳ ଅନ୍‌ଲାଇନ ପେମେଣ୍ଟ ଉପରେ ୨୦୦ କୋଟି ଟଙ୍କା ଅନଧିକୃତ ଭାବେ ସରଚାର୍ଜ ଆଦାୟ କରାଯାଇଛି।

ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦିଲ୍ଲୀରେ ୟୁପିଆଇ ଜରିଆରେ ବିଜୁଳି ବିଲ୍ ପେମେଣ୍ଟ କରୁଥିବା ବ୍ୟକ୍ତିବିଶେଷ ବିଲ୍ ପରିମାଣର ୧%ରୁ ଅଧିକ ଚାର୍ଜ ବାବଦରେ ଦେଉଛନ୍ତି। ମୁମ୍ବାଇରେ ଟାଟା ପାୱାର ଓ ଦିଲ୍ଲୀରେ ଗ୍ରାହକଙ୍କ ବିଜୁଳି ବିଲ୍ ଯଥାକ୍ରମେ ୨୦୦୦ ଟଙ୍କା ଏବଂ ୫ ହଜାର ଟଙ୍କାରୁ ଅଧିକ ହେଲେ ସରଚାର୍ଜ ଦେବାକୁ ପଡୁଛି। ସେହିଭଳି ଆଇଆରସିଟିସିରୁ ରେଳ ଟିକେଟ ବୁକ୍ କରିବା ବେଳେ ୟୁପିଆଇରୁ ୨ ହଜାର ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ଅତିରିକ୍ତ ୧୦ ଟଙ୍କା ଏବଂ ଜିଏସ୍‌ଟି ଦେବାକୁ ପଡୁଛି। ଏହା ତ କେବଳ ଛୋଟ ଉଦାହରଣ ମାତ୍ର। ଏଭଳି ବହୁ ଉଦାହରଣ ରହିଛି। ଦାସ କହିଛନ୍ତି ଯେ, ଆର୍‌ବିଆଇ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଡିଜିଟାଲ ପେମେଣ୍ଟ ବାବଦରେ ଗ୍ରାହକଙ୍କଠାରୁ ସରଚାର୍ଜ ଆଦାୟ କରୁଛନ୍ତି। ବେଆଇନ ଭାବେ ସରଚାର୍ଜ ଅସୁଲ କରାଯାଉଥିବାରୁ ଡିଜିଟାଲ ପେମେଣ୍ଟ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡୁଛି। ଉଲ୍ଲେଖ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ୨୦୧୭ ଡିସେମ୍ବର ୨୭ରେ ଏକ ନୋଟିଫିକେଶନ ଜାରି କରିଥିଲେ। ମର୍ଚ୍ଚାଣ୍ଟ ଡେବିଟ୍ କାର୍ଡ ଜରିଆରେ ପେମେଣ୍ଟ କରୁଥିବା ଗ୍ରାହକଙ୍କଠାରୁ ଏମ୍‌ଡିଆର୍(ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍) ଚାର୍ଜ କରାଯିବ ନାହିଁ ବୋଲି ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାର ମଧ୍ୟ ୟୁପିଆଇ ପେମେଣ୍ଟ ଉପରେ ମଧ୍ୟ ସମାନ ନିର୍ଦ୍ଦେଶ ଜାରି କରିଥିଲେ। ଦାସଙ୍କ କହିବାନୁଯାୟୀ, ସର୍ଭିସ ଚାର୍ଜ ଅଥବା କନଭେନିୟାନ୍ସ ଫି ଠାରୁ ସରଚାର୍ଜ ଭିନ୍ନ। ମର୍ଚ୍ଚାଣ୍ଟଙ୍କୁ ସର୍ଭିସ ଚାର୍ଜ ଏବଂ କନଭେନିୟାନ୍ସ ଫି ଆଦାୟ କରିବା ପାଇଁ ଅନୁମତି ଦିଆଯାଇଛି। ଧ୍ୟାନରେ ରଖିବାକୁ ହେବ ଯେ, କନଭେନିୟାନ୍ସ ଫି ସମସ୍ତ ପ୍ରକାର ପେମେଣ୍ଟ ମୋଡ୍ ଉପରେ ସମାନ ରହିଥାଏ। ଅନ୍ୟପକ୍ଷର ସରଚାର୍ଜ ଭିନ୍ନ ଭିନ୍ନ ମୋଡ୍‌ରେ ସ୍ୱତନ୍ତ୍ର ହୋଇଥାଏ। କ୍ରେଡିଟ କାର୍ଡରେ ସର୍ବାଧିକ ସରଚାର୍ଜ ଆଦାୟ କରାଯାଉଛି। ଏଭଳି କ୍ଷେତ୍ରରେ ଅଧିକାଂଶ ମାମଲାରେ ୟୁଟିଲିଟି ଅଥବା ସରକାରୀ ଏଜେନ୍ସି ବାସ୍ତବିକ ବିଲ୍ ଦେଉଥିବାବେଳେ ବ୍ୟାଙ୍କ ବିଲ୍ ଆମାଉଣ୍ଟ ସହ ସରଚାର୍ଜ ଅସୁଲ କରୁଛି।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ରେ ୧୩ ହଜାର କୋଟିର ଅନିୟମିତତା

ନୂଆଦିଲ୍ଲୀ,୪-୩

ଋଣରେ ବୁଡ଼ି ଯାଇଥିବା ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍ ଆଣ୍ଡ୍ ଏଫ୍ ଏସ୍)ରେ ପ୍ରାୟ ୧୩ ହଜାର କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବାର ଅନୁମାନ କରାଯାଉଛି। ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ କରାଯିବା, ବିପଦ ପରିଚାଳନା କରିବାରେ ତ୍ରୁଟି ଓ ବ୍ୟାଙ୍କିଙ୍ଗ ନିୟମ ଉଲ୍ଲଂଘନ ଭଳି ଅନିୟମିତତା ହୋଇଛି ବୋଲି ଅଡିଟ୍ କମ୍ପାନୀ ଗ୍ରାଣ୍ଟ ଥର୍ନଟନ ଇଣ୍ଡିଆ ପକ୍ଷରୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ ବୋର୍ଡକୁ ଦାଖଲ କରାଯାଇଥିବା ଅନ୍ତରୀଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଡ଼ିଟ କମ୍ପାନୀ ପକ୍ଷରୁ ଦାଖଲ ୧୬୬ ପୃଷ୍ଠାର ରିପୋର୍ଟରେ ୧୦ ମୁଖ୍ୟ ଅନିୟମିତତା ସମ୍ପର୍କରେ କୁହାଯାଇଛି। ଉଦାହରଣ ସ୍ୱରୂପ, ୬୦୦୦ କୋଟିରୁ ଅଧିକ ଟଙ୍କାର ନେଣଦେଣ କରିଥିବା ଆଇଏଲ୍ ଆଣ୍ଡ ଏଫ୍ ଏସ୍‌ର ଫାଇନାନ୍ସିଆଲ ସର୍ଭିସ ଲିମିଟେଡ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି। ଏଠାରେ ବ୍ୟାଙ୍କିଙ୍ଗ ଗଭର୍ନାନ୍ସ ନିୟମ ଉଲ୍ଲଂଘନ କରାଯାଇଥିବା କୁହାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

■ମାଲ୍ୟାଙ୍କ ଜିଦ୍‌ରୁ ସେବି କ୍ଷୁବ୍ଧ

### କମ୍ପାନୀ ଆଇନରେ ସଂଶୋଧନ ପାଇଁ ସେବିର ସୁପାରିସ

ନୂଆଦିଲ୍ଲୀ,୪-୩



କମ୍ପାନୀର ଜଣେ ନିର୍ଦ୍ଦେଶକ ଅଯୋଗ୍ୟ ଘୋଷିତ ହେବା ପରେ ତୁରନ୍ତ ସେ ସ୍ଥାନ ଖାଲି କରି ଦେବା ନିୟମ ରହିଥିଲେ ମଧ୍ୟ ମଦ ବ୍ୟବସାୟୀ ବିଜୟ ମାଲ୍ୟା ତାହା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ସେ ନିଜ ଜିଦ୍‌ରେ ଅଟଳ ରହି ଅଯୋଗ୍ୟ ଘୋଷଣା ପରେ ମଧ୍ୟ ନିଜ ପଦରୁ ଇସ୍ତଫା ଦେଇନାହାନ୍ତି। ଏହାକୁ ନେଇ କ୍ଷୁବ୍ଧ ଷ୍ଟକ୍ ମାର୍କେଟ ନିୟାମକ ସେବି କେନ୍ଦ୍ର ସରକାରଙ୍କୁ କମ୍ପାନୀ ଆଇନରେ ସଂଶୋଧନ କରିବାକୁ ସୁପାରିସ କରିଛି। ସୂଚନାଥାଉ କି, କମ୍ପାନୀ ଆଇନ ଅନୁଯାୟୀ, ଜଣେ ନିର୍ଦ୍ଦେଶକ କୌଣସି ଅଦାଲତ କିମ୍ବା ଟ୍ରିବ୍ୟୁନାଲ ଦ୍ୱାରା ଅଯୋଗ୍ୟ ଘୋଷଣା ହେବା ପରେ ତୁରନ୍ତ ସେ ନିଜ ସ୍ଥାନ ଖାଲି କରିଦେବାକୁ ପଡିଥାଏ। ତେବେ ସେବି ଦ୍ୱାରା ଅଯୋଗ୍ୟ ଘୋଷଣା ପରେ ଜଣେ ନିର୍ଦ୍ଦେଶକ ନିଜ ସ୍ଥାନ ଖାଲି କରିଦେବା ଉଚିତ କି ନା ସେ ସମ୍ପର୍କରେ ଆଇନରେ କିଛି ଉଲ୍ଲେଖ କରାଯାଇନାହିଁ। ଏହାକୁ ଦୃଷ୍ଟିରେ ରଖି ସେବି ଏବେ କମ୍ପାନୀ ଆଇନରେ ସଂଶୋଧନ କରିବାକୁ କେନ୍ଦ୍ର କର୍ପୋରେଟ ମନ୍ତ୍ରଣାଳୟକୁ ସୁପାରିସ କରିଛି। ନିଜର ସୁପାରିସରେ ସେବି ମାଲ୍ୟା ଓ ଅନ୍ୟ ୬ ଜଣ ନିର୍ଦ୍ଦେଶକଙ୍କୁ ଅଯୋଗ୍ୟ ଘୋଷଣା କରିବା ଓ ସେମାନେ କୌଣସି ତାଲିକାଭୁକ୍ତ କମ୍ପାନୀର ନିର୍ଦ୍ଦେଶକ ରହିପାରିବେ ନାହିଁ ବୋଲି ଉଲ୍ଲେଖ କରାଯାଇଥିବା ସମ୍ପର୍କରେ ଦର୍ଶାଇଛନ୍ତି। ସେବିର ନିର୍ଦ୍ଦେଶକୁ ବେଖାତିର କରି ମାଲ୍ୟା ୟୁନାଇଟେଡ ବ୍ରିଓରିଜ ଲିମିଟେଡର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇ ନ ଥିଲେ।

■ଭାରତ-ଇରାନ କାରବାର

## ଆଇଡିବିଆଇ ବ୍ୟାଙ୍କକୁ ନେଣଦେଣ ଅଧିକାର

ନୂଆଦିଲ୍ଲୀ,୪-୩

ଇରାନ ସହ ଆମଦାନୀ-ରପ୍ତାନି ଲାଗି କାରବାର କରିବାକୁ କେନ୍ଦ୍ର ସରକାର ଆଇଡିବିଆଇ ବ୍ୟାଙ୍କକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆମେରିକାର କଟକଣା ପରେ ଭାରତ ଓ ଇରାନ ମଧ୍ୟରେ ଟଙ୍କା ବିନିମୟରେ ହେଉଥିବା କାରବାର ଅଧିକ ସହଜ ହେବ। ଆମେରିକାର କଟକଣା ପରେ ୟୁକୋ ବ୍ୟାଙ୍କ ୨୦୧୮ ଅଗଷ୍ଟ ୬ରୁ ହେଉଥିବା କାରବାରକୁ ସମ୍ଭାଳୁଥିଲା। ଅଶୋଧିତ ତେଲ କିଣିବା ଲାଗି ୟୁରୋପୀୟ ବ୍ୟାଙ୍କ ମାଧ୍ୟମରେ ଇରାନକୁ ଅର୍ଥ ପୈଠ କରୁଥିଲା ଭାରତ। ତେବେ କଟକଣା ପରେ ସେହି ଚ୍ୟାନେଲ ବନ୍ଦ ହୋଇଯାଇଛି। ଫଳରେ ଦୁଇ ଦେଶ ସହମତିକ୍ରମେ ଏବେ ଟଙ୍କା ବିନିମୟରେ ତେଲ କାରବାର କରୁଛନ୍ତି। ସୂଚନାଥାଉ କି, ଭାରତ ଓ ଇରାନ ମଧ୍ୟରେ ୨୦୧୭-୧୮ରେ ବାଣିଜ୍ୟ କାରବାର ୧୩.୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା କି ପୂର୍ବବର୍ଷ ୧୨.୯ ବିଲିୟନ ଡଲାର ଥିଲା।

## ୪୫% କମିଛି ଭାରତୀୟ କମ୍ପାନୀଙ୍କ ବିଦେଶୀ ଋଣ

ନୂଆଦିଲ୍ଲୀ,୪-୩

ବିଦେଶୀ ବଜାରରୁ ଭାରତୀୟ କମ୍ପାନୀଙ୍କ ଋଣ ପରିମାଣ ଚଳିତ ବର୍ଷ ଜାନୁୟାରୀରେ ୪୫% ହ୍ରାସ ପାଇଛି। ଗତ ବର୍ଷର ଏହି ସମୟ ତୁଳନାରେ ଚଳିତ ବର୍ଷ ଏହା କମି ୨.୪୨ ବିଲିୟନ ଡଲାରରେ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଏହା ଜଣାପଡିଛି। ଘରୋଇ କମ୍ପାନୀମାନେ ଗତ ବର୍ଷ ଜାନୁୟାରୀରେ ବିଦେଶରୁ ୫.୪୦ ବିଲିୟନ ଡଲାର ଋଣ ଆଣିଥିଲେ। ପ୍ରାପ୍ତ ତଥ୍ୟରୁ ଜଣାପଡିଛି ଯେ, ଜାନୁୟାରୀରେ ମୋଟ ଋଣ ମଧ୍ୟରୁ ୨.୨୭ ବିଲିୟନ ଡଲାରକୁ ବାହ୍ୟ ବାଣିଜ୍ୟିକ ଋଣ(ଇସିବି) ଜରିଆରେ ନିଆଯାଇଛି। ଅବଶିଷ୍ଟ୧୫୦ ମିଲିୟନ ଡଲାରକୁ ମଞ୍ଜୁରୀ ମାର୍ଗ ଜରିଆରେ ନିଆଯାଇଛି। ଉଭୟ ୨୦୧୮ ଓ ୨୦୧୯ ଜାନୁୟାରୀରେ ଟଙ୍କା ଆଧାରିତ ବଣ୍ଡ ମାଧ୍ୟମରେ ଋଣ ନିଆଯାଇ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟ କହୁଛି। ବିଦେଶୀ ବଜାରରୁ ଋଣ ନେବାରେ ସର୍ବାଗ୍ରେ ରହିଛି ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(୯୦୦ ମିଲିୟନ ଡଲାର), ଭାରତ ପେଟ୍ରୋଲିୟମ କର୍ପୋରେଶନ(୫୦୦ ମିଲିୟନ ଡଲାର) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(୨୦୦ ମିଲିୟନ ଡଲାର)। ଏହାଛଡ଼ା ଶକ୍ତି ପ୍ରକଳ୍ପ ପାଇଁ ପାୱାର ଗ୍ରୀଡ କର୍ପୋରେଶନ ୨୨୮.୫୫ ମିଲିୟନ ଡଲାର, ରିଲାଏନ୍ସ ହୋମ୍ ଫାଇନାନ୍ସ ଋଣ ପ୍ରଦାନ ପାଇଁ ୩୫.୫୦ ମିଲିୟନ ଡଲାର ଓ ପାୱାର ଫାଇନାନ୍ସ କର୍ପୋରେଶନ ୧୫୦ ମିଲିୟନ ଡଲାର ଋଣ ନେଇଛି।

### ଏୟାର ଇଣ୍ଡିଆର ୪ କର୍ମଚାରୀଙ୍କ ବିରୋଧରେ ଖାଦ୍ୟ ଚୋରି ଅଭିଯୋଗ

ନୂଆଦିଲ୍ଲୀ,୪-୩: ବିମାନରେ ବଳକା ଖାଦ୍ୟ ଓ ରାଶନ ସାମଗ୍ରୀକୁ ଚୋରି କରିବା ଅଭିଯୋଗରେ ଏୟାର ଇଣ୍ଡିଆର ୪ ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏୟାର ଇଣ୍ଡିଆ ସିଏମ୍‌ଡି ୨୦୧୭ ଅଗଷ୍ଟରେ ଏକ ଆଭ୍ୟନ୍ତରୀଣ ସର୍କୁଲାର ଜାରି କରି କହିଥିଲେ ଯେ, ବିମାନ ବନ୍ଦରରେ ବିମାନ ପହଞ୍ଚିବା କ୍ଷଣି ବଳକା ଖାଦ୍ୟ ଓ ରାସନ ସାମଗ୍ରୀକୁ କର୍ମଚାରୀମାନେ ନିଜର ବ୍ୟକ୍ତିଗତ କାର୍ଯ୍ୟ ଲାଗି ଚୋରାଇ ନେଉଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) CIRCLE, BALANGIR

e-Procurement Notice No.1320-B
Mail ID:- sepwdbalangir@gmail.com, Fax/Ph No.06652-231866

BID IDENTIFICATION No.SE(R&B) BGR/18/2018-19
No.477 Dtd:25.02.2019

1. The Superintending Engineer, Bolangir (R&B) Circle, Bolangir on behalf Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B & A Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for Execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : Road work
3. No. of tender : Road work-01 No.
4. Tender Cost : Rs.10,000/-
5. Class of Contractor : “B” & “A” Class.
6. Date & Time of sale & Receipt of Bids : From Dt.07.03.2019, 10.00 AM. to Dt.20.03.2019 up to 05.00 PM.
7. Date of opening Bid : Dt.23.03.2019 at 11.30 AM.
8. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in.** All future corrigendum will be available on ONLINE MODE only.

34131/11/0048/1819 Sd./- Superintending Engineer Bolangir (R&B) Circle, Bolangir

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. Civil/EST-74/2018-19/4560 Date: 02.03.2019

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work : Construction of 10nos. 3 BHK Quarters(E-Type, S+5) for Govt. College of Engineering, Keonjhar.

| Procurement Officer | Bid Identification No. | Period of Completion | Value of Work | Availability of Tender on-line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM(Civil), IDCO, IDCO Tower, Janpath, Bhubaneswar | Bid ID. No. Civil-EST-74/2018-19 | 9(Nine) Calendar Months | Rs. 2,97,97,692/- | 18.00 Hours of 12.03.19 | 17.00 Hours of 27.03.19 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO Website**.

Sd/-
Chief General Manager (Civil), I/C
IDCO, Bhubaneswar

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE EXECUTIVE ENGINEER
RWS&S DIVISION, DHENKANAL
E-mail- eerwss-dkl@nic.in
INVITATIONS FOR BIDS THROUGH e-Procurement
Bid Identification No – 32/E.E/RWSS/2018-19/ Dhenkanal/Dt. 02.03.2019

**No.1895-O:-** The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.
Nature of Work:- Execution of Rural Piped Water Supply Schemes & Const. of ESR in Different Blocks under Dhenkanal District.

| | | | |
|---|---|---|---|
| 1. | No. of Tenders | : | 10 Nos. |
| 2. | Tender Paper Cost | : | 6,000/- to 10,000/- (Online Mode) |
| 3. | Value of work | : | 25.92 Lakh to 99.50 Lakh |
| 4. | Class of Contractor | : | C, B & A Class |
| 5. | Date & time of availability of bid document in portal | : | 20.03.2019 at 11.00 A.M 03.04.2019 up to 5.00 P.M |
| 6. | Date & time of seeking tender clarification | : | 02.04.2019 up to 05.00 P.M |
| 7. | Date & time of opening of tender | : | 04.04.2019 at 11.00 A.M in the office of the Executive Engineer, RWS&S Division, Dhenkanal. |
| 8. | Time of completion | : | Four Months to Six Months |
| 9. | The bidders have to participate in online bidding only. Further details can be seen from the website https://www.tendersorissa.gov.in. | | |
| 10. | Corrigendum if any shall be published in the above website only. | | |

25029/11/0018/1819 Sd./- Executive Engineer, RWS&S Division, Dhenkanal

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE EXECUTIVE ENGINEER, RWS&S DIVISION, Nabarangpur
Tel-(06858)222643, E-Mail: eerwss_ngp@rediffmail.com /eerwssngp@gmail.com
INVITATION FOR BIDS
No: RWSS_NGP_ONLINE_`09/ 2018-19 DATED: - 26.02.2019

No.1877-O:- The Executive Engineer, RWS&S Division, Nabarangpur on behalf of Govt. Of Odisha invites item rate/ percentage bid through e-procurement in double cover system according to norm of e- procurement system in on-line mode.
1. Name of the Work : Construction of different capacity Over Head Tank including its ancillary work in commissioned pipe water supply scheme and different Block in the Nabarangpur District.
2. No. of Works : 08 Nos (Detailed Tender Call Notice available in the website)
3. Estimated Cost : Varies from approximately Rs. 32.20 Lakhs to Rs. 282.28 Lakhs
4. Tender Paper Cost : Rs. 6000.00 to Rs. 10000.00
5. Class of Contractor :

| Estimated cost up to Rs.20.00 lakhs | Estimated cost more than Rs.20.00 lakhs & within Rs. 40.00 lakhs | Estimated cost more than Rs.03.00 Crore & within Rs.06.00 Crore |
|---|---|---|
| ‘D’ & ‘C’ | ‘C’ & ‘B’ | ‘B’ & ‘A’ |

6. Period of Completion : 180 Days to 330 Days

| Procurement Officer | Bid Identification No. | Availability of Tender online for bidding | | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_09 of 2018-19 | 15.03.19 at 11.00AM | 20.03.19 at 05.00PM | 19.03.19 up to 11.00 AM | 23.03.19 up to 03.30P.M. | 25.03.19 at 11.00 A.M. |

7. Critical dates :
- Further details can be seen in the bidding documents, which is available in the e-procurement portal **https://www.tendersorissa.gov.in.** • Subsequent corrigendum if required shall be appeared in the website. • Authority reserves the right to reject any or all tenders without assigning any reason thereof.

25028/11/0016/1819 Sd/- Executive Engineer, RWS&S Division, Nabarangpur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, BALASORE
E-Mail:- serw_balasore@yahoo.in Tel/FAX:- 06782-260318
NOTICE
FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH “e”-Procurement
Bid identification No. PMGSY On-line N.C.B. No.- 252

No.1900-O:- The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of Balasore for 2 (Two) number of packages with estimated cost totalling to Rs 5.38 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement: Dtd. 12.03.2019 from 11.00 AM

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at Three places i.e. O/o Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand (i.e 29.03.2019 upto 5.00 P.M), failing which the bids shall be declared non-responsive.

Last Date/ Time for receipt of bids through e-procurement: 26.03.2019 upto 5.00 P.M.

For further details and corrigendum (if any) please log on to www.pmgsytenders.gov.in.

25105/11/0041/1819 Sd./- Superintending Engineer R.W.Circle, Balasore

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
cmpdi A Mini Ratna Company
Central Mine Planning & Design Institute Ltd.
( A Subsidiary of Coal India Limited)
RI-VII,Samantapuri, Near Gandhi Park, PO: RRL, Bhubaneswar-13

E-TENDER NOTICE

Offers are invited for CMPDI, RI-VII, Plot No.:E-04, Near Gandhi Park, Samantapuri, Bhubaneswar through e-Tendering (ONLINE BIDDING) only: **Tender Notice No. & Date:** CMPDI/RI-VII/E&M/Solar/e-T/2019/E-270937 Dated 25.02.2017, **Description:** “Supply, installation, commissioning, testing and trial run of 60 kWp Micro-grid Solar photo-voltaic power Plant (on top of vehicle parking sheds) in the office building premises of RI-VII, Bhubaneswar, Odisha consisting of all Civil, Structural, Electrical and Mechanical Works and all other accessories and facilities required to make it complete in all respects. **(Note: Supply & installation of steel structures for modification of existing 2-wheeler parking shed for installing PV array-1 and construction of new 4- wheeler parking shed in free space for PV array-2 as shown in the drawing for installing PV modules on top of these structures is also in scope of this tender)** Estimated value of Work:- **₹53,14,000.00,** Period of Completion: **120 Days.**
Detailed tender notice & Tender documents including terms and conditions of works shall be available on e-tendering portal https://coalindiatenders.nic.in and Tender Notice only shall be available at website www.cmpdi.co.in and www.eprocure.gov.in from **05.03.2019 to 27.03.2019.** Important Note to all prospective bidders: For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at www.coalindiatenders.nic.in. For any query, contact HoD(E&M), CMPDI, RI-VII, Bhubaneswar, Tel.No. 0674-2301373, Mobile No. 9438881021, 9438881083, 9438881068 & Fax No. 0674-2301762

C.D.A କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨
ସଂଖ୍ୟା ନଂ ୩୭୪୨/କ.ଉ.କ./ତା ୨୮.୦୨.୨୦୧୯

ବିଜ୍ଞପ୍ତି

କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା - ୯୮୭ ତା୨୦.୦୬.୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା । ପୁନର୍ବାର ଉକ୍ତ ସ୍କିମକୁ ଆସନ୍ତା ୬ (ଛଅମାସ) ପର୍ଯ୍ୟନ୍ତ ସଂପ୍ରାସାରଣ କରାଯାଇଅଛି, ଯାହାକି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା - ୩୨୦୮୬ ତା।୧୯.୧୨.୨୦୧୮ (Notification No.32086/ HUD Dt.19.12.2018) ଦ୍ୱାରା ପ୍ରକାଶ ପାଇଅଛି । ଏହା ଦ୍ୱାରା ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଯେଉଁ ବ୍ୟକ୍ତିମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି, ସେମାନେ ଏହି ସୁଯୋଗର ଉପଯୋଗ କରନ୍ତୁ । ଆବେଦନ ଗ୍ରହଣ କରିବାର ଶେଷ ତାରିଖ **୧୮.୦୬.୨୦୧୯** ଅଟେ।
ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ - www.cdacuttack.nic.in ରେ ଉପଲବ୍ଧ ଅଟେ ।

ସ୍ୱା /-
ସଚିବ

# ରବିଙ୍କ ଲକ୍ଷ୍ୟ ୨୦୨୦ ଅଲିମ୍ପିକ୍ସ



କାଟୁଲୁ ରବି କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବ୍ରହ୍ମପୁର ଅଫିସ୍, ୪।୩**

କାଟୁଲୁ ରବି କୁମାର । ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ପରିଚିତ ନାମ। ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ ପରେ ରବି କୁମାର କେବଳ ଓଡ଼ିଶା ନୁହଁ, ସାରା ଭାରତରେ ଏକ ଚିହ୍ନା ଚେହେରା ପାଲଟି ଯାଇଥିଲେ। ଜଣେ ଉଦୀୟମାନ୍ ଭାରୋତ୍ତୋଳକ ଭାବେ ଅର୍ଜୁନ ପୁରସ୍କାର ପାଇଛନ୍ତି ରବି କୁମାର । କିନ୍ତୁ ଗତ କିଛି ବର୍ଷ ହେଲା ଆଘାତଜନିତ ସମସ୍ୟା ଯୋଗୁ ଭାରୋତ୍ତୋଳନଠାରୁ ସେ ଦୂରେଇ ଯାଇଥିଲେ। ତାଙ୍କ କ୍ୟାରିୟର୍ ଶେଷ ହୋଇଗଲା ବୋଲି ମଧ୍ୟ ଆଲୋଚନା ହେଉଥିଲା। ହେଲେ ରବି କୁମାର ପୁଣି ଫେରିଛନ୍ତି। ଗୋଟିଏ ସପ୍ତାହ ଭିତରେ ଦୁଇଟି ଜାତୀୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଜିତିଛନ୍ତି ସ୍ୱର୍ଣ୍ଣ। ଏବେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି ରବି କୁମାର। ସୋମବାର ବ୍ରହ୍ମପୁର ଫେରିବା ପରେ ରବିଙ୍କୁ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

ରବିଙ୍କ ପ୍ରଦର୍ଶନ ଗତ କିଛି ବର୍ଷ ହେଲା ଆଘାତ କାରଣରୁ ପ୍ରଭାବିତ ହୋଇଥିଲା। ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୬୯କିଲୋ ଓଜନ ବର୍ଗରେ ଭାଗ ନେଇଥିଲେ ରବି କୁମାର। ସ୍ନାଚ୍‌ରେ ୧୪୬ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୭୫ ସହ ମୋଟ ୩୨୧ କେଜି ଓଜନ ଉଠାଇ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୨ ଲଣ୍ଡନ୍ ଅଲିମ୍ପିକ୍ସରେ ରବି କୁମାର ଭାଗ ନେଇଥିଲେ ମଧ୍ୟ ଅସୁସ୍ଥତା ଯୋଗୁ ସଫଳ ହୋଇପାରି ନ ଥିଲେ। ହେଲେ ଏହା ପରେ ପରେ ସେ ଆଘାତଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପରେ ଆଣ୍ଠୁରେ ଯେଉଁ ଆଘାତ ଲାଗିଥିଲା, ତାହା ଧୀରେ ଧୀରେ ଅଧିକ ବଢ଼ିବାରେ ଲାଗିଲା। ଏଣୁ ଭାରୋତ୍ତୋଳନଠାରୁ ଦୂରେଇ ଯାଇଥିଲେ। ଆଘାତରୁ ସମସ୍ୟାରୁ ମୁକୁଳି ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗ ନେଇଥିଲେ ମଧ୍ୟ ପ୍ରଦର୍ଶନ ଖାସ୍ ନ ଥିଲା। ହେଲେ ଅନେକ ବର୍ଷ ପରେ ପୁଣି ଥରେ ସଫଳତା ହାସଲ କରିବାରେ ଲାଗିଛନ୍ତି ରବି। ନୂତନ ଭାବେ ଖେଳାଯାଉଥିବା ୮୯କିଲୋ ଓଜନ ବର୍ଗରେ ସେ ଭାଗ ନେଉଛନ୍ତି। ଏହା ତାଙ୍କୁ ସଫଳତା ଦେବାରେ ଲାଗିଛି। କାରଣ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଜାତୀୟ ବରିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତାରେ ରବି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଓଡ଼ିଶା ତରଫରୁ ଖେଳି ରବି କୁମାର ସ୍ନାଚ୍‌ରେ ୧୫୦କିଲୋ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୯୨କିଲୋ ସହ ମୋଟ ୩୪୨କିଲୋ ଓଜନ ଉଠାଇଥିଲେ। ଏପରିକି ଏହି ପ୍ରତିଯୋଗିତାରେ ତାଙ୍କୁ ଶ୍ରେଷ୍ଠ ଭାରୋତ୍ତୋଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଜୟପୁରରେ ସମାପ୍ତ ହୋଇଥିବା ୬୭ତମ ସର୍ବଭାରତୀୟ ପୋଲିସ କୁସ୍ତି କ୍ଲଷ୍ଟର୍ ପ୍ରତିଯୋଗିତାରେ ମଧ୍ୟ ସେ ସ୍ୱର୍ଣ୍ଣ ଜିତିଛନ୍ତି। ସ୍ନାଚ୍‌ରେ ୧୪୨ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୫ ସହ ମୋଟ ୩୦୭ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ଦୁଇଟି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ ପରେ ସୋମବାର ରବି କୁମାର ବ୍ରହ୍ମପୁର ଫେରିଛନ୍ତି। ତାଙ୍କୁ ଯୁବ ବିଜେଡ଼ି ସଭାପତି ମୁକୁନ୍ଦ ଗୌଡ଼, ରାଧାକୃଷ୍ଣ ବଣିକ ସଂଘ ସଭାପତି ଆର୍.ମୁରଲୀ ମୋହନ, ସମ୍ପାଦକ ଶ୍ରୀକାନ୍ତ ପାଣିଗ୍ରାହୀ ଏବଂ ବ୍ରହ୍ମପୁର ସ୍କେଟିଂ ଏକାଡ଼େମୀ ସହ ଅନ୍ୟ କେତେକ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରବି କୁମାର କହିଛନ୍ତି, ୮୯କିଲୋ ଓଜନ ବର୍ଗରେ ଖେଳିବା ମୋ ପାଇଁ ଚ୍ୟାଲେଞ୍ଜ ଥିଲା । ଦୀର୍ଘ ୮ବର୍ଷ ପରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ଯୋଗୁ ବେଶ୍ ଖୁସି ଅଛି। ଓଡ଼ିଶା ପୋଲିସ ତରଫରୁ ଖେଳିବା ବେଳେ ବିଭାଗ ତରଫରୁ ବହୁତ ସମର୍ଥନ ଏବଂ ପ୍ରୋତ୍ସାହନ ମିଳିଛି। ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପରେ ଆଘାତ ଲାଗିଥିଲା। ତଥାପି ହାରି ନ ଥିଲି । କଠିନ ପରିଶ୍ରମ ଜାରି ରଖିଥିଲି। ବ୍ରହ୍ମପୁରରେ ରହି ପ୍ରଶିକ୍ଷଣ ନେବା ସହଜ ନ ଥିଲା। ସକାଳ ୩ଘଣ୍ଟା ଏବଂ ଅପରାହ୍ନରେ ୩ଘଣ୍ଟା ଅଭ୍ୟାସ କରୁଥିଲି । ଏଥି ସହ ଆଘାତ ଜନିତ ସମସ୍ୟାରୁ ବାହାରିବା ପାଇଁ ସ୍ୱତନ୍ତ୍ର ଅଭ୍ୟାସ କରୁଥିଲି । ୨୦୨୦ ଅଲିମ୍ପିକ୍ସ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ଏପ୍ରିଲ୍‌ରୁ ପଟିଆଲାରେ ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ ଭାଗନେବା ସହ ତାଲିମ ଶିବିରରେ ଯୋଗଦେବା ପାଇଁ କଠିନ ପରିଶ୍ରମ କରୁଛି। ଅଲିମ୍ପିକ୍ସରେ ଭାରତ ତରଫରୁ ଭାଗନେଇ ସ୍ୱର୍ଣ୍ଣ ପଦକ ଜିଣିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ରବି କୁମାର ପ୍ରକାଶ କରିଛନ୍ତି ।





CLASSIFIED DISPLAY



















# PRAGATI KI NAYI MISAAL

## Bharatmala Pariyojana

India's biggest road development programme, **60,000 km** of NH being built with investments worth **Rs. 6,92,324 Cr**

44 Economic Corridors, **9,000 km** length, **Rs. 1,20,000 Cr** worth investments

**2,000 km** of roads being built with investments worth **Rs. 25,000 Cr** to enhance trade with Nepal, Bhutan, Bangladesh and Myanmar

**2,000 km** of roads being built to improve Coastal and Port connectivity, worth **Rs. 20,000 Cr**

**185** choke points identified. **28** ring roads, **45** bypasses, **34** lane expansion projects are in progress

All District Headquarters to be connected to National Highways, **9,000 km** of length, **Rs. 60,000 Cr** worth, **300** districts already connected

Road development in the Char Dham fast tracked with **Rs. 12,000 Cr** investments

Developing roads to improve connectivity to the North East and link Inland Waterways

12 Greenfield Expressways, spanning **1,900 km**. The **800 km** Delhi-Mumbai Expressway worth **Rs. 40,000 Cr** underway




NAMUMKIN AB
**MUMKIN HAI**

Ministry of Road Transport & Highways, Government of India
National Highways Authority of India
NHIDCL — BUILDING INFRASTRUCTURE - BUILDING THE NATION
BHARATMALA — ROAD TO PROSPERITY

ଧରିତ୍ରୀ
DHARITRI



## ସଂକ୍ଷେପରେ

### ପୋଲ ତଳୁ ସଦ୍ୟଜାତ ଶିଶୁକନ୍ୟା ଉଦ୍ଧାର

ସୋନପୁର/ତରଭା,୪।୩ (ନି.ପ୍ର./ଡି.ଏନ.ଏ.)

ଶିଶୁକନ୍ୟାକୁ ଏବେ ବି ବୋଝ ବୋଲି ବିବେଚନା କରାଯାଉଛି। ସରକାରୀ ଓ ବେସରକାରୀ ସ୍ତରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ହେଁ ତାହା ଯଥେଷ୍ଟ ହେଉନି। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖାରୀ ନିକଟସ୍ଥ ସୁକତେଲ ପୋଲ ତଳୁ ସୋମବାର ଅପରାହ୍ନରେ ଏକ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି । ଶିଶୁର କୁଆଁକୁଆଁ କାନ୍ଦ ଶୁଣି ସ୍ଥାନୀୟ କୁଟସିରା ଗାଁର ବ୍ୟାସଦେବ ମିଶ୍ର ତରଭା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଶିଶୁକୁ ଉଦ୍ଧାର କରି ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତେବେ ଶିଶୁର ଓଜନ କମ୍ ଥିବା ଓ ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସନ୍ଥ କବି ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଟି ଶିଶୁ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ଥିବା ଜଣାପଡିଛି। ଶନିବାର କିମ୍ବା ରବିବାର ଶିଶୁଟି ଜନ୍ମ ହୋଇଥିବା ଅନୁମାନ କରାଯାଉଛି ।

### ତାଳଚେର ମେଡିକାଲ କଲେଜ ଏକାଡେମିକ ବ୍ଲକ ଉଦ୍‌ଘାଟନ ଆଜି

**ତାଳଚେର,୪।୩ (ନି.ପ୍ର.):** ତାଳଚେରଠାରେ ନବନିର୍ମିତ ମେଡିକାଲ କଲେଜର ଏକାଡେମିକ ବ୍ଲକ ଓ ନୂତନ କ୍ୟାନସର ବିଲଡିଂକୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବା କାର୍ଯ୍ୟକ୍ରମ ରହିଛି। ୪୯୨ କୋଟି ଟଙ୍କା ବ୍ୟୟରେ ଏହି ମେଡିକାଲ କଲେଜ ନିର୍ମାଣ ପାଇଁ ୨୦୧୪ରେ ଏମ୍‌ଓୟୁ ହୋଇଥିବା ବେଳେ ୨୦୧୫ ସେପ୍ଟେମ୍ବର ୩ରେ ଶୁଭ ଦିଆଯାଇଥିଲା। ରାଜ୍ୟ ସରକାର ଏଥିପାଇଁ ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତ ବୈଷ୍ଣବରଗୁଡି ଠାରେ ୨୦ ଏକର ଜମି ଯୋଗାଇ ଦେଇଥିଲେ। ଏହି ଉଦ୍‌ଘାଟନ ସହିତ କେନ୍ଦ୍ରମନ୍ତ୍ରୀ ରେଳବାଇର କେତେକ କାର୍ଯ୍ୟକ୍ରମର ଶୁଭ ଦେବା କାର୍ଯ୍ୟସୂଚୀ ରହିଛି।

### ଆଇସିସି ୱାର୍କିଂ ଗ୍ରୁପ୍‌ରେ ଜୋହରୀ

ନୂଆଦିଲ୍ଲୀ, ୪।୩ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଗଠନ କରାଯାଇଥିବା ୬ ଜଣିଆ ସଦସ୍ୟ ବିଶିଷ୍ଟ ଏକ ୱାର୍କିଂ ଗ୍ରୁପ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରାହୁଲ ଜୋହରିଙ୍କୁ ସାମିଲ କରାଯାଇଛି। ଏଥିରେ ଅନ୍ୟ ୪ଟି ଦେଶ କ୍ରିକେଟ ବୋର୍ଡର ସିଇଓ ମଧ ସ୍ଥାନ ପାଇଛନ୍ତି। ସେମାନେ ହେଲେ କ୍ରିକେଟ ଅଷ୍ଟ୍ରେଲିଆର କେଭିନ ରବର୍ଟ୍ସ, କ୍ରିକେଟ ଦକ୍ଷିଣ ଆଫ୍ରିକାର ଥବାଙ୍ଗ ମୋରୋ, ୱେଷ୍ଟଇଣ୍ଡିଜର ଜନି ଗ୍ରେଭ୍ସ, ଏଫ୍‌ଆଇସିଏର ଟୋନୀ ଇରିଶ ଏବଂ କ୍ରିକେଟ ସ୍କଟଲାଣ୍ଡ ଚେୟାରମ୍ୟାନ ଟୋନି ବ୍ରାଏନ। ଟି୨୦ ଫ୍ରିଲାନ୍‌ସର୍ସମାନେ କେତୋଟି ଲିଗ୍ ମ୍ୟାଚ ଖେଳି ପାରିବେ ସେ ସମ୍ପର୍କରେ ଏହି ଗ୍ରୁପ୍ ନୀତି ନିର୍ଦ୍ଧାରଣ କରିବ। ଏହି ଗ୍ରୁପ୍‌କୁ ଆଇସିସି ମ୍ୟାନେଜମେଣ୍ଟ ଏବଂ ବହିର୍ବ୍ୟାପାର ଆଇନଜ୍ଞମାନେ ସହାୟତା ପ୍ରଦାନ କରିବେ। ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ରିଚାର୍ଡସନ କହିଛନ୍ତି, ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସମେତ କୌଣସି ପ୍ରାଇଭେଟ ଲିଗ୍‌ରେ ହସ୍ତକ୍ଷେପ ଏହି ଗ୍ରୁପ୍ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ। ମାତ୍ରାଧିକ ଖେଳାଇବା ଦ୍ୱାରା ଖେଳାଳିଙ୍କ ଇଞ୍ଜୁରି ସମସ୍ୟା ରହିଥିବାରୁ ଏହାକୁ କିପରି ଏଡାଇ ଦିଆଯାଇ ପାରିବ ସେ ଦିଗରେ ଧ୍ୟାନ ଦେବ।

### ଏସିଆନ ଗେମ୍ସରେ ଭାଗ ନେବ ଅଷ୍ଟ୍ରେଲିଆ

ସିଡ୍‌ନୀ, ୪।୩ (ଏଏଫ୍‌ପି) : ଏସିଆନ ଗେମ୍ସ ୨୦୨୨ରେ ଅଂଶଗ୍ରହଣ କରିବା ଲାଗି ପ୍ରଥମ ଥର ପାଇଁ ସ୍ପୋର୍ଟିଂ ପାୱାର ହାଉସ୍ ଅଷ୍ଟ୍ରେଲିଆ ସମେତ ଓସେନିଆ ରାଷ୍ଟ୍ର ସମୂହଙ୍କୁ ପ୍ରଥମଥର ଆମନ୍ତ୍ରଣ କରାଯାଇଛି। ସେମାନେ ଫୁଟ୍‌ବଲ ଓ ବାସ୍କେଟବଲ୍ ଭଳି ଅଲିମ୍ପିକ ଟିମ୍ ଇଭେଣ୍ଟରେ ଭାଗ ନେଇ ପାରିବେ। ବ୍ୟାଙ୍କକ୍‌ଠାରେ ଚାଲିଥିବା ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ ବୈଠକରେ ଗତ ରବିବାର ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ସୁଯୋଗ ପାଇଁ ଅଷ୍ଟ୍ରେଲିଆ କୃତଜ୍ଞତା ଜ୍ଞାପନ କରୁଛି। ପଡୋଶୀ ଓସେନିଆ ରାଷ୍ଟ୍ରଗୁଡ଼ିକ ମଧ ଏସିଆନ ଗେମ୍ସରେ ଭାଗ ନେବା ଲାଗି ଆଗ୍ରହୀ ଥିବା ଅଷ୍ଟ୍ରେଲିଆନ ଅଲିମ୍ପିକ କମିଟି ସଭାପତି ଜନ୍ କୋଟ୍ସ ସୋମବାର ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସ ୨୦୨୨ ଚାଇନାର ହାଙ୍ଗଝୋଠାରେ ଆୟୋଜିତ ହେବ। ଆମନ୍ତ୍ରିତ ଦେଶଗୁଡ଼ିକ ଭଲିବଲ୍, ବିଚ୍ ଭଲିବଲ, ବାସ୍କେଟବଲ୍, ଫୁଟ୍‌ବଲ ଓ ଫେନ୍‌ସିଂ, ସୁଇମିଂ ଓ ଟ୍ରାକ୍ ସାଇକ୍ଲିଂରେ ଭାଗ ନେବେ। ଓସେନିଆ ଅନ୍ତର୍ଗତ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ କେତେକ ପ୍ୟାସିଫିକ୍ ଦ୍ୱୀପରାଷ୍ଟ୍ର ପୂର୍ବରୁ ଆଞ୍ଚଳିକ ଅଲିମ୍ପିକ୍ସରେ ଭାଗ ନେଇ ନ ଥିଲେ। କିନ୍ତୁ ଅଷ୍ଟ୍ରେଲିଆ ୨୦୦୬ରେ ଏସିଆନ ଫୁଟ୍‌ବଲ କନଫେଡେରେଶନର ଅନ୍ୟତମ ସଦସ୍ୟ ହୋଇଛି। ଏହି ଦେଶ ପୂର୍ବରୁ ୨୦୦୧ରେ ଓସାକାରେ ଇଷ୍ଟ ଏସିଆନ ଗେମ୍ସ ଏବଂ ୨୦୧୭ରେ ସାପୋରୋଠାରେ ୱିଣ୍ଟର ଗେମ୍ସରେ ଭାଗ ନେଇସାରିଛି। ଅଲିମ୍ପିକ୍ସ ପରେ ଏସିଆନ ଗେମ୍ସକୁ ଦ୍ୱିତୀୟ ବହୁବିଧ ଗ୍ଲୋବାଲ କ୍ରୀଡ଼ା ଇଭେଣ୍ଟ ବିବେଚନା କରାଯାଉଛି। ଏଥିରେ ୩୫ଟି କ୍ରୀଡ଼ାରେ ପ୍ରାୟ ୧୦,୦୦୦ ଆଥ୍‌ଲେଟ ଅଂଶଗ୍ରହଣ କରିଥାନ୍ତି।

# ‘ରେଳ ଭିତ୍ତିଭୂମି ବିକାଶରେ ଜମି ବାଧକ’

## ■ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ରାଜ୍ୟ ସରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୩(ବ୍ୟୁରୋ)



କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ରେଳ ତଥା ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସିଂ ଯୋଗେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି।

ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ଠିକ୍ ସମୟରେ ଜମି ଅଧିଗ୍ରହଣ ହୋଇପାରୁ ନାହିଁ। ଫଳରେ ରେଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି କେନ୍ଦ୍ର ରେଳ ତଥା ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ସୋମବାର ଅଭିଯୋଗ କରିଛନ୍ତି।

ସ୍ଥାନୀୟ ରେଳ ଅଡିଟୋରିୟମଠାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସିହ୍ନା କହିଛନ୍ତି, ଏଠାକାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି ପୂର୍ବରୁ ବାର୍ଷିକ ପ୍ରାୟ ୯୦୦ କୋଟି ଟଙ୍କା ମିଳୁଥିଲା। ମାତ୍ର ଗତ ପାଞ୍ଚ ବର୍ଷ ହେବ ବାର୍ଷିକ ହାରାହାରି ୫,୫୦୦ କୋଟି ଟଙ୍କା ରାଜ୍ୟକୁ ପ୍ରଦାନ କରାଯାଉଛି। ଏହି ସମୟ ମଧରେ ରାଜ୍ୟର ରେଳ ପ୍ରକଳ୍ପ ବାବଦକୁ କେନ୍ଦ୍ର ସରକାର ମୋଟ ୨୭,୦୦୦ କୋଟି ଟଙ୍କା ପ୍ରଦାନ କରିଥିବା ସେ ସ୍ପଷ୍ଟ କରିଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ଲାଗି ଆବଶ୍ୟକ ହେଉଥିବା ଜମି ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ଯୋଗାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ ବାବଦକୁ ନୟାଗଡରେ ଅତିରିକ୍ତ ୩୨୭.୯୩ ଏକର, ବୌଦ୍ଧରେ ୨,୦୫୯.୪୩ ଏକର, ସୋନପୁରରେ ୫୨୮.୩୧ ଏକର ଏବଂ ବଲାଙ୍ଗୀରରେ ୩୮.୯୬ ଏକର ଜମିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ଏହା ପ୍ରଦାନ କରି ନ ଥିବା ସିହ୍ନା କହିଛନ୍ତି। ୨୮୯ କିମି ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ମଧରୁ ଖୋର୍ଦ୍ଧାରୋଡ୍‌ଠାରୁ ନୟାଗଡ ମଧରେ ବର୍ତ୍ତମାନ ସୁଦ୍ଧା ୬୬ କିମି ଏବଂ ବଲାଙ୍ଗୀରଠାରୁ ବିଚ୍ଛୁପାଲି ମଧରେ ୧୫ କିମି ରେଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପୂର୍ବତଟ ରେଳପଥକୁ ବିଭାଜନ କରି ନୂତନ ଭାବେ ଦକ୍ଷିଣତଟ ରେଳପଥ ଗଠନ ଏବଂ ୱାଲଟିୟର ଡିଭିଜନକୁ ଭାଗ କରିବା ନେଇ ରାଜ୍ୟର ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ ଜାରି ରହିଛି। ରବିବାର ଛାତ୍ର ବିଜେଡି ପକ୍ଷରୁ ପୂର୍ବତଟ ରେଳପଥ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଥିଲା। ସୋମବାର ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ବିରୋଧ କରାଯାଇଛି। ଏହାର ପ୍ରତିକ୍ରିୟାରେ ସିହ୍ନା କହିଛନ୍ତି ଯେ, ଓଡ଼ିଶାର କୌଣସି ରେଳ ଲାଇନ ଅନ୍ୟ ଡିଭିଜନ ଅଧୀନରେ ରଖାଯାଇ ନାହିଁ। ଏଣୁ ଏହାକୁ ନେଇ କୌଣସି ଚିନ୍ତାର ଆବଶ୍ୟକତା ନାହିଁ। କେନ୍ଦ୍ର ସରକାର ପୂର୍ବତଟ ରେଳପଥ ଅଧୀନରେ ରାୟଗଡାଠାରେ ଏକ ନୂଆ ରେଳ ଡିଭିଜନ ଗଠନ କରାଯିବ। ଏହା ଦ୍ୱାରା ସେହି ଅଞ୍ଚଳର ବିକାଶ ହୋଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି।

ଆନ୍ଧ୍ର ପ୍ରଦେଶର ପୁନର୍ଗଠନ ବେଳେ ରହିଥିବା ପ୍ରସ୍ତାବ ମୁତାବକ ୱାଲଟିୟର ଡିଭିଜନ ସେହି ରାଜ୍ୟରେ ରଖିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସଂସଦରେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ ସମ୍ପର୍କରେ ଆଲୋଚନା ବେଳେ ବିଜେଡିର କୌଣସି ସାଂସଦ କାହିଁକି ପ୍ରତିବାଦ ଜଣାଇ ନ ଥିଲେ ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ କାହିଁକି କୁମ୍ଭୀର କାନ୍ଦଣା ହେଉଛି ବୋଲି ସେ ତାଚ୍ଛଲ୍ୟ ଭରା ସ୍ୱରରେ ପ୍ରକାଶ କରିଛନ୍ତି।

## ■ଗ୍ୟାସ୍ ଟାଙ୍କି ଫାଟି ଯୁବକଙ୍କ ମୃତ୍ୟୁ ଘଟଣା

# ମାନବାଧିକାର କମିଶନରେ ମାମଲା

କଟକ ଅଫିସ, ୪।୩

ରୋଷେଇ କରୁଥିବା ବେଳେ ଗ୍ୟାସ୍ ଟାଙ୍କି ଫାଟିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଘଟଣାରେ ମୃତକଙ୍କ ମା’ ମଧ ଗୁରୁତର ଆହତ ହୋଇଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ ତେମିରି ଗାଁରେ ଗତ ରବିବାର ଘଟିଛି ଏହି ଘଟଣା। ଏହାକୁ ନେଇ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଛି। ଧରିତ୍ରୀର ମାର୍ଚ୍ଚ ୪ ତାରିଖ ସଂସ୍କରଣରେ ପ୍ରକାଶିତ ଖବରକୁ ଆଧାର କରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ପକ୍ଷରୁ ସୋମବାର ଏହି ମାମଲା ରୁଜୁ କରାଯାଇଛି। ମାମଲାରେ ଜୟନ୍ତ ଭାରତୀୟ ତୈଳ ନିଗମ କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରିଛନ୍ତି। ପିଟିଶନରେ ଜୟନ୍ତ ଉଲ୍ଲେଖ କରିଛନ୍ତି ଯେ, ଜଣେ ଗ୍ୟାସ୍ ଉପଭୋକ୍ତା ହେବା ମାତ୍ରେ ତୁରନ୍ତ ସେ ୫୦ ଲକ୍ଷ ଟଙ୍କାର ବୀମାଭୁକ୍ତ ହେବା କଥା। ଏଥିରେ ଉପଭୋକ୍ତାଙ୍କୁ କୌଣସି ପ୍ରିମିୟମ ମଧ ଦେବାକୁ ପଡେ ନାହିଁ। ଫଳରେ ଗ୍ୟାସ୍‌ଜନିତ କୌଣସି ଦୁର୍ଘଟଣା ଘଟିଲେ ଏହି ବୀମା ରାଶିରୁ ଭରଣା କରାଯାଇଥାଏ। ଯଦି ଏଭଳି ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟିଥାଏ, ତେବେ ତୁରନ୍ତ ତାଙ୍କୁ ୬ ଲକ୍ଷ ଟଙ୍କା, ଆହତ ହୋଇଥିଲେ ଚିକିତ୍ସା ନିମନ୍ତେ ୨ ଲକ୍ଷ ଓ ଆସବାବପତ୍ର ନଷ୍ଟ ହୋଇଥିଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ସେହିପରି ଦୁର୍ଘଟଣା ଘଟିବା ମାତ୍ରେ ନିକଟସ୍ଥ ଡିଲର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କ ଚିକିତ୍ସା ନିମନ୍ତେ ୨୫ହଜାର ଟଙ୍କା ପ୍ରଦାନ କରିବା କଥା। କିନ୍ତୁ ତେମିରି ଗାଁରେ ଘଟିଥିବା ଗ୍ୟାସ୍ ଦୁର୍ଘଟଣା କ୍ଷେତ୍ରରେ ତୈଳ ନିଗମର କୌଣସି ଅଧିକାରୀ କିମ୍ବା ଡିଲର ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ଫଳରେ ଆହତ ମହିଳା ଜଣକ ଅଦ୍ୟାବଧି ଚିକିତ୍ସା ନିମନ୍ତେ ଦୁରବସ୍ଥାର ଶିକାର ହେଉଥିବା ଜୟନ୍ତ ଅଭିଯୋଗ କରିଛନ୍ତି। ତେଣୁ ମୃତକଙ୍କ ବାବଦରେ ୬ ଲକ୍ଷ ଓ ଆହତଙ୍କ ଚିକିତ୍ସା ପାଇଁ ୨ ଲକ୍ଷ ଟଙ୍କା ଦେବା ସହିତ ନଷ୍ଟ ହୋଇଥିବା ଆସବାବପତ୍ରର ଆକଳନ କରି କ୍ଷତିପୂରଣ ଦେବାକୁ ଜୟନ୍ତ କମିଶନରେ ନିବେଦନ କରିଛନ୍ତି। ସେହିପରି ଦାୟିତ୍ୱ ଓ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଉଭୟ ତୈଳ ନିଗମର ଅଧିକାରୀ ଓ ଡିଲରଙ୍କଠାରୁ ୫ ଲକ୍ଷ ଟଙ୍କାର ଜରିମାନା ରାଶି ଆଦାୟ କରିବାକୁ ମଧ ସେ ପିଟିଶନରେ ଉଲ୍ଲେଖ କରିଛନ୍ତି।

# ଗୁପ୍ତେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ : ସମ୍ବଲପୁର ବିଜୟୀ

ଉଲୁଣ୍ଡା, ୪।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଙ୍ଘୋଲଠାରେ ସୋମବାର ୨୪ତମ ଗୁପ୍ତେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଏସଡିସିଏ ସୋନପୁରକୁ ପରାସ୍ତ କରି ଜେଜେସିସି ସମ୍ବଲପୁର ଦଳ ବିଜୟୀ ହୋଇଛି। ଟସ ଜିଣି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଣ୍ଡା ୪୪ ଏବଂ ଆଶିଷ ଡାଲମିୟାଁ ୩୧ ରନ କରିଥିଲେ। ୧୮୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ସୋନପୁର ଦଳ ଖେଳିଥିଲେ ମଧ୍ୟ ୧୬.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୮ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଯଦୁଲାଲ ନନ୍ଦ ୨୮ ରନ କରିଥଲେ। ଖେଳକୁ ସୁଶାନ୍ତ ବେହେରା ଏବଂ କେଦାର ବେହେରା ପରିଚାଳନା କରିଥିଲେ। ଭୁବନେ ପଧାନ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ସୁନୀଲ କୁମାର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ଉଦଘାଟନୀ ଉତ୍ସବରେ ହୃଦାନନ୍ଦ ମେହେର, ସମିତି ସଭ୍ୟ ସରୋଜ ମେହେର, ଫରେଷ୍ଟର ସୁନୀଲ ତରିଆ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁରର ଅଭିଷେକ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ହୀରାକୁଦ ଡ୍ୟାମ୍‌ରେ ବୁଡି ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ସମ୍ବଲପୁର, ୪।୩(ବ୍ୟୁରୋ)


ସୁମିତ ସିଂ ।

ହୀରାକୁଦ ଡ୍ୟାମ୍‌ରେ ବୁଡି ସମ୍ବଲପୁର ଜିଲା ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର ଜଣେ ତୃତୀୟ ବର୍ଷ ଡାକ୍ତରୀ ଛାତ୍ରଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ସୁମିତ ସିଂ (୨୪)। ତାଙ୍କ ଘର ରାଜସ୍ଥାନରେ। ପୋଲିସଠାରୁ ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ୧୦ ମିନିଟ ଖୋଜାଖୋଜି କରିବା ପରେ ପ୍ରାୟ ୧୨ଫୁଟ୍ ପାଣି ଭିତରୁ ସୁମିତଙ୍କ ମୃତଦେହ ଉଦ୍ଧାର ଉଦ୍ଧାର କରାଯାଇଥିଲା। ଭିମ୍‌ସାରରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଭିମସାରରେ ସଂରକ୍ଷିତ କରି ରଖାଯାଇଛି। ସୁମିତଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି। ମଙ୍ଗଳବାର ସେମାନେ ଏଠାରେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ବୁର୍ଲା ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ତାଙ୍କ ମୃତ୍ୟୁରେ ମେଡିକାଲ କଲେଜରେ ଶୋକର ଛାୟା ଖେଳିଯାଇଛି। ଅଧ୍ୟକ୍ଷ ପ୍ରଫେସର ବ୍ରଜ ମିଶ୍ରଙ୍କ ସମେତ କଲେଜର ସମସ୍ତ ଡାକ୍ତର, ପ୍ରଫେସର ଓ ସହପାଠୀ ଶୋକବ୍ୟକ୍ତ କରିଛନ୍ତି ।

ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ସୁମିତ ସାଙ୍ଗମାନଙ୍କ ସହିତ ଅପରାହ୍ନ ୧ଟାରେ ଗାଧୋଇବାକୁ ଯାଇଥିଲେ। ଡ୍ୟାମ ଭିତରେ ଥିବା ଏକ ଟାପୁକୁ ଚାଲିଚାଲି ଯାଉଥିଲେ। ହେଲେ ଗୋଡ ଖସିଯିବାରୁ ଗଭୀର ପାଣିରେ ପଡି ଯାଇଥିଲେ। ପହଁରା ଜାଣି ନ ଥିବାରୁ ପାଣିରେ ବୁଡି ଯାଇଥିଲେ। ଏହି ସମୟରେ ତାଙ୍କ ସହ ଥିବା ସାଥୀ ଓ ମାଛ ଧରୁଥିବା ସ୍ଥାନୀୟ ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧିକ ପାଣି ଥିବାରୁ ଉଦ୍ଧାର କରି ନ ପାରି ପୋଲିସକୁ ଫୋନ୍ କରିଥିଲେ।

## ■ ଠକେଇ, ଚେକ୍ ବାଉନ୍ସ ମାମଲା

# ରାଜଧାନୀରେ ଦିଲ୍ଲୀ ପୋଲିସର ଚଢ଼ାଉ

ଭୁବନେଶ୍ୱର,୪।୩ (ବ୍ୟୁରୋ)

■ସିଲ୍‌ଭାସା ଇନ୍‌ଫୋଟେକ୍‌ର ଡାଇରେକ୍ଟର, ଏମ୍‌ଡି ଫେରାର

■ତାଙ୍କ ନାମରେ ରହିଛି ଜାମିନ ବିହୀନ ଗିରଫ ପରୱାନା

ଏକ ଚେକ୍ ବାଉନ୍ସ ଓ ଠକେଇ ମାମଲାକୁ ନେଇ ଦିଲ୍ଲୀ ମନ୍ଦିର ମାର୍ଗ କମିଶନରେଟ ପୋଲିସ ସୋମବାର ଭୁବନେଶ୍ୱରରେ ଚଢ଼ାଉ କରିଛି। ହେଲେ ଆଗୁଆ ସୂଚନା ପାଇ ଦୁଇ ଅଭିଯୁକ୍ତ ଚନ୍ଦ୍ରଶେଖରପୁରସ୍ଥିତ ସିଲ୍‌ଭାସା ଇନ୍‌ଫୋଟେକ୍ ଲିମିଟେଡ୍ କମ୍ପାନୀର ଡାଇରେକ୍ଟର ଜ୍ୟୋତି ନାରାୟଣ ମହାପାତ୍ର ଓ ମ୍ୟାନେଜିଂ ଡାଇରେକ୍ଟର ଇପ୍‌ସିତା ମହାପାତ୍ର ଫେରେର ହୋଇଯାଇଛନ୍ତି। ସୂଚନା ମୁତାବକ, ଜ୍ୟୋତି ନାରାୟଣ ଓ ଇପ୍‌ସିତା ଦିଲ୍ଲୀସ୍ଥିତ ଏକ କମ୍ପାନୀ ସହ କମ୍ପ୍ୟୁଟର ଓ ସଫ୍ଟୱେୟାର ବ୍ୟାଙ୍କ୍ ଚେକ୍ ଜରିଆରେ କାରବାର କରୁଥିଲେ। ୨୦୧୬ରେ ଏହି କାରବାର ବାବଦକୁ ଦିଲ୍ଲୀସ୍ଥିତ କମ୍ପାନୀକୁ କେତେକ ବ୍ୟାଙ୍କ୍ ଚେକ୍ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଉକ୍ତ ଚେକ ବାଉନ୍ସ ହୋଇଥିଲା। ଏ ନେଇ ଦିଲ୍ଲୀ ମନ୍ଦିର ମାର୍ଗ ଥାନା ଓ ସ୍ଥାନୀୟ କୋର୍ଟରେ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ କୋର୍ଟରେ ହାଜର ନ ହେବାରୁ ଉଭୟଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ସେମାନଙ୍କୁ ଗିରଫ ପାଇଁ ଦିଲ୍ଲୀ ପୋଲିସ ଭୁବନେଶ୍ୱରରେ ପହଞ୍ଚି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବିଡିଏ କଲୋନୀ ଅଞ୍ଚଳରେ ଥିବା ଅଭିଯୁକ୍ତମାନଙ୍କ ଘର ଏବଂ ଅଫିସରେ ଚଢ଼ାଉ କରିଥିଲା। ସେମାନଙ୍କୁ ନ ପାଇ ଦିଲ୍ଲୀ ପୋଲିସ ନିରାଶରେ ଫେରିଛି।

### ୭ରେ ରାଜଭବନ ଆଗରେ ଧାରଣା ଦେବ ‘ଓସା’

ଭୁବନେଶ୍ୱର,୪।୩(ବ୍ୟୁରୋ)

ହକି ବିଶ୍ୱକପ୍‌କୁ ତିନିମାସ ବିତିଯାଇଥିଲେ ମଧ ସୂଚନା ଅଧିକାର ଆଇନ ବଳରେ ହକି ବିଶ୍ୱକପ୍ ସମ୍ପର୍କିତ କୌଣସି ତଥ୍ୟ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦେଉ ନ ଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ କହିବାନୁଯାୟୀ, ହକି ବିଶ୍ୱକପ୍ ଆୟୋଜନ ଦାୟିତ୍ୱରେ ଥିବା କ୍ରୀଡ଼ା ଓ ଯୁବ ସେବା ବିଭାଗ ସହ ଅନ୍ୟାନ୍ୟ ବିଭାଗ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ ହକି ବିଶ୍ୱକପ୍ ସମ୍ପର୍କିତ ତଥ୍ୟ ନଭେମ୍ବରରୁ ଫେବୃୟାରୀ ମାସ ମଧରେ ଦେବାକୁ ଆବେଦନ କରାଯାଇଥିଲା।

# ସମ୍ବଲପୁର ଯାଏ ଚାଲିବ ଗଣ୍ଡୱାନା ଏକ୍ସପ୍ରେସ

ଭୁବନେଶ୍ୱର,୪।୩(ବ୍ୟୁରୋ)



■ବିଭିନ୍ନ ରେଳ ପ୍ରକଳ୍ପର ଲୋକାର୍ପଣ କଲେ ରେଳ ରାଷ୍ଟ୍ରମନ୍ତ୍ରୀ

■ସପ୍ତାହକୁ ୩ ଦିନ ଚାଲିବ ସମ୍ବଲପୁର-ହାଓଡ଼ା ଏକ୍ସପ୍ରେସ

■ଢେଙ୍କାନାଳରେ ରହିବ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ

■କଣାସଠାରେ ପୁରୀ-ପାରାଦୀପ ଏବଂ ପୁରୀ-ବଡବିଲ ଏକ୍ସପ୍ରେସ୍

■ରାଜ୍ୟରେ ୧୦୦ ନୂଆ ଟାୱାର ବସାଇବ ବିଏସ୍‌ଏନ୍‌ଏଲ୍

■ଗ୍ରାମୀଣ ବ୍ରଡବ୍ୟାଣ୍ଡ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ

ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ସୋମବାର ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ରେଲୱେ ତଥା ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ସେ ଭିଡ଼ିଓ କନଫରେନ୍ସିଂ ଜରିଆରେ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ତାଳଚେର ଷ୍ଟେଶନରେ ବିଭିନ୍ନ ଯାତ୍ରୀ ସୁବିଧାର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହ ଟ୍ରେନର ସମ୍ପ୍ରସାରଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଅତିରିକ୍ତ ଟ୍ରେନ ରହଣି ସମ୍ପର୍କରେ ସିହ୍ନା ଘୋଷଣା କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଷ୍ଟେଶନରେ ନୂଆ ଏକ୍ସାଲେଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବ୍ରହ୍ମପୁର ଷ୍ଟେଶନରେ ନୂଆ ଏକ୍ସାଲେଟର ଏବଂ ଫୁଟ୍ ଓଭରବ୍ରିଜ ସୁବିଧାକୁ ସେ ଲୋକାର୍ପଣ କରିଛନ୍ତି। ଏହାବାଦ ତାଳଚେର ରେଳଷ୍ଟେଶନ ପରିସରରେ ବିଭିନ୍ନ ଯାତ୍ରୀ ସୁବିଧା ଆରମ୍ଭ ହୋଇଛି। ହଜରତ ନିଜାମୁଦ୍ଦିନ-ରାଇଗଡ ଗଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ଯାଏ ଚଳାଚଳ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏହା ଭାୟା ଝାରସୁଗୁଡା ଦେଇ ସମ୍ବଲପୁର ଯାଏ ଚଳାଚଳ କରିବ। ସମ୍ବଲପୁର-ହାଓ୍ୱଡା ଏକ୍ସପ୍ରେସ ଭାୟା ସମ୍ବଲପୁର ଏବଂ ଭଦ୍ରକ ସାପ୍ତାହିକ ଗୋଟିଏ ଦିନ ପରିବର୍ତ୍ତେ ୩ ଦିନ ଚାଲିବ ବୋଲି ଘୋଷଣା କରାଯାଇଛି।

ସେହିଭଳି ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଭାୟା ଅନୁଗୋଳ ଦେଇ ଯିବାକୁ ଥିବା ବେଳେ ଏହା ଢେଙ୍କାନାଳଠାରେ ରହଣି ବ୍ୟବସ୍ଥା କରାଯାଇଛି। ହାଓ୍ୱଡା-ଏସ୍‌ଏସ୍‌ପିଏନ୍ ଏକ୍ସପ୍ରେସ ଏବଂ ହଳଦିଆ-ଚେନ୍ନାଇ ଏକ୍ସପ୍ରେସ୍ ବାଲେଶ୍ୱରଠାରେ ରହିବ। ହାଓ୍ୱଡ଼ା-କନ୍ୟାକୁମାରୀ ଏକ୍ସପ୍ରେସ ଭଦ୍ରକଠାରେ, ପୁରୁଲିଆ ଭିଲୁପୁରମ ଏକ୍ସପ୍ରେସ ଜଳେଶ୍ୱରଠାରେ, ପୁରୀ-ପାରାଦୀପ ଏବଂ ପୁରୀ-ବଡବିଲ ଏକ୍ସପ୍ରେସ୍ କଣାସ ରୋଡଠାରେ, ହାଓ୍ୱଡା-ପୁରୀ ଧଉଳି ଏକ୍ସପ୍ରେସ ମାର୍କୋଣାଠାରେ, ପୁରୀ-ନୂଆଦିଲ୍ଲୀ ନୀଳାଚଳ ଏକ୍ସପ୍ରେସ ଏବଂ କେନ୍ଦୁଝରଗଡ-ଭୁବନେଶ୍ୱର ପାସେଞ୍ଜର ଧାନମଣ୍ଡଳ ରେଳ ଷ୍ଟେଶନଠାରେ ରହିବ।

ଏହାବାଦ ସିହ୍ନା ଲୋକାର୍ପଣ କରିଥିବା ପ୍ରକଳ୍ପ ମଧରେ ୨୮୦ ଗ୍ରାମୀଣ ୱାଇଫାଇ ହଟସ୍ପଟ ଏବଂ ଜଗତସିଂହପୁର ଜିଲାର ୧୦୦ ଗ୍ରାମ ପଞ୍ଚାୟତରେ ସ୍ଥାପିତ କମନ ସର୍ଭିସ ସେଣ୍ଟର (ସିଏସ୍‌ସି)ର ୱାଇଫାଇ ଚୌପାଳ ପ୍ରକଳ୍ପ ରହିଛି। ରାଜ୍ୟରେ ବିଏସ୍‌ଏନ୍‌ଏଲ୍‌ର ୧୦୦ ନୂଆ ଟାୱାର ବସାଇବା ତଥା ଗ୍ରାମାଞ୍ଚଳରେ ବ୍ରଡବ୍ୟାଣ୍ଡ ଲାଗି ପ୍ରଦାନ କରାଯାଇଥିବା ୫୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟର ୪୦୦ ୨-ଜି ଭିତ୍ତିକ ଟ୍ରାନ୍ସମିଶନ ଷ୍ଟେଶନ, ୪୮୦ ୩ଜି ଟ୍ରାନ୍ସମିଶନ ଷ୍ଟେଶନ, ୭୦୮ ସାଇଟ୍‌ରେ କମ୍ପ୍ରିହେନ୍ସିଭ ପର୍ଲ ଆର୍କାଇଭ ନେଟ୍‌ୱର୍କ ଏବଂ ବିଏସ୍‌ଏନ୍‌ଏଲ୍ ଲାଗି ମଲ୍ଟି ପ୍ରୋଟୋକଲ୍ ବେଭଲ ସ୍ୱିଚିଂ ଟ୍ରାନ୍ସପୋର୍ଟ ବେସ୍‌ଡ ପ୍ୟାକେଟ ଆଗ୍ରିଗେଶନ ନେଟୱାର୍କର ଏହି ଅବସରରେ ଲୋକାର୍ପଣ କରାଯାଇଛି। ଅନ୍ୟାନ୍ୟ ପ୍ରକଳ୍ପ ମଧରେ ଦେବଗଡ ସହରରେ କମ୍ୟୁନିଟି ସେଣ୍ଟର ଫର କଲଚରାଲ ହଲ, ଦେବଗଡ ଅଦାସଠାରେ ପଞ୍ଚାୟତ ହାଇସ୍କୁଲ ଏବଂ ପ୍ରାଥମିକ ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟ, ପୁରୁଣାଗଡଠାରେ ପବ୍ଲିକ ପାର୍କ ଏବଂ ବଣିଆ ସାହିଠାରେ ଉନ୍ନତିମୂଳକ ପ୍ରକଳ୍ପମାନ ସାମିଲ ରହିଛି।

ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ ୨୫୬ କମନ ସର୍ଭିସ ସେଣ୍ଟରରେ ସାନିଟାରି ନାପକିନ ପ୍ରସ୍ତୁତି ମେଶିନର କାର୍ଯ୍ୟାରମ୍ଭ କରିଥିଲେ। ଆଉ ୨୫୦ ମେଶିନ ଲଗାଇବା ଲାଗି ବ୍ୟବସ୍ଥା ରହିଥିବା ସେ ସୂଚନା ଦେଇଛନ୍ତି। ଏପରି ଭାବେ ନୂଆ ୫୦୬ ମେଶିନ ଲଗାଇବାକୁ ଯୋଜନା ରହିଥିବା ସେ କହିଛନ୍ତି। ୨୦୦୦ କମନ ସର୍ଭିସ ସେଣ୍ଟରକୁ ଏଲପିଜି ଉପକେନ୍ଦ୍ର ଭାବେ ଘୋଷଣା କରାଯାଇଥିବା ସେ କହିଛନ୍ତି। ଏଥିଲାଗି ତୈଳ ବିପଣନ କମ୍ପାନୀ ଏବଂ ସିଏସ୍‌ସି ମଧରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ସେ ସୂଚନା ଦେଇଛନ୍ତି।

### ବୟସ୍କ ମହିଳାଙ୍କୁ ଥାନା ଭିତରେ ପୋଲିସର ନିର୍ଯ୍ୟାତନା

# ଏନ୍‌ଏଚ୍‌ଆର୍‌ସିରେ ମାମଲା

କଟକ ଅଫିସ, ୪।୩- ଜଣେ ୬୨ ବର୍ଷ ବୟସର ମହିଳାଙ୍କୁ ଥାନା ଭିତରେ ପୋଲିସ ନିର୍ଯ୍ୟାତନା ଦେଇଛି। ମହିଳାଙ୍କୁ ପୋଲିସର ଶକ୍ତ ଚାପୁଡ଼ା ଏବଂ ହାତ ମୋଡ଼ିବାର ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓକୁ ଆଧାର କରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ କରିଛନ୍ତି। ଜୟନ୍ତ ଉକ୍ତ ମାମଲାରେ ପୋଲିସ ଡିଜିଙ୍କୁ ପକ୍ଷଭୁକ୍ତ କରିବା ସହିତ ଯେଉଁ ପୋଲିସମାନେ ଏଭଳି ଅମାନବୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କ ସହିତ ସମ୍ପୃକ୍ତ ଥାନାର ଆଇଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିଟିଶନରେ ନିବେଦନ କରିଛନ୍ତି। ଏହାବାଦ୍ ପୋଲିସ ମାଡ଼ର ଶିକାର ହୋଇଥିବା ବୟସ୍କ ମହିଳାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଜୟନ୍ତ ପିଟିଶନରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଘଟଣାଟି କେବେ ଘଟିଥିଲା ତାହା ଜଣା ନ ଥିବାରୁ ଜୟନ୍ତ ଏ ସମ୍ପର୍କରେ ରେଙ୍ଗାଲି ଥାନା ଲ୍ୟାଣ୍ଡଲାଇନ ନମ୍ବର ୦୬୬୩୨୫୬୦୫୧୯କୁ ଯୋଗାଯୋଗ କରିଥିଲେ। ମାତ୍ର ଏହି ନମ୍ବର କାହାରିକୁ ଦିଆଯାଇ ନ ଥିବା ସୂଚନା ମିଳିଥିଲା। ଏହାପରେ ସେ ଆଇଆଇସିଙ୍କ ମୋବାଇଲ ନମ୍ବର ୯୪୩୮୧୬୫୭୦କୁ ମଧ ଯୋଗାଯୋଗ କରିଥିଲେ। ମାତ୍ର ନମ୍ବର ସୁଇଚ ଅଫ ଥିବା ଜୟନ୍ତ ସୂଚନା ଦେଇଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

# ମହାଶିବରାତ୍ରି: ଚଳଚଞ୍ଚଳ ଶୈବପୀଠ

ସୋନପୁର,୪।୩ (ନି.ପ୍ର.)

ପବିତ୍ର ମହା ଶିବରାତ୍ରି ଅବସରରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଶୈବ ପୀଠଗୁଡିକ ସୋମବାର ଚଳଚଞ୍ଚଳ ହୋଇଉଠିଛି । ଶିବଙ୍କ ଦର୍ଶନ ପାଇଁ ସକାଳଠାରୁ ପୀଠଗୁଡିକରେ ଭକ୍ତଙ୍କ ଗହଳି ଲାଗିଥିଲା। ଶ୍ରଦ୍ଧାଳୁମାନେ ଶିବଙ୍କଠାରେ ମନସ୍କାମନା ପୂରଣ ପାଇଁ ପୂଜା କରିବା ସହିତ ବିଭିନ୍ନ ପୀଠ ବୁଲି ଶିବଙ୍କ ଦର୍ଶନ କରିଥିଲେ। ଜିଲାର ପ୍ରମୁଖ ଶୈବ ପୀଠ ଗୁଡିକରେ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ସୋନପୁରର ପ୍ରସିଦ୍ଧ ରାମେଶ୍ୱର ମନ୍ଦିର, ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ଚନ୍ଦ୍ରଶେଖର, ଗୋପିନାଥ, ଓଂକାର ନାଥ, ପଞ୍ଚରଥ, ସିଦ୍ଧେଶ୍ୱର ଓ ଲୋକନାଥ ମନ୍ଦିରରେ ସକାଳ ଠାରୁ ବିଳମ୍ବିତ ରାତି ପଯର୍ୟନ୍ତ ଭିଡ ଲାଗି ରହିଥିଲା। ସୁବର୍ଣ୍ଣମେରୁ ମନ୍ଦିରରେ ଜାଗର ଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ହରପାର୍ବତୀ ସୁଆଙ୍ଗ, ରାମେଶ୍ୱର ମନ୍ଦିରରେ ନାମ ସଂକୀର୍ତ୍ତନ ଏବଂ ପଞ୍ଚରଥ ମନ୍ଦିରରେ ଭଜନ ସମାରୋହ ଭଳି କାଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ସର୍ବ ପୁରାତନ ଶୈବପୀଠ ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର, ବିନିକା ଚରଦାର କପିଳେଶ୍ୱର ଓ ବୀରମହାରାଜପୁର ଚମ୍ପାମାଳର ଚମ୍ପେଶ୍ୱର ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପୀଠଗୁଡିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ବେଳେ ବିଳମ୍ବିତ ରାତିରେ ମହାଦୀପ ଉଠିବାର ପରମ୍ପରା ରହିଛି ।



ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚସୀନ ଅତିଥି।

**ସୋନପୁର, (ନି.ପ୍ର.):** ପବିତ୍ର ମହା ଶିବରାତ୍ରି ଅବସରରେ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୋନପୁର କେନ୍ଦ୍ର ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ଓ ଶିବ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଶୋଭାଯାତ୍ରାକୁ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଶ୍ରମର ଧ୍ୱଜା ଉତ୍ତୋଳନ ହୋଇଥିଲା। ଶିବ ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଲକ୍ଷ୍ମୀନାରାୟଣ ମେହେର, ମନୋରଞ୍ଜନ ତ୍ରିପାଠୀ, ସୋନପୁର କେନ୍ଦ୍ରର ତାପସ୍ୱିନୀ ଭଉଣୀ, ବଲାଙ୍ଗୀର କେନ୍ଦ୍ରର ଶୁଭଶ୍ରୀ ଭଉଣୀ, ରଶ୍ମିରଞ୍ଜନ ଦାଶ ଓ ପରମେଶ୍ୱର ଭଗବାନ ଶିବଙ୍କର ମହିମା ସହିତ ବିଶ୍ୱ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ଅଦ୍ୱୈତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜଗନ୍ନାଥ ଭାଇ, ଧ୍ରୁବ ଭାଇ, ଭାସ୍କର ଭାଇ, ସୁଶାନ୍ତ ଭାଇ ପ୍ରମୁଖ ସହଯୋଗ କରିଥିଲେ। ପଦ୍ମନାଭ ଭାଇ ଧନ୍ୟବାଦ ପ୍ରଦାନ କରିଥିଲେ ।

**ଉଲୁଣ୍ଡା, (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ ପାଳିତ ହୋଇଛି। ଉଲୁଣ୍ଡା ସଦର ଭୁବନେଶ୍ୱର ପୀଠ ସହିତ ପଞ୍ଚମହଲା ଶ୍ରୀଗଣେଶ୍ୱର, କୋଟସମଲାଇ ପାତାଳେଶ୍ୱର, ଜାଲୋଏ ଜମ୍ବେଶ୍ୱର, ସିଣ୍ଡୋଲ ଶ୍ରୀ ଗୁପ୍ତେଶ୍ୱର, ଡାଲଡବା ବିମଳେଶ୍ୱର, ନାକଡେଇଁ ନାଗେଶ୍ୱରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ମନ୍ଦିର ସବୁ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଅଷ୍ଟପ୍ରହର ନାମଯଜ୍ଞ, ରାମାୟଣ ପାଠ, ସୁନ୍ଦରାକାଣ୍ଡ ପାରାୟଣ, ଭଜନ, ପ୍ରବଚନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମଧ୍ୟରାତ୍ରିରେ ଭକ୍ତି ପରିବେଶରେ ବେଢା ପରିକ୍ରମା କରାଯାଇ ମହାପ୍ରଭୁଙ୍କ ମହାଦୀପ ମନ୍ଦିର ଶିଖରେ ପ୍ରଜ୍ୱଳନ କରି ବିଶ୍ୱମଙ୍ଗଳ କାମନା କରାଯାଇଥିଲା।

## ସଂକ୍ଷେପରେ



### ଶିବରାତ୍ରିରେ ସାମୂହିକ ବ୍ରତୋପନୟନ

ସୋନପୁର, ୪।୩ (ନି.ପ୍ର.) ଜାଗର ମେଳା ତଥା ପବିତ୍ର ମହା ଶିବରାତ୍ରି ଅବସରରେ ରାମେଶ୍ୱର ଶୈବ ପୀଠ ପରିସରରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ମଇସିଲି ମଲ୍ଲିକ ଓ ଶ୍ରୀବତ୍ସ ମଲ୍ଲିକଙ୍କ ସହଯୋଗରେ ସୋମବାର ଏହି ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପୂଜକ ବେଦବ୍ୟାସ ମିଶ୍ର, କାଳିଚରଣ ମିଶ୍ର, ବାସୁଦେବ ଶତପଥୀ, ନୀଳମଣି ହୋତା, ରଧେଶ୍ୟାମ ପୁରୋହିତ, ଆଶିଷ କୁମାର ମିଶ୍ର, ଆନନ୍ଦ ପୂଜାହାରୀ ଓ ମଧୁ ଦାଶ ପ୍ରମୁଖ ପାରମ୍ପରିକ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ବାଳକ, ଯୁବକଙ୍କର ବ୍ରତୋପନୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ସୁବର୍ଣ୍ଣପୁର ଜିଲା ବାଗବାହାଲିର ରାଜେଶ ମିଶ୍ର, ତରଭାର ଅଭିରାଜ ଦାଶ, ବଲାଙ୍ଗୀର ଜିଲା ଟିଟିଳିକିପାଲିର ଦୀପକ ଦାଶ, ବକ୍‌ଟିର ସୁରେଶ ଦାଶ, ବୌଦ୍ଧ ଜିଲା ତାଲପଦରର ପ୍ରିୟରଞ୍ଜନ ମିଶ୍ର ଓ ତାଲପଦରର ଜ୍ୟୋତିରଞ୍ଜନ ମିଶ୍ରଙ୍କର ବ୍ରତୋପନୟନ ଲାଗି ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିଲା। ଗତ ୨୯ବର୍ଷ ଧରି ଶିବରାତ୍ରିରେ ଏଭଳି ଏକ ପବିତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଛି। ଏହି ଅବସରରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଓ ସହକାରୀ ଜିଲାପାଳ ଆର୍ତ୍ତତ୍ରାଣ ଥାଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଫଟୋରେ ଖବର





ବୀରମହାରାଜପୁର ନିକଟବର୍ତ୍ତୀ ପ୍ରସିଦ୍ଧ ଶୈବପୀଠ ବାବା ଚମ୍ପେଶ୍ୱରଙ୍କ ମନ୍ଦିର ବେଢାରେ ମାନସିକଧାରୀ ଶ୍ରଦ୍ଧାଳୁ ଜାଗର ଜାଳୁଛନ୍ତି (ବାମ)। ମହାଶିବରାତ୍ରି ଅବସରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୀରମହାରାଜପୁର କେନ୍ଦ୍ରଠାରେ ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରା ଶିବ ଝଣ୍ଡା ଉତ୍ତୋଳନ କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାମ୍ପୁରି ମୁଣ୍ଡି**
**ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ଯିଏ ନିଜ ମୁଣ୍ଡର କେଶ ବିନ୍ୟାସ ପ୍ରତି ଯତ୍ନଶୀଳ ନୁହେଁ ତା'ପକ୍ଷେ ରୋଷେଇ ଘରର ପରିଷ୍କାର ପରିଚ୍ଛନ୍ନତା ତଥା ପବିତ୍ରତା ପ୍ରତି ଦୃଷ୍ଟିଦେବା ଅସମ୍ଭବ ମନେହୋଇଥାଏ। ଏମାନଙ୍କ କାର୍ଯ୍ୟକଳାପ କେବେ ବି ସନ୍ତୋଷଜନକ ହୋଇପାରି ନ ଥାଏ। ସେହିପରି ସବୁବେଳେ ଯିଏ ଲୁଚେଇ ଛପେଇ ଖାଦ୍ୟ ଖାଇଥାଏ ସେ କେବେ ଭରସାଯୋଗ୍ୟ ହୋଇପାରୁ ନ ଥିବା ସ୍ଥଳେ ତାଙ୍କ ହାତରେ ହାଣ୍ଡିଶାଳର ଦାୟିତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁପୁ ଝୁପୁ ପାଣି ପଥର କାଟେ**
**ଟୁପୁଟୁପୁ କଥା ଅନ୍ତର କାଟେ ।**

ଝୁପୁ ଝୁପୁ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରରେ କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥର କାଟେ। ସେହିପରି ଚୁପ୍‌ଚାପ୍ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଚୋରି କରିବାକୁ ଆସି ଫସିଗଲେ

**ଡୁଙ୍ଗୁରିପାଲି, ୪।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପହଣ୍ଡି ଗ୍ରାମକୁ ଚୋରି କରିବାକୁ ଆସିଥିବା ଜଣେ ଯୁବକ ଫସି ଯାଇଛନ୍ତି। ସମ୍ପୃକ୍ତ ଯୁବକ ଜଣକ ହେଲେ ଗନିଆଁ ଗ୍ରାମର ଶୁକଦେବ କୁଅଁର। ଚୋରି କରିବା ପୂର୍ବରୁ ଗ୍ରାମବାସୀ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସୋମବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨ତାରିଖ ରାତି ପ୍ରାୟ ୧ଟାରେ ସେ ପହଣ୍ଡି ଗ୍ରାମକୁ ଆସି ଶୁକଦେବ ଚୋରି କରିବା ଉଦ୍ଦେଶ୍ୟରେ ଛବିଳ ପଧାନଙ୍କ ଘରେ ପଶିଥିଲେ। ତେବେ ଏହିସମୟରେ ଛବିଳ ଉଠି ପଡିବାରୁ ସେ ଘରର ଛାତ ଉପରକୁ ଚଢ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଛବିଳଙ୍କ ପାଟି ଶୁଣି ସାହି ପଡିଶା ଉଠି ଯିବାରେ ଶୁକଦେବ ଗ୍ରାମବାସୀଙ୍କ ହାତରେ ଧରାପଡି ଯାଇଥିଲେ। ପରେ ତାଙ୍କୁ ଡୁଙ୍ଗୁରିପାଲି ଥାନା ପୋଲିସ ଜିମା ଦିଆଯାଇଥିଲା। ରବିବାର ଗ୍ରାମର ଛବିଳ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ନିରଞ୍ଜନ ଦାଶ ଘଟଣାର ତଦନ୍ତ କରି ଶୁକଦେବଙ୍କୁ ଗିରଫ କରିଥିଲେ। ଏ ନେଇ ଦଫା ୪୫୭, ୩୮୦ରେ ଏକ ମାମଲା(ନଂ. ୩୪/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ଗ୍ରାମର ବଳଦେବ ଡାଙ୍ଗ, ଗଙ୍ଗା ଷାଣ୍ଢ ଓ ନେହେରୁ ପଧାନଙ୍କ ଘରୁ ସୁନା ଓ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

# ଭାଜପା ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ଦିବସ

**ସୋନପୁର, ୪।୩ (ନି.ପ୍ର.):** ଭାଜପା ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ଦିବସ ଜିଲା ସମ୍ପାଦକ ରାମଶଙ୍କର ଭୋଇଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିକାଶ ସମିତିର ସଙ୍କୁଳ ପ୍ରମୁଖ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶର ସୁରକ୍ଷା ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା ଅଧିକାରୀ ମଧୁସୂଦନ ପୂଜାହାରୀ ଓ ଜୟନାରାୟଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସୋନପୁର ସଭାପତି ଗଣେଷ ସାହୁ, ଶ୍ରଦ୍ଧାଞ୍ଜଳି ମିଶ୍ର, ପରମା ନାଏକ, ଜଗତଜ୍ୟୋତି ତ୍ରିପାଠୀ, ମାଲୁ ତ୍ରିପାଠୀ, ସଂଗ୍ରାମ କୁମ୍ଭାର, ସୁରୁବାବୁ ସାହୁ, ବେଦବର ସାହୁ, ଶତ୍ରୁଘ୍ନ ହୋତା, ହରିହର ଶତପଥୀ, ସିଣ୍ଟୁ ସାହୁ ଓ ରହେମତ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ସିଏଚ୍‌ସି ପାଇଲା କାୟାକଳ୍ପ ପୁରସ୍କାର

ମନମୁଣ୍ଡା, ୪।୩ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା, ଏନଏଚଏମ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମହେନ୍ଦ୍ର କୁମାର ସଏଙ୍କୁ ଏ ବାବଦରେ ଏକ ସିଲ୍ଡ, ମାନପତ୍ର ଏବଂ ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ପୁରସ୍କାର ଗ୍ରହଣ ଉତ୍ସବରେ ସ୍ଥାନୀୟ ବିପିଏମ ଅଶୋକ କୁମାର ମିଶ୍ର ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ, ଏଥି ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସୁରକ୍ଷିତ ପ୍ରସବ, ରେକର୍ଡ ସଂଖ୍ୟକ ପ୍ରସବ, ପରିବାର ନିୟନ୍ତ୍ରଣ, କପଟି ପରିଧାନ ଆଦି କ୍ଷେତ୍ରରେ ପୁରସ୍କୃତ ହୋଇଛି ।



ମନମୁଣ୍ଡା ସିଏଚ୍‌ସିକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି ।

# ଗତରକେଲାରେ ଭକ୍ତିମୟ ପରିବେଶ, ବିଗ୍ରହ ପ୍ରତିଷ୍ଠା ପରେ କ୍ଷୀରାଶାୟୀ

ସୋନପୁର,୪।୩(ନି.ପ୍ର.)

ସୁବର୍ଣ୍ଣପୁର ସହର ଉପକଣ୍ଠ ଗତରକେଲାସ୍ଥିତ ଖୁଙ୍କୁଡେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ କଳସ ଓ ନବଗ୍ରହଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶ ସୃଷ୍ଟି କରିଛି । ଆସନ୍ତା ଶନିବାର ଉତ୍ସବର ପୂର୍ଣ୍ଣାହୁତୀ ହେବ। ସୋମବାର ମହାଶିବରାତ୍ରୀ ଅବସରରେ ଏଠାରେ ଖୁଙ୍କୁଡେଶ୍ୱର ମହାଦେବଙ୍କ କ୍ଷିରାଶାୟୀ, ପାରାୟଣ ଓ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରବିବାର ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ନବଗ୍ରହଙ୍କ ବିଗ୍ରହ ପ୍ରତିଷ୍ଠା ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ଶୁକ୍ରବାର ରାମେଶ୍ୱର ସଙ୍ଗମସ୍ଥଳୀରୁ ହଜାର ହଜାର ମହିଳା ଏକ କଳସ ଶୋଭାଯାତ୍ରାରେରେ ବାହାରି ଗତରକେଲାସ୍ଥିତ ଯଜ୍ଞମଣ୍ଡପସ୍ଥଳରେ ପହଞ୍ଚିଥିଲେ। ଅଧିବାସ ପରେ ଶନିବାର କଳସ ପ୍ରତିଷ୍ଠା ସହ ଚଣ୍ଡୀପାଠ ଯଜ୍ଞ ଓ ନବକୁଣ୍ଡୀୟ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସାଧୁ ଗିରିବର ଦାସ ପୂଜାର୍ଚ୍ଚନା କରିବା ସହ ଯଜ୍ଞାରମ୍ଭ କରିଛନ୍ତି। ବୃନ୍ଦାବନ, କାଶୀ ଓ ଆହ୍ଲାବାଦ ଆଦି ସ୍ଥାନରୁ ବହୁ ନାଗା ବାବାଙ୍କ ସମେତ ଏଠାରେ ଜିଲା ଓ ଜିଲା ବାହାରର ସାଧୁସନ୍ଥଙ୍କ ସମାଗମ ହୋଇଛି। ଗୋପାଳ ଚନ୍ଦ୍ର ବରେଇ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଲଳିତ ସାହୁ, ଚୈତନ୍ୟ ଖମାରୀ ଓ ତୁଳସୀ ସାହୁ ପ୍ରମୁଖ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ୫୬ ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ଜନସାଧାରଣ, ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହେଉଛନ୍ତି । କଳସ ଓ ବିଗ୍ରହ ପ୍ରତିଷ୍ଠା କମିଟି ସଭାପତି ଭଗବାନ ସିଂ ଭିତିରିଆଙ୍କ ସମେତ ସମସ୍ତ ସଭ୍ୟ ବୃନ୍ଦ ଓ ଯନମୁରା ପଞ୍ଚାୟତବାସୀ ଏଥିରେ ସହଯୋଗ କରୁଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଉଲୁଣ୍ଡା କପ୍: ଗୋଡ଼ଭଗା ବିଜୟୀ

ଉଲୁଣ୍ଡା, ୪।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ହେଉଥିବା ୨୬ତମ ଉଲୁଣ୍ଡା କପ୍‌ର ଶେଷ ଲିଗ ମ୍ୟାଚରେ ଗୋଡଭଗା ଜିସିସିଟି ଦଳ ସମ୍ବଲପୁର ଫୋରସିକୁ ଉଭୟ ଫର୍ମାଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଫର୍ମାଟରେ ଟସ ଜିଣି ବ୍ୟାଟିଂ କରି ଗୋଡଭଗା ୨୦ ଓଭରରେ ୯ ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳ ପକ୍ଷରୁ ଟିଲୁ ସାହୁ ୩୩ ଓ ସୌରଭ ନାଏକ ୩୧ ରନ କରିଥିଲେ। ଏହାର ଜବାବରେ ସମ୍ବଲପୁର ଅଜିତ ବେହେରାଙ୍କ ୩୩ରନ ସତ୍ତ୍ୱେ ମାତ୍ର ୧୪୯ ରନ କରି ପରାସ୍ତ ହୋଇଥିଲା। ଖେଳା ଯାଇଥିବା ଦ୍ୱିତୀୟ ଫର୍ମାଟରେ ଗୋଡଭଗା ଦଳ ୧୦ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା । ଦଳରୁ ମୁକେଶ ଦଲେଇ ୬୨ ରନର ଇନିଂସ ଖେଳିଥିବା ସତ୍ତ୍ୱେ ସମ୍ବଲପୁର ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୧୦୩ ରନ କରି ୧୪ ରନରେ ପରାସ୍ତ ହୋଇଥିଲା । ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଗୋଡଭଗା ଦଳ ଆୟୋଜକ ବିସିଏ ଉଲୁଣ୍ଡାକୁ ଭେଟିବ। ଖେଳକୁ ରଘୁବୀର ମିଶ୍ର ଓ ସୁଶାନ୍ତ ସେଠୀ ପରିଚାଳନା କରିଥିଲେ। ପାର୍ଥ ଦାସ ଓ ଗୁପ୍ତେଶ୍ୱର ଖୁରା ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅଜିତ ଆଚାର୍ଯ୍ୟ ସ୍କୋରର କରିଥିଲେ । ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇ ବିସିଏ ସମ୍ପାଦକ ସୁଜ୍ଞାନ ମହାକୁର ସୁବ୍ରତ ଭୋଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ ।

# ବରଗଡ଼ ସମାବେଶରେ ଯୋଗଦେବେନି ରାହୁଲ

ଭୁବନେଶ୍ୱର,୪।୩ (ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୮ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସିବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ରାହୁଲ ଦିନିକିଆ ଗସ୍ତରେ ଆସି ଦୁଇଟି ଜିଲାରେ ଆୟୋଜିତ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ରାହୁଲ ପ୍ରଥମେ ଓଡିଶରେ ପହଞ୍ଚିବାପରେ କୋରାପୁଟ ଜିଲା ଜୟପୁରଠାରେ ଆୟୋଜିତ ସମାବେଶରେ ଯୋଗଦେଇ ଥାଆନ୍ତେ। ଏହାପରେ ସେଠାରୁ ବରଗଡ ଯାଇ ଆଉ ଏକ ସମାବେଶରେ ଯୋଗଦେବେ ବୋଲି କୁହାଯାଇଥିଲା। ମାତ୍ର ରାହୁଲ କେବଳ ଜୟପୁର ଆସି ଫେରିଯିବେ ବୋଲି ଦଳ ପକ୍ଷରୁ ଜଣାପଡିଛି। ଗୋଆଠାରେ ସେହିଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାହୁଲ ଯୋଗଦେବାକୁ ଥିବାରୁ ବରଗଡ ସଭାରେ ଯୋଗଦେଇ ପାରିବେନି ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



**ସଂକ୍ଷେପରେ**

## ବାଇକ୍ ଧକ୍କାରେ ୨ ମହିଳା ଗୁରୁତର

**ବରପାଲି, ୪।୩ (ଡି.ଏନ.ଏ):** ବଲାଙ୍ଗୀର-ବରପାଲି ରାସ୍ତାର ସିନେମା ହଲ ନିକଟରେ ସୋମବାର ମଧ୍ୟାହ୍ନରେ ଏକ ବାଇକ ଧକ୍କାରେ ୨ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ବରପାଲି ଭଟିଗାଁର ଉତ୍ତର ଭୋଇ (୪୫) ଓ ଅଯୋଧା ଭୋଇ (୫୦)। ଲୋକେ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ବଲାଙ୍ଗୀର କଲେଜ ଛକର ମଣ୍ଟୁ ତ୍ରିପାଠୀ (୨୫) ଓ ଲିପୁନ ନାଗ ଉଭୟେ ଏକ ବାଇକ (ନଂ.ଓଡି୦୫ଡି/୮୬୧୩) ଯୋଗେ ବରପାଲି ଦେଇ ବୁର୍ଲା ଯାଉଥିବା ବେଳେ ଭାରସାମ୍ୟ ହରାଇ ଉକ୍ତ ଦୁଇ ମହିଳାଙ୍କୁ ଧକ୍କା ଦେଇଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକ ଉକ୍ତ ଯୁବକଙ୍କୁ ନିସ୍ତୁକ ମାଡ ମାରିଥିଲେ । ପୋଲିସ ଖବରପାଇ ଘଟଣାସ୍ଥଳକୁ ପହଞ୍ଚି ବାଇକ୍ ଜବତ କରି ତଦନ୍ତ ଚଳାଇଛି ।

# ଜଡ଼ିବୁଟି ଦେଉଛି ଆହାର

**ଅତାବିରା, ୪।୩ (ଡି.ଏନ.ଏ)**

ମୁନୁଷ ନିଜର ପେଟ ପାଲବାର ଲାଗି ନାନା ଉପେ ପାଁଚୁଛେ। କିଏ ନିଜର ବାହା ଜାଂଗଲ ମାଜି ତ କିଏ ନିଜର ବୁଧି ଅକଲ ଲଗେଇ ନିଜର ପେଟ ପାଲୁଛେ। ଏନ୍ତା ଝନେ ବୁଧିଆ ଲୋକ୍ ହେଉଛନ୍ ବିଡିଓ ଶବର(୨୬)। ପାଠ୍‌ଶାଠ୍ କିଛି ନାଇଁ ହେଲେ ବାପ୍ ଅଜାରନୁ ଶିଖିଥିବାର ବୁରତିକେ ସେ ଆଦରି, ନିଜର ବୁଧି ବିବେକ ଲଗେଇ କୁଟ୍‌ମର ପେଟ ପାଲୁଛନ୍।

ଖବର ନେବାରେ ଜନାଯାଇଛେ ଯେ, ବରଗଡ଼ ଜିଲା ପାଇକମାଲ ଭୀମପୁର ପଁଚେତ ପିପଲପାଲି ଗାଁର ବିଡିଓ ଶବର ଆର ତାକର ମାଏକିନା ଲିଖା ଭିନେ ଭିନେ ଚେରମୂଳି ଉଷୋ ବିକି ନିଜର କୁଟୁମ ପୁଷୁଛନ୍। ସେମାନେ ପାଇକମାଲ ନୃସିଂହନାଥ ଜଂଗଲରୁ ଭିନେ ଭିନେ ପରକାର ଚେରମୂଳି ଠୁଲେଇ ଭିନେ ଭିନେ ରୋଗ୍ ଲାଗି ଉଷୋ ଦେଉଛନ୍। ଗଲା ଶନିବାର ଦୁଇ ମାଏଝି ମୁନୁଷ ବାଇକ୍‌ରେ ଆସି ପୁହୁଁଚିଥିଲେ ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍‌ର ବିଶିପାଲି ଗାଁରେ।



ବିଶିପାଲି ଗାଁରେ ବିଡିଓ ଶବର ଜଡ଼ିବୁଟି ବିକୁଛନ୍ ।

ବିଡିଓ ଶବର ଗାଁର ଗୁଟେ ଜାଗାରେ ଜଡ଼ିବୁଟି ପସରା ମେଲି ବସିଥିଲାବେଲେ ତାକର ମାଏକିନା କଅଁଲି ଛୁଆକେ ଖାକେ ଚାପି ଗାଁରେ ଘର ଘର ବୁଲି ଉଷୋ ବିକୁଥିବାର ଦେଖିବାକେ ମିଲିଥିଲା। ଇ ବାବ୍‌ଦେ ବିଡିଓ ଶବରକୁଁ ପଚରାଲାରୁ ସେ କହିଥିଲେ ବାପ୍ ଅଜା ଅମଲୁ ଇ ବେଉସା କରିଆସୁଛୁଁ। ଜଂଗଲରୁ ଭିନେ ଭିନେ କିସମର ଗଛର ଛାଲି, ପତର, ଚେର, ଡାହିପଖରା ଆନି ସେଟାକେ କୁଟାକୁଟି କରି ଉଷୋ ତିଆର କରୁଛେଁ। ଇ ସବୁ ମୁଇଁ ବାପ୍ ଅଜାରନୁ ଶିଖିଛେଁ ବଲି ସେ କହିଥିଲେ। ଉଷୋକଷା ଆର କୁଟୁମ ଧରି ଘରୁ ବାହାରଲେ ୨ ମାସ ଉତାରୁ ଯାଇ ଘରକେ ଫିରସୁଁ। ଆଏଜ୍‌କେ ୨ ହପ୍‌ତା ହେଲା କୁଟୁମବସିଆ ସମ୍ବଲପୁର ଜିଲା ଦେଓଗାଁରେ ଖୁଲା ଆକାଶ ତଲେ ଡେରା ପକେଇଛୁଁ। ସେଠାନୁ ଭିନେ ଭିନେ ଗାଁ ବୁଲି ବେପାର କରୁଛୁଁ ବଲି ସେ କହିଥିଲେ। ସେ ଗୁଟେ ରୁଗର ଲାଗି ରୁଗୀରନୁ ଚିକିତ୍ସା ବାବ୍‌ଦେ ୬୦ରୁ ୩୬୦ ଟଁକା ତକ୍ ନେଉଛନ୍। ସେନ୍ତା ରୁଗୀରନେ ଟଁକା ନାଇଁଥିଲେ ଉଧାରିରେ ଚିକିତ୍ସା କରସଁ ଆର ରୁଗ ଭଲ ହେଲା ଉତାରୁ ଟଁକା ନେସଁ ବଲି କବିରାଜ ବିଡିଓ ଶବରକୁଁ ପଚରାଲାରୁ କହିଥିଲେ।



ବୁଢ଼ାଦେଓଙ୍କ ପୂଜାରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ।

## ଝିଟିକିରେ ବୁଢ଼ାଦେଓ ପୂଜା

**ପାଇକମାଲ, ୪।୩ (ଡି.ଏନ.ଏ)**

ପାଇକମାଲ ବ୍ଲକ ଝିଟିକି ଗ୍ରାମରେ ରାଜଗୌଁଡ ସମାଜର ଆରାଧ୍ୟ ଦେବତା ବୁଢ଼ାଦେଓଙ୍କ ପୂଜା ସୋମବାର ଅନୁଷ୍ଠିତ ହୋଇଛି। ନୂଆପଡା ସର୍କଲ ସଭାପତି ଗଚ୍ଛିନ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଇକମାଲ ସର୍କଲ ସଭାପତି ଜଗନ୍ନାଥ ପୁଟା ମୁଖ୍ୟଅତିଥି, ଗୁଆବାହାଲ ସର୍କଲ ସଭାପତି ଚନ୍ଦ୍ରମଣି ମାଝୀ ମୁଖ୍ୟବକ୍ତା, ରୂପଧର ନାୟକ, ସହଦେବ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୌଁଡ ସମାଜର ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ। ମନ୍ଦର ଧରୁଆ ଅତିଥି ପରିଚୟ ପ୍ରଦାନ, ଯୋଗେଶ୍ୱର ମାଝୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କ୍ଷିତରାଜ ଗଏତା, ଜୟଧର ମାଝୀ ସହଯୋଗ କରିଥିଲେ। ରଞ୍ଜନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଲନାରେ ବିଜେଡି କର୍ମୀ ସମ୍ମିଳନୀ

**ଅତାବିରା, ୪।୩ (ଡି.ଏନ.ଏ):** ଭେଡେନ ବ୍ଲକ ଅନ୍ତର୍ଗତ ଦେଶଭଟିଲି ପଞ୍ଚାୟତର ସାଲନା ଗ୍ରାମରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମାନସ ରଞ୍ଜନ ହୋତାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ବିଜୁ ଜନତା ଦଳ ସଭାପତି ହରିଶଙ୍କର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦେଶଭଟିଲି ସରପଞ୍ଚ ସର୍ମିଷ୍ଠା ସାହୁଙ୍କ ସମେତ ୫୦ଜଣ ବିଜେଡିରେ ଯୋଗଦାନ କରିଥିଲେ। ଉଦେପୁର ଗାଁ ଗୌନ୍ତିଆ ମଦନ ମୋହନ ଦାଶଙ୍କୁ ମନ୍ତ୍ରୀ ଛୁରିଆ ସମ୍ମାନିତ କରିଥିଲେ । ସାମାଜିକ କର୍ମୀ ପ୍ରମୋଦ ଦନ୍ତା, ଡାଲବ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟା ସନ୍ତୋଷିନୀ ଦନ୍ତା, ସୁବାଷ ହୋତା, ପ୍ରସନ୍ନ ଆଚାର୍ଯ୍ୟ, ଦେଶଭଟିଲି ସମିତି ସଭ୍ୟା ସ୍ୱର୍ଣ୍ଣକାନ୍ତି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅରବିନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ରିକେଟ: ଗୋଡଭଗା ସେଣ୍ଟ୍ରାଲ ଟିମ୍ ଚାମ୍ପିୟନ

**ଅତାବିରା, ୪।୩ (ଡି.ଏନ.ଏ)**

ଅତାବିରା ବ୍ଲକ ଲରମ୍ବା ଡ୍ରିମ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ୫ଦିନ ଧରି ଲରମ୍ବା କଲେଜ ଖେଳ ପଡିଆରେ ଚାଲିଥିବା ଟୁର୍ନାମେଣ୍ଟରେ ସମ୍ବଲପୁର, ଗୋଡଭଗା, ବରପାଲି (କୁମ୍ଭାରୀ), ଦୁଙ୍ଗୁଲାବାହାଲ, ଗୋଡଭଗା ସେଣ୍ଟ୍ରାଲ ଟିମ୍, ମାନେଶ୍ୱର, ବୁର୍ଲା, ସୋହେଲା ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ଗୋଡଭଗା ସେଣ୍ଟ୍ରାଲ ଟିମ୍ ଓ ବରପାଲି କୁମ୍ଭାରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କୁମ୍ଭାରୀ ଦଳ ପ୍ରଥମେ ଟସ୍ ଜିଣି ସମସ୍ତ ଉଇକେଟ ହରାଇ ୧୧୪ ରନ କରିଥିଲା। ଏହାର ଜବାବରେ ଗୋଡଭଗା ସେଣ୍ଟ୍ରାଲ ଦଳ ୮ ଉଇକେଟରେ ବିଜୟୀ ହୋଇଥିଲା। ଏହି ଅବସରରେ ବିନୟ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରପିଏଫ ଏ.ଏନ ବସ୍ତିଆ ମୁଖ୍ୟଅତିଥି, ଲରମ୍ବା କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ନରେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗୋଡଭଗା ସେଣ୍ଟ୍ରାଲ ଟିମ୍‌ର ଅତୁଲ୍ୟ କର୍ଣ୍ଣ ମ୍ୟାନ ଅଫ୍ ଦି ସିରିଜ, ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ମୈତ୍ର କର୍ମ, ତୋଷରାଜ ଖମାରୀ, ମାନସ ତ୍ରିପାଠୀ ସହଯୋଗ କରିଥିବା ବେଳେ ସନାତନ ସାହୁ ଓ ମନୋହର ବାଗ ଖେଳ ପରିଚାଳନା କରିଥିଲେ ।

## ବରମୁଣ୍ଡାକୁ ହରାଇ କୁଟିପାଲି ଚାମ୍ପିୟନ

**ବିଜେପୁର, ୪।୩ (ଡି.ଏନ.ଏ)**

ବିଜେପୁର ବ୍ଲକ ବରମୁଣ୍ଡାରେ ଦ୍ୱାତ୍ରିଂଶତମ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଯୋଗ ଦେଇଥିଲେ । ବରମୁଣ୍ଡା ବନାମ କୁଟିପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଟସ୍ ଜିଣି କୁଟିପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ବିନିମୟରେ ୧୦୦ ରନ ସଂଗ୍ରହ କରିଥିଲା । ଜବାବରେ ବରମୁଣ୍ଡା ଦଳ ୧୦ ଓଭରରେ ୯ ଉଇକେଟ ହରାଇ ମାତ୍ର ୭୫ ରନ କରି ପରାସ୍ତ ହୋଇଥିଲା । ଆକାଶ ମ୍ୟାନ ଅଫ୍ ଦି ମ୍ୟାଚ ଓ କମଳ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ଅଜିତ ମିଶ୍ର, ବ୍ରଜରାଜ ବାରିକ, ଗୋରାଚାନ୍ଦ ସାହୁ, ଚିନ୍ମୟ ପ୍ରଧାନ, ରିକୁ ସାହୁ ଖେଳ ପରିଚାଳନା କରିଥିଲେ । ଆଶିଷ ପଧାନ ଓ ଆକାଶ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦଯାପନୀ ସମାରୋହରେ ଭାଜପା ନେତା ହଳପାଣି ମାଝୀ ମୁଖ୍ୟଅତିଥି, ରୋହିତ ଲୁହା, ରାଧାମୋହନ ସିଂ, ବିଶ୍ୱଜିତ ମିଶ୍ର, ଜୟନ୍ତ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୋରାଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିଗଣ ।

## ଆଦର୍ଶ ବିଦ୍ୟାଳୟ ପାଇଁ ଭୂମିପୂଜନ

**ଭେଡ଼େନ, ୪।୩ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବରପଦରଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରବିବାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ ଅଗ୍ନି କୁମାର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବରଗଡ଼ ଏମ୍‌ପି ପ୍ରଭାସ ସିଂ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଲୁହାଖଣ୍ଡି ସରପଞ୍ଚ କ୍ଷୀରୋଦ୍ର ମେଲ୍ଲୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ରଣଜିତ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବରପଦର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ମାମରାଜ ପ୍ରଧାନ, ପ୍ରିୟବ୍ରତ କର, ଆନନ୍ଦ ଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର, ପ୍ରମୋଦ ମହାପାତ୍ର, ବୃନ୍ଦାବନ ଦାଶ, ନବୀନ ପଣ୍ଡା, ଗୋବିନ୍ଦ ରଥ, ଯୁଧିଷ୍ଠିର ପ୍ରଧାନ, ବିପିନ ବିହାରୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଚିତ୍ତରଞ୍ଜନ ମହାପାତ୍ର ଓ ସୁରେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଏବଂ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମୃତଲାଲ ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଶନଶକ୍ତି ଋଣ କର୍ମଶାଳା

**ସରଣ୍ଡା, ୪।୩ (ଡି.ଏନ.ଏ):** ଅତାବିରା ବ୍ଲକ ଅଫିସ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ଅନୁରାଧା ମହାନ୍ତିଙ୍କ ପୌରୋହିତ୍ୟରେ ଏହି କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମିଶନ ଶକ୍ତି କୋର୍ଡିନେଟର ରେଣୁବାଳା ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏବିଡିଓ ଲକ୍ଷପତି ବେହେରା ମିଶନ ଶକ୍ତିର ସଦସ୍ୟାମାନେ କିପରି ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟକରି ଆତ୍ମନିର୍ଭରଶୀଳ ହୋଇପାରିବେ ବୁଝାଇଥିଲେ । ବ୍ଲକର ପ୍ରଗତି ସହାୟକ ଭବାନୀ ମେହେର ବିଭିନ୍ନ ସ୍କିମ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଯୋଗ ଦେଇଥିଲେ ।

## ୫୦ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଗ୍ୟାସ୍ ବଣ୍ଟନ

**ଅତାବିରା, ୪।୩ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ଗ୍ରାମରେ ସୋମବାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫୦ ଜଣ ମହିଳା ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିଲା । ଗ୍ୟାସ୍ ବିତରକ ମାନସ ମହାନ୍ତି, ଅସୀମ ମହାକୁର ଏବଂ ସଞ୍ଜୀବ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟର ମାଧ୍ୟମରେ ହିତାଧିକାରୀମାନେ ଉଜ୍ଜ୍ୱଳା ଉପରେ ସବିଶେଷ ବିବରଣୀ ପାଇଥିଲେ ।

**ଦେଶଭଟିଲି ପଞ୍ଚାୟତ**



ଉଜ୍ଜ୍ୱଳା ଯୋଜନାରେ ମହିଳାମାନଙ୍କୁ ଗ୍ୟାସ୍ ବଣ୍ଟନ କରାଯାଉଛି ।

## ଡବଲ କ୍ୟାରମ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପଦ୍ମପୁର, ୪।୩ (ଡି.ଏନ.ଏ)**

ପଦ୍ମପୁର ରିକ୍ରେସନ ସେଣ୍ଟରଠାରେ କଳାମନ୍ଦିର ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦୁଇ ଦିନିଆ ଅଷ୍ଟମ କ୍ୟାରମ ଡବଲ ଟୁର୍ନାମେଣ୍ଟରେ ଝାରସୁଗୁଡାର ସମ୍ପଦ ଚୌହାନ ଓ ସାଥୀ ଚାମ୍ପିୟନ ହୋଇଛନ୍ତି। ସୋମବାର ଉଦ୍‌ଯାପନୀ ଉତ୍ସବରେ ସେମିଫାଇନାଲ ମ୍ୟାଚ ଦିନେଶ ପାଣିଗ୍ରାହୀ ଓ ସାଥୀ, କେଶବ ପାତ୍ର ଓ ସାଥୀ, ସମ୍ପଦ ଚୌହାନ ଓ ସାଥୀ ଏବଂ ସଞ୍ଜୟ ସାହୁ ଓ ସାଥୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ପଦ ଚୌହାନ ଓ ସାଥୀ ବିଜେତା ଏବଂ ସମ୍ବଲପୁର ବରଗାଁର ସଞ୍ଜୟ ସାହୁ ଓ ସାଥୀ ଉପବିଜେତା ହୋଇଛନ୍ତି। ବିଜେତା ଦଳ ସମ୍ପଦ ଚୌହାନଙ୍କୁ ନଗଦ ରାଶି ସହ ସ୍ୱର୍ଗତ ନାରଦ ପାଣ୍ଡେ ମେମୋରିଆଲ ଟ୍ରଫି ଓ ଉପବିଜେତା ଦଳ ସଞ୍ଜୟ ସାହୁ ଓ ସାଥୀଙ୍କୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଏମଡି ଜାଭେଦ ମୁଖ୍ୟଅତିଥି, ବିବାନ ଚାରିଟେବୁଲର ଅଧ୍ୟକ୍ଷ ଚନ୍ଦନ ବନସଲ ଅତିଥି ଭାବେ ଯୋଗଦାନ ଦେଇଥିଲେ । କଳା ମନ୍ଦିର ୟୁଥ କ୍ଲବ ସଭାପତି ସୁବାଷ ପାତ୍ର, ଟୁର୍ନାମେଣ୍ଟ ସଭାପତି ବିଜୟ କୁମାର ସାହୁ, ସରୋଜ ମିଶ୍ର, ବିକି ବହିଦାର ପ୍ରମୁଖ ମଞ୍ଚାସୀନ ଥିଲେ । ବାଳଗୋପାଳ ପାଣିଗ୍ରାହୀ ମଞ୍ଚ ପରିଚାଳନା ଏବଂ ପ୍ରିୟରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।




ଟ୍ରଫି ସହ ଖେଳାଳିମାନେ ।

## ଇନାମୀ କେନ୍ଦ୍ରର ଶିଳାନ୍ୟାସ

**ଅତାବିରା, ୪।୩ (ଡି.ଏନ.ଏ)**

ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ପକ୍ଷରୁ ୧୯ଟି ମାର୍କେଟ ୟାର୍ଡରେ ଇନାମୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ଏଥିପାଇଁ ମୋଟ ୭ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ଅବସରରେ ଗୋଡଭଗା ଓ ଅତାବିରା ମାର୍କେଟ ୟାର୍ଡରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଇନାମୀ କେନ୍ଦ୍ରକୁ ଶିଳାନ୍ୟାସ କରିଥିଲେ। ଗୋଡଭଗା ନାଗରିକ କମିଟି ସଭାପତି ହାରାଧନ ବାରିକ, ସୁଦାମ ଜାଲ, କୁଳମଣି ପ୍ରଧାନ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ନିରଞ୍ଜନ ତ୍ରିପାଠୀ, ମୁରଲି ବେହେରାଙ୍କ ସମେତ ସମସ୍ତ ଆରଏମସିର କର୍ମକର୍ତ୍ତା, କର୍ମଚାରୀ ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ଜାଗର ପାଇଁ ଭକ୍ତ ରହିଲେ ଉଜାଗର

**ଅମ୍ବାଭୋନା, ୪।୩ (ଡି.ଏନ.ଏ):** ଅମ୍ବାଭୋନାର କେଦାରନାଥ ମନ୍ଦିରରେ ମହାଶିବରାତ୍ରି ଅବସରରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ହୋଇଥିଲା । ଭୋର୍‌ରୁ ଭକ୍ତମାନେ ମାନସିକ ପୂରଣ ପାଇଁ ପାଣି ଢ଼ାଳିଥିଲେ । ଏହି ଅବସରରେ ସ୍ଥାନୀୟ କେଦାରନାଥ ଷ୍ଟାଡିୟମଠାରେ ଜଳନ୍ଧରରାଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଳନ୍ଧରଙ୍କ ରାଜଦରବାରରେ ଆଇନଜୀବୀ ଶରତ ଚନ୍ଦ୍ର ପଧାନ ମୁଖ୍ୟଅତିଥି, ସଚ୍ଚିଦାନନ୍ଦ ପୁରୋହିତ, ସତ୍ୟନାରାୟଣ ଗରିଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକ ଅଞ୍ଚଳରେ ମହାଶିବରାତ୍ରି ପାଳିତ ହୋଇଛି। ପୁଖାମୁଣ୍ଡା ସ୍ଥିତ ଷଣ୍ଡେଶ୍ୱର ବାବାଙ୍କ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଦ୍ୱାର ଖୋଲାଯାଇଥିଲା। ସେହିପରି ବିଜେପୁର ଦାମୋଦରକଟା ସ୍ଥିତ ଧବଳେଶ୍ୱରଙ୍କ ମନ୍ଦିରରେ ପୂଜକ ଶ୍ୟାମ ମହାପାତ୍ର ରୀତିନୀତି ସହକାରେ ପୂଜାର୍ଚ୍ଚନା କରିଥିଲେ । ବରମୁଣ୍ଡା, ବୁଡାପାଲି, ମାଣିଚଉଁରା, ନାଗରାଜ ପାଟମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି ।

**ବରପାଲି, (ଡି.ଏନ.ଏ):** ବରପାଲି ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଶୈବପୀଠରେ ସୋମବାର ମହାଶିବରାତ୍ରି ପାଳିତ ହୋଇଛି। ଏହି ଅବସରରେ ସମସ୍ତ ଶିବ ମନ୍ଦିର ଚଳଚଞ୍ଚଳ ଓ ଉତ୍ସବ ମୁଖର ହୋଇପଡିଥିଲା। ଭୋର ୫ଟାରୁ ଭକ୍ତମାନେ ମନ୍ଦିର ଆଗରେ ଲମ୍ବା ଲାଇନରେ ରହି ଦେବ ଦର୍ଶନ କରିଥିଲେ। ଲୋକନାଥ, ସିଦ୍ଧେଶ୍ୱର, ରାମେଶ୍ୱର, କପିଳେଶ୍ୱର, ନୀଳକଣ୍ଠେଶ୍ୱର, ଯୋଗେଶ୍ୱରୀ, ଗଦାଧର ଓ ବାବା ବାଲୁଙ୍କେଶ୍ୱର ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଜମିଥିଲା । ସେବାୟତମାନେ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରି ମହାଦୀପ ଉଠାଇଥିଲେ। ଭକ୍ତମାନେ ଉଜାଗର ରହିବା ସହ ଜାଗର ଜାଳିଥିଲେ ।

**ସରଣ୍ଡା, (ଡି.ଏନ.ଏ):** ଅତାବିରା ବ୍ଲକ ସରଣ୍ଡା ସ୍ଥିତ ବିଶ୍ୱେଶ୍ୱର ଓ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ଶୈବ ପୀଠରେ ମହାଶିବରାତ୍ରି ଜାଗର ମେଳା ଅନୁଷ୍ଠିତ ହୋଇଛି। ଏଥିପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା। ଏହାପୂର୍ବରୁ ମଧ୍ୟାହ୍ନ ସାଢ଼େ ୧୨ଟାରେ ବାବା ଚନ୍ଦ୍ରଶେଖରଙ୍କୁ ଏକ ସୁସଜ୍ଜିତ ରଥରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ ରମେଶ ମେହେର, ଶିବରାତ୍ରି ପୂଜକ ପବିତ୍ର ନାଏକ, ଉପସଭାପତି ରାଧେଶ୍ୟାମ ମହାପାତ୍ର ଏବଂ ମନୋଜ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପଣ୍ଡିତ ରାକେଶ ମିଶ୍ର ପୌରୋହିତ୍ୟ କରିଥିବାବେଳେ ସଚ୍ଚିଦାନନ୍ଦ ମିଶ୍ର ଓ ତାଙ୍କ ସ୍ତ୍ରୀ ଅଂଶୁ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପୋଲିସ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପ ପୋଲିସ ମୁତୟନ କରାଯାଇଥିଲା । ସେହିପରି ସରଣ୍ଡା ଟିକ୍ରାପଡ଼ାର ଚନ୍ଦ୍ରଶେଖରଙ୍କ ମନ୍ଦିର ଓ ଅଷ୍ଟଶମ୍ଭୁ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ମନ୍ଦିରରେ ଶିବରାତ୍ରି ପାଳିତ ହୋଇଛି ।



ଅତାବିରା ବ୍ଲକ ସରଣ୍ଡାର ଏକ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି ।

**ଭେଡ଼େନ, (ଡ଼ି.ଏନ.ଏ):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭେଡ଼େନ ଶାଖାରେ ସୋମବାର ସଞ୍ଜାଳିକା ବ୍ରହ୍ମକୁମାରୀ ପ୍ରବୀଣାଙ୍କ ତତ୍ତ୍ୱାବଧାନରେ ଶିବରାତ୍ରି ଉତ୍ସବ ପାଳିତ ହୋଇଛି । ଏଥିରେ ବିଡ଼ିଓ ମୁରଲୀଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଭେଡ଼େନ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର, ଜାଣ୍ଡୋଲ, ଚିଚିଣ୍ଡା, ରେମଣ୍ଡା, ବଡ଼ପିପିଲିପାଲି, ବସେକେଲା ସମେତ ବିଭିନ୍ନ ଗ୍ରାମର ଶିବାଳୟ ଗୁଡ଼ିକ ଏଥିପାଇଁ ସ୍ୱତନ୍ତ୍ର ଭାବେ ସଜ୍ଜିତ ହୋଇଥିଲା। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା।

**ପାଇକମାଲ, (ଡି.ଏନ.ଏ):** ପାଇକମାଲ ଅଞ୍ଚଳର ଶୈବପୀଠରେ ସୋମବାର ମହାଶିବରାତ୍ରି ପାଳିତ ହୋଇଛି । ଭୋରରୁ ନୃସିଂହନାଥ, ପାଇକମାଲ, କୈଳାଶ, ରଣେଶ୍ୱର ରାମଚଣ୍ଡୀ, ଛିନ୍ଦେଇକେଲା, ମାଣ୍ଡୋସିଲ, ଝିଟିକି, ଗୌଡଜୁରି ଶିବ ମନ୍ଦିରରେ ଭକ୍ତମାନଙ୍କ ଭିଡ ଜମିଥିଲା। ପାଇକମାଳ ମନ୍ଦିର କମିଟି ସଭ୍ୟ ବିଜୟ ରାଓ, ଶୁଶାନ୍ତ ନାଗ, ଆଶୁତୋଷ ସାହୁ, ମହେଶ ଅଗ୍ରୱାଲ, ଲାଲା ଅଗ୍ରୱାଲ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଷ୍ଟାନ୍ନ ଓ ପାନୀୟ ବଣ୍ଟନ କରାଯାଇଥିଲା।

## ମହାଶିବରାତ୍ରିରେ ଶୈବପୀଠ ଚଳଚଞ୍ଚଳ

**ବରଗଡ଼ ଅଫିସ୍,୪।୩**

ମହାଶିବରରାତ୍ରି ଅବସରରେ ବରଗଡ଼ ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇ ପଡ଼ିଛି । ବରଗଡ଼ ସହରର ଶ୍ୟାମାକାଳୀ ମନ୍ଦିର, ଥାନା ପରିସରସ୍ଥ ଶିବ ମନ୍ଦିର, ମୁକ୍ତେଶ୍ୱର ବାବାଙ୍କ ମନ୍ଦିର ଆଦି ପୀଠରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଛି । ସେହିପରି ସିମେଣ୍ଟନଗର ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର, ଦେଓଗାଁ, ଝାଡ଼େଶ୍ୱର, ଗାଇସୀମା ଆଦି ମନ୍ଦିରରେ ଭଜନ କୀର୍ତ୍ତନ ଚାଲିଥିବା ବେଳେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବିଭିନ୍ନ ଶୈବପୀଠକୁ ଗସ୍ତ କରିଥିବାବେଳେ ସିଦ୍ଧେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ସହିତ ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଥିଲା ।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ

## ସଂକ୍ଷେପରେ

### ଶୈବ ପୀଠରେ ଯାଗର ଯାତ୍ରା

**କଣ୍ଟାବାଞ୍ଜି,୪।୩ (ଡି.ଏନ.ଏ.)**- କଣ୍ଟାବାଞ୍ଜି ସହରର ବିଭିନ୍ନ ଶୈବ ପୀଠରେ ମହା ଶିବରାତ୍ରୀ ଏବଂ ଯାଗରଯାତ୍ରା ସୋମବାର ପାଳିତ ହୋଯାଇଛି। ଏହି ଅବସରରେ ସହରର ରାମେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, କୁକୁଡାହାଡ, ଡଙ୍ଗାମରା, ଶିବଶଙ୍କର ଶୈବପୀଠ, ଖୁଟୁଲୁମୁଣ୍ଡା, ମାନ୍ଦଲା, ମାଲପାମୁଣ୍ଡା, ଗାଉଡାର, ତୁରେକେଲା ସହିତ ବିଭିନ୍ନ ଶୈବପୀଠରେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏପରି କି ଶୈବ ପୀଠଗୁଡିକରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

### ସିନାପାଲିରେ ମହାଶିବ ରାତ୍ରି, ଶ୍ରଦ୍ଧାଳୁଙ୍କ ଭିଡ଼

**ସିନାପାଲି,୪।୩(ଡି.ଏନ.ଏ.)** ନୂଆପଡା ଜିଲା ସିନାପାଲି ଅଞ୍ଚଳର ବିଭିନ୍ନ ଶୈବ ପୀଠଗୁଡିକରେ ସୋମବାର ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଯାଇଛି । ଶୈବ ପୀଠଗୁଡିକରେ ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ । ଶୈବପୀଠଗୁଡିକ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଆଲୋକମାଳାରେ ଝଲସି ଉଠୁଛି । ସକାଳୁ ଭକ୍ତମାନେ ଶୈବ ପୀଠଗୁଡିକରେ ଜଳ ଲାଗି କରିବା ପାଇଁ ଧାଡି ବାନ୍ଧି ଠିଆ ହୋଇଥିଲେ । ଶିବରାତ୍ରିରେ ପ୍ରବଳଭିଡକୁ ଦୃଷ୍ଟି ଆଗରେ ରଖି ସିନାପାଲି ପୋଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ମହାଶିବ ରାତ୍ରି ପାଇଁ ଗାଁଗଣ୍ଡା, ପୁରପଲ୍ଲୀରେ ଥିବା ଶିବ ମନ୍ଦିରରେ ମଧ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସିନାପାଲି ସହରସ୍ଥିତ ଶିବ ମନ୍ଦିର, ସିଙ୍ଗଝର ଶିବ ମନ୍ଦିର, କୋଦୋବେଡା ଶିବ ମନ୍ଦିର, ଗୋଡାଳ ଗୌରିଶଙ୍କର ମନ୍ଦିର, ନୂଆମାଳ ପଡା ଶିବ ମନ୍ଦିର ସମେତ ସିନାପାଲି ଅଞ୍ଚଳର ବିଭିନ୍ନ ଶିବ ମନ୍ଦିରଗୁଡିକରେ ଭକ୍ତମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା ।

### ଉତ୍ସବମୁଖର ଶିବାଳୟ

କୋଲାବିରା,୪।୩(ଡି.ଏନ.ଏ.) ମହାଶିବରାତ୍ରୀରେ କୋଲାବିରା ସଦର ମହକୁମାର ବିଭିନ୍ନ ଶୈବପିଠରେ ଶ୍ରଦ୍ଧାଳଙ୍କ ଭିଡ ଲାଗି ରହିଥିବା ପରିଲକ୍ଷିତ ହୋଇଛି। ସକାଳୁ ସୋଡାମାଲ ପଞ୍ଚାୟତ ଅନ୍ତର୍ଗତ ମହାଦେବପାଲି ଶୈବପିଠରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା।

ବଲାଙ୍ଗୀରରେ ମହାଶିବରାତ୍ରି

# ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବଲାଙ୍ଗୀର ଅଫିସ, ୪।୩**

ପବିତ୍ର ମହାଶିବରାତ୍ରି ଅବସରରେ ସୋମବାର ବିଭିନ୍ନ ଶିବମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଭୋର ସକାଳୁ ଶବିମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ବଲାଙ୍ଗୀର ସହରର ଲୋକନାଥ ମନ୍ଦିର, ଚନ୍ଦ୍ରଶେଖର ନଗର ମନ୍ଦିର, ସହର ଉପକଣ୍ଠସ୍ଥ ଖୁଜେନ୍ପାଲି, ପୁଇଁନ୍ତଲା ବ୍ଲକର ସୁର୍ଡା, ବଲାଙ୍ଗୀର ବ୍ଲକର କଅଗାଁ ଶିବମନ୍ଦିରରେ ଭୋର ୪ଟାରୁ ପୂଜାବିଧି ଆରମ୍ଭ ହୋଇଥିଲା। ମନ୍ଦିରଗୁଡିକରେ ବଲାଙ୍ଗୀର ସହର ଏବଂ ତଥା ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ ଲାଗି ରହିଥିଲା। ଏପରି କି ମନ୍ଦିର ପରିସରରେ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ମହାମନ୍ତ୍ର ଗାନ କରାଯାଇଥିଲା। ଏଥିରେ ବିଭିନ୍ନ ଗ୍ରାମର କୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ । ଖୁଜେନପାଲିରେ ବିକ୍ରମାନନ୍ଦ ବହିଦାରଙ୍କ ନେତୃତ୍ୱରେ ସମସ୍ତ ପୂଜାବିଧି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ରାତି ସାଢ଼େ ୧୦ଟା ପରେ ମହାଦୀପ ଉଠିଥିଲା। ଖୁଜେନ୍ପାଲି ଆନନ୍ଦ ନିକେତନସ୍ଥିତ ବିଶ୍ୱାମ୍ ବିଦ୍ୟାମନ୍ଦିର ପରିସରରେ ଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିଷଦର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଦ୍ଧବଟ ଆଶୁତୋଷ ପୀଠରେ ମହାଶିବରାତ୍ରି ନିଷ୍ଠାର ସହ ପାଳନ କରାଯାଇଛି।

ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦଙ୍କ ପୌରୋହିତ୍ୟରେ ପ୍ରାତଃ ରୁଦ୍ରାଭିଷେକ ଓ ସାନ୍ଧ୍ୟ ରୁଦ୍ରାଭିଷେକ ହୋଇଥିଲା। ବିଳମ୍ବିତ ରାତିରେ ମହାଦୀପ ଦର୍ଶନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବଲାଙ୍ଗୀର ସହରର ଚନ୍ଦ୍ରଶେଖରନଗରଠାରେ ମହାଶିବରାତ୍ରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ଭୋରରୁ ପୂଜା ସାମଗ୍ରୀ ଧରି ଦୀର୍ଘ ସମୟ ଧରି ଧାଡିରେ ଠିଆହୋଇ ଶିବଶକ୍ତିଙ୍କ ଦର୍ଶନ କରିଥିଲେ। ପରେ ସନ୍ଧ୍ୟା ୭ଟାରୁ ଭଜନ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜୟ କୁମାର କେଜ୍ରିୱାଲ ଓ ପ୍ରକାଶ କୁମାର କେଜ୍ରିୱାଲଙ୍କ ନେତୃତ୍ୱରେ ଚନ୍ଦ୍ରଶେଖର ମନ୍ଦିର ଭଜନ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା । ସେହିପରି ବଲାଙ୍ଗୀର ସହରର ଲୋକନାଥବାବା ମନ୍ଦିର, ତୁଳସୀନଗରର ଟାଙ୍ଗେଶ୍ୱର ଶିବମନ୍ଦିର, ସାଗରପଡ଼ା ଶିବମନ୍ଦିର, ରେଳ ଷ୍ଟେଶନ୍ ଶିବମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲଶ। ସୁର୍ଡା ଶିବମନ୍ଦିରରେ ଭକ୍ତମାନେ ଦୀର୍ଘ ସମୟ ଧରି ଧାଡିରେ ଠିଆ ହୋଇ ମହାଦେବଙ୍କୁ ଦର୍ଶନ କରିଥିଲେ । ସହର ନିକଟସ୍ଥ କଅଗାଁ ଶିବମନ୍ଦିର, ସାନଟୀକା ଜଳେଶ୍ୱର ମହାଦେବ ମନ୍ଦିର, ଲୋକାପଡା ଶିବମନ୍ଦିର ସହ ଅନ୍ୟାନ୍ୟ ଶିବମନ୍ଦିରରେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହ ମହାଶିବରାତ୍ରି ଅନୁଷ୍ଠିତ ହୋଇଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ମହାଶିବରାତ୍ରି ଅବସରରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ବସିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାମ୍ପୁରି ମୁଣ୍ଡି**
**ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ଯିଏ ନିଜ ମୁଣ୍ଡର କେଶ ବିନ୍ୟାସ ପ୍ରତି ଯତ୍ନଶୀଳ ନୁହେଁ ତା'ପକ୍ଷେ ରୋଷେଇ ଘରର ପରିଷ୍କାର ପରିଚ୍ଛନ୍ନତା ତଥା ପବିତ୍ରତା ପ୍ରତି ଦୃଷ୍ଟିଦେବା ଅସମ୍ଭବ ମନେହୋଇଥାଏ। ଏମାନଙ୍କ କାର୍ଯ୍ୟକଳାପ କେବେ ବି ସନ୍ତୋଷଜନକ ହୋଇପାରି ନ ଥାଏ। ସେହିପରି ସବୁବେଳେ ଯିଏ ଲୁଚେଇ ଛପେଇ ଖାଦ୍ୟ ଖାଇଥାଏ ସେ କେବେ ଭରସାଯୋଗ୍ୟ ହୋଇପାରୁ ନ ଥିବା ସ୍ଥଳେ ତାଙ୍କ ହାତରେ ହାଣ୍ଡିଶାଳର ଦାୟିତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁପୁ ଝୁପୁ ପାଣି ପଥର କାଟେ**
**ଟୁପୁଟୁପୁ କଥା ଅନ୍ତର କାଟେ ।**

ଝୁପୁ ଝୁପୁ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରରେ କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥର କାଟେ। ସେହିପରି ଚୁପ୍‌ଚାପ୍ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଭାଜପାର ରାଷ୍ଟ୍ରୀୟ ସୁରକ୍ଷା ଦିବସ

# ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଗଲା

**ନୂଆପଡା ଅଫିସ,୪।୩**

ଜିଲା ଭାଜପା ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳନ କରାଯାଇଛି । ଏହି ଅବସରରେ ଶହୀଦ ପରିବାର ଲୋକଙ୍କୁ ସମ୍ବର୍ଦ୍ଧିତ କରିବା ସହ ସୈନିକଙ୍କ ପରିବାରଙ୍କୁ ଉତ୍ସାହିତ କରାଯାଇଛି । ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶହୀଦ ଏବଂ ସୈନିକ ପରିବାର ଲୋକ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସୈନିକ ସଂଘ ଜିଲା ସଭାପତି ନିମାଇଁ ଚରଣ ତାଣ୍ଡି ସଭାପତିତ୍ୱ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚତୁର୍ଭୁଜ ଶର୍ମା, ଜିଲା ସମ୍ପାଦକ ସୁଶାନ୍ତ କୁମାର ପତି, ନଗର ସଭାପତି ମୁନ୍ନା ମହାପାତ୍ର, ତୁଳସ ପଟେଲ, ମୁରଲୀଧର ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତ ମାତାର ପୂଜନୋତ୍ସବ ପରେ ଭାରତ ମାତାର ସୁରକ୍ଷା ସକାଶେ ବଳିଦାନ କରିବା ସହ ସେବାରେ ନିଜକୁ ଉତ୍ସର୍ଗ କରିଥିବା ବୀର ଯବାନଙ୍କୁ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ସୈନିକମାନଙ୍କୁ ଅବିର ଦେଇ ସ୍ୱାଗତ କରାଯାଇଥିବାବେଳେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହିକ୍ରମରେ ମନୁରାମ ଯାଦବ, ଦୃଦାନନ୍ଦ ଦର୍ଜି, ଟିକଚାନ୍ଦ କୁଲଦୀପ, ପନଶଖା ପାଢୀ, ଚନ୍ଦ୍ରମଣୀ ଶବର, ଖେମରାଜ ବାରିକ, କଲିମ ମହମ୍ମଦ, ଯଶୋବନ୍ଦ ତାଣ୍ଡି, ଅମୂଲ୍ୟ ପଣ୍ଡା, ତୁଳସୀରାମ ଶବର, ଅଜିତ କୁମାର ପଣ୍ଡା, ରୂପନାରାୟଣ ଦୁରିଆ, ଓମକାର ସାହୁ, ବାସୁଦେବ ସିଂ ଦେଓ, କିଶୋର କୁମାର ସୁନାଙ୍କ ସମେତ ମୋଟ ୫୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସମସ୍ତେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଅନ୍ୟପକ୍ଷେ ଏହି ବୀର ଯବାନଙ୍କୁ ନିଃସ୍ୱାର୍ଥ୍ୟ ସେବା ସବୁବେଳେ ଆଗାମୀ ପୀଢିଙ୍କୁ ଉତ୍ସାହିତ କରିବା ସହ ମାର୍ଗଦର୍ଶନ କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ମୁନ୍ନା ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଭାଜପାର କର୍ମକର୍ତ୍ତା ଯୋଗଦେଇଥିଲେ।



ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳନ ଅବସରରେ ଯୋଗଦେଇଥିବା ସୈନିକ ପରିବାର ଲୋକେ ।

## ପରୀକ୍ଷା ଦେବାକୁ ଆସି ଭବାନୀପାଟଣାର ଛାତ୍ର ପୋଖରୀରେ ବୁଡ଼ି ମୃତ

**ଗୋପାଳପୁର,୪।୩**

ସିଆରପିଏଫ ଜିଡି ପରୀକ୍ଷା ଦେବା ପାଇଁ ଆସିଥିବା ଜଣେ ଛାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ସେ ହେଲେ ଭବାନୀପାଟଣା ମେଦିନିପୁରର କୁମାର ମାନି ସାହୁଙ୍କ ପୁଅ ତୋଷିରାଜ (୧୯)। ଗଞ୍ଜାମ ଜିଲା ଗୋଲନ୍ଥରା ଥାନା ଅନ୍ତର୍ଗତ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟରେ ରବିବାର ସିଆରପିଏଫ ଜିଡି ପରୀକ୍ଷା ଥିବା ବେଳେ ତୋଷିରାଜ ପରୀକ୍ଷା ଦେଇଥିଲେ। ସେ ଭାଲିଆଗଡ଼ ନିକଟ ବଡ଼ବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ସେଠାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଅପରାହ୍ନରେ ତୋଷିରାଜଙ୍କ ମୃତଦେହ ଭାସୁଥିବା ବେଳେ ଭାଲିଆଗଡ଼ ଗ୍ରାମବାସୀ ଏହା ଦେଖିଥିଲେ। ଖବର ପାଇ ପୋଲିସ ଓ କନିଷ୍ଠ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା

# ଭଙ୍ଗା ଦଦରା ଘରେ ରହୁଛନ୍ତି ବୃଦ୍ଧା

**ନୂଆପଡା ଅଫିସ,୪।୩**

ଦେଶର ସମସ୍ତ ଗରିବ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ଯୋଗାଇଦେବାକୁ ସରକାର ଘୋଷଣା କରିଛନ୍ତି। ଏଥିସକାଶେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଏବଂ ଉଦାସୀନତା ଯୋଗୁ ଗରିବ ଲୋକମାନେ ଏଥିରୁ ବଞ୍ଚିତ ରହୁଛନ୍ତି । ଏଭଳି ଏକ ଉଦାହରଣ ନୂଆପଡ଼ା ଜିଲା ବୋଡେନ ବ୍ଲକ କର୍ଲାକୋଟ ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି । ଗ୍ରାମପଞ୍ଚାୟତର ମାଣ୍ଡୋବିର୍ଲି ଗାଁର ଡଣି ପହରିଆ ଏବଂ ଚମ୍ପା ପହରିଆଙ୍କ ଅବସ୍ଥା ଦେଖିଲେ ପ୍ରକୃତ ସ୍ଥିତି ସବୁ ଜଳ ଜଳ ହୋଇ ବାରିହୋଇପଡୁଛି। ଏହୁହେଁ ଭଙ୍ଗା କୁଡିଆରେ ଦୀର୍ଘ ଦିନ ରହୁଥିବାବେଳେ ସରକାରୀ ଘର ଟିକକ ପାଇଁ ବାର ଦୁଆର ବୁଲୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ୪ବର୍ଷ ତଳେ ଡଣିଙ୍କ ସ୍ୱାମୀ କୌଣସି ଏକ ଅଜଣା ରୋଗରେ ପଡି ମୃତ୍ୟୁ ବରଣ କରିଥିଲେ । ପରେ ଡଣି ଅସହାୟ ହୋଇ ଘରେ ଏକାକୀ ହୋଇପଡିଲେ। ଏଣେ ଭଙ୍ଗା କୁଡିଆରେ ରହୁଥିବାବେଳେ ତାଙ୍କ ନାଁରେ ରାଶନ କାର୍ଡଟିଏ ନାହିଁ କି ଜମି ପଟ୍ଟା ମଧ୍ୟ ନାହିଁ। ସେ କ୍ଷୋଭ ପ୍ରକାଶ କରି କହନ୍ତି ଯେ, ପଞ୍ଚାୟତରେ ସବୁ ଥିଲାବାଲା ଲୋକଙ୍କୁ ସରକାରୀ ଯୋଜନାରୁ ଘର ସବୁ ମିଳୁଛି । ହେଲେ ସେ ବାରମ୍ବାର କାକୁତି ମିନତି ହେଉଥିଲେ ମଧ୍ୟ ତାଙ୍କ ଭାଗ୍ୟରେ ଜୁଟୁନାହିଁ। ବର୍ତ୍ତମାନ ସେ ଭଙ୍ଗା କୁଡିଆରେ ରହୁଛନ୍ତି । ପେଟ ପୋଷିବାର କୌଣସି ଉପାୟ ନାହିଁ। ସେହିଭଳି ଗାଁର ଚମ୍ପା ପହରିଆଙ୍କ ମଧ୍ୟ ସେହି ସମ ପରିସ୍ଥିତି ହୋଇଛି। ଏନେଇ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ବୋଲି ଗ୍ରାମର ଦୁଆରୁ ପହରିଆ କହିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ସଜ ଗହୀରଙ୍କୁ ଯୋଗାଯୋଗ କରିବାରୁ ଏହା ଉପରେ ସର୍ଭେ କରାଯାଇଛି । ଖୁବଶୀଘ୍ର ସ୍ୱତନ୍ତ୍ର ଯୋଜନାରୁ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# 'ବୌଦ୍ଧିକ ସମ୍ପଦ ଅଧିକାର' ଶୀର୍ଷକ ଜାତୀୟସ୍ତରର କର୍ମଶାଳା

**ଭବାନୀପାଟଣା,୪।୩(ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟର ସେମିନାର ହଲ୍‌ଠାରେ ଗତ ଶନିବାର 'ବୌଦ୍ଧିକ ସମ୍ପଦ ଅଧିକାର' (ଆଇପିଆର) ଶୀର୍ଷକ ଜାତୀୟସ୍ତରର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଯାନ୍ତ୍ରୀକ ମହାବିଦ୍ୟାଳୟ ଅଧକ୍ଷ ଡ. ଦୁଲୁ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ବିଶାଖାପାଟଣାସ୍ଥିତ ନ୍ୟାଶନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେଶନ୍‌ର ମୁଖ୍ୟ ଡ. ବିଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ହ୍ୟୁମାନିଟି ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀ ପ୍ରସାଦ ପଣ୍ଡା ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦେଶର ବହୁ ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟ ତଥା ଚାଇନା ଓ କୋରିଆ ଭଳି ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଭାଷଣ ପ୍ରଦାନ ଓ ସେମିନାରରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କଳାହାଣ୍ଡି ଯୁବକ ଡ. ସାହୁ ଦେଶର ବୌଦ୍ଧିକ ସମ୍ପଦର ଅଧିକାର ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଦେଶର ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ବିଦେଶରେ ଭାରତର ବାସମତୀ ଚାଉଳକୁ ପେଟେଣ୍ଟ କରିବା ସମ୍ପର୍କରେ ଉଦାହରଣ ଦେବାକୁ ଯାଇ ଡ. ସାହୁ ବିଭିନ୍ନ ଟ୍ରେଡମାର୍କ, କପିରାଇଟ୍, ଡିଜାଇନ୍ ଓ ସଫ୍ଟୱାର ଡେଭଲପମେଣ୍ଟ ଓ ତାହାର ସତ୍ତ୍ୱାଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ମିହିର କୁମାର ନାଥ ଏବଂ ମ. ରାମପୁରର ବିଶିଷ୍ଟ ଯୁବ ଉଦ୍ୟୋଗୀ ବିଭୁ ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ହ୍ୟୁମାନିଟି ବିଭାଗ ଅଧ୍ୟାପିକା ଏସ୍ ପ୍ରିୟା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗମୁଖ୍ୟ କ୍ୟା. ଜୟଦେବ ସାହୁ ଓ ପ୍ରାଣୀବିଜ୍ଞାନ ଅଧାପକ ଡ. ଯତିନ୍ଦ୍ର ପ୍ରଧାନଙ୍କ ସହ ଯାନ୍ତ୍ରୀକ ମହାବିଦ୍ୟାଳୟ ଅନ୍ୟାନ୍ୟ ଅଧାପକଅଧାପିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ମୁଖ୍ୟ ଅତିଥି ଡ. ସାହୁଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ସେ ବିଭିନ୍ନ ପ୍ରଶ୍ନଗୁଡିକର ସରଳ ଉତ୍ତର ରଖିବା ସହ ଓ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ ସାଧାରଣ ଜ୍ଞାନ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ।




ଜାତୀୟସ୍ତରର ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ବୃନ୍ଦ ।

## ଝିଲ୍ଲାପାଲି ସେବାସମବାୟ ସମିତିର ବାର୍ଷିକ ସଭା

**କୋଲାବିରା,୪।୩(ଡି.ଏନ.ଏ.)**

କୋଲାବିରା ବ୍ଲକ ଝିଲ୍ଲାପାଲି ସେବା ସମବାୟ ସମିତିର ବାର୍ଷିକ ସଭା ପୋଖରାସାହ୍ଲେ ପଞ୍ଚାୟତ ଡେଙ୍ଗୁରଯୋରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭିମନ୍ୟୁ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ହରେଶ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଆରସିଏସ୍ ନିରୀକ୍ଷକ ବି.ଡି. ଲାକ୍ରା, ନରେନ୍ଦ୍ର ଭୋଇ, ନବୀନ ପଟେଲଙ୍କ ସମେତ ପୋଖରାସାହ୍ଲେ ଓ ଝିଲ୍ଲାପାଲି ପଞ୍ଚାୟତର କୃଷି କର୍ମୀ ଏବଂ ଚାଷୀ ସଭ୍ୟ ଯୋଗଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ,
ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ସିନାପାଲିରେ ମହାଶିବ ରାତ୍ରି, ଶ୍ରଦ୍ଧାଳୁଙ୍କ ଭିଡ଼

ସିନାପାଲି,୪।୩(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଅଞ୍ଚଳର ବିଭିନ୍ନ ଶୈବ ପୀଠଗୁଡିକରେ ସୋମବାର ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଯାଇଛି । ଶୈବ ପୀଠଗୁଡିକରେ ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ । ଶୈବପୀଠଗୁଡିକ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଆଲୋକମାଳାରେ ଝଲସି ଉଠୁଛି । ସକାଳୁ ଭକ୍ତମାନେ ଶୈବ ପୀଠଗୁଡିକରେ ଜଳ ଲାଗି କରିବା ପାଇଁ ଧାଡି ବାନ୍ଧି ଠିଆ ହୋଇଥିଲେ । ଶିବରାତ୍ରିରେ ପ୍ରବଳଭିଡକୁ ଦୃଷ୍ଟି ଆଗରେ ରଖି ସିନାପାଲି ପୋଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ମହାଶିବ ରାତ୍ରି ପାଇଁ ଗାଁଗଣ୍ଡା, ପୁରପଲ୍ଲୀରେ ଥିବା ଶିବ ମନ୍ଦିରରେ ମଧ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ସିନାପାଲି ସହରସ୍ଥିତ ଶିବ ମନ୍ଦିର, ସିଙ୍ଗଝର ଶିବ ମନ୍ଦିର, କୋଦୋବେଡା ଶିବ ମନ୍ଦିର, ଗୋଡାଳ ଗୌରିଶଙ୍କର ମନ୍ଦିର, ଯୋଗୀମଠ ମନ୍ଦିର, ମହଗାଁ ଶିବ ମନ୍ଦିର, ତ୍ରିବେଣୀ ଗଙ୍ଗା, ଗଣ୍ଡାବାହାଲି ଶିବ ମନ୍ଦିର, ନୂଆମାଳ ପଡା ଶିବ ମନ୍ଦିର ସମେତ ସିନାପାଲି ଅଞ୍ଚଳର ଅନେକ ଶିବ ମନ୍ଦିରଗୁଡିକରେ ଭକ୍ତମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଭୋର ସକାଳଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ ରହିଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନେକ ଶିବ ମନ୍ଦିର କମିଟିଠାରୁ ଜଣାପଡିଛି । ଏହି ଅବସରରେ ସୀମାନ୍ତ ନୂଆମାଲପଡାସ୍ଥିତ ଶୈବ ପୀଠରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର କରାଯାଇଛି। ଏହି ଯଜ୍ଞରେ ଆଖପାଖ ସମେତ ଛତିଶଗଡ ରାଜ୍ୟର ଶ୍ରଦ୍ଧାଳୁମାନଙ୍କ ଭିଡ ରହିଛି। ଏହା ମଙ୍ଗଳବାର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ । ଏହି ଅବସରରେ ଅଖଡାଭଟ୍ଟାସ୍ଥିତ ତ୍ରିବେଣୀ ଗଙ୍ଗାଠାରେ ନୂତନ ଶିବ ମନ୍ଦିରର ପ୍ରତିଷ୍ଠା କରାଯାଇଛି ।

### ଉତ୍ସବମୁଖର ଶିବାଳୟ

କୋଲାବିରା,୪।୩(ଡି.ଏନ.ଏ.)

ମହାଶିବରାତ୍ରୀରେ କୋଲାବିରା ସଦର ମହକୁମାର ବିଭିନ୍ନ ଶୈବପିଠରେ ଶ୍ରଦ୍ଧାଳଙ୍କ ଭିଡ ଲାଗି ରହିଥିବା ପରିଲକ୍ଷିତ ହୋଇଛି। ସକାଳୁ ସୋଢାମାଲ ପଞ୍ଚାୟତ ଅନ୍ତର୍ଗତ ମହାଦେବପାଲି ଶୈବପିଠରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା

# ଭଙ୍ଗା ଦଦରା ଘରେ ରହୁଛନ୍ତି ବୃଦ୍ଧା

ନୂଆପଡା ଅଫିସ,୪।୩

ଦେଶର ସମସ୍ତ ଗରିବ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ଯୋଗାଇଦେବାକୁ ସରକାର ଘୋଷଣା କରିଛନ୍ତି। ଏଥିସକାଶେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଏବଂ ଉଦାସୀନତା ଯୋଗୁ ଗରିବ ଲୋକମାନେ ଏଥିରୁ ବଞ୍ଚିତ ରହୁଛନ୍ତି । ଏଭଳି ଏକ ଉଦାହରଣ ନୂଆପଡ଼ା ଜିଲା ବୋଡେନ ବ୍ଲକ କର୍ଲାକୋଟ ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି । ଗ୍ରାମପଞ୍ଚାୟତର ମାଣ୍ଡୋବିର୍ଲି ଗାଁର ଡଣି ପହରିଆ ଏବଂ ଚମ୍ପା ପହରିଆଙ୍କ ଅବସ୍ଥା ଦେଖିଲେ ପ୍ରକୃତ ସ୍ଥିତି ସବୁ ଜଳ ଜଳ ହୋଇ ବାରିହୋଇପଡୁଛି। ଏଦୁହେଁ ଭଙ୍ଗା କୁଡିଆରେ ଦୀର୍ଘ ଦିନ ରହୁଥିବାବେଳେ ସରକାରୀ ଘର ଟିକକ ପାଇଁ ବାର ଦୁଆର ବୁଲୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି ।

**ପର ଘର ଦୁଆରେ ମୁଣ୍ଡ ଗୁଞ୍ଜିଛନ୍ତି**



ନିଜ ଭଙ୍ଗା କୁଡିଆ ସାମ୍ନାରେ ଅସହାୟ ବୃଦ୍ଧା ଡଣି ପହରିଆ।

ମାଣ୍ଡୋବିର୍ଲି ଏକ ବନବାସୀ ଆଦିବାସୀ ବହୁଳ ଗାଁ । ଏଠିକାର ଅର୍ଦ୍ଧାଧିକ ପରିବାର ଲୋକ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳିଥାନ୍ତି । ଡଣିଙ୍କ ପରିବାର ଲୋକ ଜଙ୍ଗଲରୁ ବାଉଁଶ ଆଦି ସଂଗ୍ରହ କରି ବିଭିନ୍ନ ସୌଖିନ ଦ୍ରବ୍ୟ ତିଆରି କରି ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ । ଆଜକୁ ୩/୪ବର୍ଷ ତଳେ ଡଣିଙ୍କ ସ୍ୱାମୀ କୌଣସି ଏକ ଅଜଣା ରୋଗରେ ପଡି ମୃତ୍ୟୁ ବରଣ କରିଥିଲେ । ଏହା ପରେ ଡଣି ଅସହାୟ ହୋଇ ଘରେ ଏକାକୀ ହୋଇପଡିଲେ। ଏଣେ ଭଙ୍ଗା କୁଡିଆରେ ରହୁଥିବାବେଳେ ତାଙ୍କ ନାଁରେ ରାଶନ କାର୍ଡଟିଏ ନାହିଁ କି ଜମି ପଟ୍ଟା ମଧ୍ୟ ନାହିଁ। ସେ କ୍ଷୋଭ ପ୍ରକାଶ କରି କହନ୍ତି ଯେ, ପଞ୍ଚାୟତରେ ସବୁ ଥିଲାବାଲା ଲୋକଙ୍କୁ ସରକାରୀ ଯୋଜନାରୁ ଘର ସବୁ ମିଳୁଛି । ହେଲେ ସେ ବାରମ୍ବାର କାକୁତି ମିନତି ହେଉଥିଲେ ମଧ୍ୟ ତାଙ୍କ ଭାଗ୍ୟରେ ଜୁଟୁନାହିଁ। ବର୍ତ୍ତମାନ ସେ ଭଙ୍ଗା କୁଡିଆରେ ରହୁଛନ୍ତି । ପେଟ ପୋଷିବାର କୌଣସି ଉପାୟ ନାହିଁ। ସେହିଭଳି ଗାଁର ଚମ୍ପା ପହରିଆଙ୍କ ମଧ୍ୟ ସେହି ସମ ପରିସ୍ଥିତି ହୋଇଛି। ବୃଦ୍ଧାବସ୍ଥାରେ କୌଣସି ସମ୍ପର୍କିୟ ନ ଥିବାରୁ ବାର ଦୁଆର ହେଉଛନ୍ତି। ପଡୋଶୀ ଲୋକଙ୍କ ଦୟାରେ ପେଟ ଚଳୁଛି । ଭଙ୍ଗା କୁଡିଆରେ ଖରା ବର୍ଷା ଦିନ କାଟୁ ଥିବା କହିଛନ୍ତି। ଏହା ଉପରେ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ବୋଲି ଗ୍ରାମର ଦୁଆରୁ ପହରିଆ କହିଛନ୍ତି । ଏ ସମ୍ପର୍କରେ ସରପଞ୍ଚ ସଜ ଗହୀରଙ୍କୁ ଯୋଗାଯୋଗ କରିବାରୁ ଏହା ଉପରେ ସର୍ଭେ କରାଯାଇଛି । ଖୁବଶୀଘ୍ର ସ୍ୱତନ୍ତ୍ର ଯୋଜନାରୁ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି । ଡଣି ଏବଂ ଚମ୍ପା ଗୋଟିଏ ଗୋଟିଏ ଉଦାହରଣ ମାତ୍ର । ସେହିଭଳି ବୋଡେନ ବ୍ଲକରେ ବହୁ ହିତାଧିକାରୀ ବେଘର ହୋଇ ରହୁଛନ୍ତି । ଏହାପରେ ତାଲିକା ପ୍ରସ୍ତୁତି କରି ଘର ଯୋଗାଇ ଦେବାକୁ ଦାବି ହେଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାମ୍ପୁରି ମୁଣ୍ଡି**
**ଓଲେଇ ତୁଣ୍ଡି**
**ଏମାନଙ୍କ ହାତେ ନ ଦେବ ହାଣ୍ଡି ।**

ଯିଏ ନିଜ ମୁଣ୍ଡର କେଶ ବିନ୍ୟାସ ପ୍ରତି ଯତ୍ନଶୀଳ ନୁହେଁ ତା'ପକ୍ଷେ ରୋଷେଇ ଘରର ପରିଷ୍କାର ପରିଚ୍ଛନ୍ନତା ତଥା ପବିତ୍ରତା ପ୍ରତି ଦୃଷ୍ଟିଦେବା ଅସମ୍ଭବ ମନେହୋଇଥାଏ। ଏମାନଙ୍କ କାର୍ଯ୍ୟକଳାପ କେବେ ବି ସନ୍ତୋଷଜନକ ହୋଇପାରି ନ ଥାଏ। ସେହିପରି ସବୁବେଳେ ଯିଏ ଲୁଚେଇ ଛପେଇ ଖାଦ୍ୟ ଖାଇଥାଏ ସେ କେବେ ଭରସାଯୋଗ୍ୟ ହୋଇପାରୁ ନ ଥିବା ସ୍ଥଳେ ତାଙ୍କ ହାତରେ ହାଣ୍ଡିଶାଳର ଦାୟିତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁପୁ ଝୁପୁ ପାଣି ପଥର କାଟେ**
**ଟୁପୁଟୁପୁ କଥା ଅନ୍ତର କାଟେ ।**

ଝୁପୁ ଝୁପୁ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରରେ କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥର କାଟେ। ସେହିପରି ଟୁପ୍‌ଟାପ୍ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଭାଜପାର ରାଷ୍ଟ୍ରୀୟ ସୁରକ୍ଷା ଦିବସ

# ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଗଲା

ନୂଆପଡା ଅଫିସ,୪।୩

ଜିଲା ଭାଜପା ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳନ କରାଯାଇଛି । ଏହି ଅବସରରେ ଶହୀଦ ପରିବାର ଲୋକଙ୍କୁ ସମ୍ବର୍ଦ୍ଧିତ କରିବା ସହ ସୈନିକଙ୍କ ପରିବାରଙ୍କୁ ଉତ୍ସାହିତ କରାଯାଇଛି । ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶହୀଦ ଏବଂ ସୈନିକ ପରିବାର ଲୋକ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସୈନିକ ସଂଘ ଜିଲା ସଭାପତି ନିମାଇଁ ଚରଣ ତାଣ୍ଡି ସଭାପତିତ୍ୱ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚତୁର୍ଭୁଜ ଶର୍ମା, ଜିଲା ସମ୍ପାଦକ ସୁଶାନ୍ତ କୁମାର ପତି, ନଗର ସଭାପତି ମୁନ୍ନା ମହାପାତ୍ର, ତୁଳସ ପଟେଲ, ମୂରଲୀଧର ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳନ ଅବସରରେ ଯୋଗଦେଇଥିବା ସୈନିକ ପରିବାର ଲୋକେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତ ମାତାର ପୂଜନୋତ୍ସବ ପରେ ଭାରତ ମାତାର ସୁରକ୍ଷା ସକାଶେ ବଳିଦାନ କରିବା ସହ ସେବାରେ ନିଜକୁ ଉତ୍ସର୍ଗ କରିଥିବା ବୀର ଯବାନଙ୍କୁ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ସୈନିକମାନଙ୍କୁ ଅବିର ଦେଇ ସ୍ୱାଗତ କରାଯାଇଥିବାବେଳେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହିକ୍ରମରେ ମନୁରାମ ଯାଦବ, ଦୃଦାନନ୍ଦ ଦର୍ଜି, ଟିକଚାନ୍ଦ କୁଲଦୀପ, ପନଶଖା ପାଢୀ, ଚନ୍ଦ୍ରମଣୀ ଶବର, ଖେମରାଜ ବାରିକ, କଲିମ ମହମ୍ମଦ, ଯଶୋବନ୍ଧ ତାଣ୍ଡି, ଅମୂଲ୍ୟ ପଣ୍ଡା, ତୁଲସୀରାମ ଶବର, ଅଜିତ କୁମାର ପଣ୍ଡା, ରୂପନାରାୟଣ ଦୁରିଆ, ଓମକାର ସାହୁ, ବାସୁଦେବ ସିଂ ଦେଓ, କିଶୋର କୁମାର ସୁନାଙ୍କ ସମେତ ମୋଟ ୫୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସମସ୍ତେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଅନ୍ୟପକ୍ଷେ ଏହି ବୀର ଯବାନଙ୍କୁ ନିଃସ୍ୱାର୍ଥ୍ୟ ସେବା ସବୁବେଳେ ଆଗାମୀ ପୀଢିଙ୍କୁ ଉତ୍ସାହିତ କରିବା ସହ ମାର୍ଗଦର୍ଶନ କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ମୁନ୍ନା ମହାପାତ୍ର ପରିଚାଳନା କରିଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଭାଜପାର କର୍ମକର୍ତ୍ତା ଯୋଗଦେଇଥିଲେ।

### ପରୀକ୍ଷା ଦେବାକୁ ଆସି ଭବାନୀପାଟଣାର ଛାତ୍ର ପୋଖରୀରେ ବୁଡ଼ି ମୃତ

ଗୋପାଳପୁର,୪।୩

ସିଆରପିଏଫ ଜିଡି ପରୀକ୍ଷା ଦେବା ପାଇଁ ଆସିଥିବା ଜଣେ ଛାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ସେ ହେଲେ ଭବାନୀପାଟଣା ମେଦିନିପୁରର କୁମାର ମାନି ସାହୁଙ୍କ ପୁଅ ତୋଷିରାଜ (୧୯)। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟରେ ରବିବାର ସିଆରପିଏଫ ଜିଡି ପରୀକ୍ଷା ଥିବା ବେଳେ ତୋଷିରାଜ ପରୀକ୍ଷା ଦେଇଥିଲେ। ସେ ଭାଲିଆଗଡ଼ ନିକଟ ବଡ଼ବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ସେଠାରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଅପରାହ୍ନରେ ତୋଷିରାଜଙ୍କ ମୃତଦେହ ଭାସୁଥିବା ବେଳେ ଭାଲିଆଗଡ଼ ଗ୍ରାମବାସୀ ଏହା ଦେଖିଥିଲେ। ଖବର ପାଇ ପୋଲିସ ଓ କନିଷ୍ଠ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ପିକଅପ୍ ଭ୍ୟାନ ଓଲଟି ୨ ମୃତ, ୨ ଗୁରୁତର

କଣ୍ଟାବାଞ୍ଜି,୪।୩(ଡି.ଏନ.ଏ.)

କଣ୍ଟାବାଞ୍ଜିରୁ ୨୦ କି.ମି ଦୂର ତୁରେକେଲା କଲେଜ ନିକଟରେ ଏକ ପିକଅପ୍ ଭ୍ୟାନ ଓଲଟି ପଡି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗାଡି ହେଲପର ଅଭି ବରିହା (୩୪), ସୁଦର୍ଶନ ପ୍ରଧାନ (୫୦)। ଆହତମାନେ ହେଲେ ଚମାର ହେର୍ଣ୍ଣା (୫୨), ସହଦେବ କେତକି (୩୩)। ସୂଚନା ମୁତାବକ, ରବିବାର ନୂଆପଡ଼ାରୁ ଏକ ପିକଅପ୍ ଭ୍ୟାନ (ନଂ.ଓଡି ୨୬ସି-୨୮୪୮) କନ୍ୟା ଘର ପକ୍ଷରୁ ବିବାହ ସାମଗ୍ରୀ ଧରି କଣ୍ଟାବାଞ୍ଜି ଆସୁଥିଲା। ତୁରେକେଲା କଲେଜ ନିକଟରେ ଭ୍ୟାନ୍‌ର ପଛପଟ ଟାୟାର ଫାଟି ଓଲଟି ପଡିଥିଲା। ଫଳରେ ଗାଡିର ହେଲପର ଅଭି, ଚମାର, ସହଦେବ, ସୁଦର୍ଶନ ଗୁରୁତର ଆହତ ହୋଇଥିଲେ। ଖବର ପାଇ ତୁରେକେଲା ଥାନା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଚିକିତ୍ସାଧିନ ଅବସ୍ଥାରେ ସୋମବାର ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଙ୍କ ମୃତ ଘଟିଥିଲା। ଅନ୍ୟମାନଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା କରୁଥିବା ଡାକ୍ତର ଜିଲା ଡାକ୍ତରଖାନାକୁ ନେବାକୁ କହିଥିଲେ। ଆହତମାନଙ୍କ ଘର ନୂଆପଡ଼ା ହୋଇଥିବାରୁ ପରିବାର ଲୋକେ ତାଙ୍କୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇଜଣ ଚମାର ଓ ସହଦେବ ଚିକିତ୍ସିତ ହେଉଛନ୍ତି। ସୋମବାର ଅପରାହ୍ନରେ ତୁରେକେଲା ପୋଲିସ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଅନ୍ୟପକ୍ଷେ ନୂଆପଡ଼ା ପୋଲିସ ସୁଦର୍ଶନଙ୍କ ମୃତଦେହ ବ୍ୟବଚ୍ଛେଦ କରିଥିବା ତୁରେକେଲା ପୋଲିସ ସୂତ୍ରରୁ ପ୍ରକାଶ। ଏ ନେଇ ତୁରେକେଲା ଥାନାରେ ଏକ ମାମଲା (ନଂ.୧୮/୨୦୧୯) ରୁଜୁ କରି ଗାଡିକୁ ଜବତ କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# 'ବୌଦ୍ଧିକ ସମ୍ପଦ ଅଧିକାର' ଶୀର୍ଷକ ଜାତୀୟସ୍ତରର କର୍ମଶାଳା

ଭବାନୀପାଟଣା,୪।୩(ଡି.ଏନ.ଏ.)

ସ୍ଥାନୀୟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ସେମିନାର ହଲ୍‌ଠାରେ ଗତ ଶନିବାର 'ବୌଦ୍ଧିକ ସମ୍ପଦ ଅଧିକାର' (ଆଇପିଆର) ଶୀର୍ଷକ ଜାତୀୟସ୍ତରର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଯାନ୍ତ୍ରିକ ମହାବିଦ୍ୟାଳୟ ଅଧକ୍ଷ ଡ. ଦୁଲୁ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ବିଶାଖାପାଟଣାସ୍ଥିତ ନ୍ୟାଶନାଲ୍ ରିସର୍ଚ୍ଚ ଡେଭଲପ୍‌ମେଣ୍ଟ କର୍ପୋରେଶନ୍‌ର ମୁଖ୍ୟ ଡ. ବିଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ହ୍ୟୁମାନିଟି ବିଭାଗ ମୁଖ୍ୟ ଡ. ଲକ୍ଷ୍ମୀ ପ୍ରସାଦ ପଣ୍ଡା ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦେଶର ବହୁ ପ୍ରଖ୍ୟାତ ବିଶ୍ୱବିଦ୍ୟାଳୟ ତଥା ଚାଇନା ଓ କୋରିଆ ଭଳି ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଭାଷଣ ପ୍ରଦାନ ଓ ସେମିନାରରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କଳାହାଣ୍ଡି ଯୁବକ ଡ. ସାହୁ ଦେଶର ବୌଦ୍ଧିକ ସମ୍ପଦର ଅଧିକାର ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଦେଶର ଅଧିକାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ବିଦେଶରେ ଭାରତର ବାସମତୀ ଚାଉଳକୁ ପେଟେଣ୍ଟ କରିବା ସମ୍ପର୍କରେ ଉଦାହରଣ ଦେବାକୁ ଯାଇ ଡ. ସାହୁ ବିଭିନ୍ନ ଟ୍ରେଡମାର୍କ, କପିରାଇଟ୍, ଡିଜାଇନ୍ ଓ ସଫ୍ଟୱାର ଡେଭଲପମେଣ୍ଟ ଓ ତାହାର ସତ୍ତ୍ୱାଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ମିହିର କୁମାର ନାଥ ଏବଂ ମ. ରାମପୁରର ବିଶିଷ୍ଟ ଯୁବ ଉଦ୍ୟୋଗୀ ବିଭୁ ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ହ୍ୟୁମାନିଟି ବିଭାଗ ଅଧାପିକା ଏସ୍ ପ୍ରିୟା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗମୁଖ୍ୟ କ୍ୟା. ଜୟଦେବ ସାହୁ ଓ ପ୍ରାଣୀବିଜ୍ଞାନ ଅଧାପକ ଡ. ଯତିନ୍ଦ୍ର ପ୍ରଧାନଙ୍କ ସହ ଯାନ୍ତ୍ରିକ ମହାବିଦ୍ୟାଳୟ ଅନ୍ୟାନ୍ୟ ଅଧାପକଅଧାପିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ମୁଖ୍ୟ ଅତିଥି ଡ. ସାହୁଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ସେ ବିଭିନ୍ନ ପ୍ରଶ୍ନଗୁଡିକର ସରଳ ଉତ୍ତର ରଖିବା ସହ ଓ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ ସାଧାରଣ ଜ୍ଞାନ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ।




ଜାତୀୟସ୍ତରର ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ବୃନ୍ଦ ।

# ଝିଲ୍ଲାପାଲି ସେବାସମବାୟ ସମିତିର ବାର୍ଷିକ ସଭା

କୋଲାବିରା,୪।୩(ଡି.ଏନ.ଏ.)

କୋଲାବିରା ବ୍ଲକ ଝିଲ୍ଲାପାଲି ସେବା ସମବାୟ ସମିତିର ବାର୍ଷିକ ସଭା ପୋଖରାସାହ୍ଲେ ପଞ୍ଚାୟତ ଢେଙ୍ଗୁରଯୋରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭିମନ୍ୟୁ ପଟେଲଙ୍କ ସଭାପତିରେ ଅନୁଷ୍ଠିତ ସଭାରେ ସମ୍ପାଦକ ହରେଶ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଆରସିଏସ୍ ନିରୀକ୍ଷକ ବି.ଡି. ଲାକ୍ରା, ନରେନ୍ଦ୍ର ଭୋଇ, ନବୀନ ପଟେଲଙ୍କ ସମେତ ପୋଖରାସାହ୍ଲେ ଓ ଝିଲ୍ଲାପାଲି ପଞ୍ଚାୟତର କୃଷି କର୍ମୀ ଏବଂ ଚାଷୀ ସଭ୍ୟ ଯୋଗଦେଇଥିଲେ।

## CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।

- ମହାତ୍ମା ଗାନ୍ଧୀ

**ସଂକ୍ଷେପରେ**

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଲୋଇସିଂହା,୪।୩ (ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ବିଲାଇସର୍ଡା ରାଧେଶ୍ୟାମ ଆଞ୍ଚଳିକ ମହାବିଦ୍ୟାଳୟ ଏବଂ ଜାମଗାଁ ଆଞ୍ଚଳିକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଲାଇସର୍ଡା ମହାବିଦ୍ୟାଳୟ ଅଧକ୍ଷ ପୁରୁଷୋତ୍ତମ ଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଛତାମଖନା କଲେଜ ଅଧକ୍ଷ ସୁଦାମ ଖମାରୀ ମୁଖ୍ୟଅତିଥି, ଅଧ୍ୟାପକ ଧନଞ୍ଜୟ ସେଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧାପକ ନିଲାଞ୍ଚଳ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ମିତ୍ରଭାନୁ ବିଶ୍ୱାଳ ସଭା ସଂଯୋଜନା କରିଥିଲେ। ସେହିପରି ଜାମଗାଁ ମହାବିଦ୍ୟାଳୟ ଅଧକ୍ଷ ଶିବଶଙ୍କର ଉଦ୍‌ଗାତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୁଦାମଖମାରୀ ମୁଖ୍ୟଅତିଥି, ଡା.ସୁଶାନ୍ତ କୁମାର ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷକ ଅଶୋକ କୁମାର ଭଞ୍ଜ ସଭାକାର୍ଯ୍ୟ ସଂଯୋଜାନ କରିଥିଲେ। ଉଭୟ ସ୍ଥାନରେ ପ୍ରଶିକ୍ଷିକା ସ୍ୱର୍ଣ୍ଣପ୍ରଭା ମେହେର ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଇଭିଏମ୍, ଭିଭିପାଟ୍ ବ୍ୟବହାର ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୪।୩**

ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ଇଭିଏମ୍ ଓ ଭିଭିପାଟ୍ ମେଶିନ ବ୍ୟବହାର ସଂକ୍ରାନ୍ତରେ ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଆଗାମୀ ୬ ତାରିଖରୁ ଆରମ୍ଭ ହେବ। ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହେବାକୁ ଥିବା ଏହି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ସମସ୍ତ ଗ୍ରାମ ଓ ସହରାଞ୍ଚଳର ଭୋଟରମାନଙ୍କୁ ଇଭିଏମ୍ ଓ ଭିଭିପାଟ୍ ମେଶିନ୍‌ର ବ୍ୟବହାର ସଂକ୍ରାନ୍ତୀୟ ସୂଚନା ଦିଆଯିବ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୬ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଅରିନ୍ଦମ୍ ଡାକୁଆଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡାକୁଆ ଇଭିଏମ୍ ଓ ଭିଭିପାଟ୍ ମେଶିନ୍‌ର ବ୍ୟବହାର ନେଇ ଭୋଟରମାନଙ୍କୁ ସଚେତନ କରାଇବା ନେଇ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଜିଲାର ୧୭୫୯ଟି ଗ୍ରାମ ଓ ୫ଟି ସହରାଞ୍ଚଳରେ କରାଯିବ ବୋଲି ସେ ସୂଚନା ଦେଇଥିଲେ। ତାଲିମପ୍ରାପ୍ତ ଅଫିସର ଓ କର୍ମଚାରୀଙ୍କୁ ନେଇ ଗଠିତ ୩୧ଟି ଇଭିଏମ୍ ଓ ଭିଭିପାଟ୍ ପ୍ରଦର୍ଶନକାରୀ ଦଳ ନିଯୁକ୍ତ ହୋଇଥିବା ସମ୍ମିଳନୀରେ କୁହାଯାଇଥିଲା। ପ୍ରତ୍ୟେକ ବ୍ଲକ ଅଧୀନରେ ୨ରୁ ୩ଟି ପ୍ରଦର୍ଶନକାରୀ ଦଳ ନିଯୁକ୍ତ ହୋଇଛନ୍ତି। ପ୍ରଦର୍ଶନକାରୀ ଦଳ ଇଭିଏମ୍ ଓ ଭିଭିପାଟ୍ ସହ ପୋଲିସ ନିରାପତ୍ତାରେ ଦୈନିକ ଅନ୍ୟୁନ ୪ଟି ଗ୍ରାମକୁ ଯାଇ ଭୋଟରମାନଙ୍କୁ ଇଭିଏମ୍ ଓ ଭିଭିପାଟ୍‌ରେ ମକ୍‌ପୋଲ କରାଇବେ ଓ ସମ୍ପୃକ୍ତ ରେଜିଷ୍ଟରରେ ମତଦାନ କରିଥିବା ଭୋଟରଙ୍କ ତଥ୍ୟ ଲିପିବଦ୍ଧ କରିବେ।



ଇଭିଏମ୍ ଓ ଭିଭିପାଟ୍ ମେଶିନ୍ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ସୂଚନା ପ୍ରଦାନ କରୁଛନ୍ତି।

- ୬ରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ
- ୧୦ରେ ହେବ ରାଜନୈତିକ ଦଳ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ

ମେଶିନ୍‌ରେ ସାଧାରଣ ବେଲଟ୍ ବଦଳରେ ଡମି ବେଲଟ୍ ବ୍ୟବହୃତ ହେବ। ଏଥିରେ ନିର୍ବାଚନ କମିଶନରଙ୍କ ଦ୍ୱାରା ସୂଚିତ କୌଣସି ସଂରକ୍ଷିତ ବା ଅଣସଂରକ୍ଷିତ ଚିହ୍ନ ରହିବ ନାହିଁ। ପ୍ରଦର୍ଶନକାରୀ ଦଳ ନିର୍ଦ୍ଧାରିତ ରୁଟ୍‌ଚାର୍ଟ ଅନୁସାରେ ଜିଲାର ଗ୍ରାମ ଓ ସହରାଞ୍ଚଳ ଗସ୍ତ କରି ମକ୍‌ପୋଲ କରାଇବେ। ଗତ ଜାନୁୟାରୀ ୭ରୁ ୩୧ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୧୭୫୯ ଗ୍ରାମ ଓ ୫ଟି ସହରାଞ୍ଚଳର ୧ଲକ୍ଷ ୪୭ ହଜାର ୯୧୭ ମତଦାତା ଅଂଶଗ୍ରହଣ କରିଥିଲେ। ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ୍ ଓ ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ଜିଲାପାଳ ସୂଚନା ଦେଇଥିଲେ। ଆସନ୍ତା ୧୦ ତାରିଖରେ ଜିଲା, ଉପଖଣ୍ଡ, ବ୍ଲକ୍, ତହସିଲସ୍ତରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସକାଶେ ଏକ ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହେବ ବୋଲି ଜିଲାପାଳ ଡାକୁଆ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭୋଟରମାନେ ଯୋଗଦେଇ ସଚେତନ ହେବାକୁ କୁହାଯାଇଥିଲା। ସମ୍ମିଳନୀରେ ଜିଲାପାଳ ଡାକୁଆଙ୍କ ସହ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ନିର୍ବାଚନ ଅଧିକାରୀ ସୁଚିତା ପୁଷ୍ପା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି ଉଦ୍ୟମ

**ସଇଁତଲା,୪।୩ (ଡି.ଏନ୍.ଏ.)**

ସଇଁତଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି କରୁଥିବା ଜଣେ ଛାତ୍ର ଧରା ପଡିଥିଲେ। ସୋମବାର ଅପରାହ୍ନରେ ବିଇଓ ଫ୍ଲୋରା ଗୋରିଆ ଏବଂ କିରାଣୀ ଝସକେତନ ମନହୀରା କୌଣସି କାମରେ କାର୍ଯ୍ୟାଳୟକୁ ଆସିଥିଲେ। ବିଇଓ ଗୋରିଆ ତାଲା ଖୋଲି ଦେଖିଲା ବେଳକୁ ୨ଜଣ ନାବାଳକ ଅଫିସରେ ପଶି ଚୋରି କରୁଥିଲେ।

ବିଇଓ ଜଣକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଏନେଇ ବିଇଓ ଗୋରିଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ବେଳେ ଏକ ବିଦ୍ୟାଳୟର ୨ ଜଣ ଛାତ୍ର ବୋଲି ଜାଣିବାକୁ ପାଇଥିଲା। ପୋଲିସ ଛାତ୍ରଙ୍କୁ ବୁଝାଶୁଝା ସହ ତାଗିଦ କରି ବିଦ୍ୟାଳୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲା।

# ପିକଅପ୍ ଭ୍ୟାନ ଓଲଟି ୨ ମୃତ, ୨ ଗୁରୁତର

**କଣ୍ଟାବାଞ୍ଜି,୪।୩ (ଡି.ଏନ.ଏ.)**

କଣ୍ଟାବାଞ୍ଜିରୁ ୨୦ କି.ମି ଦୂର ଡୁରେକେଲା କଲେଜ ନିକଟରେ ଏକ ପିକଅପ୍ ଭ୍ୟାନ ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗାଡି ହେଲପର ଅଭି ବରିହା(୩୪), ସୁଦର୍ଶନ ପ୍ରଧାନ (୫୦)। ଆହତମାନେ ହେଲେ ଚମାର ହେର୍ଣ୍ଣା(୫୨), ସହଦେବ କେତକୀ(୩୩। ମିଳିଥିବା ସୂଚନା ମୁତାବକ, ରବିବାର ନୂଆପଡ଼ାରୁ ଏକ ପିକଅପ୍ ଭ୍ୟାନ(ନଂ.ଓଡି ୨୬ସି–୨୮୪୮) କନ୍ୟା ଘର ପକ୍ଷରୁ ବିବାହ ସାମଗ୍ରୀ ଧରି କଣ୍ଟାବାଞ୍ଜି ଆସୁଥିଲା। ହେଲେ ଡୁରେକେଲା କଲେଜ ନିକଟରେ ଭ୍ୟାନ୍‌ର ପଛପଟ ଟାୟାର ଫାଟି ଓଲଟି ପଡିଥିଲା। ଫଳର ଗାଡିର ହେଲପର ଅଭି, ଚମାର, ସହଦେବ, ସୁଦର୍ଶନ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଡୁରେକେଲା ଥାନା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଡୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଙ୍କ ମୃତ ଘଟିଥିଲା। ଅନ୍ୟମାନଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା କରୁଥିବା ଡାକ୍ତର ଜିଲା ଡାକ୍ତରଖାନାକୁ ନେବାକୁ କହିଥିଲେ। ଆହତମାନଙ୍କ ଘର ନୂଆପଡ଼ା ହୋଇଥିବାରୁ ପରିବାର ଲୋକେ ତାଙ୍କୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇଜଣ ଚମାର ଓ ସହଦେବ ଚିକିତ୍ସିତ ହେଉଛନ୍ତି। ସୋମବାର ଅପରାହ୍ନରେ ଡୁରେକେଲା ପୋଲିସ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଅନ୍ୟପକ୍ଷେ ନୂଆପଡ଼ା ପୋଲିସ ସୁଦର୍ଶନଙ୍କ ମୃତଦେହ ବ୍ୟବଚ୍ଛେଦ କରିଥିବା ଡୁରେକେଲା ପୋଲିସ ସୂତ୍ରରୁ ପ୍ରକାଶ। ଏନେଇ ଡୁରେକେଲା ଥାନାରେ ଏକ ଦୁର୍ଘଟଣା ମାମଲା (ନଂ.୧୮/୨୦୧୯) ରୁଜୁ କରି ଗାଡିକୁ ଜବତ କରାଯାଇଥିବା ଥାନା ସବ୍‌ଇନ୍ସପେକ୍ଟର ଦିଲୀପ ଡୁଙ୍ଗଡୁଙ୍ଗ କହିଛନ୍ତି।

## ଆକ୍ରମଣରେ ମା’ ମୃତ, ସ୍ତ୍ରୀ ଗୁରୁତର ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**ଖପ୍ରାଖୋଲ/ବେଲପଡ଼ା, ୪।୩ (ଡି.ଏନ.ଏ.)**

ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ କନ୍ଧନଖୁଲା ପଞ୍ଚାୟତ ବାହାବଲ ଗ୍ରାମରେ ପୁଅର ଆକ୍ରମଣରେ ମା’ଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ଗିରଫ ଅଭିଯୁକ୍ତ ଧ୍ରୁବ ମାଝି(୩୦)ଙ୍କୁ ଖପ୍ରାଖୋଲ ଥାନା ପୋଲିସ ସୋମବାର କୋର୍ଟ ଚାଲାଣ କରିଛି। ଏନେଇ ଦଫା ୩୦୨ରେ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ.୨୯/୧୯) ରୁଜୁ ହୋଇଥିବା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବାହାବଲ ଗ୍ରାମର ଧ୍ରୁବ ମାଝି ରବିବାର ସକାଳେ କୌଣସି କାରଣକୁ ନେଇ ମା’ ଏବଂ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଧ୍ରୁବ ଏଥିରେ ଉତ୍ୟକ୍ତ ହୋଇ ଏକ ବାଉଁଶରେ ମା’ ବସୁମତୀ(୫୦)ଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀ ବୃନ୍ଦାବତୀ(୨୩) ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଧ୍ରୁବ ତାଙ୍କୁ ମଧ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଫଳରେ ଶାଶୁ, ବୋହୂ ଗୁରୁତର ହୋଇଥିଲେ। ଖବର ପାଇ ପୋଲିସ ଉଭୟଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ପାଟଣାଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବସୁମତୀଙ୍କ ମୃତ୍ୟୁ ଘଟିଥିଲା ।



ଅଭିଯୁକ୍ତ ଧ୍ରୁବ ମାଝି।

# କଂସ ମହାରାଜଙ୍କ ନଗର ଭ୍ରମଣ

**ଟିକ୍ରାପଡ଼ା,୪।୩ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ା ଗ୍ରାମରେ ମଥୁରାଧିପତି କଂସ ମହାରାଜ ସୋମବାର ସନ୍ଧ୍ୟାରେ ନଗର ଭ୍ରମଣ କରିଥିଲେ। ଏହି ଅବସରରେ ମଥୁରାବାସୀ ଘର ସମ୍ମୁଖରେ ଶୁଭକଳସ ସ୍ଥାପନ କରି ମହାରାଜଙ୍କୁ ସ୍ୱାଗତ ଜଣାଇଥିଲେ। ପାତ୍ର ମନ୍ତ୍ରୀ, ସେନାପତି, ସୈନ୍ୟ ମହାରାଜଙ୍କ ନଗର ପରିକ୍ରମା ବେଳେ ଉପସ୍ଥିତ ଥିଲେ ।

ମହାରାଜଙ୍କ ଜୟ ଧ୍ୱନି ଦେଇ ନଗରବାସୀ ସ୍ୱାଗତ କରୁଥିବା ଦୃଶ୍ୟ ଅତ୍ୟନ୍ତ ଉପଭୋଗ୍ୟ ହୋଇଥିଲା । ରାତିରେ ମହାରାଜାଙ୍କ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଟିକ୍ରାପଡ଼ାରେ ମଥୁରାଧିପତି କଂସ ମହାରାଜ ନଗର ଭ୍ରମଣ କରୁଛନ୍ତି।

## ଟିକ୍ରାପଡ଼ାରେ ଜାଗର ଯାତ୍ରା

**ଟିକ୍ରାପଡ଼ା,୪।୩ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ସୋମବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଟିକ୍ରାପଡ଼ା ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଇନ୍ଦ୍ରଜିତ ଥନାପତି, ବଳରାମ ଥନାପତି ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଧର୍ମ ଜାଗରଣ ସମନ୍ୱୟ ସମିତି ପକ୍ଷରୁ ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଶିବ ସହସ୍ର ନାମ ପାଠ କରାଯାଇଥିଲା। ବିଳମ୍ବିତ ରାତ୍ରରେ ମହାଦୀପ ଉଠିଥିଲା। ଡୁଷ୍ଟାପାଲି, ଜାମପଦର, କରମତଲା, ଛନଛଡା ଗ୍ରାମର ଶିବ ମନ୍ଦିରରେ ଜାଗର ଯାତ୍ରା ସମ୍ପନ୍ନ ହୋଇଯାଇଛି।

# ହରିଶଙ୍କର, କନ୍ଦରାଭଟାରେ ମହାଶିବରାତ୍ରି

**ଖପ୍ରାଖୋଲ,୪।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଧନ ପାହାଡ଼ରେ ଥିବା ଶୈବ ପୀଠ ହରିଶଙ୍କର ଓ କନ୍ଦରାଭଟା ତ୍ରିଲିଙ୍ଗେଶ୍ୱର ଜଳ ମହାଦେବଠାରେ ସୋମବାର ମହାଶିବରାତ୍ରି ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁମାନେ ପାପନାଶିନୀ ଝରଣାରେ ସ୍ନାନ କରି ହରିଶଙ୍କର ବାବାଙ୍କ ଦର୍ଶନ କରିବାକୁ ଲମ୍ବା ଧାଡିରେ ଛିଡାହୋଇ ମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଥିଲା। ଶିବରାତ୍ରିଅବସରରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ସହ ମଧ ରାତିରେ ମହାଦୀପ ଉଠିଥିଲା। ସେହିପରି ତ୍ରିଲିଙ୍ଗେଶ୍ୱର ଜଳ ମହାଦେବଙ୍କଠାରେ ମଧ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ଏପରି କି ମହାଦେବଙ୍କ ନିକଟରେ ୧୯ଶହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଲଳିତ ମାଝି ତାଙ୍କ ସ୍ତ୍ରୀ ପୂଜା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମହେନ୍ଦ୍ର ଭୋଇ, ବିପ୍ର ବିଶି, ଶଶି ପୂଝାରୀ, ପ୍ରହଲ୍ଲାଦ ଚାନ୍ଦ, ଜୟରାମ ବାରିକ, ନିରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ଭୋଇ, ସାଧୁ ମେହେରଙ୍କ ସମେତ ଆୟୋଜନ କମିଟି ସଦସ୍ୟ ସହଯୋଗ କରିଥିଲେ।



ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

# ଟିଟିଲାଗଡ଼ରେ ମହାଶିବରାତ୍ରି ମେଳା, ଶ୍ରଦ୍ଧାଳୁଙ୍କ ଭିଡ଼

**ଟିଟିଲାଗଡ଼, ୪।୩ (ଡି.ଏନ.ଏ)**

ପ୍ରତିବର୍ଷ ପରି ଟିଟିଲାଗଡ଼ର ପ୍ରସିଦ୍ଧ ଐତିହାସିକ ପର୍ଯ୍ୟଟନ କ୍ଷେତ୍ର କୁମୁଡା ପାହାଡ଼ ଗୁମ୍ଫାସ୍ଥିତ ଧବଳେଶ୍ୱର ବାବାଙ୍କ ମହାଶିବରାତ୍ରି ମେଳା ସୋମବାର ଆରମ୍ଭ ହୋଇଯାଇଛି। ଏନେଇ ରବିବାର ଶଙ୍ଖ ସଂକୀର୍ତ୍ତନ ସହ ଅଧିବାସ ପର୍ବ ସମ୍ପନ୍ନ ହୋଇଥିଲା। ସୋମବାର ଭୋରରୁ ମନ୍ଦିର ଗେଟ ଖୋଲିବା ପରେ ମହାଦେବଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଏପରି କି ଦର୍ଶନର ସୁବ୍ୟବସ୍ଥା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମନ୍ଦିର ଦ୍ୱାରରେ ସ୍ୱତନ୍ତ୍ର ବ୍ୟାରିକେଡ ନିର୍ମାଣ କରାଯାଇଛି। ମେଳା ପରିସରରେ ମହିଳାଙ୍କ ପାଇଁ ୨୪ଟି ଅସ୍ଥାୟୀ ଶୌଚାଳୟ, ୪ଟି ମୋବାଇଲ ଭ୍ୟାନ ବିଶିଷ୍ଟ ଶୌଚାଳୟ, ପୁରୁଷଙ୍କ ପାଇଁ ୪ଟି ଶୌଚାଳୟ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ଆଲୋକୀକରଣ, ପରିମଳ ଆଦି ବ୍ୟବସ୍ଥା ନେଇ ବିଶେଷ ବ୍ୟବସ୍ଥା କରାଯାଇଥିବା ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ସୂଚନା ଦେଇଛନ୍ତି। କୁମୁଡା ପାହାଡ଼କୁ ଆସୁଥିବା ରାସ୍ତାର ୬ଟି ସ୍ଥାନରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମେଳାରେ ଦୋଳି, ମିନାବଜାର ସମେତ ବିଭିନ୍ନ ସୌଖୀନ ସାମଗ୍ରୀ ଏବଂ ଖାଦ୍ୟ ଷ୍ଟଲ ଲାଗିଛି। ରାଜ୍ୟ ତଥା ରାଜ୍ୟ ବାହାରର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏନେଇ ମେଳା ପରିସରରେ ୩୦ ଅଫିସର ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହ ବିଭିନ୍ନ ଛକଗୁଡିକରେ ପୋଲିସ ମୁତୟନ କରାଯାଇଥିବା ଟିଟିଲାଗଡ଼ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ମେଳା ପରିସରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା, ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ, ସୂଚନା କେନ୍ଦ୍ର, ଜରୁରୀ ସ୍ୱାସ୍ଥ୍ୟ ସେବା ଆଦି ବ୍ୟବସ୍ଥା ବନ୍ଦୋବସ୍ତ କରାଯାଇଛି। ଟ୍ରଷ୍ଟ ବୋର୍ଡ ପକ୍ଷରୁ ଟିଟିଲାଗଡ଼ ବିଧାୟିକା ଟୁକୁନୀ ସାହୁ, ସଭାପତି ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ବରିଷ୍ଠ ସଦସ୍ୟ ଭବାନୀ ପ୍ରସାଦ ହୋତା, ସଞ୍ଜୀବ ପାଢୀ, ଦେବବ୍ରତ ଷଡଙ୍ଗୀ, ରଣଜିତ ପୃଷ୍ଟି, ମନୋଜ ହାତୀ, ମନୋଜ ବାରିକ, ସୁତାରାମ ସାହୁ, କର୍ତ୍ତା ସୁବାସ ଚନ୍ଦ୍ର ପାଢୀ, ସୁବୋଧ ଦାସ, ବି.କେ ରାଓ, ରାଜୁ ମିଶ୍ର, କୈଳାସ ଅଗ୍ରୱାଲ, ଧ୍ରୁବଲେ ଦଳବେହେରା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରୁଛନ୍ତି। ସହରର ବିଭିନ୍ନ ସଂଗଠନ ଏବଂ ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୁଙ୍କ ସହାୟତା କରୁଛନ୍ତି। ପାରମ୍ପରିକ ପୂଜାର୍ଚ୍ଚନା ପରେ ମଧ ରାତିରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିବା ସହ ଧବଳେଶ୍ୱର ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଭାବେ ନିର୍ମିତ ମନ୍ଦିରର ସୁଉଚ୍ଚ ତୋରଣକୁ ବିଧାୟିକା ଟୁକୁନି ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ନେଇ ପ୍ରକାଶିତ ‘ଆଇନା’ ପୁସ୍ତକ ବିଧାୟିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ନାୟକ, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ଉପାଧକ୍ଷା ଅଞ୍ଜନା ବର୍ମା, ପୌର ନିର୍ବାହୀ ଅଧିକାରୀ ବେହେରା, କୁମୁଡ଼ା ପାହାଡ ସୁରକ୍ଷା ସମିତି ସଭାପତି ବୃନ୍ଦାବନ ପାଢୀ, ସାଧାରଣ ସମ୍ପାଦକ ଉପେନ୍ଦ୍ର ବାଗ, ଅଲେଖ ଦଳବେହେରା, ଟିଟିଲାଗଡ଼ ବାର ଆସୋସିଏଶନ ସମ୍ପାଦକ ଲଳିତ ମୋହନ ତାଣ୍ଡି, ପ୍ରେମ ଜୈନ, ଉମାଦେବୀ ଅଗ୍ରୱାଲ, କାଉନସିଲର ସୁନୀଲ ସାହୁ, ହେମନ୍ତ ଚନ୍ଦନ, ଯଶୋବନ୍ତ ଛତ୍ରିଆ, ଅନିତା ଚନ୍ଦନ, ବଳଦେବ ଜାଳ, ପୁଷ୍ପ ଜୈନ, ଯୁଧିଷ୍ଠିର ବେହେରା, ପ୍ରମୋଦ ପଟ୍ଟନାୟକଙ୍କ ସହ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ମଧ୍ୟରାତ୍ରିରେ ଉଠିଲା ମହାଦୀପ**



ଟିଟିଲାଗଡ ମହାଶିବରାତ୍ରି ମେଳାରେ ବିଧାୟିକା ଏବଂ ଅନ୍ୟଅତିଥିମାନେ ‘ଆଇନା’ ଉନ୍ମୋଚନ କରୁଛନ୍ତି।

# ଶିବରାତ୍ରିରେ ଉତ୍ସବମୁଖର ଶିବାଳୟ ପରିସର

**ଲୋଇସିଂହା,୪।୩ (ଡି.ଏନ.ଏ)**

ସୋମବାର ମହାଶିବ ରାତ୍ରି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ଶୈବପୀଠ ଉତ୍ସବ ମୁଖର ହୋଇପଡିଥିଲା। ପୂଜାର୍ଚ୍ଚନା ଲାଗି ଶୈବପୀଠଗୁଡିକରେ ଭୋର ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ସନ୍ଧ୍ୟାରେ ଭକ୍ତମାନେ ପ୍ରଦୀପ ଜାଳି ଉଜାଗର ରହି ମହାଦୀପ ଦର୍ଶନ କରିଥିଲେ। ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱରଧାମ, ବୁର୍ଡା ସ୍ୱପ୍ନେଶ୍ୱର ପୀଠ, ଲୋଇସିଂହା, ସୁଜିଆ, ବାଦିବାହାଲ ଏବଂ ଆଗଲପୁର ବ୍ଲକ ସନାଟିକା ଜଳେଶ୍ୱର ପୀଠରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଲମ୍ବାଲାଇନ ଲାଗି ରହିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମେଳା କମିଟି, ଗ୍ରାମବାସୀ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଯୋଗେଶ୍ୱର ଧାମରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ହୋଇଥିଲା। ସ୍ଥାନୀୟ ନୋଡାଲ ହାଇସ୍କୁଲର ରେଡକ୍ରସ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ ଓ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଏହାକୁ ସ୍କୁଲ ଗାଇଡ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ପରିଚାଳନା କରିଥିଲେ । ମେଳା ଅବସରରେ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଯୋଗେଶ୍ୱରଧାମରେ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ।



ଧନ ଥିଲେ ଦାରିଦ୍ର୍ୟର ଭୟ ଅଛି। ଜ୍ଞାନରେ ଅଜ୍ଞାନର ଭୟ, ସର୍ବୋପରି ଦେହ ଥିଲେ ମୃତ୍ୟୁର ଭୟ ଅଛି। ଏହି ଜଗତର ସମୁଦାୟ ବସ୍ତୁ ଭୟଯୁକ୍ତ। କିନ୍ତୁ ଯେଉଁ ବ୍ୟକ୍ତି ସର୍ବସ୍ୱ ତ୍ୟାଗ କରିଛି ତାହାର କୌଣସି ଭୟ ନାହିଁ। ସେ ଭୟଶୂନ୍ୟ ନିର୍ଭୀକ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ



### ଶିବ ମନ୍ଦିରର କମ୍ୟୁନିଟି ହଲ ଉଦ୍‌ଘାଟିତ

**ଜୁନାଗଡ,୪।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ମସିଗାଁରେ ରବିବାର ସ୍ଥାନୀୟ ଶିବ ମନ୍ଦିରର ନୂତନ କମ୍ୟୁନିଟି ହଲ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ନୂତନ କମ୍ୟୁନିଟି ହଲକୁ ଉଦଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧରେ ତଳମଲା ସରପଞ୍ଚ ଦୁଶିଲା ମାଝି, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଦାତା ସୁରେନ୍ଦ୍ର ନାଏକ, ପଦ୍ମିନୀ ନାଏକ, ପୂଜକ ରାମକୃଷ୍ଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୨ଲକ୍ଷ ଟଙ୍କାରେ ଏହି ହଲଟି ନିର୍ମିତ ହୋଇଛି।

### ଜିଲା ବାହାରେ ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର

**ଭବାନୀପଟାଣା,୪।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡା ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା କେନ୍ଦ୍ର ଜିଲା ବାହାରେ କରାଯାଇଛି । ଏଥର ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡମାଲସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ପରୀକ୍ଷା କେନ୍ଦ୍ର ହୋଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡିଶା ଆଦର୍ଶ ବିଦ୍ୟାଳୟର ଏହା ପ୍ରଥମ ଦଶମ ଶ୍ରେଣୀ ପରୀକ୍ଷା ହୋଇଥିବା ବେଳେ ଏହାର ପରୀକ୍ଷା କେନ୍ଦ୍ର ନିଜ ଜିଲାରେ ନ କରି ଦୂର ବଲାଙ୍ଗୀର ଜିଲା ବଡମାଳରେ କରାଯିବା କେତେଦୂର ଯୁକ୍ତି ସଙ୍ଗତ ବୋଲି ପ୍ରଶ୍ନ ଉଠିଛି। ସରକାର ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ସୁବିଧା ସୁଯୋଗ ଦେଇନାହାନ୍ତି। ତିନି ବର୍ଷ ବିତିଯାଇଥିଲେ ବି ହଷ୍ଟେଲ ସୁବିଧା ନାହିଁ କି ଯାତାୟାତ ଖର୍ଚ୍ଚ ମଧ ଦେଉନାହାନ୍ତି। ଗରିବ ଅଭିଭାହକମାନେ ମାସକୁ ମାସ ହଜାର ହଜାର ଟଙ୍କା ଖର୍ଚ୍ଚ କରି ପିଲାମାନଙ୍କୁ ଗାଡିରେ ପଠାଉଥିବା ବେଳେ ଡେଭଲପ୍ ଫି ନାଁରେ ମାସକୁ ୨ ଶହ ଟଙ୍କା ଆଦାୟ କରାଯାଉଥିବାରୁ ବୋଝ ଉପରେ ନଳିତା ବିଡା ସଦୃଶ ହେଉଛି।

ବଇରି ସାଜିଛେ ହାତୀ ନଦୀ

# ମଉଲିକ୍ ସୁବିଧାରୁ ବଁଚିତ ମୀନଗୁଡ଼ାବାସୀ

**ଭବାନୀପାଟଣା, ୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବନ୍ଧକଣା ପଁଚେତ୍ ହାତୀ ନଦୀ ଖଡ଼ିଥିବାର ମୀନଗୁଡ଼ାବାସୀ ଆଜି ବି ବିକାଶର ସୂରୟ୍ କିରନ୍ ନୁହେ ଦେଖନ୍। ଗାଁର ବିକାଶରେ ମୁଖିଆ ଅସ୍‌ବିଧା ହେଉଛେ ତାର ଭୌଗୋଳିକ ଥିତି। ଗାଁବାସୀ ଆଜି ବି ଶିକ୍ଷା, ସୁଆସ୍‌ତିଅ, ରାସ୍‌ତାଘାଟ, ବିଜ୍‌ଲି ଲେଖେଁ ମଉଲିକ ସୁବିଧା ସୁଯୋଗରୁ ବଁଚିତ ହେଇ ରହିଛନ୍। ଘଁଚ୍ ଜଂଗଲ ଭିତରେ ଥିବାର ଇ ଗାଁରେ ପାଖାପାଖି ୨୫ ପରିବାର ବାସ୍ କରୁଛନ୍। କଳାହାଣ୍ଡି ଜିଲା କର୍ଲାପାଟ ଅଂଚଲର ଶେଷ ସୀମାନାରେ ମୀନଗୁଡ଼ା ଗାଁ ରହିଛେ। ଦେଶ ସ୍ୱାଧୀନ ହେବାର ବହୁତ୍ ବଛର ବିତିଯାଇଛେ, ହେଲେ କଲମପୁର ବ୍ଲକର ଦଲିପଡ଼ା ଆର ମୀନଗୁଡ଼ା ଗାଁବାସୀ ଆଜି ବି ବିକାଶ ବଏଲେ କାଣା ନୁହେ ଜାନିପାରନ୍। ଏନ୍‌ତାଥି



ମୀନଗୁଡ଼ା ଗାଁ।

ଫେର ହାତୀ ନଦୀ ଗାଁବାସୀକୁ ସବୁବେଲେ ଅଡୁଆ ପରିସ୍ଥିତିରେ ପକଉଛେ। ବର୍ଷା ଦିନେ ଗାଁବାସୀକର ଦୁଖ୍ ଦୁଇଗୁନା ହେଇଯାଉଛେ। ଗାଁବାସୀ ପଁଚେତ୍ ମହକୁମା ବନ୍ଧକଣାକେ ଯିବାକେ ହେଲେ ୨୦ କି.ମି. ରାସ୍‌ତା ବୁଲିକରି ଯାଉଛନ୍। ମୀନଗୁଡ଼ା ଆର ଦର୍ଲିପଡ଼ା ଗାଁବାସୀ କଲମପୁର ବ୍ଲକ ବନ୍ଧକଣା ପଁଚେତ୍‌ର ୪ ନମ୍ବର ୱାର୍ଡରେ ଆସୁଥିଲେ ବି ପଁଚେତ୍ ଅଫିସକେ ସିଧାସଲଖ ରାସ୍‌ତାଘାଟ ନାଁଇଁନ। ଗାଁବାସୀକୁ ତିନ୍‌ଟା ଦିଗୁ ସଂରକ୍ଷିତ ଜଂଗଲ ଘେରି ରହିଥିଲାବେଲେ ପୋଡ଼ାଗୁଡ଼ାରୁ ଇମାନକର ଯିବାର ଆଏବାର ଲାଗି ରାସ୍‌ତାଘାଟ ତିଆର ନାଇଁ ହେଇପାରି। ଯେନ୍‌ଥିରଲାଗି ମୀନଗୁଡ଼ାର ଛୁଆମାନେ ପାଠ୍‌ପଢ଼ାରୁ ବଁଚିତ୍ ହେଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ଗାଁବାସୀ ଆଜି ବି ସବୁ ପରକାର ସୁବିଧା ସୁଯୋଗରୁ ବଁଚିତ ହେଇ ରହିଥିଲାବେଲେ ଗୁଟେ ନଲ୍‌ତୁଆଁରେ ବିକାଶ ସୀମିତ ହେଇ ରହିଯାଇଛେ। ମୀନଗୁଡ଼ାର ସଂଗେ ବ୍ଲକ ପରଶାସନର ସଂଯୋଗ ନାଇଁ ରହୁଥିବାର ଲାଗି ଗାଁବାସୀ ସବୁପରକାର ମଉଲିକ ସୁବିଧାରୁ ବଁଚିତ ହେଉଥିବାର ଜନାଯାଇଛେ। ଏନ୍‌ତାକି ଅଙ୍ଗନୱାଡି କେନ୍ଦ୍ର ବି ନଦୀର ଆରଫାଲେ ଥିବାର ଲାଗି ଗାଁର ଛୋଟ ଛୋଟ ଛୁଆମାନେ ପୁଷ୍ଟିକର କାଏଦ୍ ବେବସ୍‌ତାରୁ ବଁଚିତ୍ ହେଉଛନ୍। ଇ ସବୁ ଅବେବସ୍‌ତାର ଲାଗି ଗାଁବାସୀ ଦେଢ଼ କିଲୋମିଟର ଦୂରେ ଥିବାର ଜୟପାଟଣା ବ୍ଲକର ସିନ୍ଧିକାଗୁଡ଼ା ପଁଚେତ୍‌ରେ ମୀନଗୁଡ଼ାକେ ମିଶେଇ ଦେବାକେ ଦାବି କରିଛନ୍।

# ଜଳିଗଲା ଟାଟା ମ୍ୟାଜିକ୍ ସଫାରି, ଅଳ୍ପକେ ବର୍ତ୍ତିଲେ ୬ ଯାତ୍ରୀ

**କୋକସରା/ଭବାନୀପାଟଣା, ୪।୩(ଡି.ଏନ.ଏ.)**



କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଆମପାଣି ଘାଟି ଉପରେ ସୋମବାର ପୂର୍ବାହ୍ନରେ ଏକ ଟାଟା ମ୍ୟାଜିକ୍ ସଫାରି ଗାଡିରେ ହଠାତ୍ ନିଆଁ ଲାଗି ଜଳି ଯାଇଯାଇଛି । ଏଥିରେ ବସିଥିବା ୬ ଜଣ ଯାତ୍ରୀ ଜଳନ୍ତା ଗାଡିରୁ ଡେଇଁପଡି ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରାଥମିକ ସୂତ୍ରରୁ ଜଣାପଡିଛି ଯେ, କୋକସରା ବ୍ଲକ ଡେଙ୍ଗାଗୁଡା ଗ୍ରାମର ଜଳନ୍ଧର ପାତ୍ର, (୩୫), କ୍ଷିର ପାତ୍ର (୨୮), ବନିତା ପାତ୍ର (୭), ଦେବେନ୍ଦ୍ର ଭରତିଆ (୨୧), ମଞ୍ଜୁଲତା ଭର୍ତ୍ତିଆ (୪୦), ଅନିତା ଭର୍ତ୍ତିଆ (୨୮) ୬ ଜଣ ମିଶି ସେହି ଗାଁର କବଲ୍ୟ ଭରିତିଆଙ୍କ ଟାଟା ମ୍ୟାଜିକ୍ ସଫାରି ଗାଡ଼ି (ନଂ.ଓଡି୦୮ଏଫ-୨୫୭୧)କୁ ଭଡା କରି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କେଲିଆ ଶିବ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ। ଆମପାଣି ଘାଟି ରାସ୍ତାରେ ଯାଉଥିବାବେଳେ ଚଳନ୍ତା ଗାଡିରୁ ନିଆଁ ଲାଗି ଧୁଆଁ ବାହାରିଥିଲା । ଏହା ଜାଣି ଡ୍ରାଇଭର ଗାଡିଟିକୁ ରାସ୍ତାକଡକୁ ନେଇ ଠିଆ କରିଥିଲେ। ପରେ ଡ୍ରାଇଭରଙ୍କ ସମେତ ବସିଥିବା ୬ଜଣ ଯାତ୍ରୀ ଗାଡିରୁ ଡେଇଁ ପଡିଥିଲେ। ଗାଡି ଜଳୁଥିବା ଦେଖି ସେହି ରାସ୍ତାରେ ଯାଉଥିବା ଯାତ୍ରୀମାନେ ଆମପାଣି ପୋଲିସ ଓ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ଓ ଆମପାଣି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗାଡି ଇଞ୍ଜିନରେ ସର୍ଟସର୍କିଟ ଯୋଗୁ ନିଆଁ ଲିଗିଯାଇ ପୋଡି ଯାଇଥିବା ସନ୍ଦେହ କରାଯାଉଛି ବୋଲି ଆମପାଣି ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି ।

ନାବାଳିକା ଦାଦନ ମୃତ୍ୟୁ ମାମଲା

# ଚେନ୍ନାଇ ପୋଲିସ କମିଶନରଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏଚ୍ଆରସି

**ଭବାନୀପାଟଣା,୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପାହାଡପଦର ଗାଁର ନାବାଳିକା ରତ୍ନା ଗୌଡ, ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସେଠାରେ ୯ ମହଲା କୋଠାରୁ ପଡି ପ୍ରାଣ ହରାଇଥିଲେ । ଉକ୍ତ ଘଟଣାରେ ତାମିଲନାଡୁର ଶ୍ରମ କମିଶନର ଓ ଚେନ୍ନାଇର ପୋଲିସ କମିଶନରଙ୍କୁ ରିପୋର୍ଟ ମାଗିଛନ୍ତି (ଏନ୍‌ଏଚ୍‌ଆରସି) ଜାତୀୟ ମାନବାଧିକାର କମିଶନ । ଭବାନୀପାଟଣାର ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ଏହି ମାମଲା (ନଂ. ୨୪୪/୨୨/୧୩/୨୦୧୯)କୁ ଗୁରୁତର ସହିତ ବିଚାରକୁ ନେଇ ଗତ ୨୮ ଜାନୁୟାରୀ ୨୦୧୯ରେ ଶୁଣାଣି କରିବା ସହିତ ୧ ଫେବୃୟାରୀରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରକାଶ ଥାଉକି, ପାହାଡପଦର ଗାଁର ମାନସିକ ରୋଗଗ୍ରସ୍ତ ଶ୍ୟାମ ଗୌଡଙ୍କ ନାବାଳିକା ଝିଅ ରତ୍ନା (୧୬) ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ଅମର ପ୍ରକାଶ ପ୍ରପର୍ଟି ଆଣ୍ଡ ମ୍ୟାନେଜମେଣ୍ଟ କମ୍ପାନୀ ଅଧୀନରେ କୋଠାବାଡି ନିର୍ମାଣ ଶ୍ରମିକ ଭାବରେ କାମ କରୁଥିଲେ । ଡିସେମ୍ବର ୨୮ ତାରିଖରେ କାମ କରୁଥିବା ବେଳେ ୯ ମହାଲା କୋଠାରୁ ପଡି ରତ୍ନାଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ମୃତଦେହ ଆଣିବା ପାଇଁ ପରିବାରବର୍ଗ ତାମିଲନାଡୁ ଯାଇଥିବା ବେଳେ କମ୍ପାନୀ ଅଧିକାରୀମାନେ ତାଙ୍କୁ ମାତ୍ର ୧୬୦୦୦ ଟଙ୍କା ଦେଇ ପଠାଇ ଦେଇଥିଲେ । ପ୍ରକାଶିତ ଖବର ଅନୁସାରେ କଳାହାଣ୍ଡି ଶ୍ରମ ବିଭାଗ ଅଧିକାରୀଙ୍କୁ ଏକଥା ଜଣାଇଥିଲେ ମଧ ଶ୍ରମ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଏ ବାବଦରେ ଖବର ପ୍ରକାଶ ପାଇବା ପରେ ୨ ଜାନୁୟାରୀ ୨୦୧୯ରେ ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ ।

## କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା,୪।୩(ଡି.ଏନ.ଏ.)**

ଭବାନୀପାଟଣା ସହରର ଏକ ହୋଟେଲଠାରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭବାନୀପାଟଣାସ୍ଥିତ ମହିଳା କଲେଜରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅଧ୍ୟାପିକା ଓ ସହାୟିକା ନିଯୁକ୍ତି ନ କରି କଳାହାଣ୍ଡିର ଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ପରେ କଳାହାଣ୍ଡିରେ ସହବନ୍ଧନ କ୍ଷମତାଯୁକ୍ତ ବିଶ୍ୱବିଦ୍ୟାଳୟ ଓ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନକୁ ପୁଣି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିଭଳି ଖଇରପଦରର କାଷ୍ଠ ଶିଳ୍ପୀ ମୁରଲୀ ମହାରଣାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିବା ଓ କଳାହାଣ୍ଡିର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ପୁସ୍ତିକା ପ୍ରକାଶ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ପ୍ରଫେସର ରଜନୀକାନ୍ତ ବେହେରା, ବିପିନ ବିହାରୀ ପଣ୍ଡା, ଜଗନ୍ନାଥ ମୁଣ୍ଡ, ମାହେଶ୍ୱରୀ ଦାସ, କୃଷ୍ଣାବତାର ଦେଓ, ବିଶ୍ୱନାଥ ହୋତା, ଅକ୍ଷୟ ନନ୍ଦ ପ୍ରମୁଖ ଉଦବୋଧନ ଦେଇଥିଲେ।

ସ୍ୱାମୀଙ୍କ ମୃତ୍ୟୁର ତଦନ୍ତ ଦାବି

# ଭବାନୀପାଟଣାରୁ ଯାଇ ଯନ୍ତରମନ୍ତରରେ ସ୍ତ୍ରୀଙ୍କ ଧାରଣା

**ଭବାନୀପାଟଣା,୪।୩(ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ନକଟିଗୁଡା ଟିଭି ସେଣ୍ଟର ପଡାର ଜଣେ ବିଧବା ମହିଳା ସ୍ୱାମୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦେଇଛନ୍ତି । କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଏକ ବର୍ଷ ଧରି ଧାରଣା ଦେବା ପରେ ବି ଉଭୟ ଜିଲା ପ୍ରଶାସନ ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବା ପ୍ରତିବାଦରେ ଦିଲ୍ଲୀଠାରେ ଧାରଣା ଦେବା ଘଟଣା ଏବେ ଆଲୋଡନ ସୃଷ୍ଟି କରିଛି। ଅଭିଯୋଗ ଅନୁସାରେ, ବଜାରପଡାର ଅବଦୁଲ ହବିବଙ୍କ ସହ ହିନ୍ଦୁ ସମ୍ପ୍ରଦାୟର ଜଣେ ମହିଳାଙ୍କ ପ୍ରେମ ହୋଇଯାଇଥିଲା ୧ ସେମାନେ ମୁସଲିମ ନିୟମ ଅନୁସାରେ ମସଜିଦରେ ବିବାହ କରିଥିଲେ । ମହିଳା ଜଣକ ମୁସଲିମ ଧର୍ମ ଗ୍ରହଣ କରି ସାହିଦା ବେଗମ ନାମରେ ନିଜର ପରିଚୟ ସୃଷ୍ଟି କରିଥିଲେ । ୧୯୯୯ ଏପ୍ରିଲ ୩୦ ତାରିଖରେ ଅବଦୁଲ ହବିବଙ୍କ ମୃତ୍ୟୁ ଘଟିଥିଲା । ଅବଦୁଲଙ୍କ ମୃତ୍ୟୁ ପରେ ପରିବାର ଲୋକେ ହିନ୍ଦୁ ସମ୍ପ୍ରଦାୟର ମହିଳା ବୋଲି ତାଙ୍କର ସ୍ତ୍ରୀ, ପୁଅ ଓ ୨ ଝିଅଙ୍କୁ ମାଡମାରି ଘରୁ ବାହାର କରିବା ସହିତ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରିଥିଲେ । ଅନ୍ୟ ଉପାୟ ନ ପାଇ ପୁଅଝିଅଙ୍କୁ ଧରି ସାହିଦା ଅନ୍ୟତ୍ର ରହୁଛନ୍ତି । ଏ ନେଇ ସାହିଦା ବେଗମ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ସାହିଦା ଅଭିଯୋଗ କରିଛନ୍ତି । ଏ ପର୍ଯ୍ୟନ୍ତ ସ୍ୱାମୀ ଅବଦୁଲ ହବିବଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣା ସତ୍ୟତା ଅନୁସନ୍ଧାନ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସାହିଦା ବେଗମ, ଝିଅ ରୁବିନା ବେଗମ, ରୁକସାନା ବେଗମ ଓ ପୁଅ ସଲମାନ ଖାନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଏକ ବର୍ଷ ଧରି ଧାରଣା ଦେଇଥିଲେ । କିନ୍ତୁ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡିଶା ମୁଖ୍ୟ ଶାସନ ସଚିବଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା । ଏହି ନିର୍ଦ୍ଦେଶକୁ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏକବର୍ଷ ପରେ ମଧ୍ୟ କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିଲେ । ଏଠାରୁ ନିରାଶ ହେବା ପରେ ନ୍ୟାୟ ପାଇବା ପାଇଁ ସାହିଦା ବେଗମ ଓ ତାଙ୍କ ଝିଅ ରୁକସାନା ବେଗମ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦେଇଛନ୍ତି ।




ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସାହିଦା ବେଗମ ଓ ତାଙ୍କ ଝିଅ ରୁକସାନା ଧାରଣା ଦେଇଛନ୍ତି।

# ଟେଲି ଫିଲ୍ମରେ ଅଭିନେତ୍ରୀ ଲୋଚନି ବାଗ ପାଇଲେ ସ୍ୱତନ୍ତ୍ର ଜୁରି ପୁରସ୍କାର

**ଭବାନୀପାଟଣା,୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନକଟିଗୁଡା ନିବାସୀ ଚଳଚିତ୍ର ଓ ଟେଲିଫିଲ୍ମ ଅଭିନେତ୍ରୀ ଲୋଚନୀ ବାଗ ୨୯ତମ ରାଜ୍ୟ ଚଳଚିତ୍ର ଓ ଷଷ୍ଠ ରାଜ୍ୟ ଟେଲି ପୁରସ୍କାର ଉତ୍ସବରେ ଟେଲିଫିଲ୍ମ 'ରାଗ୍‌ଡ' ପାଇଁ ସ୍ୱତନ୍ତ୍ର ଜୁରି ପୁରସ୍କାର ପାଇଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟ ଚଳଚିତ୍ର ଓ ଟେଲି ପୁରସ୍କାର ଉତ୍ସବରେ ବାଗଙ୍କୁ ଟେଲିଫିଲ୍ମ ପାଇଁ ସ୍ୱତନ୍ତ୍ର ଜୁରି ପରୁସ୍କାର ୨୦୧୮ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାଏକ, ଲୋକ ସଭା ସଦସ୍ୟ ପ୍ରଶନ୍ନ ପାଟଶାଣୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅତିଥି ଭାବରେ ଯୋଗଦେଇଥିଲେ। ଅଭିନେତ୍ରୀ ଲୋଚନୀ ବାଗ ରାଗ୍‌ଡ, ଗୁଞ୍ଜା, ଉଆଁସି ରାତିର ତରା, ହ୍ୱାଏ, ସୋଚ୍, ଥିଙ୍କସ୍ ଟେଲିଫିଲ୍ମରେ ଅଭିନୟ କରିବା ସହ ୫ଟି ଚଳଚିତ୍ର ଆଦିମ ବିଚାର, ପାହଡର ଲୁହ, ତୁଳସି ଅପା, ପାପି ଓ ଶଲାବୁଢାର ବଦଲାରେ ଅଭିନୟ କରିଛନ୍ତି। ବାଗ ୨୦୧୪ରେ ଆଦିମ ବିଚାର ଚଳଚିତ୍ର ପାଇଁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ପୁରସ୍କାର ପାଇଥିଲେ। ଲୋଚନୀଙ୍କ ଏହି ସଫଳତା ପାଇଁ କଳାହାଣ୍ଡି କଳାକାର ସଂଘ, କାରୁଣ୍ଡ କଳାମଣ୍ଡପ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, କାରୁଣ୍ଡ କଳା କେନ୍ଦ୍ର, ସମେତ ବହୁ ଅଭିନେତାଅଭିନେତ୍ରୀ ଅଭିନନ୍ଦନ ଜଣାଇଛନ୍ତି।



ଲୋଚନୀ ବାଗଙ୍କୁ ପୁରସ୍କୃତ କରାଯାଉଛି।

# ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରି, ଜାଗର ଯାତ୍ରା

**ଭବାନୀପାଟଣା,୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରି, ଜାଗର ଯାତ୍ରା ସୋମବାର ପାଳିତ ହୋଇଯାଇଛି । ଶିବରାତ୍ର ଉପଲକ୍ଷେ ବିଭିନ୍ନ ଶୈବପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି । ଭବାନୀପାଟଣା ସହରର ଭବାନୀଶଙ୍କର ଓ ଭଣ୍ଡେଶ୍ୱର ମନ୍ଦିର, ମହାବୀର ପଡାସ୍ଥିତ ଶିବ ମନ୍ଦିର, ଜଳେଶ୍ୱର ମନ୍ଦିର ସମେତ କନ୍ଦବାନ୍ଦୋପଲାସ୍ଥିତ ରାମେଶ୍ୱର ମହାଦେବଙ୍କ ମନ୍ଦିର, ଇଚ୍ଛାପୁରର ଅଷ୍ଟଶମ୍ଭୁ ମନ୍ଦିର, ଦେପୁରର ଧବଳେଶ୍ୱର ମନ୍ଦିର, ଦାଦ୍‌ପୁରର ନୀଳ କଣ୍ଠେଶ୍ୱର ମନ୍ଦିର, ଛତିକୁଡାର ଶିବ ମନ୍ଦିର, ଭବାନୀପୁରର ଭୁବନେଶ୍ୱର ମନ୍ଦିର, ବାନ୍ଦୋପଲାର ରାମେଶ୍ୱର ମନ୍ଦିର ସମେତ ଜିଲାର ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି। କନ୍ଦବାନ୍ଦୋପଲାଠାରେ ସୋମବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା, ମନ୍ଦିରକୁ ଶିବଶକ୍ତି ଦର୍ଶନ ସକାଶେ ଆସୁଥିବା ଭକ୍ତମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ସହିତ ସନ୍ଧ୍ୟାରେ ମହାଦୀପ ଉଠିଥିଲା । ଭବାନୀପାଟଣାସ୍ଥିତ ଭବାନୀଶଙ୍କର ମନ୍ଦିରରେ ସନ୍ଧ୍ୟା ୬ଟାରେ ମହାଦୀପ ଉଠିଯାଇଥିଲା । ୪ ପ୍ରହର ଆଳତୀ ଓ ହରିହର ଭେଟ ଅନୁଷ୍ଠିତ ହୋଇଥିଲା । ହରିହର ଭେଟ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ସେହିପରି ଜଳେଶ୍ୱର ମନ୍ଦିରରେ ରାତି ୧୨ଟାରେ ମହାଦୀପ ଉଠିଥିଲା । ଚଳିତବର୍ଷ ସହରର ପୁରୁଣାପଡାଠାରେ ନବନିର୍ମିତ ବାଲୁଙ୍କେଶ୍ୱର ଶିବ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରରେ ମଧ ଦିନତମାମ ପ୍ରବଳ ଭିଡ ଜନସମାଗମ ହୋଇଥିଲା। ଇଚ୍ଛାପୁର ଅଷ୍ଟଶମ୍ଭୁ ମନ୍ଦିର, ଦେପୁରର ଧବଳେଶ୍ୱର ମନ୍ଦିର, ଦାଦ୍‌ପୁରର ନୀଳ କଣ୍ଠେଶ୍ୱର ମନ୍ଦିର, ଛତିକୁଡାର ଶିବ ମନ୍ଦିର, ଭବାନୀପୁରର ଭୁବନେଶ୍ୱର ମନ୍ଦିର, ଚାନ୍ଦୋପଲା ଧବଳେଶ୍ୱର ମନ୍ଦିର, ନର୍ଲା ବ୍ଲକର ତୁଲାପଡା ଆଦି ଶିବ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଜନଗହଳି ଲାଗିଥିଲା ।



ଐତିହାସିକ ଶୈବପୀଠ ବେଲଖଣ୍ଡିରେ ଭକ୍ତଙ୍କ ଲମ୍ବା ଲାଇନ ।



ଭବାନୀପାଟଣାସ୍ଥିତ ଶିବମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଲାଇନ୍ ଲଗାଇଛନ୍ତି।

**ଜୁନାଗଡ, (ଡି.ଏନ.ଏ.)**
ଜୁନାଗଡ ବ୍ଲକ୍ ଅଞ୍ଚଳରେ ଥିବା ବିଭିନ୍ନ ଶିବ ମନ୍ଦିରରେ ସୋମବାର ମହାସମାରୋହରେ ଶିବରାତ୍ରି ପାଳିତ ହୋଇଯାଇଛି। ଟିଟିଚୈଗୁଡାସ୍ଥିତ ଐତିହାସିକ ନୀଳ କଣ୍ଠେଶ୍ୱର ମନ୍ଦିରରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ନିଜର ମନସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନେ ଶିବଙ୍କୁ ଦର୍ଶନ କରି ସେଠାରେ ଚାଲିଥିବା ନାମଯଜ୍ଞରେ ସାମିଲ ହୋଇଥିଲେ। ସେହିପରି ଜୁନାଗଡ ସହରର ବିଶେଶ୍ୱର, ଛୋରିଆଗଡର କାଳେଶ୍ୱର, ପିଲିକିଆର ଧବଳେଶ୍ୱର, କଳିଆକୁଣ୍ଡଳର ନୀଳକଣ୍ଠେଶ୍ୱର, ବାଲିଛଡାର ଧବଳେଶ୍ୱର, ନୂଆଗୁଡାର ଶିବ ଚଣ୍ଡୀ, ଭେଜିପଦରର ଝାଡେଶ୍ୱର, ଯମୁନାବାହାଲର ମହାକାଳେଶ୍ୱର, କାନ୍ଦୁଲଗୁଡାର ମୁକ୍ତେଶ୍ୱର ଓ ମିଚାଗାଁର ପାତାଳେଶ୍ୱର ଆଦି ଶିବ ମନ୍ଦିରରେ ମଧ ମହାଶିବରାତ୍ରି ଧୁମଧାମରେ ପାଳନ ହୋଇଥିଲା।

**ମୋହନଗିରି, (ଡି.ଏନ.ଏ.)**
ମ.ରାମପୁର ବ୍ଲକ ମୋହନଗିରିର ଐତିହାସିକ ଧବଳେଶ୍ୱର ପୀଠରେ ସୋମବାରଠାରୁ ମହାଶିବ ରାତ୍ରି ମେଳା ଓ ଯାଗର ଯାତ୍ରା ଅନୁଷ୍ଠିତ ହେଉଛି। ରାତି ୧୨ଟାରେ ଧବଳେଶ୍ୱରଙ୍କଠାରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି । ଏହି ମେଳା ଆସନ୍ତ ୮ ତାରିଖରେ ମା' ଚଣ୍ଡିଙ୍କ ପୀଠରେ ବୋଦା ବଳି ସହ ଉଦ୍‌ଯାପନ ହେବା କାର୍ଯ୍ୟକ୍ରମ ରହିଛି । ମନ୍ଦିର ପରିଚାଳନା କମିଟି ତରଫରୁ ମେଳାରେ ପ୍ରତିଦିନ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ହେଉଥିବାରୁ ରାତିରେ ମଧ ଦର୍ଶକଙ୍କ ଭିଡ ଲାଗିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସିଆରପିଏଫ ଯବାନ ମୁତୟନ ହେବା ସହିତ ସ୍ଥାନୀୟ ପୋଲିସ ତରଫରୁ ମଧ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**ରିଷିଡ଼ା, (ଡି.ଏନ.ଏ.)**
କଳାହାଣ୍ଡି ଜିଲାର ଐତିହାସିକ ଶୈବପୀଠ ବେଲଖଣ୍ଡିରେ ସକାଳୁ ମନ୍ଦିର ପରିସରରେ ଲମ୍ବା ଲାଇନ ଦେଖିବାକୁ ମିଳିଛି । ଏଠାରେ ଜାଗର ମେଳା ଆରମ୍ଭ ହୋଇ ଥିବାରୁ ଭକ୍ତଙ୍କ ସମାଗମ ହୋଇଛି । ସେହିପରି ରିଷିଡ଼ା, ରାଜପୁର, ବଡଡୁଙ୍ଗୁରୀଗୁଡାରେ ଥିବା ଶୈବପୀଠରେ ଭକ୍ତଙ୍କ ସମାଗମ ହୋଇଛି।

**ଲାଞ୍ଜିଗଡ,(ଡି.ଏନ.ଏ.)**
ଶିବରାତ୍ରକୁ ନେଇ ଲାଞ୍ଜିଗଡ ସହର ଚଳଚଞ୍ଚଳ ଓ ଉତ୍ସବ ମୁଖର ହୋଇଛି । ମହାଦେବଙ୍କ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁ ରାତି ୩ଟାରୁ ଲମ୍ବାଧାଡିରେ ଛିଡା ହୋଇଥିଲେ। ବ୍ଲକର ଲାଞ୍ଜିଗଡ, ଲଙ୍ଗଲବେଡା, ବିଶ୍ୱନାଥପୁର, କେସପଲ୍ଲା, ଡଙ୍ଗାଜୋର, ପାଇକବୋରି ଏଭଳି ବିଭିନ୍ନ ଶୈବପୀଠରେ ଦିନ ତମାମ ଭକ୍ତଙ୍କ ଭିଡ ଜମିଥିବା ବେଳେ ଶଙ୍ଖ, ଘଣ୍ଟ ଓ ହୁଳହୁଳୀ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଛି । ବିଶ୍ୱନାଥପୁର ଶୈବ ପୀଠରେ ରାତି ୧୨ଟାରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ବାତେରଲିମାଠାରେ ଅଷ୍ଟପ୍ରହର ନାମଯଜ୍ଞର ଆୟୋଜନ କରାଯାଇଛି । ଏହି ଜାଗର ଯାତ୍ରାକୁ ଆଖିଆଗରେ ରଖି ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୃତୟନ କରାଯାଇଛି ।

# ଜାଗର ମେଳା, ଶୈବପୀଠ ଚଳଚଞ୍ଚଳ

**ରାଉରକେଲା ଅଫିସ,୪।୩**

ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ସମେତ ସହରର ସମସ୍ତ ଶିବ ମନ୍ଦିରରେ ଜାଗର ଉପଲକ୍ଷେ ସୋମବାର ସକାଳୁ ଭିଡ଼ ଲାଗି ରହିଥିଲା। ଅଧିକାଂଶ ମନ୍ଦିର କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ କରାଯାଇଛି। ବାବା ଭୋଳାନାଥଙ୍କୁ ଦର୍ଶନ କରିବାକୁ ଦିନତମାମ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ତର୍କେରା ମନ୍ଦିରରେ ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ଠିଆହୋଇ ରହିଥିଲେ। ମନ୍ଦିର ବେଢ଼ାରେ ଉପବାସ ରଖିଥିବା ବ୍ରତଧାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୀପ ଜାଳି ମହାଦୀପ ଉଠିବ ପର୍ଯ୍ୟନ୍ତ ଉଜାଗର ରହିଥିଲେ ଶିବ ଉପାସକ। ଏହି ଅବସରରେ ସେକ୍ଟର-୩ ଅହିରାବନ୍ଧ ମନ୍ଦିର ପରିସରରେ ଥିବା ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ହନୁମାନ ବାଟିକା, ବାସନ୍ତୀ କଲୋନୀ, ଉଦିତନଗର ଓ ଛେଣ୍ଡ ଅଞ୍ଚଳରେ ଥିବା ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଫର୍ଟିଲାଇଜର ଜଗନ୍ନାଥ ମନ୍ଦିର ପରିସର ଶିବମନ୍ଦିର, ଟାଉନଶିପ ଚିପ୍ ଟାଇପ ମାର୍କେଟ ଆଖଣ୍ଡଳମଣି ମନ୍ଦିର, ରଙ୍ଗିଲା ଛକ, ଜଲଦା, ଆଇଡିଏଲ୍, ମଡର୍ନ ଇଣ୍ଡିଆ ଆଦି ଅଞ୍ଚଳରେ ଥିବା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଅନେକ ମନ୍ଦିର ପରିସରରେ ବ୍ୟାରିକେଡ୍ ବ୍ୟବସ୍ଥା ସହ ପୋଲିସ ମୁତୟନ କରାଯାଇଥିଲା।


ସେକ୍ଟର-୩ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ଉପାସନା କରୁଛନ୍ତି।

# ଆରମ୍ଭ ହେଲା ପ୍ରସିଦ୍ଧ ବେଦବ୍ୟାସ ମେଳା

**ବେଦବ୍ୟାସ,୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ପ୍ରସିଦ୍ଧ ବେଦବ୍ୟାସ ମେଳା ସୋମବାର ମହାଶିବରାତ୍ରି ଅବସରରେ ଉଦ୍‌ଘାଟିତ ହୋଇଛି। ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡା ଫିତାକାଟି ମେଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ସମ୍ପାଦକ ଅନୁପମ ରାୟ, ଟ୍ରଷ୍ଟି ପ୍ରମୋଦ କୁମାର ପ୍ରଧାନ, ଟ୍ରଷ୍ଟ ବୋର୍ଡର ଅସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ ଚନ୍ଦ୍ର କୌଶିକ, ପାନପୋଷ ଏସ୍‌ଡିପିଓ ଅସୀମ ପଣ୍ଡା, ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାତି ୩ଟାରେ ଚନ୍ଦ୍ରଶେଖର ଦେବ ଓ ବାଲୁଙ୍କେଶ୍ୱର ଦେବଙ୍କ ମହାଦୀପ ଉଠିବା କାର୍ଯ୍ୟକ୍ରମ ରହିଛି। ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଚନ୍ଦ୍ରଶେଖର ଦେବଙ୍କର ଏବଂ ରାଉରକେଲା ଏଡିଏମ୍ ଡ. ୟାଦୁଲ୍ଲା ବିଜୟ ବାଲୁଙ୍କେଶ୍ୱର ଦେବଙ୍କ ମହାଦୀପ ଉଠାଇବେ ବୋଲି ସୂଚନା ମିଳିଛି।


ଜିଲାପାଳ ରଶ୍ମିତା ପଣ୍ଡା ଆନୁଷ୍ଠାନିକ ଭାବେ ବେଦବ୍ୟାସ ମେଳା ଉଦ୍‌ଘାଟନ କରୁଛନ୍ତି।

# ସିଆର୍‌ପିଏଫ୍ ପକ୍ଷରୁ ଚକ୍ଷୁରୋଗୀଙ୍କୁ ଚଷମା ବଣ୍ଟନ

**ରାଉରକେଲା ଅଫିସ,୪।୩**

ମାଓ ଉପଦ୍ରୁତ ଗୁରୁଣ୍ଡିଆ ଅଞ୍ଚଳରେ ସିଆର୍‌ପିଏଫ୍‌ର ୧୯ନଂ ବାଟାଲିୟନ ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣ ନିମନ୍ତେ ବହୁବିଧ ପଦକ୍ଷେପ ନିଆଯାଉଛି। ସୋମବାର ଅଞ୍ଚଳର ଅନେକ ବୃଦ୍ଧା, ବୃଦ୍ଧ ଓ ସାମାଜିକ ପଛୁଆ ବର୍ଗଙ୍କ ଦୃଷ୍ଟି ଦୋଷ ନେଇ ଚଷମା ବଣ୍ଟନ କରାଯାଇଛି। ପୂର୍ବରୁ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଚକ୍ଷୁ ଚିକିତ୍ସାଳୟ ଡାକ୍ତରଙ୍କ ଦ୍ୱାରା ଏମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ମୋଟ ୪୫ ରୋଗୀଙ୍କୁ ଚଷମା ବଣ୍ଟନ ସହ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଛି। ଏଥିରେ ଚେନ୍ନାଇ ରେଞ୍ଜର ଡିଆଇଜିପି ଏସ୍. ଇଲାଙ୍ଗୋ, ୧୦ତମ ବାଟାଲିୟନ କମାଣ୍ଡାଣ୍ଟ ରାଜେଶ କୁମାର, ବରିଷ୍ଠ ଅଧିକାରୀ ଗୋପାଳ ଗୁପ୍ତା, ଡାକ୍ତର ଅଶ୍ୱିନୀ କୁମାର, ପ୍ରମୋଦ କୁମାରଙ୍କ ସମେତ ଗୁରୁଣ୍ଡିଆ ଥାନାଧିକାରୀ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ମାଓ ଉପଦ୍ରୁତ ମାଓବାଦୀଙ୍କଠାରୁ ଦୂରେଇ ରହିବା ଅଞ୍ଚଳର ନିରୀହ ଆଦିବାସୀଙ୍କୁ ନେଇ ସିଆର୍‌ପିଏଫ୍ ୨୦୦୯ରୁ ବ୍ୟାପକ ପଦକ୍ଷେପ ନେଉଛି। ଏମାନଙ୍କ ସାମାଜିକ ଚାଲିଚଳଣି ସହ ସାମିଲ ହେବା, ଖେଳକୁଦ ନେଇ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା, ଖେଳ ସାମଗ୍ରୀ ଆଦି ବଣ୍ଟନ କରିବା, ମେଡିକାଲ କ୍ୟାମ୍ପ ଆୟୋଜନ କରି ମାଗଣାରେ ଔଷଧ ବଣ୍ଟନ ଆଦି କାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଛି। ସିଭିକ ଆକ୍ସନ ପ୍ରୋଗ୍ରାମ ମାଧ୍ୟମରେ ମାଓ ଉପଦ୍ରୁତ ଅଞ୍ଚଳରେ ନିୟମିତ ଖେଳକୁଦ ଆୟୋଜନ କରାଯାଇ ଗ୍ରାମୀଣ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରାଯାଉଛି। ଭ୍ରମରେ ପଡ଼ି ଯେମିତି ବେକାର ଯୁବକ ଯୁବତୀ ମାଓ କବଳିତ ନ ହୁଅନ୍ତି ସେ ଦିଗରେ ବାଟାଲିୟନ ଦୃଢ଼ ପଦକ୍ଷେପ ନେଉଛି। ଆଦିବାସୀ ଗ୍ରାମୀଣ ଅଞ୍ଚଳରେ ବିକାଶ ଓ ଶିକ୍ଷାର ପ୍ରଗତି ଦିଗରେ ପରୋକ୍ଷ ସହାୟତା କରୁଛି ସିଆର୍‌ପିଏଫ୍। ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପଥଭ୍ରଷ୍ଟ ଯୁବକଙ୍କୁ ପରାମର୍ଶ ଦିଆଯାଉଛି ବୋଲି ଏଥିରେ ଉପସ୍ଥିତ ବରିଷ୍ଠ ଅଧିକାରୀ ସୂଚନା ଦେଇଥିଲେ।


ସିଆର୍‌ପିଏଫ୍ ୧୯ନଂ ବାଟାଲିୟନ ପକ୍ଷରୁ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳର ଚକ୍ଷୁ ରୋଗୀଙ୍କୁ ଚଷମା ବଣ୍ଟନ କରାଯାଉଛି।

# ସୁବାସ ଲେଙ୍କାଙ୍କୁ ଉତ୍କଳ ପ୍ରତିଭା ସମ୍ମାନ

**ରାଉରକେଲା ଅଫିସ,୪।୩**

ଭଦ୍ରକ ଜିଲା ଧାମନଗରରେ ଶିବମ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଛି। ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲାର ଜଣାଶୁଣା କବି, ଲେଖକ ସୁବାସ ଲେଙ୍କାଙ୍କୁ ଉତ୍କଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବରୁ କବି ଲେଙ୍କା ରାଜ୍ୟର ବିଭିନ୍ନ ସାହିତ୍ୟାନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସାହିତ୍ୟ କ୍ଷେତ୍ରରେ ଲେଙ୍କାଙ୍କ ଅନୁଭୂତି, ଅବଦାନ ଓ ତାଙ୍କ ରଚିତ ବିଭିନ୍ନ ଭାଷାର ୪୮ ପୁସ୍ତକ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ମିଳିଛି। ରେଳବାଇ ଚାକିରି କରିଥିବା ଲେଙ୍କାଙ୍କ ସାହିତ୍ୟକୃତୀ ଅନ୍ୟ ଭାଷାରେ ମଧ୍ୟ ଅନୁବାଦିତ ହୋଇସାରିଛି। ସେ ଭାରତ ସରକାରଙ୍କ ଦ୍ୱାରା ରାଜଭାଷା ସମ୍ମାନ ସହ ଶାରଳା ସାହିତ୍ୟ ସମ୍ମାନ, ଉତ୍କଳ ରତ୍ନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଉପାଧି ଭଳି ଏକାଧିକ ପୁରସ୍କାର ପାଇଛନ୍ତି।


କବି ସୁବାସ ଲେଙ୍କାଙ୍କୁ ଭଦ୍ରକ ଜିଲା ଧାମନଗର ଶିବମ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଉଛି।

# ବିଜୁବାବୁଙ୍କ ୧୦୩ତମ ଜୟନ୍ତୀ ପାଳନ ପ୍ରସ୍ତୁତି

**ସୁନ୍ଦରଗଡ଼,୪।୩(ଡି.ଏନ୍.ଏ.)**

ପ୍ରବାଦପୁରୁଷ ତଥା ଆଧୁନିକ ଓଡ଼ିଶାର ନିର୍ମାତା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପାଳନ ପାଇଁ ଦଳୀୟ କର୍ମକର୍ତ୍ତାମାନେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ସକାଳ ୯ଟାରେ ରାଣୀବଗିଚା ବାଇପାସସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ୧୦ଟାରେ ସରକାରୀ ମୁଖ୍ୟ ଡାକ୍ତରଖାନାରେ ଫଳ ବଣ୍ଟନ କରାଯିବ। ମଧ୍ୟାହ୍ନରେ ଡିଆର୍‌ଡିଏ ଛକରେ ସରବତ ବଣ୍ଟନ କରାଯିବ। ସନ୍ଧ୍ୟା ୫ଟାରେ ଏକ ଶୋଭାଯାତ୍ରା ଡିଆର୍‌ଡିଏ ଛକରୁ ପାଲ ହୋଟେଲ ଛକ ପର୍ଯ୍ୟନ୍ତ ପରିକ୍ରମା କରିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରସ୍ତୁତି ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା କୁସୁମ ଟେଟେ, ଲଲାଟ ପରିଡ଼ା, ହରଜେନ୍ଦ୍ର ସିଂ, ପଞ୍ଚା ବାର୍ଲା, ଉମେଶ ଶର୍ମା, ଗୋବିନ୍ଦ ପଟେଲ, ଗୋପ ମହାନ୍ତି, ଜୟନାରାୟଣ ତ୍ରିପାଠୀ, ନିମାଇଁ ନାଏକ, ପ୍ରମୁଖ ଉପସ୍ଥିତ ଥିଲେ।

# ରାମମନ୍ଦିର ପୂର୍ଣ୍ଣାଙ୍ଗ ନେଇ ପଦକ୍ଷେପ ନିଆଯାଉଛି

**ରାଉରକେଲା ଅଫିସ,୪।୩**

ସେକ୍ଟର-୧୫ସ୍ଥିତ ରାଧାକୃଷ୍ଣ ସେବା ସମିତି ଆନୁକୂଲ୍ୟରେ ରାମମନ୍ଦିର ସ୍ଥାପନ ନେଇ ପଦକ୍ଷେପ ଦ୍ୱରାନ୍ୱିତ କରାଯାଇଛି। ମନ୍ଦିର ଛାତପକା ନେଇ ସୋମବାର ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ମନ୍ଦିର ନିର୍ମାଣ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ସୁକତା ଲାଗିଥିବାବେଳେ ଏହାକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି କର୍ମକର୍ତ୍ତା ପ୍ରମୋଦ ରାଜ, ନାରାୟଣ ମହନ୍ତ ଓ ପ୍ରଦୀପ ପଟ୍ଟନାୟକ ପ୍ରମୁଖ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ପୋଲିସ ହେପାଜତରୁ ନାବାଳକ ଅଭିଯୁକ୍ତ ଚମ୍ପଟ

**ବାରିପଦା ଅଫିସ, ୪।୩**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାରେ ହୋଇଥିବା ଏକ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ଜଣେ ନାବାଳକ ଅଭିଯୁକ୍ତଙ୍କୁ ବାରିପଦା ଟାଉନ ପୋଲିସ ସୋମବାର କିଶୋର ନ୍ୟାୟବୋର୍ଡର ଜଜ୍ ଶାନ୍ତନୁ କୁମାର ଦାସଙ୍କ କୋର୍ଟରେ ହାଜର କରାଇଥିଲା। ସେଠାରୁ ଫେରୁଥିବା ବେଳେ ଉକ୍ତ ନାବାଳକ ୨ଜଣ ପୋଲିସ ଏସକର୍ଟଙ୍କୁ ଚକ୍‌ମା ଦେଖାଇ ଚମ୍ପଟ ମାରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଉକ୍ତ ନାବାଳକ ଧରାପଡ଼ି ନ ଥିବା ଜଣାଯାଇଛି।

ବାରିପଦା ଟାଉନ ଥାନାରେ ପୂର୍ବରୁ ମୋବାଇଲ ଚୋରି ସମ୍ପର୍କିତ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବାରିପଦା ଟାଉନ ଥାନା ଅଧୀନ ୧୯ନମ୍ବର ୱାର୍ଡର ଜଣେ ୧୭ବର୍ଷର ନାବାଳକ ସମ୍ପୃକ୍ତ ରହିଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏନେଇ ପୋଲିସ ଉକ୍ତ ନାବାଳକଙ୍କୁ ନିଜ ହେପାଜତକୁ ନେଇଥିଲା। ସୋମବାର ବାରିପଦା ଟାଉନ ପୋଲିସ ଉକ୍ତ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡର ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜଜ୍ ଉକ୍ତ ନାବାଳକଙ୍କୁ ଅନୁଗୁଳସ୍ଥିତ ବାଳସୁଧାର ଗୃହକୁ ପଠାଇଥିଲେ। ତେବେ ସେଠାରୁ ଫେରୁଥିବା ବେଳେ ଉକ୍ତ ନାବାଳକ ଫେରାର ହୋଇଯାଇଥିଲେ।

# ସେବାସଦନରୁ ଛାତ୍ରୀ ଗାଏବ

**ଜି.ଉଦୟଗିରି,୪।୩(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଜି.ଉଦୟଗିରିସ୍ଥିତ ଏକ ସେବାସଦନରୁ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ପରିବାର ଲୋକଙ୍କ ଅଗୋଚରରେ ପୋଷ୍ୟ ଗ୍ରହଣ (ଆଡପ୍‌ଶନ୍) ପାଇଁ କଲିକତା ପଠାଇଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀଙ୍କ ପିଇସା ଦାରିଙ୍ଗବାଡି ଥାନା ଟେକାବାଡି ଗ୍ରାମର ଶର୍ମା ପ୍ରଧାନ ସୋମବାର ଜି.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ତାଙ୍କ ଝିଆରୀଙ୍କ ବାପା, ମା'ଙ୍କ ମୃତ୍ୟୁପରେ ସିଡବ୍ଲ୍ୟୁସି ଜରିଆରେ ନାବାଳିକାଙ୍କୁ ଜି.ଉଦୟଗିରି ସେବାସଦନରେ ଛାଡିଥିଲେ। ସେ ୨୦୧୫ରୁ ସେଠାରେ ରହି ପଢୁଥିଲେ। ଗତ ୨୭ ତାରିଖରେ ଝିଆରିଙ୍କୁ ଦେଖା କରିବାକୁ ଆସିଥିବାବେଳେ ସେବାସଦନର ନ ଥିବା ଅଧିକାରୀମାନେ କହିଥିଲେ। ଏନେଇ ଫୁଲବାଣୀ ଶିଶୁ ମଙ୍ଗଳ କମିଟିକୁ ଯାଇ ପଚାର ବୋଲି କହିଥିଲେ। ଫୁଲବାଣୀ ଶିଶୁ ମଙ୍ଗଳ କମିଟି ଅଧିକାରୀଙ୍କୁ ଯାଇ ପଚାରିବାରୁ ଝିଅଟିକୁ ଆଡପଶନ୍ ପାଇଁ କଲିକତା ପଠାଯାଇଛି ବୋଲି କହିଥିଲେ। ତାଙ୍କୁ ନ ଜଣାଇ କିପରି ଆଡପ୍‌ଶନ ପାଇଁ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତୁରନ୍ତ ତାଙ୍କ ଝିଆରୀଙ୍କୁ ଫେରାଇ ଆଣିବା ସହ ଆଡପ୍‌ସନ ପାଇଁ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶର୍ମା ଦାବି କରିଛନ୍ତି। ଏ ନେଇ ଜି. ଉଦୟଗିରି ଥାନା ଏଏସ୍‌ଆଇ ଅହଲ୍ୟା ବେହେରାଙ୍କୁ ପଚାରିବାରୁ, ସିଡବ୍ଲ୍ୟୁସି ଫୁଲବାଣୀକୁ ସେ ତାଙ୍କ ଝିଆରିଙ୍କୁ ହସ୍ତାନ୍ତର କରିଥିଲେ। ମାମଲା ଫୁଲବାଣୀରେ ହେବ ନାଁ ଜି. ଉଦୟଗିରିରେ ସେ ନେଇ ନିଷ୍ପତ୍ତି ହେବା ପରେ ଯାଇ ସେ କିଛି କହିପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ ଫୁଲବାଣୀ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ବେହେରାଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ଆଡପଶନ ପାଇଁ ପଠାଯାଇଛି। ତଥାପି ସେମାନଙ୍କ ଅଭିଯୋଗ ପାଇଲେ ଆବଶ୍ୟକ ତଦନ୍ତ କରାଯିବ ବୋଲି କହିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



# ଜାଗର ମେଳା, ଶୈବପୀଠ ଚଳଚଞ୍ଚଳ

**ରାଉରକେଲା ଅଫିସ,୪।୩**

ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ସମେତ ସହରର ସମସ୍ତ ଶିବ ମନ୍ଦିରରେ ଜାଗର ଉପଲକ୍ଷେ ସୋମବାର ସକାଳୁ ଭିଡ଼ ଲାଗି ରହିଥିଲା। ଅଧିକାଂଶ ମନ୍ଦିର କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ କରାଯାଇଛି। ବାବା ଭୋଳାନାଥଙ୍କୁ ଦର୍ଶନ କରିବାକୁ ଦିନତମାମ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ତର୍କରା ମନ୍ଦିରରେ ଶ୍ରଦ୍ଧାଳୁ ଲମ୍ବା ଧାଡ଼ିରେ ଠିଆହୋଇ ରହିଥିଲେ। ମନ୍ଦିର ବେଢ଼ାରେ ଉପବାସ ରଖିଥିବା ବ୍ରତଧାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦୀପ ଜାଳି ମହାଦୀପ ଉଠିବ ପର୍ଯ୍ୟନ୍ତ ଉଜାଗର ରହିଥିଲେ ଶିବ ଉପାସକ। ଏହି ଅବସରରେ ସେକ୍ଟର-୩ ଅହିରାବନ୍ଧ ମନ୍ଦିର ପରିସରରେ ଥିବା ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ହନୁମାନ ବାଟିକା, ବାସନ୍ତୀ କଲୋନୀ, ଉଦିତନଗର ଓ ଛେଣ୍ଡ ଅଞ୍ଚଳରେ ଥିବା ଶୈବପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଫର୍ଟିଲାଇଜର ଜଗନ୍ନାଥ ମନ୍ଦିର ପରିସର ଶିବମନ୍ଦିର, ଟାଉନଶିପ ଚିପ୍ ଟାଇପ ମାର୍କେଟ ଆଖଣ୍ଡଳମଣି ମନ୍ଦିର, ରଙ୍ଗିଲା ଛକ, ଜଲଦା, ଆଇଡିଏଲ୍, ମଡର୍ନ ଇଣ୍ଡିଆ ଆଦି ଅଞ୍ଚଳରେ ଥିବା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ବିଶେଷ ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଅନେକ ମନ୍ଦିର ପରିସରରେ ବ୍ୟାରିକେଡ୍ ବ୍ୟବସ୍ଥା ସହ ପୋଲିସ ମୁତୟନ କରାଯାଇଥିଲା।



ସେକ୍ଟର-୩ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ଉପାସନା କରୁଛନ୍ତି।

# ପତଞ୍ଜଳି ଯୋଗ ସମିତି ପକ୍ଷରୁ ସତ୍‌ସଙ୍ଗ ଉତ୍ସବ

**ରାଉରକେଲା ଅଫିସ,୪।୩**

ସୁନ୍ଦରଗଡ଼ ଜିଲା ମହିଳା ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଶେଷ ସତ୍‌ସଙ୍ଗ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ସେକ୍ଟର-୧୯ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ ମହିଳା ପ୍ରଭାରୀ ଜି. ଗିରିଜା ଦେବୀ ଯୋଗଦେଇଥିଲେ। ନିରୋଗ ରହିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରିବାରର ମହିଳା ସୁସ୍ଥ ରହିଲେ କିପରି ଏହା ଅନ୍ୟମାନଙ୍କୁ ପ୍ରଭାବିତ କରେ ସେ ସମ୍ପର୍କରେ ଦେବୀ ଆଲୋକପାତ କରିଥିଲେ। ସେ କହିଥିଲେ, ଭାରତୀୟ ପ୍ରାଚୀନ ପରମ୍ପରାରେ ଯୋଗଦର୍ଶନ ଏକ ବିଶେଷ ମହତ୍ତ୍ୱ ରଖି ଆସିଛି। ଯୋଗ ଓ ପ୍ରାଣାୟାମ ଦ୍ୱାରା ଯୁଗବ୍ୟାପୀ ମଣିଷ କିପରି ନିରୋଗ ଜୀବନ ଅତିବାହିତ କରିଆସୁଛି ସେ ନେଇ ସମସ୍ତଙ୍କର ଊଣାଅଧିକ ଜ୍ଞାନ ରହିଛି। ଆନନ୍ଦମୟ ସଂସାର ଦେଖିବାକୁ ହେଲେ ଯୋଗକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ। ଏ କ୍ଷେତ୍ରରେ ମହିଳାମାନେ ଆଗକୁ ଆସିବା ଏକ ଶୁଭ ସଙ୍କେତ ପ୍ରଦାନ କରୁଛି। ଏହାର ପ୍ରଚାର ପ୍ରସାର ନେଇ ମହିଳା ସଂଗଠନର ଉଦ୍ୟମକୁ ଦେବୀ ପ୍ରଶଂସା କରିଥିଲେ। ଭାରତ ସ୍ୱାଭିମାନର ଜିଲା ପ୍ରଭାରୀ ଅକ୍ରୁର ମାର୍ଥା ବିଭିନ୍ନ ପ୍ରାଚୀନ ଗ୍ରନ୍ଥରୁ ଯୋଗ ସମ୍ବନ୍ଧରେ ମିଳୁଥିବା ତଥ୍ୟ ବାସ୍ତବରେ ଚମତ୍କାର ବୋଲି କହିଥିଲେ। ଏହାକୁ ଅନୁସରଣ କଲେ ବା ଏହାର ନୀତିନିୟମ ମାନି ଚଳିଲେ ଜୀବନ ସାର୍ଥକ ହେବ ବୋଲି ମାର୍ଥା କହିଥିଲେ। ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ, ଯୋଗ ପ୍ରାଣାୟାମକୁ ସାର୍ବଜନୀନ କରିବା ନେଇ ମହଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜି ଏ କ୍ଷେତ୍ରରେ ଅନେକ ମହିଳା ନିଜ ଦକ୍ଷତାକୁ ପ୍ରତିପାଦିତ କରିବା ସହ ଯୋଗଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ଆଗାମୀ ଦିନରେ ଏହା ଅଧିକ ସମ୍ପ୍ରସାରିତ ହେବ ବୋଲି ସ୍ୱାଇଁ ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ତାଲିମପ୍ରାପ୍ତ ସହଯୋଗୀ ଯୋଗ ଶିକ୍ଷକଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ଅତିଥି। ବୈଦିକ ମନ୍ତ୍ରୋଚାରଣ ମାଧ୍ୟମରେ ଉତ୍ସବର ଶୁଭାରମ୍ଭ କରାଯାଇଥିଲା। ତରଣୀକାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ଘୋଷ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନିବେଦିତା ସାହୁଙ୍କ କଣ୍ଠନିସୃତ ଭଜନ ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଯୋଗଶିକ୍ଷକ ବିଷ୍ଣୁ ମଲ୍ଲିକ, ନିତ୍ୟାନନ୍ଦ ପାତ୍ର, ନରେନ୍ଦ୍ର ବେହେରା ଓ ବି. ଶେଖର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାମଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ଗ୍ରହଣ କରିଥିବା ୧୦ ଯୋଗ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ମହିଳା ପ୍ରଭାରୀ ସନ୍ଧ୍ୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆରତୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସିଆର୍‌ପିଏଫ୍ ପକ୍ଷରୁ ଚକ୍ଷୁରୋଗୀଙ୍କୁ ଚଷମା ବଣ୍ଟନ

**ରାଉରକେଲା ଅଫିସ,୪।୩**

ମାଓ ଉପଦ୍ରୁତ ଗୁରୁଣ୍ଡିଆ ଅଞ୍ଚଳରେ ସିଆର୍‌ପିଏଫ୍‌ର ୧୯ନଂ ବାଟାଲିୟନ ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣ ନିମନ୍ତେ ବହୁବିଧ ପଦକ୍ଷେପ ନିଆଯାଉଛି। ସୋମବାର ଅଞ୍ଚଳର ଅନେକ ବୃଦ୍ଧା, ବୃଦ୍ଧ ଓ ସାମାଜିକ ପଛୁଆ ବର୍ଗଙ୍କ ଦୃଷ୍ଟି ଦୋଷ ନେଇ ଚଷମା ବଣ୍ଟନ କରାଯାଇଛି। ପୂର୍ବରୁ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଚକ୍ଷୁ ଚିକିତ୍ସାଳୟ ଡାକ୍ତରଙ୍କ ଦ୍ୱାରା ଏମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ମୋଟ ୪୫ ରୋଗୀଙ୍କୁ ଚଷମା ବଣ୍ଟନ ସହ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଛି। ଏଥିରେ ଚେନ୍ନାଇ ରେଞ୍ଜର ଡିଆଇଜିପି ଏସ୍. ଇଲାଙ୍ଗୋ, ୧୦ତମ ବାଟାଲିୟନ କମାଣ୍ଡାଣ୍ଟ ରାଜେଶ କୁମାର, ବରିଷ୍ଠ ଅଧିକାରୀ ଗୋପାଳ ଗୁପ୍ତା, ଡାକ୍ତର ଅଶ୍ୱିନୀ କୁମାର, ପ୍ରମୋଦ କୁମାରଙ୍କ ସମେତ ଗୁରୁଣ୍ଡିଆ ଥାନାଧିକାରୀ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ମାଓ ଉପଦ୍ରୁତ ମାଓବାଦୀଙ୍କଠାରୁ ଦୂରେଇ ରହିବା ଅଞ୍ଚଳର ନିରୀହ ଆଦିବାସୀଙ୍କୁ ନେଇ ସିଆର୍‌ପିଏଫ୍ ୨୦୦୯ରୁ ବ୍ୟାପକ ପଦକ୍ଷେପ ନେଉଛି। ଏମାନଙ୍କ ସାମାଜିକ ଚାଲିଚଳଣି ସହ ସାମିଲ ହେବା, ଖେଳକୁଦ ନେଇ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା, ଖେଳ ସାମଗ୍ରୀ ଆଦି ବଣ୍ଟନ କରିବା, ମେଡିକାଲ କ୍ୟାମ୍ପ ଆୟୋଜନ କରି ମାଗଣାରେ ଔଷଧ ବଣ୍ଟନ ଆଦି କାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଛି। ସିଭିକ ଆକ୍ସନ ପ୍ରୋଗ୍ରାମ ମାଧ୍ୟମରେ ମାଓ ଉପଦ୍ରୁତ ଅଞ୍ଚଳରେ ନିୟମିତ ଖେଳକୁଦ ଆୟୋଜନ କରାଯାଇ ଗ୍ରାମୀଣ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରାଯାଉଛି। ଭ୍ରମରେ ପଡ଼ି ଯେମିତି ବେକାର ଯୁବକ ଯୁବତୀ ମାଓ କବଳିତ ନ ହୁଅନ୍ତି ସେ ଦିଗରେ ବାଟାଲିୟନ ଦୃଢ଼ ପଦକ୍ଷେପ ନେଉଛି। ଆଦିବାସୀ ଗ୍ରାମୀଣ ଅଞ୍ଚଳରେ ବିକାଶ ଓ ଶିକ୍ଷାର ପ୍ରଗତି ଦିଗରେ ପରୋକ୍ଷ ସହାୟତା କରୁଛି ସିଆର୍‌ପିଏଫ୍। ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପଥଭ୍ରଷ୍ଟ ଯୁବକଙ୍କୁ ପରାମର୍ଶ ଦିଆଯାଉଛି ବୋଲି ଏଥିରେ ଉପସ୍ଥିତ ବରିଷ୍ଠ ଅଧିକାରୀ ସୂଚନା ଦେଇଥିଲେ।




ସିଆର୍‌ପିଏଫ୍ ୧୯ନଂ ବାଟାଲିୟନ ପକ୍ଷରୁ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳର ଚକ୍ଷୁ ରୋଗୀଙ୍କୁ ଚଷମା ବଣ୍ଟନ କରାଯାଉଛି।

# କବି ସୁବାସ ଲେଙ୍କାଙ୍କୁ ଉତ୍କଳ ପ୍ରତିଭା ସମ୍ମାନ

**ରାଉରକେଲା ଅଫିସ,୪।୩**

ଭଦ୍ରକ ଜିଲା ଧାମନଗରରେ ଶିବମ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଛି। ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲାର ଜଣାଶୁଣା କବି, ଲେଖକ ସୁବାସ ଲେଙ୍କାଙ୍କୁ ଉତ୍କଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବରୁ କବି ଲେଙ୍କା ରାଜ୍ୟର ବିଭିନ୍ନ ସାହିତ୍ୟାନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସାହିତ୍ୟ କ୍ଷେତ୍ରରେ ଲେଙ୍କାଙ୍କ ଅନୁଭୂତି, ଅବଦାନ ଓ ତାଙ୍କ ରଚିତ ବିଭିନ୍ନ ଭାଷାର ୪୮ ପୁସ୍ତକ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ମିଳିଛି। ରେଳବାଇ ଚାକିରି କରିଥିବା ଲେଙ୍କାଙ୍କ ସାହିତ୍ୟକୃତୀ ଅନ୍ୟ ଭାଷାରେ ମଧ୍ୟ ଅନୁବାଦିତ ହୋଇସାରିଛି। ସେ ଭାରତ ସରକାରଙ୍କ ଦ୍ୱାରା ରାଜଭାଷା ସମ୍ମାନ ସହ ଶାରଳା ସାହିତ୍ୟ ସମ୍ମାନ, ଉତ୍କଳ ରତ୍ନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଉପାଧି ଭଳି ଏକାଧିକ ପୁରସ୍କାର ପାଇଛନ୍ତି।



କବି ସୁବାସ ଲେଙ୍କାଙ୍କୁ ଭଦ୍ରକ ଜିଲା ଧାମନଗର ଶିବମ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଉଛି।

# ବିଜୁବାବୁଙ୍କ ୧୦୩ତମ ଜୟନ୍ତୀ ପାଳନ ପ୍ରସ୍ତୁତି

**ସୁନ୍ଦରଗଡ଼,୪।୩(ଡି.ଏନ୍.ଏ.)**

ପ୍ରବାଦପୁରୁଷ ତଥା ଆଧୁନିକ ଓଡ଼ିଶାର ନିର୍ମାତା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସୁଚାରୁରୂପେ ପାଳନ ପାଇଁ ଦଳୀୟ କର୍ମକର୍ତ୍ତାମାନେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ସକାଳ ୯ଟାରେ ରାଣୀବଗିଚା ବାଇପାସସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ୧୦ଟାରେ ସରକାରୀ ମୁଖ୍ୟ ଡାକ୍ତରଖାନାରେ ଫଳ ବଣ୍ଟନ କରାଯିବ। ମଧ୍ୟାହ୍ନରେ ଡିଆର୍‌ଡିଏ ଛକରେ ସରବତ ବଣ୍ଟନ କରାଯିବ। ସନ୍ଧ୍ୟା ୫ଟାରେ ଏକ ଶୋଭାଯାତ୍ରା ଡିଆର୍‌ଡିଏ ଛକରୁ ପାଲ ହୋଟେଲ ଛକ ପର୍ଯ୍ୟନ୍ତ ପରିକ୍ରମା କରିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରସ୍ତୁତି ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା କୁସୁମ ଟେଟେ, ଲଲାଟ ପରିଡ଼ା, ହରଜେନ୍ଦ୍ର ସିଂ, ପଞ୍ଚା ବାର୍ଲା, ଉମେଶ ଶର୍ମା, ଗୋବିନ୍ଦ ପଟେଲ, ଗୋପ ମହାନ୍ତି, ଜୟନାରାୟଣ ତ୍ରିପାଠୀ, ନିମାଇଁ ନାଏକ, ସୁନୀଲ ମହାପାତ୍ର, ଗୋପାଳ ଚନ୍ଦନ, ବୀଣା ସାହୁ, ବେଣୁଧର ତାଣ୍ଡିଆ, ରଞ୍ଜନା ପଣ୍ଡା, ସୁଶିଲ ପୁରୋହିତ, ଚିତ୍ରା ନାଏକ, ଟିକେଶ୍ୱରୀ ନାଏକ, ଅନୀତା ଶର୍ମା, ସୁଶିଲା ନାଗ, ଅସୀମ ପଟେଲ, ସରୋଜ ନାଏକ, ଗୌରାଙ୍ଗ ଧଳ, ପ୍ରଣବ କିଶୋର ଭୈସାଲ, ଅଶୋକ ସ୍ୱାଇଁ, ସୁଶାନ୍ତ ପାଣ୍ଡେ, ବୈକୁଣ୍ଠ ନାଏକ, ଶିବାଜୀ ନାଏକ, ତ୍ରିଲୋଚନ କାକ, ଭୀମସେନ ନାଏକ, ଲିଙ୍କନ ପୁରୋହିତ, ମୁକେଶ ପୁରୋହିତ, ରାଧାମାଧବ ପଣ୍ଡା, ଆଶିଷ ତ୍ରିପାଠୀ, ରୋଶନ ସାହୁ, କାନ୍ତିଦେବ ମହାରଣା, ବୁଦ୍ଧଦେବ ମଲ୍ଲିକ, ପଙ୍କଜ ଶ୍ରେଷ୍ଠ, ରାଜା କାକ, ସୁବାସ ରଣା, ଭୋଜରାଜ ଧୁଆଁ, ସୁବ୍ରତ ନାଏକ, ବିସ୍ମୟ ପଟ୍ଟନାୟକ, ରିତେଶ ଅମାତ, ଅଞ୍ଜନା ପଟେଲ, ସୁକାନ୍ତ ପତି, ସୁଶିମ ଦାସ, ରମେଶ ପାଣ୍ଡେ, ଶୁଭମ ସହାୟ, ସଦୟ ପ୍ରକାଶ ନାର୍ଥେ ପ୍ରମୁଖ ଉପସ୍ଥିତ ଥିଲେ।

# ରାମମନ୍ଦିର ପୂର୍ଣ୍ଣାଙ୍ଗ ନେଇ ପଦକ୍ଷେପ ନିଆଯାଉଛି

**ରାଉରକେଲା ଅଫିସ,୪।୩**

ସେକ୍ଟର-୧୫ସ୍ଥିତ ରାଧାକୃଷ୍ଣ ସେବା ସମିତି ଆନୁକୂଲ୍ୟରେ ରାମମନ୍ଦିର ସ୍ଥାପନ ନେଇ ପଦକ୍ଷେପ ତ୍ୱରାନ୍ୱିତ କରାଯାଇଛି। ମନ୍ଦିର ଛାତପକା ନେଇ ସୋମବାର ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ମନ୍ଦିର ନିର୍ମାଣ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ସୁକତା ଲାଗିଥିବାବେଳେ ଏହାକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି କର୍ମକର୍ତ୍ତା ପ୍ରମୋଦ ରାଜ, ନାରାୟଣ ମହନ୍ତ ଓ ପ୍ରଦୀପ ପଟ୍ଟନାୟକ ପ୍ରମୁଖ।

# ଜଗଦୀଶପୁର ଷ୍ଟିଲପ୍ରୋସେସିଂ ୟୁନିଟ ଲୋକାର୍ପିତ

**ରାଉରକେଲା ଅଫିସ,୪।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉତ୍ତରପ୍ରଦେଶ ଆମେଥି ଜିଲାରେ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ୍) ଦ୍ୱାରା ନିର୍ମିତ ଜଗଦୀଶପୁର ଷ୍ଟିଲ ପ୍ରୋସେସିଂ ୟୁନିଟକୁ ଲୋକାର୍ପଣ କରିଛନ୍ତି। ଏହା ଉତ୍ତରପ୍ରଦେଶ ସମେତ ଆଖପାଖ ଅଞ୍ଚଳରେ ଶକ୍ତ ଓ ମୂଲ୍ୟଯୁକ୍ତ ଟିଏମ୍‌ଟି ବାର୍ ଯୋଗାଇଦେବ। ଏ ନେଇ ଉତ୍ପାଦନ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହି ୟୁନିଟ ଦ୍ୱାରା କ୍ରାଶ ବାରିୟର ଓ କରୁଗେଟେଡ୍ ସିଟ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ପୂର୍ବ ମାଳବିକା ଷ୍ଟିଲକୁ ପୁନରୁଦ୍ଧାର କରାଯାଇ ଏହି ନୂତନ ୟୁନିଟ ସ୍ଥାପନ କରାଯାଇଛି। ଏଥିପାଇଁ ସେଲ୍ ୯୨ କୋଟି ଟଙ୍କା ବ୍ୟୟ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ଏହା ସ୍ଥାନୀୟ ବାସିନ୍ଦାଙ୍କ ସହ ଅନ୍ୟ କ୍ଷେତ୍ରରେ ଇସ୍ପାତ ଚାହିଦା ପୂରଣ କରିବ। ବେକାରୀଙ୍କ ପାଇଁ ରୋଜଗାର ଲକ୍ଷ୍ୟ ପୂରଣ କରିବାରେ ସକ୍ଷମ ହେବ ବୋଲି ସେ କହିଥିଲେ। ସେଲ ଅଧ୍ୟକ୍ଷ ଅନୀଲ ଚୌଧୁରୀ ଏନେଇ ସନ୍ତୋଷ ବ୍ୟକ୍ତ କରି କହିଥିଲେ, ଆସନ୍ତା ଏପ୍ରିଲ ସୁଦ୍ଧା କମ୍ପାନୀକୁ ବିଆଇଏସ୍ ସାର୍ଟିଫିକେଟ ମିଳିଯିବ। ଏହି ୟୁନିଟରୁ ୮ରୁ ୨୫ ମିଲିମିଟର ପର୍ଯ୍ୟନ୍ତ ବିଭିନ୍ନ ପରିମାପର ମୋଟେଇଯୁକ୍ତ ଟିଏମ୍‌ଟି ବାର୍ ଉତ୍ପାଦିତ ହେବ। ଜାତୀୟ ଇସ୍ପାତ ନୀତି ୨୦୧୭ ଅନୁଯାୟୀ ଗ୍ରାମୀଣ ଅଞ୍ଚଳରେ ଇସ୍ପାତ ଉପଯୋଗର ବୃଦ୍ଧି ଆଣିବା ନିମନ୍ତେ ସେଲ୍ ଗୁରୁତ୍ୱାରୋପ କରୁଛି। ଏ ଦିଗରେ ପ୍ରୟାସ ମଧ୍ୟ ଜାରି ରହିଛି। ଦୂରଦୂରାନ୍ତ ଗ୍ରାମୀଣ ଅଞ୍ଚଳରେ ଷ୍ଟିଲ ପ୍ରୋସେସିଂ ୟୁନିଟ ସ୍ଥାପନ କରି ଇସ୍ପାତ ଚାହିଦା ବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଉଛି। ଫଳରେ ଗ୍ରାମୀଣ ଇସ୍ପାତ ଚାହିଦାକୁ ପୂରଣ କରାଯାଇ ପାରିବ ବୋଲି ଚୌଧୁରୀ ପ୍ରକାଶ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସତ୍ୟପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଝିଲ୍ଲାପାଲି ସେବାସମବାୟ ସମିତିର ବାର୍ଷିକ ସଭା

**କୋଲାବିରା,୪।୩ (ଡି.ଏନ.ଏ.)**
କୋଲାବିରା ବ୍ଲକ ଝିଲ୍ଲାପାଲି ସେବାସମବାୟ ସମିତିର ବାର୍ଷିକ ସାଧାରଣ ସଭା ପୋଖରାସାହ୍ଲେ ପଞ୍ଚାୟତର ଢେଙ୍କୁରଯୋରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭିମନ୍ୟୁ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପରେ ସମ୍ପାଦକ ହରେଶ ପଟେଲ ବାର୍ଷିକ ବିବରଣୀ ପଠନ କରିଥିଲେ। ଏଥିରେ ଏଆରସିଏସ୍ ନିରୀକ୍ଷକ ବି.ଡି. ଲାକ୍ରା, ନରେନ୍ଦ୍ର ଭୋଇ, ଶିବାନାରାୟଣ ନାଏକ, ନବୀନ ପଟେଲଙ୍କ ସମେତ ପୋଖରାସାହ୍ଲେ ଓ ଝିଲ୍ଲାପାଲି ପଞ୍ଚାୟତର କୃଷି କର୍ମୀ ଏବଂ ଚାଷୀ ସଭ୍ୟ ଯୋଗ ଦେଇଥିଲେ।

### ସରବାହାଲ ଶିଶୁ ମନ୍ଦିରରେ ମେଧାବୀ ଅଭିନନ୍ଦନ

ଝାରସୁଗୁଡା ଅଫିସ,୪।୩- ଝାରସୁଗୁଡା ସରବାହାଲ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ସମାବର୍ତ୍ତନ ଓ ମେଧାବୀ ଅଭିନନ୍ଦନ ଉତ୍ସବ ହୋଇ ଯାଇଛି। ଏଥିରେ ଅତିଥି ଭାବେ ଆଇନଜୀବୀ ବନ୍ଦନା ମୁନ୍ଦଡା, ସ୍କୁଲ ପରିଚାଳନା ସମିତିର ଡ. ସରୋଜ କୁଅଁର, ପ୍ରଶାନ୍ତ କୁମାର ପଣ୍ଡା, ସୁବ୍ରତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ସାହୁ, ପ୍ରସନ୍ନ ପୁରୋହିତ, ଅଶୋକ ସାକୁନିଆ, ପ୍ରଧାନଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବିବେକାନନ୍ଦଙ୍କ ନୀତିବାଣୀ ଦେଇଥିଲେ। ଜୀବନର ଲକ୍ଷ୍ୟ ସ୍ଥିର କରି କଠୋର ପରିଶ୍ରମ କଲେ ସଫଳତା ନିଶ୍ଚିତ ହାସଲ ହେବ ବୋଲି ଅତିଥିମାନେ କହିଥିଲେ। ଆଚାର୍ଯ୍ୟା ସରିତା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ସୁତାର, ସଂଯୁକ୍ତା ମେହେର, ଲଳିତା ଦୀକ୍ଷିତ ପ୍ରମୁଖ ଶିଶୁଙ୍କୁ ମାର୍ଗଦର୍ଶନ ଦେଇଥିଲେ।

### ରେଳ ଧାରଣାରେ ପଡିଛି ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

**ବାମରା, ୪।୩ (ସ୍ୱ.ପ୍ର.)**
ସମ୍ବଲପୁର ଜିଲା ବାମରାସ୍ଥିତ ହରିପଡା ରେଳ ଫାଟକ ନିକଟରେ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡି ରହିଛି। ଯୁବତୀଙ୍କ ଅନୁମାନିକ ବୟସ ୧୭ରୁ ୧୮ ବର୍ଷ ଭିତରେ ହେବ। ସେ ଏକ ସାଗୁଆ ରଙ୍ଗର ଡ୍ରେସ ପିନ୍ଧିଛନ୍ତି। ରାତି ହୋଇଯାଇଥିବାରୁ ପୋଲିସ ମୃତ ଦେହକୁ ଉଦ୍ଧାର କରିପାରିନାହିଁ। ମଙ୍ଗଳବାର ଜିଆରପି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିବ ବୋଲି ଜିଆରପି ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ଅହିର କହିଛନ୍ତି ।

■ପୋଲିସ ଭ୍ୟାନ୍ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

# ଲୁହରେ ଭିଜିଲା ଶଙ୍କରପୁର

**ଝାରସୁଗୁଡା ଅଫିସ/ଭାପୁର,୪।୩**

ଝାରସୁଗୁଡା ଜିଲା ବେଲପାହାଡଠାରେ ଗତ ୧ ତାରିଖରେ ଘଟିଥିବା ଓଏସ୍ଏପି ଯବାନଙ୍କ ଭ୍ୟାନ୍ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ଭୋର ୪ଟାରେ ବୁର୍ଲା ଭିମ୍ସାର ଆଇସିୟୁରେ ଚିକିତ୍ସାଧୀନଥିବା ଢେଙ୍କାନାଳ ଜିଲା ସଦର ଥାନା ଶଙ୍କରପୁର ଗ୍ରାମର ବିପ୍ରବର ସାହୁ (୧୯)ଙ୍କ ମୃତ୍ୟୁ ଘଟିଛି। ସେ ଗଜପତି ୩ୟ ଏସ୍.ଏସ୍. ବାଟାଲିଆନରୁ ଟ୍ରେନିଂ ପାଇ ଝାରସୁଗୁଡା ଦ୍ୱିତୀୟ ବାଟାଲିୟନକୁ ଆସିଥିଲେ। ଝାରସୁଗୁଡା ଓଏସ୍ଏପି ଓ ତାଙ୍କ ଗାଁରେ ଏହି ଖବର ପହଞ୍ଚିବା ପରେ ଶୋକର ଛାୟା ଖେଳି ଯାଇଥିଲା। ବୁର୍ଲାରେ ବିପ୍ରବରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ମାନର ସହ ଜନ୍ମସ୍ଥାନକୁ ପଠାଯାଇଥିଲା ବୋଲି ସହକାରୀ କମାଣ୍ଡାଣ୍ଟ ଏମ୍. ସାଇ କହିଛନ୍ତି। ଅନ୍ୟପକ୍ଷରେ ଯବାନଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଘଟିପିରିଠାରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଶଙ୍କରପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ସମୟରେ ଶହ ଶହ ସଂଖ୍ୟାରେ ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସନ୍ଧ୍ୟାରେ ପୋଲିସ ପ୍ରଶାସନ ପକ୍ଷରୁ ଶଶ୍ମାନରେ ତାଙ୍କୁ ଶେଷ ସମ୍ମାନ ଦିଆଯାଇଥିଲା। ଗତ ୭ମାସ ତଳେ ବିପ୍ରବର ପୋଲିସ ଚାକିରିରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମାର୍ଚ୍ଚ ୧ରେ ବନହାରପାଲିଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ସୁରକ୍ଷାରେ ନିୟୋଜିତ ୩୨ ଜଣ ଯବାନଙ୍କୁ ନେଇ ଏକ ଭ୍ୟାନ ବନହରପାଲି ଅଭିମୁଖେ ଯାଉଥିବା ବେଳେ ସକାଳ ୬.୩୦ରେ ବେଲପାହଡ ବାଇପାସ୍ ଜାତୀୟ ରାଜପଥ ୪୯ରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୨ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ୨୬ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।


ମୃତଦେହ ପହଞ୍ଚିବା ପରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଗ୍ରାମବାସୀ।

## ଜାମିନରେ ଆସି ଏନ୍ଏସ୍ଏ ଅଭିଯୁକ୍ତଙ୍କ ଗଣ୍ଡଗୋଳ: ଗିରଫ କଲା ପୋଲିସ

**ଝାରସୁଗୁଡା ଅଫିସ,୪।୩**

ଜାତୀୟ ନିରାପତ୍ତା ଆଇନ୍ (ଏନ୍ଏସ୍ଏ)ରେ ବୁକ୍ ହୋଇଥିବା ଜଣେ ଅଭିଯୁକ୍ତ ଜାମିନରେ ଜେଲ୍‌ରୁ ଆସି ଗଣ୍ଡଗୋଳ କରିଛନ୍ତି। ଫଳରେ ପୋଲିସ ପୁଣିଥରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୁଣାବସ୍ତିର ଲଲ୍ଲୁ ସାହୁ (୩୯)। ପୋଲିସ ସୂଚନା ଅନୁସାରେ, ଲଲ୍ଲୁ ମାର୍ଚ୍ଚ ୨ ତାରିଖରେ ଜାମିନରେ ବାହାରକୁ ଆସିଥିଲେ। ସେହିଦିନ ପୁରୁଣାବସ୍ତିର ଶାନ୍ତି ସୁନା ଏବଂ ତାଙ୍କ ପରିବାରକୁ ବନ୍ଧୁକ ଦେଖାଇ ଗଣ୍ଡଗୋଳ କରିଥିଲେ। ଶାନ୍ତିଙ୍କ ଏତଲାକ୍ରମେ ଝାରସୁଗୁଡା ଟାଉନ ଥାନା ପୋଲିସ ଲଲ୍ଲୁଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତବର୍ଷ ବସ୍‌ଷ୍ଟାଣ୍ଡ ଛକରେ ଲଲ୍ଲୁ ଗୁଳି ଫୁଟାଇ ଲୋକଙ୍କୁ ଆତଙ୍କିତ କରିବା ସହ ଜଣେ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦୋକାନୀଙ୍କ ଏତଲାକ୍ରମେ ପୋଲିସ ଲଲ୍ଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଉତ୍ସବମୁଖର ଶିବାଳୟ

**କୋଲାବିରା,୪।୩ (ଡି.ଏନ.ଏ.)**

ମହାଶିବରାତ୍ରି ପରିପ୍ରେକ୍ଷୀରେ କୋଲାବିରା ସଦର ମହକୁମାର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ବିଶେଷ ଭିଡ ଲାଗି ରହିଥିବା ପରିଲକ୍ଷିତ ହୋଇଛି। ବଡି ସକାଳୁ ସୋଢାମାଲ ପଞ୍ଚାୟତ ଅନ୍ତର୍ଗତ ମହାଦେବପାଲି ଶୈବପୀଠରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଭୋରରୁ ହିଁ ଶିବାଳୟ ଗୁଡିକରେ ଦ୍ୱାରଫିଟା ଓ ମଙ୍ଗଳ ଆଳତୀ ଆଦି ନୀତି ସମ୍ପନ୍ନ ହୋଇଥିଲା। କୋଲାବିରାସ୍ଥିତ ବିଶ୍ୱନାଥ ମହାଦେବ ମନ୍ଦିର, ଭେଡେନ ବ୍ରିଜ ଶିବ ମନ୍ଦିର, ପଣ୍ଡକିମାଲ, ରଘୁନାଥପାଲି, ସରଗିମୁଣ୍ଡା, ପତ୍ରାପାଲି ଆଦି ବିଭିନ୍ନ ସ୍ଥାନରେ ଥିବା ଶିବାଳୟରେ ଭକ୍ତମାନଙ୍କର ଗହଳି ଦେଖା ଯାଇଥିଲା। ରାତିସାରା ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏକାଠି ହୋଇ ମନେ ପକାଇଲେ ଅତୀତ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ପୁରାତନ ଛାତ୍ରୀଛାତ୍ରମାନେ।

**କୋଲାବିରା, ୪।୩(ଡି.ଏନ.ଏ.)**

କୋଲାବିରାସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲର ୧୯୬୯ ମାଟ୍ରିକ ବ୍ୟାଚ୍‌ର ବାର୍ଷିକ ବନ୍ଧୁ ମିଳନ ଦେବଗଡ ପଧାନପାଟଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବ୍ୟାଚ୍‌ର ବନ୍ଧୁମାନେ ୪୯ ବର୍ଷର ସ୍ମୃତି ସହିତ ଏକତ୍ରିତ ହୋଇ ଭାବବିହ୍ୱଳ ହୋଇ ପଡିଥିଲେ। ନିଜ ନିଜ ଭିତରେ ସ୍କୁଲ ସମୟର ଅନୁଭୂତିଗୁଡିକ ମନେଇ ପକେଇଥିଲେ। ଶ୍ରୀକାନ୍ତ ମିଶ୍ର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସ୍ୱର୍ଗତ ରାଜ କୁମାର ନାଏକଙ୍କ ପରଲୋକରେ ନୀରବ ପ୍ରାର୍ଥନା କରା ଯାଇଥିଲା। ଝସକେତନ ପଧାନ, ଦିବାକର ସାହୁ, ଆନନ୍ଦ ମୋହନ ସାହୁ, ନରସିଂହ ପଟେଲ, ନିତ୍ୟାନନ୍ଦ ସାହୁ, ଉମାକାନ୍ତ ସରାଫ୍, କୈଳାସ ସରାଫ, ପୀତାମ୍ବର ନାଏକ, ଅର୍ଜୁନ ସରାଫ, ଭବାନୀ ନାଏକ, ଦିଲ୍ଲୀପ ହୋତା, କୃଷ୍ଣ ମିଶ୍ର, ନକୁଲେକେର ସାହୁ, ସୁଶୀଲ ରାଓ, କାର୍ତ୍ତିକ ରଣା, ଡିଲେଶ୍ୱର ବେହେରା, ଇନ୍ଦ୍ରଜିତ ପୃଷେଟ, କ୍ଷୀରୋଦ ପୂଜାରୀ, ପ୍ରମୋଦ ପୂଜାରୀ, ଗୋବର୍ଦ୍ଧନ ରଣା, ମୋହନ ନାଏକ, ମୀନକେତନ ନାଏକ, ନୃପଲାଲ ପସାୟତ, ଉମାକାନ୍ତ ସରାଫ, ଶୋହନ ନାଏକ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ମୃତ ଓଏସ୍ଏପି ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ଝାରସୁଗୁଡା ଅଫିସ,୪।୩**

ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଝାରସୁଗୁଡା ଓଏସ୍ଏପି ଦ୍ୱିତୀୟ ବାଟାଲିୟନର ୨ ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମୃତ ଦୁଇ ଯବାନ ପ୍ରଶାନ୍ତ ବେହେରା ଏବଂ ହାବିଲଦାର ଶଙ୍କର ପ୍ରଶାନ୍ତ ପନ୍ତଙ୍କ ଆତ୍ମାର ସତଗତି ନିମନ୍ତେ ବାଟାଲିୟନ ସମ୍ମୁଖରେ ଝାରସୁଗୁଡା ଜନସଭା ଏକତା ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦୁଇମିନିଟ ନିରବ ପ୍ରାର୍ଥନା ସହିତ ମହମବତୀ ପ୍ରଜ୍ୱଳନ କରାଯାଇ ମୃତକଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା। ଏହାସହ ଦୁର୍ଘଟଣାରେ ଆହତ ଯବାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସଙ୍ଗିନୀ ମହିଳା ଗ୍ରୁପ, ମା’ ଭୁବନେଶ୍ୱରୀ ମହିଳା ସମିତି, ଗୋରଖା ମହିଳା ସମିତି ପ୍ରଭୃତି ସଙ୍ଗଠନର ବେଲାଦେବୀ ଥାପ୍ପା, ରୋଶିନୀ କିରୋ, ଚନ୍ଦା ଲାମା, ରାଶି ଗୁରୁଙ୍ଗ, ଏକତା ମଞ୍ଚର ବାଦଲ ଦାସ, ଉଦିତ ପଣ୍ଡା, ବାବୁଲ ବାଜପେୟୀ, ବ୍ରିଜେଶ ସିଂ, ଇମରାନ ଖାନ୍, ବିଜୟ ତନ୍ତି, ଚେତରାଜ ଦାସ, ବାଟାଲିୟନର ଉପଦୁର୍ଗପତି ଲକ୍ଷ୍ମଣ ସିଂ, ସହଦୁର୍ଗପତି ମାନଧାତା ସାଇ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ୬ରୁ ଇଭିଏମ୍, ଭିଭିପାଟ୍‌ର ଉପଯୋଗିତା ସୂଚନା ଶିବିର

**ଝାରସୁଗୁଡା ଅଫିସ,୪।୩**


ଖବରଦାତା ସମ୍ମିଳନୀରେ ଜିଲାପାଳ ଏବଂ ଅନ୍ୟମାନେ।

■ଇଭିଏମ, ଭିଭିପାଟ୍ ମେସିନ୍ ସମ୍ପର୍କରେ ଅବଗତ କରାଯିବ
■ଜିଲା ପ୍ରଶାସନର ୧୨ ଦଳ ନିୟୋଜିତ ରହି ମକ୍ ପୁଲିଂ ପ୍ରଦର୍ଶନ କରିବେ

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୬ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଇଲେକ୍‌ଟ୍ରୋନିକ୍ସ ଭୋଟିଂ ମେସିନ୍(ଇଭିଏମ୍) ଏବଂ ଭିଭିପାଟ୍ ମେସିନ୍‌ର ପ୍ରଦର୍ଶନ ଓ କାର୍ଯ୍ୟକାରିତା ଶିବିର ଅନୁଷ୍ଠିତ ହେବ। ମାର୍ଚ୍ଚ ୬ ଏବଂ ୭ ତାରିଖ ଦୁଇଦିନ ଧରି ଏହି ଶିବିର ଆୟୋଜନ ହେବ। ୬ରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଏବଂ ୭ରେ ଝାରସୁଗୁଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୧୭ଟି ଗାଁ, ପଡା, ସାହି, ୱାର୍ଡରେ ଲୋକଙ୍କୁ ଇଭିଏମ୍ ଏବଂ ଭିଭିପାଟ୍ ମେସିନ୍‌ର ପ୍ରଦର୍ଶନ, କାର୍ଯ୍ୟକାରିତା ଓ ବିଶ୍ୱସନୀୟତା ସମ୍ପର୍କରେ ଅବଗତ କରାଯିବ। ସେଥିପାଇଁ ଜିଲା ପ୍ରଶାସନର ୧୨ଟି ଦଳ ନିୟୋଜିତ ରହି ମକ ପୁଲିଂ ପ୍ରଦର୍ଶନ କରିବେ ବୋଲି ସୋମବାର ଜିଲାପାଳ ବିଭୂତି ଭୂଷଣ ଦାସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୁଥ୍‌ସ୍ତରୀୟ ଅଧିକାରୀମାନେ ମଧ ସମ୍ପୃକ୍ତ ବୁଥ୍‌ସ୍ତରରେ ଲୋକଙ୍କୁ ଇଭିଏମ୍ ଏବଂ ଭିଭିପାଟ୍ ମେସିନ୍‌ର ପ୍ରଦର୍ଶନ କରି ସୂଚନା ପ୍ରଦାନ କରିବେ ବୋଲି ଜିଲାପାଳ ଦାସ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି, ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ସହକାରୀ ଜିଲାପାଳ ଅଶ୍ୱିନୀ ପଣ୍ଡା, ଅତିରିକ୍ତ ତହସିଲଦାର ଗୋଲକ ବିହାରୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

■ବେଲପାହାଡ଼ କପ୍ କ୍ରିକେଟ ଟୁର୍ନାମେଣ୍ଟ

## ୨ୟ ଦିବସରେ ଝାରସୁଗୁଡ଼ା, ବିଳାସପୁର ବିଜୟୀ

**ବେଲପାହାଡ଼,୪।୩ (ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ଟିଆର୍‌ଏଲ ଷ୍ଟାଡ଼ିୟମରେ ଚାଲିଥିବା ବେଲପାହାଡ଼ କପ୍ ସର୍ବ ଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ରାଉରକେଲା ଜିମଖାନା ଓ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଦଳକୁ ନେଇ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଝାରସୁଗୁଡ଼ା ଦଳ ଟସ୍ ଜିଣିଲା ପରେ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ୫ ଉଇକେଟ ବିନିମୟରେ ୧୭୧ ରନ୍ ସଂଗ୍ରହ କରିଥିଲା । ଖେଳାଳି ଅଙ୍କିତ ଯାଦବ ସର୍ବାଧିକ ୪୨ବଲ୍‌ରେ ୬୦ ରନ୍ କରି ଦଳ ପାଇଁ ସ୍କୋର ବଢାଇଥିଲେ । ଦ୍ୱିତୀୟ ଇନିଙ୍ଗସରେ ରାଉରକେଲାର ଜିମଖାନା ଦଳ ୧୦ ଉଇକେଟ ବିନିମୟରେ ମାତ୍ର ୧୩୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହେବାରୁ ଝାରସୁଗୁଡ଼ା ପ୍ରୋଗ୍ରେସିଭ ୪୨ ରନ୍‌ରେ ମ୍ୟାଚ୍ ଜିତିଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଛତିଶଗଡ଼ ରାଜ୍ୟର ଦୁଇ ଦଳ ଭିଲାଇ ଓ ବିଳାସପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଳାସପୁର ଟସ୍ ଜିଣିଲା ପରେ ପ୍ରଥମ ବ୍ୟାଟିଂ ଆରମ୍ଭ କରିଥିଲା। ୨୦ ଓଭରରେ ୮ ଉଇକେଟ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା ।

ଏହାର ଜବାବରେ ଭିଲାଇ ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ୍ ସଂଗ୍ରହ କରିଥିଲା। ବିଜୟୀ ଦଳ ବିଳାସପୁରର ଖେଳାଳି ପଙ୍କଜ ନାଏଡୁ ୩୩ ବଲ୍‌ରେ ସର୍ବାଧିକ ୪୭ ରନ୍ ସାଉଁଟିଥିଲେ। ପରାଜିତ ଭିଲାଇ ଦଳର ଖେଳାଳି ଭୈରବ କୁମାର ୩୩ ବଲରେ ୪୪ ରନ୍ କରି ଦଳର ସ୍କୋର ବଢାଇବାରେ ସମର୍ଥ ହୋଇଥିଲେ। ବିଭୁତି ପାତ୍ର ଓ ଅନିରୁଦ୍ଧ କେୱଟ ପ୍ରଥମ ମ୍ୟାଚରେ ଅମ୍ପାୟରିଂ କରିଥିଲେ। ପ୍ରାଞ୍ଜଳ ପଟେଲ ଓ ଅନିରୁଦ୍ଧ କେୱଟ ଦ୍ୱିତୀୟ ମ୍ୟାଚରେ ଅମ୍ପାୟରିଂ କରିଥିଲେ। ମଙ୍ଗଳବାର ଝାରସୁଗୁଡ଼ା ପ୍ରୋଗ୍ରେସିଭ ଓ ସମ୍ବଲପୁର ମେହେତାବ କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଏବଂ ବଲାଙ୍ଗୀର ଓ ବିଳାସପୁର ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ

**ଲଖନପୁର,୪।୩(ଡି.ଏନ୍.ଏ.)**

ମହାଶିବରାତ୍ରୀ ତଥା ଯାଗର ଯାତ୍ରା ଉପଲକ୍ଷେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଞ୍ଚଳରେ ଥିବା ଶୈବପୀଠଗୁଡିକରେ ଶ୍ରଦ୍ଧାଳୁମାନେ ପହଞ୍ଚି ପୂଜା ଅର୍ଚ୍ଚନା କରିଛନ୍ତି। ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଥିବାରୁ ଶୈବପୀଠ ସବୁ ଚଳଚଞ୍ଚଳ ହୋଇ ଉଠିଛି । ଏଥିପାଇଁ ମନ୍ଦିର କମିଟି, ଯାତ୍ରା କମିଟି ତରଫରୁ ରଙ୍ଗବେରଙ୍ଗର ଆଲୋକ ସଜା ଯାଇଛି। ମାଇକ୍‌ରେ ଭଜନ ପରିବେଶକୁ ଭକ୍ତିମୟ କରୁଛି। ତୋରଣ ମନ ମୋହୁଛି। ଶ୍ରଦ୍ଧାଳୁମାନେ ମନସ୍କାମନା ପୂରଣ ପାଇଁ ନିର୍ଜଳ ଉପବାସ ସାଙ୍ଗକୁ ରାତି ଉଜାଗର ରହି ଯାଗର ଜାଳି ଥିଲେ। ମହାଦୀପ ଉଠିଲା ପରେ ଉପବାସରେ ଥିବା ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଲଖନପୁର ବ୍ଲକ୍ ଅଞ୍ଚଳରେ ଥିବା ଶୈବପୀଠଗୁଡିକ ମଧ୍ୟରେ ଐତିହାସିକ କୋଇଲି ଘୋଘର ଶୈବପୀଠ, ସିଂହାରପୁର ଝାଡେଶ୍ୱର ମନ୍ଦିର, ଏମ୍‌ସିଏଲ୍ ଖଣି ଅଞ୍ଚଳରେଥିବା ଛର୍ଲା ଶିବ ମନ୍ଦିର, ସେମିଲିଆ ଶିବ ମନ୍ଦିର, ପିପିଲିକାନୀ ଶିବ ମନ୍ଦିର, ତିଲିଆ ଶିବ ମନ୍ଦିର, ତେଲେନପାଲି ବସ୍‌ଷ୍ଟାଣ୍ଡ୍ ଶିବମନ୍ଦିର, ପୁରୁଣା ଅଢାପଡା ଶିବ ମନ୍ଦିର, ଇବ୍‌ଥର୍ମାଲ ଶିବମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିଲା। ଐତିହାସିକ କୋଇଲି ଘୋଘର ଶୈବପୀଠରେ ରାଜ୍ୟର ଝାରସୁଗୁଡା, ସୁନ୍ଦରଗଡ, କଳାହାଣ୍ଡି, ନୟାଗଡ, ସମ୍ବଲପୁର, ବୌଦ୍ଧ, ସୋନପୁର ସାଙ୍ଗକୁ ପଡୋଶୀ ଛତିଶଗଡ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ମନ୍ଦିରରେ ପୂଜକ ମିଲୁ ଭୟଁର, ରେଙ୍ଗଟା ଭୟଁର, ବନରିଆ ଭୟଁର ପ୍ରମୁଖ ପୂଜା କରିଥିଲେ। ଶ୍ରଦ୍ଧାଳୁମାନେ ମନ୍ଦିରରେ ପୂଜା ଅର୍ଚ୍ଚନା କର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଝରଣାରେ ଥିବା ମାଛ, ହଂସ, ଜଙ୍ଗଲରେଥିବା ମାଙ୍କଡ, ବିଭିନ୍ନ ପ୍ରଜାତିର ପକ୍ଷୀ ଦର୍ଶକଙ୍କୁ ଆକର୍ଷଣ କରିଥିଲେ। କୋଇଲି ଘୋଘର ବିକାଶ ପରିଷଦ କମିଟି ଓ ଶାନ୍ତି କୁଟୀର ପରିଚାଳନା କମିଟି ତରଫରୁ ବ୍ୟାବସ୍ଥା କରାଯାଇଛି । ବିକାଶ ପରିଷଦ କମିଟିର ସଭାପତି ପ୍ରସନ୍ନ କୁମାର ପ୍ରଧାନ, ଉପସଭାପତି ତୁଷାରାମ ପ୍ରଧାନ, ପ୍ରମୋଦ ଗଡତିଆ, ଉତ୍ତମ ନେଗୀ, କାର୍ତ୍ତିକ ସା, ସମ୍ପାଦକ ନିର୍ମଳ ପ୍ରଧାନ, ସହସମ୍ପାଦକ ଦିଲୀପ ପ୍ରଧାନ, କୋଷାଧ୍ୟକ୍ଷ ଅଶ୍ୱିନୀ ପ୍ରଧାନ, ଗୋକୁଳଚନ୍ଦ୍ର ବାରିକ, ତ୍ରିବିକ୍ରମ ବିଶ୍ୱାଳ, ଶ୍ରଦ୍ଧାକର ପ୍ରଧାନ, ବଣକେ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଶାନ୍ତି କୁଟୀର ପରିଚାଳନା କମିଟି ସଭାପତି ଭୁକଦେବ ଖମାରୀ, ମହେଶ୍ୱର ଖମାରୀ, ମୀନକେତନ ପ୍ରଧାନ, ଗୌରୀଶଙ୍କର ବିଶି, ସରୋଜ ସା, ନେପାଳ ଭୋଇ ପ୍ରମୁଖ ସହଯୋଗ କକରିଥିଲେ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଭଜନ,ଜଣାଣ, ପ୍ରବଚନ, ନାମ ସଙ୍କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ଅନ୍ୟପକ୍ଷେ ବିଭିନ୍ନ ପ୍ରକାର ଦୋକାନ, ବଜାର ଲାଗିଥିଲା। ଲୋକେ ଏଥିରୁ କିଣା ବିକା କରିଥିଲେ। ତେବେ ଏହି ଯାତ୍ରା ୨ ଦିନ ଧରି ଚାଲିବ। ଲୋକ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ପାଇଁ ଜିଲା ପୋଲିସ ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର କ୍ୟାମ୍ପ କରା ଯାଇଛି। ଏସ୍‌ପି ଅଶ୍ୱିନୀ ମହାନ୍ତି କୋଇଲି ଘୋଘରରେ ପହଞ୍ଚି ସୁରକ୍ଷା ବ୍ୟସ୍ଥା ଅନୁଧ୍ୟାନ କରି ଫେରିଛନ୍ତି। ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ଡିଏସ୍‌ପି ଉଗ୍ରେସନ ପ୍ରଧାନ ପ୍ରମୁଖ କ୍ୟାମ୍ପରେ ରହି ସୁରକ୍ଷା ଉପରେ ନଜର ରଖିଛନ୍ତି।


କୋଇଲି ଘୋଘରରେ ଶ୍ରଦ୍ଧାଳୁଙ୍କ ସମାଗମ।



ଗୋଟିଏ ମାତ୍ର ଗୁଣବାନ ଓ ବିଦ୍ୱାନ ପୁତ୍ର ହଜାରେ ଗୁଣହୀନ ଓ ନିଷ୍କର୍ମା ପୁତ୍ରମାନଙ୍କଠାରୁ ଶ୍ରେୟସ୍କର।

- ଚାଣକ୍ୟ



## ସଂକ୍ଷେପରେ

### କଲେଜରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବାଲିଶଙ୍କରା,୪।୩(ଡି.ଏନ୍.ଏ.)**

ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଗ୍ରାମ କନିଷ୍ଠ ମହାବିଦ୍ୟାଳୟରେ ଗତ ୧୨ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୭୫ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। ଅଧ୍ୟାପକ ଦିଲୀପ କୁମାର ନାଏକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କଲେଜର ପୂର୍ବତନ ସମ୍ପାଦକ ବ୍ରଜକିଶୋର ସାହୁ, ସମ୍ମାନିତ ଅତିଥି ରୂପେ ଲୀଳାବତୀ ଦାଶ, ଚିନ୍ତାମଣି ମେହେର, ସୁମିତ୍ରା ବେହେରା, ହର୍ଷବର୍ଦ୍ଧନ ଦାଶ, ସଞ୍ଜୀବ କୁମାର ନାଏକ, ଥମାସ ଏକ୍କା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ପ୍ରଶିକ୍ଷଣ ନେଲେ ଛାତ୍ରୀମାନେ ବିପଦ ସମୟରେ ନିଜକୁ ଅସହାୟ ମନେ ନ କରି ଏହାର ମୁକାବିଲା କରିପାରିବେ ବୋଲି ଅତିଥିମାନେ କହିଥିଲେ। ଯଶିନ୍ତା ବାଘ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଶକ୍ତି ସଂରକ୍ଷଣ ସଚେତନତା ଶିବିର

**ବେଦବ୍ୟାସ/କୁଆଁରମୁଣ୍ଡା,୪।୩(ଡି.ଏନ୍.ଏ.)**

ପାନପୋଷ ଉପଖଣ୍ଡ ଅନ୍ତର୍ଗତ ପ୍ରସିଦ୍ଧ ବେଦବ୍ୟାସ ମେଳା ଅବସରରେ ଶକ୍ତି ସଂରକ୍ଷଣ ନେଇ ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ସିଏଫ୍‌ଏଲ୍ ଓ ଅନ୍ୟାନ୍ୟ ସାଧାରଣ ବଲ୍‌ବ ବ୍ୟବହାର ନ କରି ଏଲ୍‌ଇଡି ବଲ୍‌ବ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ବିଦ୍ୟୁତ୍ ଶକ୍ତି ଅପଚୟ ରୋକିବା, ବୈଦ୍ୟୁତିକ ସୁରକ୍ଷା ନିୟମ ପାଳନ କରି ଦୁର୍ଘଟଣାକୁ ଏଡ଼ାଇବା, ରିହାତି ତାରିଖ ପୂର୍ବରୁ ମୋବାଇଲ ଆପ୍ ଜରିଆରେ ବିଦ୍ୟୁତ୍ ବିଲ୍ ପୈଠ କରି ଅଧିକ ଲାଭ ପାଇବା ଇତ୍ୟାଦି ବିଷୟରେ ମଧ୍ୟ ସଚେତନ କରାଯାଉଛି। ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡା ଶିବିର ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୱେସ୍କୋ ଅଧିକାରୀ ଇଂ. ଉତ୍ତମ କୁମାର ସାମଲ, ସମ୍ମାନିତ ଅତିଥିଭାବେ ୱେସ୍କୋର ମୁଖ୍ୟ ସଞ୍ଚାଳକ ଅଧିକାରୀ ତରୁଣ ବଲ୍ଲଭ ମିଶ୍ର, ରାଉରକେଲା ଅଧୀକ୍ଷଣ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମେହେର, ଅଧୀକ୍ଷଣ ଯନ୍ତ୍ରୀ (ଏମ୍‌ଆର୍‌ଟି) ଇଂ. କୁମୁଦବନ୍ଧୁ ସାହୁ, ନିବାହୀ ଯନ୍ତ୍ରୀ ପ୍ରବୀର କୁମାର ସାହୁ, ଡିଏଫ୍‌ଏମ୍ ଉମାଶଙ୍କର ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଇଂ. ରଞ୍ଜିତ ପ୍ରଧାନ, ଇଂ. ଶୁଭାଶିଷ ମହାନ୍ତି, କନିଷ୍ଠ ଯନ୍ତ୍ରୀ ପାନୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ■ବଙ୍ଗଲେଇ, ଜଟିଆବାବା ଶୈବପୀଠ

# ଜାଗରରେ ଜଳାଭିଷେକ ପାଇଁ ଲମ୍ବା ଧାଡ଼ି

**ନୂଆଗାଁ,୪।୩(ଡି.ଏନ୍.ଏ.)**

ମହାଶିବରାତ୍ରି ଉପଲକ୍ଷେ ସୋରଡ଼ାସ୍ଥିତ ବଙ୍ଗଲେଇବାବା ଓ ହାତିବାରୀସ୍ଥିତ ଜଟିଆବାବା ଶୈବପୀଠରେ ସୋମବାର ପ୍ରବଳ ଜନସମାଗମ ହୋଇଛି। ଉଭୟ ମନ୍ଦିରରେ ଜଳାଭିଷେକ ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ବଙ୍ଗଲେଇ ବାବା ପୀଠରେ କେବଳ ସ୍ଥାନୀୟ ଭକ୍ତ ନୁହେଁ, ନିକଟସ୍ଥ ଝାଡ଼ଖଣ୍ଡ, ବିହାର ଅଞ୍ଚଳରୁ ମଧ୍ୟ ଶହ ଶହ ଶ୍ରଦ୍ଧାଳୁ ଜଳାଭିଷେକ ପାଇଁ ଆସିଥିଲେ। ପୂଜକ ସୁଖନାଥ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୀଠରେ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ କରିବାକୁ ଶିବରାତ୍ରି ଦିନ ଆସିଥାଆନ୍ତି। ସକାଳ ୬ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭକ୍ତମାନେ ପୀଠରେ ପହଞ୍ଚି ଜଳାଭିଷେକ କରିବା ସହ ଦୀପ ଜାଳି ଉଜାଗର ରହିଥାନ୍ତି। ଶିବରାତ୍ରି ଦିନ ନାମଯଜ୍ଞ କରାଯାଇଥାଏ। ବିଭିନ୍ନ ସଂକୀର୍ତ୍ତନ ଦଳ ଆସି ଅଷ୍ଟପ୍ରହର ନାମଯଜ୍ଞ କରିଥାନ୍ତି। ମନ୍ଦିର କମିଟିର ଗଙ୍ଗା ସଂ, କୁମ୍ଭକର୍ଣ୍ଣ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସହଯୋଗ କରିଥିଲେ। ଜଟିଆବାବା ପାହାଡ଼ ନିକଟରେ ଥିବା ଜଟିଆବାବାଙ୍କ ମନ୍ଦିରରେ ମଧ୍ୟ ଅନୁରୂପ ଭାବେ ଶୈବଭକ୍ତମାନେ ସକାଳୁ ପହଞ୍ଚି ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁଙ୍କ ଜନସମାଗମକୁ ଦୃଷ୍ଟିରେ ରଖି ଉଭୟ ପୀଠରେ ପୋଲିସ ମୁତୟନ ହୋଇଥିଲେ।



ବଙ୍ଗଲେଇ ବାବାଙ୍କ ପୀଠକୁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଧାଡ଼ିରେ ଯାଉଛନ୍ତି।

# ଆରମ୍ଭ ହେଲା ପ୍ରସିଦ୍ଧ ବେଦବ୍ୟାସ ମେଳା



ଜିଲାପାଳ ରଶ୍ମିତା ପଣ୍ଡା ଆନୁଷ୍ଠାନିକ ଭାବେ ବେଦବ୍ୟାସ ମେଳା ଉଦ୍‌ଘାଟନ କରୁଛନ୍ତି।

**ବେଦବ୍ୟାସ,୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ପ୍ରସିଦ୍ଧ ବେଦବ୍ୟାସ ମେଳା ସୋମବାର ମହାଶିବରାତ୍ରି ଅବସରରେ ଉଦ୍‌ଘାଟିତ ହୋଇଛି। ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡା ଫିତାକାଟି ମେଳାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ସମ୍ପାଦକ ଅନୁପମ ରାୟ, ଟ୍ରଷ୍ଟି ପ୍ରମୋଦ କୁମାର ପ୍ରଧାନ, ଟ୍ରଷ୍ଟ ବୋର୍ଡର ଅସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ ଚନ୍ଦ୍ର କୌଶିକ, ପାନପୋଷ ଏସ୍‌ଡିପିଓ ଅସୀମ ପଣ୍ଡା, ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାତି ୩ଟାରେ ଚନ୍ଦ୍ରଶେଶର ଦେବ ଓ ବାଲୁଙ୍କେଶ୍ୱର ଦେବଙ୍କ ମହାଦୀପ ଉଠିବା କାର୍ଯ୍ୟକ୍ରମ ରହିଛି। ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଚନ୍ଦ୍ରଶେଖର ଦେବଙ୍କର ଏବଂ ରାଉରକେଲା ଏଡିଏମ୍ ଡ. ୟାଦୁଲ୍ଲା ବିଜୟ ବାଲୁଙ୍କେଶ୍ୱର ଦେବଙ୍କ ମହାଦୀପ ଉଠାଇବେ ବୋଲି ସୂଚନା ମିଳିଛି।

# ଓସିପିଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

**ହେମଗିର,୪।୩(ଡି.ଏନ୍.ଏ.)**

ହେମଗିରସ୍ଥିତ ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ପକ୍ଷରୁ ୪୮ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଓଡ଼ିଶା ସରକାରଙ୍କ ପ୍ରଥମ କୋଇଲା ଖଣି କମ୍ପାନୀ ଭାବରେ ଓସିପିଏଲ୍ ଗତ ୧ ତାରିଖରେ ମନୋହରପୁର କୋଲ୍ ବ୍ଲକର ଉଦ୍‌ଘାଟନ ହୋଇଛି। କମ୍ପାନୀ ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ସାନ ଘୁମୁଡ଼ାସ୍ଥିତ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ ପରିସରରେ ଏହି ସପ୍ତାହ ପାଳନ କରିଥିଲା। ଏଥିରେ ଖଣି ମୁଖ୍ୟ ଗନ୍ଧର୍ବ ଦେହୁରୀ, ଇନ୍‌ଫ୍ରା ମୁଖ୍ୟ ସନ୍ତୋଷ ଶତପଥୀ, ଏଜିଏମ୍ (ଖଣି) ନିହାର ରଞ୍ଜନ ଶତପଥୀ, ସିଏଚ୍‌ପି ଡିଜିଏମ୍ ପ୍ରବୀଣ ପ୍ରସାଦ, ବିଜିଆର୍ କମ୍ପାନୀ ମହାପ୍ରବନ୍ଧକ ସି.ଏଚ୍. ଭାନୁ, ମେକନାଲି ଭାରତ କମ୍ପାନୀ ପ୍ରକଳ୍ପ ନିର୍ଦ୍ଦେଶକ ରମେଶ ନାଏଡୁ, ଖଣି ସୁରକ୍ଷା ଅଧିକାରୀ ଆର୍.ଆର୍. କାର୍ତ୍ତିକ କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ସମୟରେ ଖଣି ଭିତରେ ଘଟୁଥିବା ଦୁର୍ଘଟଣା ରୋକିବା ପାଇଁ କିପରି ସତର୍କତା ମୂଳକ ପଦକ୍ଷେପ ନିଆଯିବ ସେ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ କର୍ମଚାରୀ କାର୍ଯ୍ୟ କରୁଥିବା ସମୟରେ ନିଜ ସୁରକ୍ଷା ସରଞ୍ଜାମ ଜୋତା, ଟୋପି ପିନ୍ଧିବା ସହ ଯଥେଷ୍ଟ ସତର୍କତା ଓ ସାବଧାନତା ଅବଲମ୍ବନ କଲେ ଦୁର୍ଘଟଣାରେ କ୍ଷୟକ୍ଷତି ଏଡ଼ାଇ ଦିଆଯାଇ ପାରିବ ବୋଲି ଦେହୁରୀ ମତବ୍ୟକ୍ତ କରିଥିଲେ। ସମସ୍ତେ ଆଜିର ଦିନରେ ଜିରୋ ଆକ୍ସିଡେଣ୍ଟ ପାଇଁ ପ୍ରୟାସ କରିବା ସହ ପ୍ରତିଜ୍ଞାବଦ୍ଧ ହେବା ଉଚିତ ବୋଲି ସମସ୍ତଙ୍କୁ ସୂଚିତ କରାଯାଇଥିଲା। ଏହି ସୁରକ୍ଷା ସପ୍ତାହ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ।

# ରୁଙ୍ଗଟା କମ୍ପାନୀ ପକ୍ଷରୁ କୃଷି ବିକାଶ କର୍ମଶାଳା

**ଟେନସା,୪।୩(ଡି.ଏନ୍.ଏ.)**

ରୁଙ୍ଗଟା କମ୍ପାନୀ ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ ଖଣିର ସାମାଜିକ ଦାୟିତ୍ୱ ମୂଲ୍ୟବୋଧ ପକ୍ଷରୁ ସ୍ଥାନୀୟ ସାନଇନ୍ଦୁପୁର ଗ୍ରାମରେ କୃଷି ବିକାଶ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ଗ୍ରାମବାସୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ଯୋଗଦେଇ ସମନ୍ୱିତ ଉଦ୍ୟାନ କୃଷିର ପ୍ରଣାଳୀ, ମୃତ୍ତିକା ପରିଚାଳନା, ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଆଦି ସମ୍ପର୍କରେ ତାଲିମ ନେଇଥିଲେ। ଉନ୍ନତ ମାନର ବିହନ ଲଗାଇ କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ ୱାର୍ଡ ମେମ୍ବର ମଧୁସୂଦନ ମହାକୁଡ଼, ପୂର୍ବତନ ମାଲଦା ସରପଞ୍ଚ ନଦିଆ ନାଏକ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଉନ୍ନତ ମାନର ଭେଣ୍ଡି, ଲଙ୍କା, ବିନ୍, ଆଳୁ, ରସୁଣ, ପିଆଜ, ବାଇଗଣ, କୋବି, ଧନିଆ, ସଜନା, ଶାଗ, ବୋଇତାଳୁ, ଲାଉ, କାକୁଡ଼ି, କଲରା ବିହନ ବଣ୍ଟନ କରିଥିଲେ। ଖଣି ପ୍ରଭାବିତ ଇଲାକାରେ ସାନଇନ୍ଦୁପୁର ଗାଁର ଦନାର ମହାକୁଡ଼ଙ୍କୁ ସମନ୍ୱିତ ଉଦ୍ୟାନ କୃଷି ପାଇଁ ପାଣି ସିଞ୍ଚନ ଉଦ୍ଦେଶ୍ୟରେ ସ୍ପ୍ରିଙ୍କଲର ଯୋଗାଇ ଦିଆଯାଇଥିଲା। ରୁଙ୍ଗଟା କମ୍ପାନୀ ପର୍ସନାଲ ଏଜିଏମ୍ ବି.ପି. ଷଡ଼ଙ୍ଗୀ, ସିଏସ୍‌ଆର୍ ସହକାରୀ ମ୍ୟାନେଜର ଉଜ୍ଜ୍ୱଳ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଜଣେ ମହିଳା ଚାଷୀଙ୍କୁ ଉନ୍ନତ ମାନର ବିହନ ପ୍ରଦାନ କରାଯାଉଛି।

# ପେଟଫୋଡ଼ ପାହାଡ଼ି ମନ୍ଦିରରେ ନାମଯଜ୍ଞ



ପାହାଡ଼ି ଶିବ ମନ୍ଦିରରେ ବାଳିକାମାନେ ପୂଜାର୍ଚ୍ଚନା କରୁଛନ୍ତି।

**ବଡ଼ଗାଁ,୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ରୂନଗା ପଞ୍ଚାୟତ ପେଟଫୋଡ଼ ଗ୍ରାମ ନିକଟରେ ଶିବରାତ୍ରି ଉପଲକ୍ଷେ ପେଟଫୋଡ଼, ରୂନଗା, ଲକ୍ରାଘରା, ରେଙ୍ଗାଲିମାଲ, ସିଆଁମାଲ, ସିଙ୍ଗାରମୁଣ୍ଡା, ପାମରା, ପଦମପୁର ଗ୍ରାମବାସୀଙ୍କ ଦ୍ୱାରା ନାମଯଜ୍ଞ ଆୟୋଜିତ ହୋଇଛି। ପୂଜକ ଜଗଦୀଶ ଦାସଙ୍କ ଦ୍ୱାରା ପୂଜାକାର୍ଯ୍ୟ କରାଯାଉଛି। ସୂଚନାଯୋଗ୍ୟ, ୧୯୧୬ ମସିହାରେ ସ୍ୱର୍ଗତ ଚିନ୍ତାମଣି ରାଉତଙ୍କ ପ୍ରଚେଷ୍ଟା ତଥା ଅଞ୍ଚଳବାସୀଙ୍କ ସହଯୋଗରେ ଶିବମନ୍ଦିର ପ୍ରତିଷ୍ଠା ହୋଇଥିଲା। ଶିବରାତ୍ରି ପୂଜା ସହ ନାମଯଜ୍ଞ ଯୋଗୁ ପେଟଫୋଡ଼ ଗ୍ରାମ ଉତ୍ସବମୁଖର ହୋଇଛି।

# ସମୂହ ଅବସରକାଳୀନ ସମ୍ବର୍ଦ୍ଧନା



ବିଇଓ ସାରଙ୍ଗଧର ବରିହା ଜଣେ ଶିକ୍ଷୟିତ୍ରୀଙ୍କୁ ପେନସନ କାଗଜପତ୍ର ପ୍ରଦାନ କରୁଛନ୍ତି।

**ବଡ଼ଗାଁ,୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରୁ ଅବସରଗ୍ରହଣ କରିଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅପରାହ୍ନରେ ବିଇଓ ସାରଙ୍ଗଧର ବରିହାଙ୍କ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିଥିବା ତୁଡ଼ାଲଗା ୟୁପି ସ୍କୁଲର ସଞ୍ଜୁକ୍ତାରାଣୀ ପାଢଯୋଶୀ, ଛାମୁଣ୍ଡା ପ୍ରାଥମିକ ସ୍କୁଲର ସ୍ୱର୍ଣ୍ଣଲତା ସା, ଉଦାରମା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର କୃଷ୍ଣଚନ୍ଦ୍ର ପୃଷେଟଙ୍କୁ ବିଇଓ ଅବସରକାଳୀନ ସୁବିଧା ଉପଲବ୍ଧ କରାଇବା ସହ ତତ୍ ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରୋଭିଜନାଲ ଓ ଫାଇନାଲ ପେନସନ ପେପର ପ୍ରଦାନ କରି ସେମାନଙ୍କ ଅବସର ପରବର୍ତ୍ତୀ ସୁସ୍ଥ ଜୀବନ କାମନା କରିଥିଲେ।

# ଆଦିବାସୀ ନାଚଗୀତ କାର୍ଯ୍ୟକ୍ରମ: ୭୦ ଦଳ ଅଂଶଗ୍ରହଣ

**ବାଲିଶଙ୍କରା,୪।୩ (ଡି.ଏନ୍.ଏ)**

ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ (ଖ) ସରୋଜିନୀ ସାଂସ୍କୃତିକ କଳା ପରିଷଦ ତରଫରୁ ରବିବାର ଆଦିବାସୀ ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କୁରେଇ ସରପଞ୍ଚ ଦମୟନ୍ତୀ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଆଦିବାସୀ ନାଚଗୀତ ହେବା ଫଳରେ ଆଦିବାସୀଙ୍କ ସାଂସ୍କୃତିକ କଳା ପରମ୍ପରା ବଜାୟ ରହିପାରିବ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିଳାମ୍ବର ସିଂ, ସମାଜସେବୀ ବିଷ୍ଣୁ ଦାସ, ଡ. ରମେଶ ଶଙ୍କର ମାଝୀ, ଭବାନୀ ମାଝୀ, ମାରିଆନୁସ କେର୍କେଟା, ଭୀମସେନ ଟପ୍ପୋ, ଫେଦୁଲୁସ ଏକ୍କା, ଚନ୍ଦ୍ରାବତୀ ଓହଦା, ସୁଚିତା କେର୍କେଟା, ଆଲବେରିଆ ସରେଙ୍ଗ, ସୁଜିତ କେର୍କେଟା, ଜୈମନିକ ଲାକଡା ପ୍ରମୁଖ ଯୋଗଦେଇଥିଲେ। କୁରେଇ (ଖ) ସରୋଜିନୀ ସାଂସ୍କୃତିକ କଳାପରିଷଦର ସଭାପତି ମେରି ଗୁଲାବବା, ସମ୍ପାଦକ ଆଲେଫୋନିଆ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ଚାଲିଥିବା ଆଦିବାସୀ ସାଂସ୍କୃତିକ କଳା ପରିଷଦର ନାଚଗୀତର ସର୍ବମୋଟ ୭୦ଟି ଦଳ ଅଂଶଗ୍ରହଣ କରିଥିଲେ। ସମାଜସେବୀ ସଞ୍ଜିବ କେର୍କେଟା ଧନ୍ୟବାଦ ଦେଇଥିଲେ।



ଏକ ଦଳ ପକ୍ଷରୁ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

## ଫଟୋରେ ଖବର

ସୁନ୍ଦରଗଡ଼ ୱାର୍ଡ ନଂ–୩ ଗାନ୍ଧୀନଗରବାସୀଙ୍କ ଉଦ୍ୟମରେ ଇବ୍ ନଦୀର ଦରବାର ଘାଟଠାରେ ପ୍ରତିଷ୍ଠା ହୋଇଛି ୨୦ ଫୁଟ ଉଚ୍ଚର ମହାଦେବ ଶିବଙ୍କ ମୂର୍ତ୍ତି। ସୋମବାର ମହାଶିବରାତ୍ରି ଅବସରରେ ପୂଜାର୍ଚ୍ଚନା କରାଯାଇ ଏହି ମୂର୍ତ୍ତିକୁ ପ୍ରତିଷ୍ଠା କରାଯାଇଛି। ମୂର୍ତ୍ତି ପ୍ରତିଷ୍ଠା ଅବସରରେ ଉପସ୍ଥିତ ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ଡ. ଜଗଦୀଶ ମହାନନ୍ଦ, ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି।



# ଜାଗରରେ ଶୈବପୀଠ ଚଳଚଞ୍ଚଳ

**ଲେଫ୍ରିପଡ଼ା,୪।୩(ଡି.ଏନ୍.ଏ.)**

ଜାଗରଯାତ୍ରା ଅବସରରେ ସୋମବାର ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଉଷାକୋଠି, ପଟୁଆଡିହି, ଗିରିଙ୍ଗକେଲା ମହାଦେବପଡ଼ା, ସୁରୁଗୁଡ଼ା, କଦୋମାଲ, ଜିଙ୍କନଗର ଦେଉଳି, ସୁରୁଗୁଡ଼ା ସମେତ ବିଭିନ୍ନ ଗ୍ରାମରେ ଥିବା ଶିବ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଉଷାକୋଠିଠାରେ ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା। ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ବିଭିନ୍ନ ଗ୍ରାମରୁ ବହୁ ଏଠାକୁ ଆସିଥିଲେ। ଏହି ଅବସରରେ ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଯାଇ ମହାଦେବଙ୍କଠାରେ ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବେଲସରା ସ୍ୱପ୍ନେଶ୍ୱର ବାବାଙ୍କ ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ବେଲସରାଠାରେ ମେଳା ଲାଗିଥିବାବେଳେ ବହୁ ଶ୍ରଦ୍ଧାଳୁ ଏହାର ମଜା ଉଠାଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଲେଫ୍ରିପଡ଼ା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।



ବେଲସରା ଶିବ ମନ୍ଦିର।